୪ର୍ଥ ସ୍ୱନକ୍ଷତ୍ର

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-162 • BHUBANESWAR • SUNDAY • 8 DECEMBER 2024 • PAGE-14 • ₹ 6.00

• ବର୍ଷ-୪୨ • ସଂଖ୍ୟା-୧୬୨ • ଭୁବନେଶ୍ୱର • ରବିବାର • ୮ ଡିସେମ୍ବର ୨୦୨୪ • ପୃଷ୍ଠା-୧୪ • ଟ.୬.୦୦ (ସିନ୍ଦୂରା ସହ)

# ମୁଖ୍ୟମନ୍ତ୍ରୀଙ୍କ ପାଇଁ ଗୃହ ଅଚଳ

## ଚାକିରି ବିକ୍ରିର ପ୍ରମାଣ ମାଗିଲା ବିଜେଡି

■ ଭୁବନେଶ୍ୱର, ୭।୧୨ (ସମିସ): ଚାକିରି ବିକ୍ରି ଅଭିଯୋଗ ଆଣି ଗତକାଲି(ଶୁକ୍ରବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଦେଇଥିବା ମନ୍ତବ୍ୟକୁ ନେଇ ଆଜି ଗୃହରେ ଗର୍ଜିଛି ବିଜେଡି। ବିଜେଡି ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ଶନିବାର ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୮ ମିନିଟ ଚାଲିଥିବାବେଳେ ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ଆଲୋଚନା ଧୋଇ ଯାଇଥିଲା। ନିର୍ଦ୍ଦିଷ୍ଟ ଭାବେ ପ୍ରମାଣ ଉପସ୍ଥାପନ ନ କରି ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଏପରି ଭିତ୍ତିହୀନ ମନ୍ତବ୍ୟ କଠିନ ପରିଶ୍ରମ କରି ଚାକିରି ପାଇଥିବା ରାଜ୍ୟର ମେଧାବୀମାନଙ୍କ ପ୍ରତି ଘୋର ଅପମାନ ବୋଲି ବିଜେଡି ସଦସ୍ୟମାନେ କହିଛନ୍ତି। ଏପରି ଶସ୍ତା ମନ୍ତବ୍ୟ ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ଶୋଭା ପାଉନାହିଁ। ଯଦି ମୁଖ୍ୟମନ୍ତ୍ରୀ ଏଭଳି ଅଭିଯୋଗ କରୁଛନ୍ତି, ତା'ହେଲେ ଗୃହରେ ପ୍ରମାଣ ଦେବା ସହ ଏ ସମ୍ପର୍କରେ ବିବୃତି ରଖନ୍ତୁ ବୋଲି ବିଜେଡି ଦାବି କରିଛି।



**ଯଦି ପ୍ରମାଣ ଅଛି; ସରକାର ୬ ମାସ ହେଲା କାହିଁକି ଚୁପ୍ ବସିଛନ୍ତି ?**

**ମୁଖ୍ୟମନ୍ତ୍ରୀଙ୍କ ଶସ୍ତା ବୟାନ ପରୀକ୍ଷାର୍ଥୀମାନଙ୍କ ମନୋବଳକୁ ଦୁର୍ବଳ କରୁଛି**

**କଠିନ ପରିଶ୍ରମ କରି ଚାକିରି ପାଇଥିବା ମେଧାବୀଙ୍କ ପ୍ରତି ବିବୃତି ଅପମାନ**

**ସ୍ୱର ମିଳାଇଲା କଂଗ୍ରେସ, ଭିତ୍ତିହୀନ ତଥ୍ୟ ନ ଦେଇ ପ୍ରମାଣ ଦିଅନ୍ତୁ ମୁଖ୍ୟମନ୍ତ୍ରୀ**

ଶୁକ୍ରବାର ବିଧାନସଭାରେ ପ୍ରଶ୍ନକାଳ ଆରମ୍ଭରୁ ବିଜେଡି ସଦସ୍ୟମାନେ ଏହି ପ୍ରସଙ୍ଗ ଉଠାଇ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନକାଳ ଚଳାଇବାକୁ ପ୍ରୟାସ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ଫଳରେ ସେ ଗୃହକୁ ୧୦ ଟା ୩୨ ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଗତକାଲି ବିଧାନସଭାରେ କହିଛନ୍ତି ବିଗତ ସରକାର ସମୟରେ ସରକାରୀ ଚାକିରି ୨୦-୩୦ ଲକ୍ଷରେ ହାଟବଜାରରେ ବିକ୍ରି ହେଉଥିଲା। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଶସ୍ତା ମନ୍ତବ୍ୟ ଦ୍ୱାରା ଚାକିରି ପାଇଁ ପ୍ରସ୍ତୁତ ହେଉଥିବା ପିଲାଙ୍କ ମନୋବଳ ଦୁର୍ବଳ ହୋଇଛି। ▶ପୃଷ୍ଠା-୭

## କଂଗ୍ରେସର ହଟ୍ଟଗୋଳ

■ ଭୁବନେଶ୍ୱର, ୭।୧୨ (ସମିସ): ଆଦାନୀ ଲାଞ୍ଚ କାରବାରକୁ ନେଇ ଶନିବାର ବିଧାନସଭାରେ କଂଗ୍ରେସ ସଦସ୍ୟମାନେ ହୋହଲ୍ଲା କରିଛନ୍ତି। କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ଅପରାହ୍ନରେ ଗୃହ ମାତ୍ର ୭ ମିନିଟ୍ ଚାଲିପାରିଥିଲା। କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ କରିଥିବାବେଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ରିପୋର୍ଟ ଉପସ୍ଥାପନ କରିଛନ୍ତି।

**ଉପସ୍ଥାପିତ ହେଲା ସିଏଜି ରିପୋର୍ଟ**

ପୂର୍ବାହ୍ନରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ଅପରାହ୍ନରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଥିଲା। ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ କଂଗ୍ରେସ ସଦସ୍ୟମାନେ ପଏଣ୍ଟ ଅଫ୍ ଅର୍ଡର ମାଧ୍ୟମରେ ଆଦାନୀ ପ୍ରସଙ୍ଗ ଉଠାଇଥିଲେ। ତେବେ ଏହା ଗ୍ରହଣ ନ ହେବାରୁ ସେମାନେ ନିଜ ନିଜ ଆସନରେ ▶ପୃଷ୍ଠା-୭

# ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେବେ କି ମମତା?



## ମେଣ୍ଟ ନେତାଙ୍କ ମଧ୍ୟରେ ବିତର୍କ ଆରମ୍ଭ

■ ନୂଆଦିଲ୍ଲୀ, ୭।୧୨ (ଏଜେନ୍ସି): ଲୋକସଭା ନିର୍ବାଚନରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ ସତ୍ତ୍ୱେ ହରିୟାଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିରୋଧୀ ଇଣ୍ଡିଆ ମେଣ୍ଟର ଖରାପ ପ୍ରଦର୍ଶନ ନେଇ କଂଗ୍ରେସ ନେତୃତ୍ୱ ଉପରେ ପ୍ରଶ୍ନ ଉଠିଲାଣି। ମେଣ୍ଟର ଅନେକ ଅଂଶୀଦାର ନେତା ଏବଂ ବିଶେଷ କରି ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଧାନସଭା ନିର୍ବାଚନରେ ଖରାପ ପ୍ରଦର୍ଶନ ପାଇଁ ସେ ପରୋକ୍ଷରେ କଂଗ୍ରେସ ନେତୃତ୍ୱକୁ ଦାୟୀ କରିବା ସହିତ ସେ ନିଜେ ମେଣ୍ଟର ନେତୃତ୍ୱ ନେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହାକୁ ନେଇ ଇଣ୍ଡିଆ ମେଣ୍ଟରେ କଂପନ ସୃଷ୍ଟି ହୋଇଛି। କଂଗ୍ରେସ ନେତାମାନେ ଏହାକୁ ବିରୋଧ କରିଥିବା ବେଳେ ଅନ୍ୟ ଅଂଶୀଦାର ମମତାଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି।

**ମମତାଙ୍କ ସପକ୍ଷରେ ଅଖିଳେଶ, ଉଦ୍ଧବ**

**କଂଗ୍ରେସର ଅସହମତି; ଲାଲୁଙ୍କ ସପକ୍ଷରେ ଆରଜେଡି**

କିଛିଦିନ ତଳେ ମମତା ଏକ ସାକ୍ଷାତକାରରେ ମେଣ୍ଟର ପ୍ରଦର୍ଶନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ, ଆମେ ମେଣ୍ଟ ଗଢ଼ିଥିଲୁ। କିନ୍ତୁ ଏମାନେ ଚଳାଇ ପାରୁ ନାହାନ୍ତି। ମୁଁ କଣ କରିପାରିବି। ସୁଯୋଗ ମିଳିଲେ ସେ ମେଣ୍ଟର ନେତୃତ୍ୱ ନେବାକୁ ପ୍ରସ୍ତୁତ। ତେବେ ରାଜ୍ୟ ବାହାରକୁ ନଯାଇ କୋଲକାତାରେ ବସି ସେ ମେଣ୍ଟ ପରିଚାଳନା କରିପାରିବେ ବୋଲି କହିଥିଲେ। ତାଙ୍କର ଏହି ମନ୍ତବ୍ୟକୁ ନେଇ ମେଣ୍ଟରେ ଆରମ୍ଭ ହୋଇଯାଇଛି ବିତର୍କ।

ମମତାଙ୍କ ବୟାନକୁ ନେଇ କଂଗ୍ରେସ ଅସହମତି ପ୍ରକାଶ କରିଥିଲା ବେଳେ ରାହୁଲ ଗାନ୍ଧୀ ହିଁ ମେଣ୍ଟ ନେତୃତ୍ୱ ନେବାକୁ ପୁରା ସକ୍ଷମ ବୋଲି ଦଳର ବହୁ ବରିଷ୍ଠ ନେତା କହିଛନ୍ତି। ଦଳୀୟ ସାଂସଦ ଇମ୍ରାନ ମାସୁଦ କହିଛନ୍ତି ଯେ ଯଦିଓ ମମତା ବୟସ ଦୃଷ୍ଟି ରାହୁଲଙ୍କ ଠାରୁ ଜଣେ ବରିଷ୍ଠ ନେତା , ତଥାପି ଅନ୍ୟ ବିଭିନ୍ନ ଦିଗକୁ ବିଚାର କଲେ ମେଣ୍ଟ ନେତୃତ୍ୱ ରାହୁଲଙ୍କ ହାତରେ ରହିବା ଶ୍ରେୟସ୍କର। ▶ପୃଷ୍ଠା-୭

# ଶ୍ରମିକମାନେ ଗୋଟିଏ ରାଷ୍ଟ୍ରର ସବୁଠୁ ବଡ଼ ଶକ୍ତି: ନବୀନ

■ ଭୁବନେଶ୍ୱର, ୭।୧୨ (ସମିସ): ଶ୍ରମିକମାନେ ହେଉଛନ୍ତି ଗୋଟିଏ ରାଷ୍ଟ୍ରର ସବୁଠାରୁ ବଡ଼ ଶକ୍ତି। ସେମାନଙ୍କ ତ୍ୟାଗ ଓ ଶ୍ରମ ହିଁ ଦେଶକୁ ସମୃଦ୍ଧ କରିଥାଏ। ବିଜୁ ଜନତା ଦଳ ଶ୍ରମିକମାନଙ୍କ ଅଧିକାର ପାଇଁ ଲଢ଼େଇ କରି ଆସିଛି, ଆଉ ଆଗକୁ ମଧ୍ୟ ଏହା ଜାରି ରହିବ। ଶନିବାର ଭୁବନେଶ୍ୱରରେ ଆୟୋଜିତ ବିଜୁ ଶ୍ରମିକ ସାମ୍ମୁଖ୍ୟର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଉଦ୍‌ବୋଧନ ଦେଇ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହା କହିଛନ୍ତି।

**ବିଜୁ ଶ୍ରମିକ ସାମ୍ମୁଖ୍ୟର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ**

**ଶ୍ରମିକମାନଙ୍କ ଅଧିକାର ପାଇଁ ଦୁର୍ବାର ଲଢ଼େଇ ହେବ**

**ରାଜ୍ୟ ସରକାରଙ୍କ ଶ୍ରମିକମାରଣ ନୀତିକୁ ବନ୍ଦ କରାଯିବ**

ନବୀନ କହିଛନ୍ତି, ବିକାଶ ଓ ସମୃଦ୍ଧିର ପ୍ରତିଟି କ୍ଷେତ୍ରରେ ଆମ ଶ୍ରମିକ ଭାଇଭଉଣୀମାନଙ୍କର ସବୁଠାରୁ ବଡ଼ ଅବଦାନ ରହିଛି। ଆପଣମାନଙ୍କର ଅବଦାନକୁ ମୁଁ ସମ୍ମାନ ଜଣାଉଛି। ମହାନ ଜନନାୟକ ବିଜୁ ବାବୁ ୧୯୯୦ରେ ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରି ବୃଦ୍ଧି କରି ଇତିହାସ ସୃଷ୍ଟି କରିଥିଲେ। ବିଜୁ ଜନତା ଦଳର ସରକାର ସମୟରେ ଆପଣମାନଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ▶ପୃଷ୍ଠା-୭



**'ଆପଣମାନଙ୍କ ଖୁସିରେ ମୋ ଖୁସି, ଶେଷ ପର୍ଯ୍ୟନ୍ତ ଶ୍ରମିକ ଭାଇଭଉଣୀଙ୍କ କଲ୍ୟାଣ ପାଇଁ କାମ କରିବି'**

# କାଳ ହେଲା ମଧ୍ୟାହ୍ନଭୋଜନ

**ଦୁଇଟି ସ୍କୁଲ୍‌ରେ ୧୦୪ ଛାତ୍ରୀଛାତ୍ର ଅସୁସ୍ଥ**



■ ମୁରିବାହାଲ/ଦାରିଙ୍ଗବାଡ଼ି, ୭।୧୨ (ସମିସ): ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ସହ ପୁଷ୍ଟି ସାଧନ ଲକ୍ଷ୍ୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଜାରି ରହିଥିବା ମଧ୍ୟାହ୍ନଭୋଜନ ଯୋଜନା ଏବେ ଦିଗହରା ହୋଇଯାଇଛି। କେଉଁଠି ପାଣି ଅଭାବରୁ ଶିକ୍ଷକମାନେ ଅଙ୍ଗନବାଡ଼ି କେନ୍ଦ୍ରରୁ ଚାଉଳ ଉଧାର ଆଣି ପିଲାମାନଙ୍କୁ ଖାଇବାକୁ ଦେଉଛନ୍ତି ତ କେଉଁଠି ପନିପରିବାର ଆକାଶଛୁଆଁ ଦରବୃଦ୍ଧି ଖାଦ୍ୟର ମାନକୁ ନିକୃଷ୍ଟ କରିଛି। ପୁଣି କେଉଁଠି ପାଚିକାମାନଙ୍କୁ ପାରିଶ୍ରମିକ ମିଳୁ ନାହିଁ ତ କେଉଁଠି ଗ୍ୟାସ୍ କିମ୍ବା କାଠ ଅଭାବରୁ ରୋଷେଇ ହୋଇପାରୁ ନାହିଁ। ଏହାକୁ ନେଇ ଗତ ୬ ମାସ ହେଲା ରାଜ୍ୟର ବିଭିନ୍ନ ସ୍ଥାନରେ ଅଙ୍ଗନବାଡ଼ି କେନ୍ଦ୍ରଠାରୁ ଆରମ୍ଭ କରି ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ଅସନ୍ତୋଷ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ଏସବୁ ଅବ୍ୟବସ୍ଥା ଭିତରେ ଆଜି(ଶନିବାର) ରାଜ୍ୟର ଦୁଇ ଦୁଇଟି ସ୍ଥାନରେ ମଧ୍ୟାହ୍ନଭୋଜନ ଜନିତ ବଡ଼ ଅଘଟଣ ଘଟିଯାଇଛି। ଖରାପ ମଧ୍ୟାହ୍ନଭୋଜନ ଖାଇ କନ୍ଧମାଳ ଓ ବଲାଙ୍ଗିର ଜିଲ୍ଲାର ଦୁଇଟି ସ୍କୁଲର ମୋଟ ୧୦୪ଜଣ ଛାତ୍ରଛାତ୍ରୀ ▶ପୃଷ୍ଠା-୭

**ହିତାଧିକାରୀଙ୍କ ନାମରେ ଦେଢ଼ କୋଟି ଚଳୁ କରିବା ମାମଲା**

# ପଶ୍ଚିମବଙ୍ଗରୁ ପୂର୍ବତନ ପିଏନ୍‌ବି ମ୍ୟାନେଜର ଗିରଫ



■ ଭୁବନେଶ୍ୱର, ୭।୧୨ (ସମିସ): ହିତାଧିକାରୀଙ୍କ ନାମରେ ଦେଢ଼ କୋଟି ଠକିବା ମାମଲାରେ ଇଓଡବ୍ଲ୍ୟୁ(ଅର୍ଥ ନୈତିକ ଅପରାଧ ଶାଖା) ବାଲେଶ୍ୱର ସର୍କଲ ପିଏନ୍‌ବିର ପୂର୍ବତନ ମ୍ୟାନେଜରଙ୍କୁ ଗିରଫ କରିଛି। ଗିରଫ ମ୍ୟାନେଜର ହେଲେ ବିନୟ ସୋନକାର। ପଶ୍ଚିମବଙ୍ଗସ୍ଥିତ ଘରୁ ଗିରଫ କରାଯିବା ପରେ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ଭୁବନେଶ୍ୱର ଅଣାଯାଇଛି। ଏଭଳି ଠକାମି ଧରାପଡିବା ପରେ ଚିଫ୍ ମ୍ୟାନେଜର ମୃଣାଳକାନ୍ତି ମହାନ୍ତି ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଠକେଇ ପଛରେ ଥିବା ପଶ୍ଚିମବଙ୍ଗର ବିନୟ ସୋନକାରଙ୍କୁ ଗିରଫ ପାଇଁ ପଶ୍ଚିମବଙ୍ଗ ଯାଇଥିଲା ଏକ ଟିମ୍।

ଅଭିଯୋଗ ଅନୁସାରେ, ବିନୟ ସୋନକାର ବାଲେଶ୍ୱର ସର୍କଲ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ୨୦୨୦ ଅଗଷ୍ଟ ୩୧ ▶ପୃଷ୍ଠା-୭

# ୩ ଜଣଙ୍କ ଉପରେ ମାଡ଼ିଗଲା ବସ୍

■ ମାଲକାନଗିରି, ୭।୧୨ (ସମିସ): ମାଲକାନଗିରି ଜିଲ୍ଲା, ଏମଭି-୭ ଗ୍ରାମ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ଜଣଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ମାଲକାନଗିରି ଥାନା ଅନ୍ତର୍ଗତ ଏମଭି-୮୬ ଗ୍ରାମର ଗୁଡୁ ବିଶ୍ୱାସ, ପ୍ରତାପ ବିଶ୍ୱାସ, କରନ ସେନ। ୩ଜଣ ଯାକ ଆଜି ଏକ ବାଇକ୍‌ରେ ମାଲକାନଗିରି ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଏମ୍‌ଭି-୭ ଗ୍ରାମ ନିକଟ ବୁଲାଣିରେ ସାମ୍ନାପଟୁ ଆସୁଥିବା ଏକ ବସ୍ ସହ ସେମାନଙ୍କର ମୁହାଁମୁହିଁ ହୋଇଯାଇଥିଲା। ବାଇକ୍ ଚାଳକଜଣଙ୍କ ଖୁବ୍‌ଜୋରରେ ବ୍ରେକ୍ ମାରିବାରୁ ୩ ଜଣଯାକ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଏତିକିବେଳେ ବସ୍‌ଟି ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ସମସ୍ତଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ବସ୍‌ର ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ମାଲକାନଗିରି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମୃତକଙ୍କ ଆତ୍ମୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।



PADHEE'S TUTORIAL
Courses Offered
2 Year Integrated +2 Science (CHSE/CBSE)
Cum Medical & Engineering Entrance Exam.
Comprehensive JEE MAIN & ADV. 1 Year Regular Coaching
Comprehensive NEET/AIIMS 1 Year Regular Coaching
Hostel For Both Boys & Girls | Conveyance Facility | Library Facility | Doubt Clearing Classes
BARAMUNDA BRANCH
H.I.G. A/231, BDA DUPLEX (in back of Patra Electronics)
Web : www.padhitutorial.in | www.padheeturorialbaramunda.com
Mr. Hota : 7852946505, 7064412282
THE TRADITION OF EXCELLENCE

**ଅବହେଳାର ଶିକାର ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ୍**

# ମିଳିନି ୮ ମାସର ଦରମା

■ ଭୁବନେଶ୍ୱର, ୭।୧୨ (ସମିସ): ଜୀବିକା ମିଶନ ଓ ମିଶନ ଶକ୍ତି ସହ ଜଡ଼ିତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଯଥା ଏମ୍‌ବିକେ, ସିଆର୍‌ପି, ଇସି ମେମ୍ବର, ପ୍ରାଣିମିତ୍ର, କୃଷିମିତ୍ର ଓ ବ୍ୟାଙ୍କମିତ୍ର ପରି ତୃଣମୂଳ ସ୍ତରର କର୍ମଚାରୀମାନଙ୍କୁ ଗତ ୮ ମାସ ହେଲା ଦରମା ମିଳିନି। ବାରମ୍ବାର ପ୍ରତିବାଦ କଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। ଗ୍ରାମାଞ୍ଚଳରେ ମହିଳାଙ୍କ ଉତ୍‌ଥାନ, ଆତ୍ମନିର୍ଭରତା କ୍ଷେତ୍ରରେ ବଳିଷ୍ଠ ଯୋଗଦାନ ରଖିଥିବା ଏହି ସ୍ୱଳ୍ପ ବେତନଧାରୀ ମହିଳାମାନଙ୍କ ପ୍ରତି ଅବିଚାରକୁ ରାଜ୍ୟବ୍ୟାପୀ ନିନ୍ଦା କରାଯାଉଥିବା ବେଳେ ସେମାନଙ୍କ ଚାକିରି ଏବଂ ଦରମାକୁ ନେଇ ରାଜ୍ୟ ସରକାର ଅସମ୍ଭବ ନିରବତା ପ୍ରଦର୍ଶନ କରୁଛନ୍ତି। ଏପରିକି ଶନିବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସେମାନଙ୍କ ଦରମା କାହିଁକି ବନ୍ଦ କରାଯାଇଛି ଓ କେବେ ଦରମା ମିଳିବା ନେଇ କରିଥିବା ପ୍ରଶ୍ନକୁ ବାଆଁରେଇ ଯାଇଛନ୍ତି ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଯାହାକୁ ନେଇ ଗତ ଏପ୍ରିଲ ମାସରୁ ବିନା ଦରମାରେ କାମ କରୁଥିବା ଏହି ସପୋର୍ଟ ଷ୍ଟାଫଙ୍କ ମନରେ ଥିବା ଆଶଙ୍କା ଆହୁରି ଘନୀଭୂତ ହୋଇଛି। ମିଶନ ଶକ୍ତି, ଜୀବିକା ମିଶନ ମାଧ୍ୟମରେ ରାଜ୍ୟ ସରକାରଙ୍କ ଯୋଜନା, କାର୍ଯ୍ୟକ୍ରମ ଲାଗୁ କରିବାରେ ଏମାନଙ୍କର ପ୍ରମୁଖ ଭୂମିକା ଥିବାବେଳେ, କ'ଣ ପାଇଁ ସେମାନଙ୍କୁ ଦରମା ଦିଆଯାଉ ନାହିଁ, ତାହାର ଉତ୍ତର କାହା ପାଖରେ ନାହିଁ। ନବୀନ ସରକାର ଅମଳରେ ମିଶନ ଶକ୍ତିର ଅଭିବୃଦ୍ଧିକୁ କ'ଣ ମୋହନ ସରକାର ଆତ୍ମନିର୍ଭରତାର ନୂଆ ନୂଆ କାହାଣୀ ଲେଖୁଥିବା ବେଳେ ରାଜ୍ୟର ମିଶନ ଶକ୍ତି ଆନ୍ଦୋଳନକୁ ଜାତୀୟ ସ୍ତରରେ ଭୂରି ଭୂରି ପ୍ରଶଂସା ମଧ୍ୟ ମିଳୁଥିଲା। ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରଠାରୁ ଧିରେ ଧିରେ ମିଶନ ଶକ୍ତି ଶକ୍ତିହୀନ ହୋଇପଡ଼ିଲା ପରି ଲାଗୁଛି। ବିଶେଷକରି ୯ ମାସ ହେଲାଣି ସେମାନେ ଦରମା

**ବିଧାନସଭାରେ ନିର୍ଦ୍ଦିଷ୍ଟ ପ୍ରଶ୍ନକୁ ଆଡ଼େଇଗଲେ ଉପମୁଖ୍ୟମନ୍ତ୍ରୀ**

**ଆଶଙ୍କା ମଧ୍ୟରେ ହଜାର ହଜାର ସଂଖ୍ୟାର ମିଶନ ଶକ୍ତି ମହିଳା**

ସହିପାରୁ ନାହାନ୍ତି କି ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଲାଣି।

ରାଜ୍ୟର ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ସଶକ୍ତ, ଆତ୍ମନିର୍ଭର ଭାବେ ଗଢ଼ିତୋଳିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ମାଧ୍ୟମରେ ଏକାଧିକ କାର୍ଯ୍ୟକ୍ରମ, ଯୋଜନା ହାତକୁ ନେଇଥିଲେ। ଯାହାର ସୁଫଳ ମଧ୍ୟ ତୃଣମୂଳ ସ୍ତରରେ ପ୍ରତିଫଳିତ ହୋଇଥିଲା। ପ୍ରତ୍ୟେକ ଦିନ ମହିଳାମାନେ ପାଇନଥିବା ବେଳେ ଏହାର ଉତ୍ତର ଦେବାକୁ ସରକାର ପଛଘୁଞ୍ଚା ଦେଉଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରଶ୍ନ କରିଥିଲେ ଯେ ଓଡ଼ିଶାର ମିଶନ ଶକ୍ତି ଅଧୀନରେ ନିଯୁକ୍ତି ପାଇଥିବା ଏମବିକେ, ସିଆର୍‌ପି, କୃଷିମିତ୍ର, ପ୍ରାଣିମିତ୍ରମାନଙ୍କର ଦରମା ଦୀର୍ଘ ମାସ ହେଲାଣି ବନ୍ଦ କାହିଁକି ରହିଛି ଏବଂ କେବେ ସୁଦ୍ଧା ଦରମା ଦିଆଯିବ। ଏହାର ସ୍ପଷ୍ଟ ଉତ୍ତର ▶ପୃଷ୍ଠା-୭

We are at your neighbourhood
LARAN CLASSES
Foundation Courses for CBSE/ICSE
CLASS VIII, IX & X
Integrated Science for CBSE/ICSE
CLASS XI & XII
* Tutoring by IITians
* Live Interactive Classes
* Question Bank
* Career Guidance
* One on one Counselling
* Doubt Clearing Sessions
FOUNDATION
OLYMPIAD
NEET
JEE
OUAT
Contact Us:
Mob. 9556821909
www.laranclasses.com
B-189, BDA Duplex, Baramunda, Bhubaneswar
The trajectory of knowledge



## ହଟ୍ ସ୍ପଟ୍

### ଝିଅକୁ ଭୁଲିଗଲ ?

ଆମ ଝିଅକୁ ଦୁଷ୍କର୍ମ କରି ମାରିଦେଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକେ ରାସ୍ତାକୁ ଓହ୍ଲାଇଲେ। ଏଥିରେ ଆପଣଙ୍କ ଦଳ ବି ଫୁଲ୍ ଦମରେ ସକ୍ରିୟ ରହିଲା। ୪ ମାସ ବିତିଗଲାଣି। ଆମ ଝିଅକୁ ନ୍ୟାୟ ମିଳିଲାନାହିଁ କି ଅସଲ ଦୋଷୀ ଧରା ପଡ଼ି ନାହାନ୍ତି। ଏଥିପାଇଁ ଆମେ ସଂଘର୍ଷ କରୁଥିବା ବେଳେ ତମେମାନେ କୁଆଡ଼େ ଗଲ? ଏତେଶୀଘ୍ର ଆମ ଝିଅକୁ ଭୁଲିଗଲ? କୋଲକାତା ଆରଜି କର ମେଡିକାଲ କଲେଜରେ ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ଟ୍ରେନି ଡାକ୍ତରଙ୍କ ପିତାମାତା ଏବେ ଏଭଳି ପ୍ରଶ୍ନ କରିଛନ୍ତି ପଶ୍ଚିମବଙ୍ଗରେ ମୁଖ୍ୟ ବିରୋଧୀ ଦଳ ବିଜେପି ଓ ଏହାର ନେତାଙ୍କୁ। ଦିନ ଥିଲା ନେତାମାନେ ଡାକ୍ତରଙ୍କ ଘରକୁ ଧାଉଁଥିଲେ, ଆଶ୍ୱାସନା ଦେଉଥିଲେ। ଆନ୍ଦୋଳନରେ ସାମିଲ ହୋଇ ଗର୍ଜନ କରୁଥିଲେ। କିନ୍ତୁ ବିଧାନସଭା ଉପନିର୍ବଚନ ସରିବା ପରେ ସେମାନଙ୍କର ଆଉ ଦେଖା ନାହିଁ। ଏବେ ସେମାନଙ୍କୁ ଭେଟିବା ଲାଗି ଡାକ୍ତରଙ୍କ ପିତାମାତାଙ୍କୁ ନେତାଙ୍କ ପାଖକୁ ଦୌଡ଼ିବାକୁ ପଡୁଛି। ଗତ ଅଗଷ୍ଟ ୯ ତାରିଖରେ ଜୁନିଅର ଡାକ୍ତରଙ୍କ ମୃତଦେହ ହସପିଟାଲରେ ମିଳିବା ପରେ କେବଳ ପଶ୍ଚିମବଙ୍ଗରେ ନୁହେଁ, ସାରା ଦେଶରେ ଉଦବେଗ ପ୍ରକାଶ ପାଇଥିଲା। ଆଇନ ଶୃଙ୍ଖଳା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ ଆଣି ବିରୋଧୀ ଦଳ ତାଙ୍କ ବିରୋଧରେ ଅଭିଯାନ ଆରମ୍ଭ କରିଥିଲେ। କିନ୍ତୁ ନଭେମ୍ବରରେ ରାଜ୍ୟ ବିଧାନସଭାର ୬ଟି ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ମମତାଙ୍କ ବାଜିମାତ୍ ପରେ ବିରୋଧୀ ଥଣ୍ଡା ପଡ଼ିଯାଇଛନ୍ତି। ମମତାଙ୍କ ଦଳର ଜଣେ ନେତା କହିଛନ୍ତି ଯେ ଖାଲି ନିର୍ବାଚନକୁ ଆଖି ଆଗରେ ରଖି ବିରୋଧୀ ଦଳ ଡ୍ରାମା କରୁଥିଲେ। ନିହତ ଜୁନିଅର ଡାକ୍ତର କିମ୍ବା ସେମାନଙ୍କ ପରିବାର ପ୍ରତି କୌଣସି ଆନ୍ତରିକତା ନଥିଲା। ଦିନରାତି ଗର୍ଜନତର୍ଜନ କରୁଥିବା ଏହି ନେତାମାନଙ୍କୁ ଲାଇଟ୍ ଲଗାଇ ଖୋଜିଲେ ବି ମିଳୁ ନାହାନ୍ତି।

### ଭାଗ୍ୟବାନ ଦାଦା



କେତେ ସରକାର ଆସିଲା, କେତେ ସରକାର ଗଲା। କେତେ ମୁଖ୍ୟମନ୍ତ୍ରୀ ହେଲେ, କେତେ ବଦଳିଲେ। କିନ୍ତୁ ଦାଦା କ୍ଷମତାରେ ଅଛନ୍ତି। ଏମିତି ଭାଗ୍ୟ ନେଇ ଖୁବକମ୍ ଲୋକ ଜନ୍ମ ହୁଅନ୍ତି। କିଛି ଟେନସନ୍ ନାହିଁ। କିଏ ସରକାର କରୁଛି କରୁ, ସେ କିନ୍ତୁ ଉପମୁଖ୍ୟମନ୍ତ୍ରୀ। ମହାରାଷ୍ଟ୍ରରେ ଗତ ୫ ବର୍ଷର ରାଜନୀତି କେତେ ଉତ୍‌ଥାନ, କେବେ ପତନ ଦେଖିଛି। ତିନି ଥର ମୁଖ୍ୟମନ୍ତ୍ରୀ ବଦଳିଛନ୍ତି। ସେ ବି ପୃଥକ ଦଳର। କିନ୍ତୁ ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିଲେ। ୨୦୧୯ରେ ବିଜେପିର ଫଡନାଭିସ ମାତ୍ର ତିନି ଦିନ ପାଇଁ ମୁଖ୍ୟମନ୍ତ୍ରୀ ହେଲେ ସେଥିରେ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ ଏନ୍‌ସିପିର ଅଜିତ ପାୱାର। ଫଡନାଭିସ ସରକାର ଗଲା, ଶିବ ସେନାର ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ହେଲେ। ସେଥିରେ ବି ଦାଦା ଉପମୁଖ୍ୟମନ୍ତ୍ରୀ। ଠାକରେଙ୍କୁ ବିଦା କରି ସିନ୍ଦେ ମୁଖ୍ୟମନ୍ତ୍ରୀ ହେଲେ। ସେଥିରେ ମଧ୍ୟ ଦାଦା ଉପମୁଖ୍ୟମନ୍ତ୍ରୀ। ଏବେ ଫଡ୍‌ନାଭିସଙ୍କ ସରକାରରେ ବି ସେ ଉପମୁଖ୍ୟମନ୍ତ୍ରୀ। ଅବଶ୍ୟ ତାଙ୍କୁ ବି କସରତ କରିବାକୁ ପଡ଼ିଛି। ସେ ତାଙ୍କର ଶକ୍ତିଶାଳୀ ଦାଦା ଶରଦ ପାୱାରଙ୍କ ବିରୋଧରେ କେବଳ ବିଦ୍ରୋହ କରି ନାହାନ୍ତି, ତାଙ୍କ ଦଳକୁ ଭାଙ୍ଗି ଏବେ ସେ ଅରିଜିନାଲ ଏନସିପିର ମୁଖ୍ୟ। ଏହାପୂର୍ବରୁ ୨୦୦୧ରୁ ୨୦୦୪ ପର୍ଯ୍ୟନ୍ତ କଂଗ୍ରେସ ସରକାରରେ ବି ସେ ଉପମୁଖ୍ୟମନ୍ତ୍ରୀ ଥିଲେ।

ଦାଦାଙ୍କ କଥା କହିଲା ବେଳକୁ ସ୍ୱର୍ଗତ ରାମବିଳାସ ପାଶ୍ୱାନଙ୍କ କଥା ମନେ ପଡୁଛି। ସେ ମଧ୍ୟ ବିଭିନ୍ନ ଦଳର ୫ ଜଣ ପ୍ରଧାନମନ୍ତ୍ରୀଙ୍କ ସରକାରରେ କେନ୍ଦ୍ର ମନ୍ତ୍ରୀ ଥିଲେ। ୧୯୮୯ରେ ବିଶ୍ୱନାଥ ପ୍ରତାପ ସିଂହ, ୧୯୯୬ରେ ଦେବେଗୌଡ଼ା, ୧୯୯୯ରେ ବାଜପେୟୀ, ୨୦୦୪ରେ ମନମୋହନ ସିଂହ ଏବଂ ୨୦୧୪ରୁ ମୃତ୍ୟୁ (୨୦୨୦) ପର୍ଯ୍ୟନ୍ତ ମୋଦୀ ସରକାରରେ କେନ୍ଦ୍ର ମନ୍ତ୍ରୀ ଥିଲେ।

### ଡାଇବେଟିସ୍ ହେଇଯାଉ

ଆଳୁକୁ ନେଇ ଏବେ ୫ଟି ରାଜ୍ୟରେ ଧୁମ ରାଜନୀତି। ଆଳୁ ଉତ୍ପାଦନରେ ଦେଶରେ ଦୁଇ ନମ୍ବର ଥିବା ପଶ୍ଚିମ ବଙ୍ଗ ଗତ କିଛି ଦିନ ହେଲା ଏହାର ପଡ଼ୋଶୀ ରାଜ୍ୟ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ଛତିଶଗଡ଼କୁ ଯୋଗାଣ ବନ୍ଦ କରିଦେଇଛି। ଫଳରେ ଏହିସବୁ ରାଜ୍ୟରେ ଆଳୁ ସଙ୍କଟ ଯେତେ ଦେଖାଦେଇଛନି, ତାହାଠାରୁ ବଳି ଯାଇଛି ରାଜନୀତି। ଏହାରି ମୂଳରେ ରହିଛନ୍ତି ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ମମତାଙ୍କ ଯୁକ୍ତି ହେଲା ଯେ ରାଜ୍ୟରେ ଆଳୁର ଅଭାବ ରହିଛି। ବାହାର ରାଜ୍ୟକୁ ଗଲେ ସଙ୍କଟ ବଢ଼ିଯିବ। ତେଣୁ ନୂଆ ଆଳୁ ଉତ୍ପାଦନ ନହେବା ପର୍ଯ୍ୟନ୍ତ ବାହାର ରାଜ୍ୟକୁ ଆଳୁ ବନ୍ଦ। କିନ୍ତୁ ବଙ୍ଗରେ ବେପାରୀ କହୁଛନ୍ତି, ରାଜ୍ୟରେ କିଛି ସଙ୍କଟ ନାହିଁ। ଆବଶ୍ୟକ ଠାରୁ ଅଧିକ ପରିମାଣର ଆଳୁ ମହଜୁଦ ରହିଛି। କିନ୍ତୁ ମମତା କିଛି ଶୁଣୁ ନାହାନ୍ତି। ଦିଦିଙ୍କ ଦାଦାଗିରିରେ ପଡ଼ୋଶୀ ରାଜ୍ୟ ସରକାର ନାକେଦମ ହେଇଗଲେଣି। କଣ କରିବେ ବାଟ ପାଉ ନାହାନ୍ତି। ୟୁପି କି ପଞ୍ଜାବ ଆଳୁ ଉପରେ ବି ଭରସା ପାଉନାହିଁ। ୟାଡ଼େ ବିରୋଧୀ ଦଳମାନେ ସରକାରଙ୍କୁ ଘେରିବା ଆରମ୍ଭ କଲେଣି। କେତେ ମିଛ କହି ବୁଝାଇବେ, ନିଜେ ବୁଝି ପାରୁ ନାହାନ୍ତି। ୟାକୁ ତାକୁ ଦୋଷ ଦେଇ କେତେ ଭଣ୍ଡେଇବେ। ମିଛର ବି ଗୋଟିଏ ସୀମା ରହିଛି। ଲୋକେ ବି ଜାଣିଗଲେଣି। ଆଳୁ ରାଜନୀତିରେ ଛଟପଟ ହେଉଥିବା ଜଣେ ଖାଉଟି ଅଜବ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଲେ, ଆମ ସମସ୍ତଙ୍କୁ ଡାଇବେଟିସ ହେଇଗଲେ, ଆଳୁ ସମସ୍ୟାର ସମାଧାନ ହୋଇଯିବ।

# ମହାରାଷ୍ଟ୍ର ଘଟଣାରେ ନୀତୀଶ ଆତଙ୍କିତ



ପାଟନା, ୭।୧୨: ମହାରାଷ୍ଟ୍ରରେ ବିଜେପି ମେଣ୍ଟ ରାଜ୍ୟ ବିଧାନସଭା ନିର୍ବାଚନରେ ବିପୁଳ ସଫଳତା ପାଇଥିଲେ ମଧ୍ୟ ସରକାର ଗଠନ କରିବାକୁ ଲାଗିଲା ୧୦ ଦିନରୁ ଅଧିକ। ମୁଖ୍ୟମନ୍ତ୍ରୀ କିଏ ହେବ, ତାହାକୁ ନେଇ ଲାଗିଥିଲା ଟଣାଓଟରା। ବିଜେପି ଓ ଶିବ ସେନା ମଧ୍ୟରେ ଟଣାଟଓରା ଚାଲିଥିବା ବେଳେ ଏହା ଉପରେ ତୀକ୍ଷଣ ନଜର ରଖିଥିଲେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। କାରଣ ସରକାର ଗଠନ ବେଳେ ବିହାର ମଡେଲ ଆପଣାଇବାକୁ ଚାପ ପକାଉଥିଲେ ଶିବ ସେନା ନେତା। ୧୦ ଦିନ ପରେ ସରକାର ଗଠନ ହେଲା, କିନ୍ତୁ ବିହାର ମଡେଲ କାମ ଦେଲାନି। କମ୍ ଆସନ ପାଇଥିବା ଶିବ ସେନାର ଏକନାଥ ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ସର୍ବାଧିକ ଆସନ ହାସଲ କରିଥିବା ବିଜେପି ଏହାର ନେତା ଦେବେନ୍ଦ୍ର ଫଡ୍‌ନାଭିସଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଦେଲା।

ବିଜେପିର ଏଭଳି ଆଭିମୁଖ୍ୟ ନେଇ ଚିନ୍ତିତ ହୋଇପଡ଼ିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ସୁପ୍ରିମୋ ନୀତୀଶ କୁମାର। ନିର୍ବାଚନ ପରେ ସିନ୍ଦେ ଭଳି ତାଙ୍କର ଦଶା ହେବନି ତ? ଏହି ପ୍ରଶ୍ନ ତାଙ୍କୁ ଆତଙ୍କିତ କରି ପକାଇଛି। କେବଳ ଏତିକି ନୁହେଁ, ତାଙ୍କର ରଣନୀତି ଓ ଗଣିତକୁ ମଧ୍ୟ ବିଗାଡ଼ିଦେଇଛି। ୨୦୨୫ରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନ ବିଜେପି ମେଣ୍ଟ ନୀତୀଶଙ୍କ ନେତୃତ୍ୱରେ ହିଁ ଲଢ଼ିବ ଏବଂ ବିଜୟୀ ହେଲେ ସେ ହିଁ ମୁଖ୍ୟମନ୍ତ୍ରୀ ହେବେ। ବିଜେପି ଏଭଳି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନୀତୀଶଙ୍କର ଭରସା ପାଉନି। କାରଣ ମହାରାଷ୍ଟ୍ରରେ ମଧ୍ୟ ବିଜେପି ମେଣ୍ଟ ସିନ୍ଦେଙ୍କ ନେତୃତ୍ୱରେ ଲଢ଼ିଥିଲେ ତାଙ୍କୁ ହଟାଇ ନିଜ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିଛି। ଏହା ଦେଖି ବିଜେପି ଉପରେ ଆଉ ତାଙ୍କର ଭରସା ପାଉନି। ତେଣୁ ସେ ତାଙ୍କ ରଣନୀତି ବଦଳାଇବା ସ୍ୱାଭାବିକ। ସେ ଏସଂପର୍କରେ ମୁହଁ ଖୋଲୁନଥିଲେ ମଧ୍ୟ ନିଜ ଦଳର ନେତାଙ୍କୁ ବୟାନ ଦେବାରେ ଲଗାଇଦେଇଛନ୍ତି। ପୁଣି ବିଜେପି ନେତାମାନେ ଏସଂପର୍କରେ ନିରବତା ଅବଲମ୍ବନ କରୁଥିବାରୁ ଜେଡିୟୁ ନେତାମାନେ ମଧ୍ୟ ବିଚଳିତ ହୋଇପଡ଼ିଲେଣି।

ବିହାର ବିଧାନସଭାର ଗତ ନିର୍ବାଚନ ନୀତୀଶଙ୍କ ନେତୃତ୍ୱରେ ଲଢ଼ିଥିଲା ବିଜେପି ମେଣ୍ଟ। ନିର୍ବାଚନରେ ବିଜେପି ତୁଳନାରେ ଜେଡିୟୁ ୩୧ଟି କମ୍ ଆସନ ପାଇଥିଲେ ମଧ୍ୟ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରଯାଇଥିଲା। ୨୪୩ ସଭ୍ୟ ବିଶିଷ୍ଟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୧୨୨ ଆସନ ଆବଶ୍ୟକ ଥିଲା। ବିଜେପି ସର୍ବାଧିକ ୭୪ଟି ଆସନ ପାଇଥିବା ବେଳେ ନୀତୀଶଙ୍କ ଜେଡିୟୁ ୪୩ଟି ଆସନ ପାଇଥିଲା। ଏହାସତ୍ତ୍ୱେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲା ବିଜେପି। ଠିକ୍ ଏହି ମଡେଲ ମହାରାଷ୍ଟ୍ରରେ ଆପଣାଇବା ଲାଗି ବିଜେପି ଉପରେ ଚାପ ପକାଇଥିଲା ଶିବ ସେନା। କିନ୍ତୁ ଏହି ଚାପ କାମଦେଲାନି।

**ନିର୍ବାଚନ ରଣନୀତି ବଦଳାଇବ ଜେଡିୟୁ?**

ଏସଂପର୍କରେ ପ୍ରତିକ୍ରିୟା ଦେଇ ଜେଡିୟୁ ମୁଖପାତ୍ର ନିରଜ କୁମାର କହିଛନ୍ତି ଯେ ବିହାର ରାଜନୀତି ମହାରଷ୍ଟ୍ରରୁ ସଂପୂର୍ଣ୍ଣ ଭିନ୍ନ। ବିହାରରେ ନୀତୀଶଙ୍କ ଲୋକପ୍ରିୟତା ସର୍ବାଧିକ। ତାଙ୍କୁ କେହି ଏଡ଼ାଇପାରିବେ ନାହିଁ। ତାଙ୍କ ଯୋଗୁଁ ଗତ ଲୋକସଭା ନିର୍ବାଚନରେ ବିଜେପି ମେଣ୍ଟକୁ ଭଲ ସଫଳତା ମିଳିଥିଲା। ସେ ଆହୁରି କହିଲେ ଯେ ଗତ ବିଧାନସଭା ନିର୍ବାଚନରେ ଜେଡିୟୁ କମ୍ ଆସନ ପାଇବାରୁ ନୀତୀଶ ମୁଖ୍ୟମନ୍ତ୍ରୀ ହେବାକୁ ମନା କରିଦେଇଥିଲେ। କିନ୍ତୁ ଜେପି ନଡ୍ଡାଙ୍କ ସମେତ ଅନେକ ବିଜେପି ନେତା ପ୍ରବଳ ଚାପ ପକାଇବାରୁ ସେ ମୁଖ୍ୟମନ୍ତ୍ରୀ ହେବାକୁ ରାଜି ହୋଇଥିଲେ। କିନ୍ତୁ ଏଥର ଭିନ୍ନ ରଣନୀତି ନେଇ ତାଙ୍କ ଦଳ ନିର୍ବାଚନ ଲଢ଼ିବ। କିନ୍ତୁ ଏହି ରଣନିତି କଣ ହେବ ତାହା ସେ କହି ନାହାନ୍ତି। ଅନ୍ୟପକ୍ଷରେ ରାଜନୀତି ବିଶେଷଜ୍ଞ କହୁଛନ୍ତି ଯେ ରାଜନୀତିରେ ନୀତୀଶ ମାହିର। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ରଖନ୍ତି। ତେଣୁ ତାଙ୍କର ରଣନିତି ଜାଣିବା ଲାଗି ନିର୍ବାଚନ ତାରିଖ ଘୋଷଣା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।

# ଇଭିଏମ୍‌କୁ ଦୋଷ ଦେଇ ଶପଥ ନେଲେନି ଏମ୍‌ଭିଏ ବିଧାୟକ

ମମ୍ବଇ,୭।୧୨(ଏଜେନ୍ସି): ମହାରାଷ୍ଟ୍ରରେ ନୂଆ ସରକାର ଗଠନକୁ ନେଇ ବିଗତ କିଛି ଦିନ ହେଲା ଲାଗି ରହିଥିବା ଚର୍ଚ୍ଚା ଗତ ଗୁରୁବାର ଅନ୍ତ ହୋଇଥିଲା। ଦେବେନ୍ଦ୍ର ଫଡ଼ନବୀଶ ମୁଖ୍ୟମନ୍ତ୍ରୀ ଏବଂ ଏକନାଥ ସିନ୍ଦେ ଓ ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ହେବା ପରେ ମୁଖ୍ୟମନ୍ତ୍ରୀଙ୍କୁ ନେଇ ଚାଲିଆସିଥିବା କଳ୍ପନାଜଳ୍ପନାରେ ଯବନିକା ପଡ଼ିଥିଲା। କିନ୍ତୁ ମାତ୍ର ଗୋଟିଏ ଦିନ ପରେ ବିରୋଧୀଙ୍କୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ସରକାର ଗଠନ ପରେ ଶନିବାର ବିଧାନସଭାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା ବେଳେ ନବ ନିର୍ବାଚିତ ବିଧାୟକମାନେ ଗୃହରେ ଶପଥ ନେଇଥିଲେ। ହେଲେ ଏହାକୁ ବର୍ଜନ କରିଛନ୍ତି ବିରୋଧୀ ଏମଭିଏ ମେଣ୍ଟର ବିଧାୟକ। ଏହି ମେଣ୍ଟରେ ସାମିଲ ଥିବା ସମାଜବାଦୀ ପାର୍ଟିର ଦୁଇ ବିଧାୟକଙ୍କୁ ବାଦ୍ ଦେଇ କଂଗ୍ରେସ, ଏନସିପି(ଶରଦ) ଏବଂ ଶିବସେନା (ୟୁବିଟି)ର ବିଧାୟକମାନେ ଶପଥ ଗ୍ରହଣ କରିନାହାନ୍ତି। ଗତ ନିର୍ବାଚନରେ ଇଭିଏମ ଉପରେ ଦୋଷ ଲଦି ଗଣତି ଠିକଣା ଭାବେ କରାଯାଇ ନାହିଁ ବୋଲି ଅଭିଯୋଗ କରି ଏହାକୁ ବର୍ଜନ କରିଛନ୍ତି। ଏହିକ୍ରମରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେ କହିଛନ୍ତି ଯେ, ମହାରାଷ୍ଟ୍ରରେ ମହାୟୁତି ମେଣ୍ଟକୁ ଯେଭଳି ସଫଳତା ମିଳିଛି ବୋଲି କୁହାଯାଉଛି ତାହାକୁ ନେଇ ତାଙ୍କର ସନ୍ଦେହ ରହିଛି। ପ୍ରକୃତରେ ଇଭିଏମରେ ଗଡ଼ବଡ଼ କରାଯାଇ ଶାସକ ମେଣ୍ଟ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି। ମହାୟୁତି ମେଣ୍ଟକୁ ଯେଉଁ ସଫଳତା ମିଳିଛି ତାହାକୁ ଜନାଦେଶ ବୋଲି କୁହାଯାଉଛି। କିନ୍ତୁ ଏହି ସରକାର ଶପଥ ନେବା ପରେ ମହାରାଷ୍ଟ୍ରବାସୀଙ୍କ ମନରେ କେଉଁଠି ବି ଖୁସି ଦେଖିବାକୁ ମିଳିନାହିଁ। ଯଦି ମହାୟୁତି ମେଣ୍ଟ ସରକାର ପାଇଁ ଲୋକେ ଖୁସି ଥାଆନ୍ତେ ତେବେ ନୂଆ ସରକାର ପାଇଁ ଖୁସି ମନାଇ ଥାଆନ୍ତେ। କିନ୍ତୁ ସେଭଳି କିଛି ଦେଖାଯାଇ ନାହିଁ। ଏହାର ଅର୍ଥ ଇଭିଏମ୍‌ରେ ଗଡ଼ବଡ଼ କରାଯାଇଛି। ଏହା ଲୋକଙ୍କ ମତ ନୁହେଁ ବରଂ ନିର୍ବାଚନ ଆୟୋଗଙ୍କ ମତ। ଶାସକ ଦଳର ଏଭଳି କାରସାଦି ଗଣତନ୍ତ୍ର ପାଇଁ ବିପଦ ଏବଂ ସମୟକ୍ରମେ ଗଣତନ୍ତ୍ରକୁ ହତ୍ୟା କରାଯାଇ ଚାଲିଛି ବୋଲି ଆଦିତ୍ୟ କହିଛନ୍ତି। କିନ୍ତୁ ଆଦିତ୍ୟଙ୍କ ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ଏନସିପି ନେତା ତଥା ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର। ସେ କହିଛନ୍ତି ଯେ, ଆଦିତ୍ୟ ଏଭଳି କଥା ବିଧାନସଭାରେ ଉଠାଇବା ଉଚିତ ନୁହେଁ। ତାଙ୍କର ଯଦି ଇଭିଏମକୁ ନେଇ କିଛି ଆପତ୍ତି ଅଭିଯୋଗ ରହିଛି ତେବେ ସେ ନିର୍ବାଚନ ଆୟୋଗ କିମ୍ବା ଅଦାଲତ ନିକଟକୁ ଯିବା କଥା। ଏଭଳି ଅଭିଯୋଗ ଆଦୌ ସମୀଚିନ ନୁହେଁ ବୋଲି ଅଜିତ କହିଛନ୍ତି। ଅନ୍ୟପକ୍ଷରେ ଯଦି ଇଭିଏମରେ ଗଡ଼ବଡ଼ ହୋଇଛି ବୋଲି ତେବେ ଆଦିତ୍ୟ ତାଙ୍କ ନିର୍ବାଚନ ମଣ୍ଡଳୀରେ କିଭଳି ବିଜୟୀ ହେଲେ ବୋଲି ମହାୟୁତି ମେଣ୍ଟ ପ୍ରଶ୍ନ ଉଠାଇଛି।

**ଗଣତନ୍ତ୍ରକୁ ହତ୍ୟା କରାଯାଇଛି: ଆଦିତ୍ୟ**



**ଏମ୍‌ଭିଏରୁ ଓହରିଲା ସମାଜବାଦୀ ପାର୍ଟି**

ଅନ୍ୟପକ୍ଷରେ ଏମ୍‌ଭିଏ ମେଣ୍ଟରେ ଅଂଶୀଦାର ରହିଥିବା ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ଓହରି ଯାଇଛି। ବିଧାୟକ ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ବିରୋଧୀ ଏମଭିଏ ବର୍ଜନ କରିଥିଲେ ହେଁ ସମାଜବାଦୀ ପାର୍ଟିର ନବ ନିର୍ବାଚିତ ଦୁଇ ବିଧାୟକ ଶନିବାର ଶପଥ ଗ୍ରହଣ କରିଛନ୍ତି। ଉଦ୍ଧବଙ୍କ ଶିବସେନା ଦଳର ଆଭିମୁଖ୍ୟକୁ ବିରୋଧ କରି ସମାଜବାଦୀ ପାର୍ଟି ଏଭଳି ନିଷ୍ପତ୍ତି ନେଇଛି। ଏଭଳି ସ୍ଥିତିରେ ମହାବିକାଶ ଅଘାଡି ମେଣ୍ଟକୁ ଶକ୍ତ ଧକ୍କା ଲାଗିଛି। ଗତକାଲି ବାବ୍ରୀ ମସଜିଦ୍ ଭଙ୍ଗା ଘଟଣାକୁ ୩୨ ବର୍ଷ ପୂରିଥିଲା ବେଳେ ଏହି ଅବସରରେ ଉଦ୍ଧବ ଠାକରେଙ୍କ ଜଣେ ଘନିଷ୍ଠ ସହଯୋଗୀ ଯେଉଁ ବୟାନ ଦେଇଥିଲେ ତାହାକୁ ନେଇ ସମାଜବାଦୀ ପାର୍ଟି ଖପ୍ପା ହୋଇଛି। ବାବ୍ରୀ ମସଜିଦ ଭଙ୍ଗା ଘଟଣାକୁ ନେଇ ଶିବସେନାର ବରିଷ୍ଠ ନେତା ମିଲିନ୍ଦ ନରଭେକର ସୋସିଆଲ ମିଡିଆରେ ଏକ ପୋଷ୍ଟ କରିବା ସହିତ ମସଜିଦ ଭଙ୍ଗା ଯିବା ସମୟରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକରେ ଯେଉଁ ମନ୍ତବ୍ୟ ଦେଇଥିଲେ ସେ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଥିଲେ। ଯେଉଁମାନେ ବାବ୍ରୀ ମସଜିଦ୍ ଭାଙ୍ଗିଛନ୍ତି ସେମାନଙ୍କ ପାଇଁ ବାଳା ସାହେବ ଗର୍ବିତ ବୋଲି ସେତେବେଳେ କହିଥିଲେ। କିନ୍ତୁ ଏହି ଉକ୍ତିକୁ ନରଭେକର ତାଙ୍କ ପୋଷ୍ଟରେ ଉଲ୍ଲେଖ କରିବା ଏବଂ ଏହି ଫଟୋରେ ଉଦ୍ଧବ ଠାକରେ, ଆଦିତ୍ୟ ଠାକରେ ଓ ନରଭେକରଙ୍କ ଫଟୋ ରହିବା ଘଟଣାକୁ ସମାଜବାଦୀ ପାର୍ଟି ବିରୋଧ କରିଛି। କେବଳ ସେତିକି ନୁହେଁ, ଯେଉଁମାନେ ବାବ୍ରୀ ମସଜିଦ୍ ଭାଙ୍ଗିଥିଲେ ସେମାନଙ୍କୁ ପ୍ରଶଂସା କରି ଶିବସେନା(ୟୁବିଟି) ପକ୍ଷରୁ ଖବରକାଗଜରେ ବିଜ୍ଞାପନ ପ୍ରକାଶ କରାଯିବା ଆହୁରି ନିନ୍ଦନୀୟ ବୋଲି ରାଜ୍ୟ ସଭାପତି ତଥା ବିଧାୟକ ଅବୁ ଅସିମ ଅଜମି ଓ ବିଧାୟକ ରେଇସ ଶେଖ କହିଛନ୍ତି।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହତ୍ୟା କରିବାକୁ ଧମକ



ମୁମ୍ବଇ, ୭।୧୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ହତ୍ୟା କରିବାକୁ ମୁମ୍ବଇ ଟ୍ରାଫିକ୍ ପୁଲିସ ହ୍ୱାଟସ୍‌ଆପକୁ ଧମକ ମିଳିବା ପରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଆଇଏସଆଇର ଦୁଇ ଏଜେଣ୍ଟ ଏଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିସାରିଛନ୍ତି ଏବଂ ମୋଦୀଙ୍କୁ ବୋମା ଦ୍ୱାରା ଉଡାଇ ଦିଆଯିବ ବୋଲି ହ୍ୱାଟସ୍‌ଆପ୍ ମେସେଜରେ କୁହାଯାଇଛି। ଏହି ବିଷୟ ସାମ୍ନାକୁ ଆସିବା ପରେ ମୁମ୍ବଇ ପୁଲିସ ପକ୍ଷରୁ ତନାଘନା କରାଯାଇ ଏଭଳି ମେସେଜ୍ କେଉଁ ସୂତ୍ରରୁ ଆସିଛି ତାହାକୁ ତର୍ଜମା କରାଯାଇଥିଲା। ପରେ ପରେ ରାଜସ୍ଥାନର ଆଜମେରୁ ଏକ ନମ୍ବରରୁ ଏହି ମେସେଜ୍ ଆସିଥିବା ଜଣାପଡ଼ିବା ପରେ ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହିତ ଏକ ଟିମ୍ ଆଜମେର ଯାତ୍ରା କରିଛି। ତେବେ ଏଭଳି ମେସେଜ୍ ପଠାଇଥିବା ବ୍ୟକ୍ତି ଜଣକ ନିଶାସକ୍ତ ଅବସ୍ଥାରେ ଏଭଳି କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

## ୧୫୦ ବରଯାତ୍ରୀଙ୍କୁ ନେଇ ଦୁବାଇରୁ ଆସିଥିଲେ ବର; କନ୍ୟା ଫେରାର

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ବିବାହ ପାଇଁ ଦୀପକ କୁମାର ନାମକ ୨୪ ବର୍ଷୀୟ ଯୁବକ ପ୍ରାୟ ମାସକ ତଳେ ଦୁବାଇରୁ ଜଳନ୍ଧର ଆସିଥିଲେ। ବିବାହ ଦିନାଙ୍କ ଠିକ୍ ହେବା ପରେ ସେ ୧୫୦ ବରଯାତ୍ରୀଙ୍କୁ ଧରି ପଞ୍ଜାବର ମୋଗା ସହରରେ ପହଞ୍ଚିଥିଲେ। କିନ୍ତୁ ରୋଷଣୀ କରି ସେଠାରେ ନିର୍ଦ୍ଦିଷ୍ଟ ମଣ୍ଡପରେ ପରେ ପହଞ୍ଚିବା ପରେ ସେଠାରେ ଯାହା ଦେଖିଲେ ତାଙ୍କ ହୋସ୍ ଉଡିଯାଇଥିଲା। ବିବାହ ମଣ୍ଡପରେ କନ୍ୟା ନ ଥିଲେ କି ଅନ୍ୟ କେହି ମଧ୍ୟ ନଥିଲେ। ପରେ ପରେ କନ୍ୟା ଫେରାର୍ ହୋଇଯାଇଥିବା ଖବର ଆସିଥିଲା। କିନ୍ତୁ ସେ ଠକାମୀର ଶିକାର ହୋଇଥିବା ବୁଝିବା ପରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି କନ୍ୟାଙ୍କ ବିରୋଧରେ ଯାଞ୍ଚ ଆରମ୍ଭ କରିଛି। ସବୁଠୁ ଚାଞ୍ଚଲ୍ୟକର କଥା ହେଲେ ଦୀପକ ବିବାହ କରିବାକୁ ଥିବା ଯୁବତୀଙ୍କୁ ଇନଷ୍ଟାଗ୍ରାମରେ ମାତ୍ର ୩ ମାସ ତଳେ ଜାଣିଥିଲେ। କିନ୍ତୁ ପରସ୍ପରକୁ କେହି ଦେଖି ନଥିଲେ।

# ବାଂଲାଦେଶରେ ମନ୍ଦିର ଉପରେ ପୁଣି ଆକ୍ରମଣ

## ମନ୍ଦିରରେ ନିଆଁ ଲଗାଇଲେ; ମୂର୍ତ୍ତି ଭାଙ୍ଗିଲେ

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ବାଂଲାଦେଶରେ ହିନ୍ଦୁ ସମାଜ ଉପରେ ଚାଲିଥିବା କ୍ରମାଗତ ଆକ୍ରମଣ ଏବଂ ମନ୍ଦିର ଭଙ୍ଗା ଘଟଣାକୁ ନେଇ ଏବେ ଦୁଇ ଦେଶ ମଧ୍ୟରେ ତିକ୍ତତା ବଢିବା ସହିତ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଛି। ଏପରିକି ହିନ୍ଦୁଙ୍କ ଉପରେ ହେଉଥିବା ନିର୍ଯାତନାକୁ ନେଇ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଉଦବେଗ ପ୍ରକାଶ କରାଯାଇଛି। ଏହାସତ୍ତ୍ୱେ ସେଠାରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ୟୁନୁସ୍ ସରକାର ତିଳେ ମାତ୍ର ବିଚଳିତ ନ ଥିବା ଦେଖାଯାଇଛି। ଏହାମଧ୍ୟରେ ଢାକାରେ ପୁଣି ଦୁଇଟି ମନ୍ଦିରକୁ ଶନିବାର ପ୍ରତ୍ୟୁଷରେ ଭାଙ୍ଗି ଦିଆଯିବାର ଖବର ସାମ୍ନାକୁ ଆସିଛି। ଏଠାରେ ଥିବା ରାଧାକ୍ରିଷ୍ଣ ମନ୍ଦିର ଏବଂ ମହାଭାଗ୍ୟ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଶନିବାର ପ୍ରତ୍ୟୁଷରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲା ବେଳେ ଏଠାରେ ରହିଥିବା ବିଭିନ୍ନ ମୂର୍ତ୍ତିଗୁଡ଼ିକୁ ମଧ୍ୟ ଭାଙ୍ଗି ଦେଇଛନ୍ତି ବୋଲି କୋଲକାତାସ୍ଥିତ ଇସ୍କନ ସଂଗଠନର ଉପ ସଭାପତି ରାଧାରମଣ ଦାସ କହିଛନ୍ତି। ଦୁର୍ବୃତ୍ତମାନେ ପ୍ରଥମେ ମନ୍ଦିରର ପଛପଟେ ରହିଥିବା ଟିଣ ଛାତରେ ପେଟ୍ରୋଲ ପକାଇ ଜଳାଇ ଦେବା ପରେ ମୂର୍ତ୍ତି ଭାଙ୍ଗି ଦେଇଥିବା ସେ ‘ଏକ୍ସ’ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଗୋଟିଏ ପକ୍ଷରେ ଏଠାକାର ବୈଷ୍ଣବ ସଂପ୍ରଦାୟ ଉପରେ କଠୋରପନ୍ଥୀ ସଂଗଠନ ଗୁଡିକର ଆକ୍ରମଣ ବଢି ଚାଲିଥିଲା ବେଳେ ସ୍ୱର ଉତ୍ତୋଳନ କଲେ ବିଭିନ୍ନ ହନ୍ଦୁ ସଂଗଠନର ସଦସ୍ୟମାନଙ୍କୁ ଗିରଫ କରି ଜେଲ ପଠାଇ ଦିଆଯାଉଛି। ୟୁନୁସ୍ ସରକାର କେବଳ ନିରବଦ୍ରଷ୍ଟା ସାଜି ସବୁକିଛି ଦେଖୁଛନ୍ତି , ହେଲେ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ରାଧାରମଣ କହିଛନ୍ତି। ଏଭଳି ଘଟଣାକୁ ଆମେରିକା କଂଗ୍ରେସ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହିତ ଏହା ତୁରନ୍ତ ବନ୍ଦ ହେବା ଦରକାର ବୋଲି କଂଗ୍ରେସ ସଦସ୍ୟ ରାଜା କ୍ରିଷ୍ଣମୂର୍ତ୍ତି ଦାବି କରିଛନ୍ତି। ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆସନ୍ତା ୯ ତାରିଖରେ ବାଂଲାଦେଶ ଗସ୍ତ କରିବେ ବୋଲି କାର୍ଯ୍ୟକ୍ରମ ରହିଛି। ସେ ନିଜର ବାଂଲାଦେଶ ପ୍ରତିପକ୍ଷଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ହିନ୍ଦୁ ସୁରକ୍ଷା ପାଇଁ ୟୁନୁସ୍ ସରକାରଙ୍କୁ ବଅଗତ କରିବେ ବୋଲି ଜଣାପଡ଼ିଛି।

**୯ରେ ଢାକା ଯିବେ ବୈଦେଶିକ ମନ୍ତ୍ରାଳୟ ସଚିବ**

**ଆକ୍ରମଣକାରୀ ଡ୍ରୋନ ମୁତୟନ କଲା ବାଂଲାଦେଶ**

**ଆମେରିକୀୟ କଂଗ୍ରେସରେ ହିନ୍ଦୁଙ୍କ ସୁରକ୍ଷା ଦାବି**

**ଆସାମରେ ବାଂଲାଦେଶୀଙ୍କ ପାଇଁ ହୋଟେଲ ବନ୍ଦ**

ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ଭାରତ ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଥିଲା ବେଳେ ବାଂଲାଦେଶ ସୀମାକୁ ଲାଗି ରହିଥିବା ବିଭିନ୍ନ ରାଜ୍ୟ ଏବେ ବାଂଲାଦେଶୀ ନାଗରିକଙ୍କ ପ୍ରତି ପ୍ରତିବାଦାତ୍ମକ ଆଭିମୁଖ୍ୟ ଗ୍ରହଣ କରୁଥିବା ଦେଖାଯାଇଛି। ପ୍ରଥମେ ପଶ୍ଚିମବଙ୍ଗରେ ବାଂଲାଦେଶୀମାନଙ୍କୁ ଚିକିତ୍ସା କରିବାକୁ ଡାକ୍ତରମାନେ ମନା କରି ଦେଇଥିଲା ବେଳେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବାଂଲାଦେଶୀ ନାଗରିକଙ୍କୁ ହୋଟେଲ କିମ୍ବା ରେଷ୍ଟୁରାଣ୍ଟରେ ଭର୍ତ୍ତି ନକରାଇ ଦେବାକୁ ଏଠାକାର ହୋଟେଲ ଏବଂ ରେଷ୍ଟୁରାଣ୍ଟ ସଂଘ ନିଷ୍ପତ୍ତି ନେଇଥିଲା। ପଶ୍ଚିମବଙ୍ଗ ପରେ ଏବେ ଆସାମରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଏଠାକାର ବରାକ୍ ଉପତ୍ୟକାର ହୋଟେଲ ବ୍ୟବସାୟୀ ଏବଂ ରେଷ୍ଟୁରାଣ୍ଟ ମାଲିକମାନେ ବାଂଲାଦେଶରେ ହିନ୍ଦୁ ଏବଂ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଆକ୍ରମଣ ବନ୍ଦ ନହେବା ପର୍ଯ୍ୟନ୍ତ ସେମାନେ ବାଂଲାଦେଶୀ ନାଗରିକଙ୍କୁ କୌଣସି ସେବା ଦେବେ ନାହିଁ ବୋଲି ଶନିବାର ଘୋଷଣା କରିଛନ୍ତି। ଏହି ସଂଘର ସଭାପତି ବାବୁଲ ରାୟ କହିଛନ୍ତି, ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ସ୍ଥିତି ଚିନ୍ତାଜନକ। ଆମେ ଏହାକୁ କୌଣସି ଉପାୟରେ ଗ୍ରହଣ କରିପାରିବୁ ନାହିଁ। ସେଠାକାର ପରିସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ଏବଂ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ବନ୍ଦ ନହେବା ପର୍ଯ୍ୟନ୍ତ ଆମେ ପଡ଼ୋଶୀ ଦେଶର କୌଣସି ନାଗରିକଙ୍କୁ ବରାକ୍ ଉପତ୍ୟକାର ତିନୋଟି ଜିଲ୍ଲାରେ ରଖିବୁ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

# ରାଷ୍ଟ୍ରପତି ୟୁନ୍‌ଙ୍କ ବିରୋଧରେ କାଟ୍ ଖାଇଲା ମହାଭିଯୋଗ

**ନିଜ ନିଷ୍ପତ୍ତି ପାଇଁ ଦେଶବାସୀଙ୍କୁ କ୍ଷମା ମାଗିଲେ ୟୁନ୍**

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ଦକ୍ଷିଣ କୋରିଆରେ ସାମରିକ ଶାସନ ଲାଗୁ କରିବା ଅଭିଯୋଗରେ ରାଷ୍ଟ୍ରପତି ୟୁନ ସୁକ୍ ୟୋଲଙ୍କ ବିରୋଧରେ ଆସିଥିବା ମହାଭିଯୋଗ ପ୍ରସ୍ତାବ ଉପରେ ଶନିବାର ସଂସଦରେ ଭୋଟ ହୋଇଥିଲା। କିନ୍ତୁ ମାତ୍ର ୮ଟି ଭୋଟ ପାଇଁ ଏହି ଅଭିଯୋଗକୁ ଅନୁମୋଦନ ମିଳିପାରି ନାହିଁ। ୟୁନଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ପାରିତ କରିବାକୁ ସଂସଦର ମୋଟ ସାଂସଦଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସାଂସଦଙ୍କ ସମର୍ଥନର ଆବଶ୍ୟକ ଥିଲା। ୧୯୫ ସାଂସଦ ୟୁନଙ୍କ ବିରୋଧରେ ଭୋଟ ଦେଇଥିଲେ ମଧ୍ୟ ଦୁଇ ତୃତୀୟାଂଶ ସମର୍ଥନ ହାସଲ କରିବାକୁ ଆଉ ୮ ସାଂସଦଙ୍କ ସମର୍ଥନ ଥିଲା। କିନ୍ତୁ ଏହାପୂରଣ ହୋଇ ନ ପାରିବାରୁ ରାଷ୍ଟ୍ରପତି ୟୁନଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଶନିବାର ସଂସଦୀୟ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ସଂସଦ ବାହାରେ ପ୍ରାୟ ଦେଢ ଲକ୍ଷ ଲୋକ ରୁଣ୍ଡ ହୋଇଥିଲେ। ୟୁନ୍ ବିରୋଧରେ ମହାଭିଯୋଗ ପ୍ରସ୍ତାବ ପାରିତ ହେବାର ଖୁସି ଖବର ଶୁଣିବାକୁ ସେମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ସହିତ ନାଚ ଗୀତ ଆରମ୍ଭ କରିଦେଇଥିଲେ। ଏପରିକି ପ୍ରାୟ ୧୦ ହଜାର ଲୋକ ରାଲି କରି ୟୁନଙ୍କ ବିରୋଧରେ ନାରାବାଜି ଜାରି ରଖିଥିଲେ। ହେଲେ ସଂସଦୀୟ କାର୍ଯ୍ୟ ଶେଷ କରି ସାଂସଦମାନେ ବାହାରକୁ ଆସିଥିଲା ବେଳେ ମହାଭିଯୋଗ ପ୍ରସ୍ତାବ ପାରିତ ହୋଇପାରି ନଥିବା ଖବର ସାମ୍ନାକୁ ଆସିଥିଲା। ଏଭଳି ଘଟଣାକୁ ବାଚସ୍ପତି ଦୁର୍ଭାଗ୍ୟଜନକ ବୋଲି କହିବା ପରେ ସେଠାରେ ଉପସ୍ଥିତ ଥିବା ଲୋକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ନିଜର ଭୁଲ ନିଷ୍ପତ୍ତି ପାଇଁ ରାଷ୍ଟ୍ରପତି ୟୁନ୍ ଦେଶବାସୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି।

**ପୁଣି ଏକ ସହରକୁ ଦଖଲକଲେ ସିରିଆ ବିଦ୍ରୋହୀ**

## ତୁରନ୍ତ ସିରିଆ ଛାଡ଼ିବାକୁ ଭାରତୀୟଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ସିରିଆରେ ସେନା ଏବଂ ବିଦ୍ରୋହୀଙ୍କ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଏବେ ତୀବ୍ର ହୋଇଛି। ଯାହାକୁ ନଇ ସେଠାରେ ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ବେଳକୁ ବେଳ ବିଦ୍ରୋହୀମାନେ ଗୋଟିଏ ପରେ ଗୋଟିଏ ସହରକୁ ନିଜ ଦଖଲକୁ ନେଉଥିଲା ବେଳେ ରାଷ୍ଟ୍ରପତି ବସର ଅଲ ଆସାଦଙ୍କ ଶକ୍ତି ହ୍ରାସ ପାଇବାରେ ଲାଗିଛି। ବିଦ୍ରୋହୀମାନେ ଶନିବାର ଦାରା ସହରକୁ ଅକ୍ତିଆର କରିବା ପରେ ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟମାନେ ତୁରନ୍ତ ସିରିଆ ଛାଡିବାକୁ ଭାରତ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ଭାରତୀୟ ନାଗରିକମାନେ ସିରିଆ ଛାଡିବା ସହିତ ସାଂପ୍ରତିକ ସ୍ଥିତିରେ ସିରିଆ ଯାତ୍ରା ନ କରିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସଓ୍ୱାଲ ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏନେଇ ସୂଚନା ଦେଇଛନ୍ତି। ଯେଉଁ ଭାରତୀୟମାନେ ସିରିଆ ଛାଡି ପାରୁନାହାନ୍ତି ସେମାନେ ଦୂତାବାସ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

## ପୂଜାସ୍ଥଳ ଅଧିନିୟମ ବୈଧତା ଉପରେ ୧୨ରେ ଶୁଣାଣି

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ତତ୍କାଳୀନ ନରସିଂହ ରାଓ ସରକାରଙ୍କ ସମୟରେ ପ୍ରଣୟନ କରାଯାଇଥିବା ପୂଜାସ୍ଥଳ ଅଧିନିୟମ,୧୯୯୧ ( ପ୍ଲେସେସ୍ ଅଫ ଓରସିପ୍ ଆକ୍ଟ)ର ବିଭିନ୍ନ ଧାରାକୁ ନେଇ ମତଭେଦ ଦେଖାଯିବା ପରେ ଏହାର ପ୍ରକୃତ ଦିଗ ନିର୍ଦ୍ଦେଶ କରିବାକୁ ସୁପ୍ରିମକୋର୍ଟରେ ବହୁ ପିଟିସନ ଦାଏର କରାଯାଇଥିଲା। ତେବେ ଏହି ପ୍ରସଙ୍ଗରେ ଆସନ୍ତା ୧୨ ତାରିଖରେ ପ୍ରଧାନବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଶୁଣାଣି କରିବେ ବୋଲି ଜଣାପଡ଼ିଛି। ବର୍ତ୍ତମାନ ଜ୍ଞାନବ୍ୟାପି ମସଜିଦ୍ ଠାରୁ ଆରମ୍ଭ କରି ଉତ୍ତରପ୍ରଦେଶର ସମ୍ଭଲ ମସଜିଦ୍ ଏବଂ ଆଜମେର ଦର୍ଗାକୁ ନେଇ ବିବାଦ ଉପୁଜିଛି। ଏହାକୁ କେନ୍ଦ୍ର କରି ଉପରୋକ୍ତ ଆଇନ ବହୁ ଗୁରୁତ୍ୱ ବହନ କରୁଥିଲା ବେଳେ ଏହାର ବିଭିନ୍ନ ଦିଗ ଉପରେ ତର୍ଜମା କରିବାକୁ ପିଟିସନ ଦାଏର କରାଯାଇଛି।

# ୩ ରେଳ ପ୍ରକଳ୍ପ ସମେତ ୬ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

## ଦାୟିତ୍ୱ ଓ ବ୍ୟସ୍ତତା ପାଇଁ ନିଜ ଲୋକଙ୍କଠୁ କେବେ ଦୂରେଇ ନାହିଁ: ରାଷ୍ଟ୍ରପତି



**ବାରିପଦା, ୭ ।୧୨(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜବାସୀଙ୍କୁ ୩ଟି ରେଳ ପ୍ରକଳ୍ପ ସମେତ ୬ଟି ବିଭିନ୍ନ ପ୍ରକଳ୍ପ ଭେଟି ଦେଇଛନ୍ତି । ଶନିବାର ପୂର୍ବାହ୍ନରେ ରେଳ ବିଭାଗ ପକ୍ଷରୁ ବାଙ୍ଗିରିପୋଷିରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀମତୀ ମୁର୍ମୁ ଯୋଗଦେଇ ୬ ହଜାର ୨୯୪ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଢ଼ାମରା-ଚାକୁଲିଆ, ବାଦାମପାହାଡ଼- କେନ୍ଦୁଝରଗଡ଼ ରେଳପଥର ଶିଳାନ୍ୟାସ କରିଛନ୍ତି । ସେହିପରି ଭିଡିଓ କନଫରେନ୍ସିଂରେ ରାଇରଙ୍ଗପୁରରେ ଆଦିବାସୀ ଅନୁସନ୍ଧାନ ଓ ବିକାଶ କେନ୍ଦ୍ର, ଉପଖଣ୍ଡ ଡାକ୍ତରଖାନାର ୧୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠା ଓ ଦାଣ୍ଡବୋଷ ବିମାନବନ୍ଦରର ମଧ୍ୟ ଭିତ୍ତିପ୍ରସ୍ତର କରିଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି କହିଥିଲେ ଯେ ଦାୟିତ୍ୱ ଏବଂ ବ୍ୟସ୍ତତା ତାଙ୍କୁ ନିଜ ଜନ୍ମସ୍ଥାନ ଏବଂ ନିଜ ଲୋକଙ୍କଠାରୁ କେବେ ବି ଦୂରେଇ ରଖିନାହିଁ । ମାତୃଭୂମି ତାଙ୍କ ଚିନ୍ତାଧାରା ଏବଂ କାର୍ଯ୍ୟରେ ବାସ କରେ । ରେଳ ପ୍ରକଳ୍ପ ଏବଂ ବିମାନବନ୍ଦର ଏହି ଅଞ୍ଚଳରେ ପରିବହନ, ବାଣିଜ୍ୟ ଏବଂ ବାଣିଜ୍ୟକୁ ବୃଦ୍ଧି କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହି ନୂତନ ରେଳପଥ ବାଙ୍ଗିରିପୋଷି, ବାଦାମପାହାଡ଼, ବୁଢ଼ାମରା ଏବଂ ଓଡ଼ିଶାର ଆଖପାଖ ରାଜ୍ୟରେ ଅର୍ଥନୈତିକ ତଥା ସାମାଜିକ ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଖୁବ୍‌ଶୀଘ୍ର ମୟୂରଭଞ୍ଜ ଜିଲ୍ଲାରେ ବୃହତ୍ ଶିଳ୍ପ କାରଖାନା ପ୍ରତିଷ୍ଠା ହେବ । ସେହିପରି ରାଇରଙ୍ଗପୁର ଆଦିବାସୀ ଅନୁସନ୍ଧାନ ଏବଂ ବିକାଶ କେନ୍ଦ୍ର ମୟୂରଭଞ୍ଜ ଏବଂ ଉତ୍ତର ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା (ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର) ର ଆଦିବାସୀ ସମ୍ପ୍ରଦାୟର ବିଶେଷ ଆବଶ୍ୟକତାକୁ ପୂରଣ କରିବ ବୋଲି ସେ କହିଛନ୍ତି । ଅନ୍ୟତମ ଅତିଥି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ରେଳବାଇ ଆଶ୍ଚର୍ଯ୍ୟଜନକ ଅଗ୍ରଗତି କରିଛି । ଏହି ଅବସରରେ, ଖୁବ୍‌ଶୀଘ୍ର ଦୂରଦର୍ଶନ ଓଡ଼ିଆ ଚ୍ୟାନେଲରେ ପ୍ରତିଦିନ ସନ୍ଧ୍ୟାରେ ସାନ୍ତାଳୀ ଭାଷାରେ ସ୍ୱତନ୍ତ୍ର ନ୍ୟୁଜ୍ ବୁଲେଟିନ୍ ପ୍ରସାରିତ ହେବ ବୋଲି ସେ ସୂଚନା ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏବଂ ସାଂସଦ ମମତା ମହାନ୍ତ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଅନନ୍ତ ନାୟକ ଓ ନବଚରଣ ମାଝୀଙ୍କ ସମେତ ବିଧାୟିକା ସଞ୍ଜଲି ମୁର୍ମୁ ଓ ଦକ୍ଷିଣପୂର୍ବ ରେଳବାଇ ଜେନେରାଲ ମ୍ୟାନେଜର ଅନୀଲ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପରେ ରାଷ୍ଟ୍ରପତି ଦାଣ୍ଡବୋଷ ବିମାନବନ୍ଦର ଅଭିମୁଖେ ଯାଇ ସେଠାରୁ ରାଷ୍ଟ୍ରପତି ଭବନ ଫେରିଯାଇଛନ୍ତି ।

### ଆରମ୍ଭ ହେଲା ଘୋଡ଼ଲାଗି

# ମହାପ୍ରଭୁ ପିନ୍ଧିଲେ ଶୀତବସ୍ତ୍ର

**ପୁରୀ, ୭।୧୨(ସମିସ):** ଶନିବାର ଶ୍ରୀମନ୍ଦିରରେ ଓଢଣ ଷଷ୍ଠୀ ନୀତି ସମ୍ପନ୍ନ ହୋଇଛି । ଏହି ଅବସରରେ ମହାପ୍ରଭୁଙ୍କ ଘୋଡ଼ଲାଗି କରାଯାଇଛି । ସକାଳ ଧୂପ ବଢ଼ିବା ପରେ ଠାକୁରଙ୍କ ମଇଲମ କରାଯାଇଥିଲା । ପୂର୍ବ ରାତିରେ ଭୋଗମଣ୍ଡପ ଘରେ ଅଧିବାସ ହୋଇଥିବା ଘୋଡ଼ଗୁଡ଼ିକୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ତିନିଘେରା ପରିକ୍ରମା କରାଯାଇ ରତ୍ନସିଂହାସନକୁ ନିଆଯାଇଥିଲା । ପୁଷ୍ପାଳକ ସେବକମାନେ ତିନିଠାକୁରଙ୍କୁ ପାଗ ଓ ଘୋଡ଼ ଲାଗି କରିଥିଲେ । ମହାପ୍ରଭୁଙ୍କ ଏହି ଘୋଡ଼ରେ ସୂତାବସ୍ତ୍ର, ଖଣ୍ଡୁଆପାଟ, ଭେଲ୍‌ଭେଟ କପଡ଼ାର ବସ୍ତ୍ର, ଟୋପର, ମଫଲର ପ୍ରଭୃତି ଲାଗି କରାଯାଇଥିଲା ।



ଘୋଡ଼ଲାଗି ସରିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ମଧ୍ୟ ଲାଗି କରାଯାଇଥିଲା । ଏହାପରେ ବନ୍ଦାପନା ସରି ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା ।

ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ମାର୍ଗଶିର ଶୁକ୍ଳ ଷଷ୍ଠୀରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ବିଗ୍ରହମାନେ ଘୋଡ଼ ପରିଧାନ କରିଥା'ନ୍ତି । ସପ୍ତାହର ୭ ଦିନରେ ୭ ରଙ୍ଗର ଘୋଡ଼ବସ୍ତ୍ର ଲାଗି ହୋଇଥାନ୍ତି । ରବିବାର ଲାଲ୍, ସୋମବାର କଳାଛିଟା ମିଶା ଶୁକ୍ଳ, ମଙ୍ଗଳବାର ବାରପଟିଆ (୫ ରଙ୍ଗ ମିଶା), ବୁଧବାର ନୀଳ, ଗୁରୁବାର ବସନ୍ତ (ହଳଦିଆ), ଶୁକ୍ରବାର ଶୁକ୍ଳ (ଧଳା) ଓ ଶନିବାର ଚତୁର୍ଦ୍ଧାବିଗ୍ରହ କଳା ରଙ୍ଗର ଘୋଡ଼ଲାଇ ହୋଇଥାନ୍ତି ।

ସୂଚନାନୁଯାୟୀ, ଶ୍ରୀମନ୍ଦିରରେ ଭାଇଭଉଣୀଙ୍କ ସହ ଅବସ୍ଥାନ କରି ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ଏହି କ୍ରମରେ ଖରାଦିନେ ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ଚନ୍ଦନ ଯାତ୍ରା କରିଥାନ୍ତି । ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ସହ ମିଶି ଜଳକ୍ରୀଡ଼ା କରନ୍ତି । ସେହିପରି ଶୀତଦିନେ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ସାଧାରଣ ମଣିଷଟିଏ ଭଳି ଶୀତବସ୍ତ୍ର ପରିଧାନ କରିଥାନ୍ତି । ମାର୍ଗଶିର ଜାଡ଼ରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ପରିଧାନ କରିଥାନ୍ତି । ଏହାକୁ ଶ୍ରୀମନ୍ଦିର ଭାଷାରେ ଘୋଡ଼ଲାଗି ବୋଲି କୁହାଯାଇଥାଏ ।

### ଖୋଲିନି ମଣ୍ଡି

# ମାତିଲେଣି ଚୋରା ଧାନ ବେପାରୀ

**ସୁନ୍ଦରଗଡ଼,୭।୧୨(ସମିସ):** ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇସାରିଥିଲେ ହେଁ ସୁନ୍ଦରଗଡ଼ ଜିଲ୍ଲାରେ ଏଯାଏ ମଣ୍ଡି ଖୋଲିନି । ଆସନ୍ତା ୨୦ ତାରିଖରୁ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି । ତେବେ ପ୍ରଶାସନର ଏହି ନିଷ୍ପତ୍ତିକୁ ନେଇ ଚାଷୀମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

ସେମାନଙ୍କ କହିବା କଥା, ଜିଲ୍ଲା ପ୍ରଶାସନର ବିଳମ୍ବ ଯୋଗୁଁ ଚାଷୀ ଏବେ ଅଭାବୀ ବିକ୍ରିର ସମ୍ମୁଖୀନ ହେଲାଣି । ସରକାର ମଣ୍ଡି ଖୋଲିବା ନେଇ ଘୋଷଣା କରିବା ପରଠାରୁ ଚାଷୀ ବିଲରୁ ସବୁ ଧାନ କାଟି ଆଣି ଖଳାରେ ଗଦା କରିଛି । ତାହା ଯେପରି ସରକାରୀ ନିର୍ଦ୍ଧାରିତ ଏଫ୍‌ଏକ୍ୟୁ ମାନରେ ଫେଲ୍ ନ ହୁଏ, ସେଥିପାଇଁ ତାକୁ ବଡ଼ ଯତ୍ନର ସହ ରଖିଛି । କିନ୍ତୁ ମଝିରେ ମଝିରେ ଅଦିନିଆ ବର୍ଷା ହୋଇଯାଉଥିବାରୁ ଧାନ ଓଦା ହୋଇ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ଏପରି ସ୍ଥିତିର ଫାଇଦା ନେଇ ଜିଲ୍ଲାରେ ଏବେ ଗାଁ ଗାଁରେ ଚୋରା ଧାନ ବେପାରୀ ମାତିଲେଣି । ସେମାନେ ଚାଷୀଙ୍କୁ ଧାନ ନଷ୍ଟ ହୋଇଯିବାର ଭୟ ଦେଖାଇବା ସହ ଫୁସୁଲାଫୁସୁଲି କରି କମ୍ ଦରରେ କ୍ୱିଣ୍ଟାଲକ୍ୱିଣ୍ଟାଲ ଧାନ କିଣି ନେଉଛନ୍ତି ।



**ଅମଳ ଧାନ ଗଚ୍ଛିତ ନେଇ ଚିନ୍ତାରେ ଚାଷୀ**

ଏପରିକି, ରାଜ୍ୟ ସରକାର ବୋନସ୍ ଦେଇ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା ପ୍ରଦାନ କରିବେ ନାହିଁ ବୋଲି ଗରିବ, ଅପାଠୁଆ ଚାଷୀଙ୍କୁ ଭୁଆଁ ବୁଲାଇ ଶାଗ ମାଛ ଦରରେ ଧାନ କିଣିବାରେ ଲାଗିଛନ୍ତି । ଚାଷୀଠାରୁ ସେମାନେ କ୍ୱିଣ୍ଟାଲ ପିଛା ମାତ୍ର ୨ ହଜାର ଟଙ୍କାରେ ଧାନ କିଣୁଛନ୍ତି । ଅପରପକ୍ଷେ, ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ଚାଷୀ ମଧ୍ୟ ବାଧ୍ୟ ହୋଇ ସେମାନଙ୍କ ହାତକୁ ଧାନବସ୍ତା ଟେକି ଦେଉଛନ୍ତି ।

ଧାନର ଅନୈତିକ କାରବାର ରୋକିବା ପାଇଁ ସୀମାନ୍ତବର୍ତ୍ତୀ ଅଞ୍ଚଳଗୁଡ଼ିକରେ ସିସିଟିଭି ପାଟ୍ରୋଲିଂ ବ୍ୟବସ୍ଥା, ସିସିଟିଭିଗୁଡ଼ିକର ଗତିବିଧିକୁ ତଦାରଖ କରିବା ପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ଆଦିର ଯୋଜନା ରହିଥିଲେ ହେଁ ଧାନ ସଂଗ୍ରହ ଆରମ୍ଭ ହୋଇନଥିବାରୁ ଏହାକୁ ଲାଗୁ କରାଯାଇନାହିଁ । ତାହା ଏହି ଚୋରା ଧାନ ବେପାରୀଙ୍କୁ ସୁହାଉଛି । ଅଦିନିଆ ବର୍ଷା ଯୋଗୁଁ ଚାଷୀ ଅମଳ କରିଥିବା ଧାନ ସାଇତି ରଖିବାରେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ପଞ୍ଜିକୃତ ଚାଷୀଙ୍କ ପାଖକୁ ଟୋକନ୍ ମଧ୍ୟ ପହଞ୍ଚି ନଥିବାରୁ ସେମାନେ ମଣ୍ଡିରେ ଯେ ତାଙ୍କ ଧାନ କେବେ ବିକ୍ରି କରିବେ, ସେନେଇ ଅନ୍ଧାରରେ ରହିଛନ୍ତି ।

ଅପରପକ୍ଷରେ, ଧାନସଂଗ୍ରହ ମଣ୍ଡିରେ ଗୋଦାମ, ପିଣ୍ଡି, ପରୀକ୍ଷା ଉପକରଣ, ପାନୀୟ ଜଳ, ଛାୟା ବ୍ୟବସ୍ଥା ଏବଂ ଶୌଚାଳୟ ଇତ୍ୟାଦି ପ୍ରସ୍ତୁତ କରି ରଖିବାକୁ ସରକାରୀ ନିର୍ଦ୍ଦେଶ ରହିଛି । ମାତ୍ର ଏହି ସବୁ ଭିତ୍ତିଭୂମି ପାଇଁ ଅଦ୍ୟାବଧି କାମ ଆରମ୍ଭ ହୋଇନାହିଁ କହିଲେ ଚଳେ । ଏଣୁ ନିର୍ଦ୍ଧାରିତ ସମୟରେ ଧାନ ସଂଗ୍ରହ ଆରମ୍ଭ ହେବା ନେଇ ମଧ୍ୟ ଚାଷୀମାନେ ସଂଶୟରେ ରହିଛନ୍ତି ।

# ପ୍ରଶାସନ-ମିଲର୍ କଳିରେ ଚାଷୀ ଛଟପଟ

**ବଲାଙ୍ଗିର,୭ ।୧୨(ସମିସ):** ବଲାଙ୍ଗିର ଜିଲ୍ଲାରେ ପ୍ରଶାସନ-ମିଲର୍ସ କଳିରେ ବଳି ପଡ଼ିଛି ଚାଷୀ । ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇସାରିଥିବା ବେଳେ ଏଠାରେ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ହେଁ ଧାନକିଣା ଆରମ୍ଭ ହୋଇପାରିନାହିଁ ।

ସୂଚନାନୁଯାୟୀ, ଧାନକିଣା ଶୁଭାରମ୍ଭ ପର୍ଯ୍ୟନ୍ତ ପ୍ରଶାସନ ସହ ମିଲର୍ସମାନେ ଚୁକ୍ତି କରିନଥିଲେ । ଦିନେ ପୂର୍ବରୁ ହିଁ ସମସ୍ତ ମିଲର୍ ଚୁକ୍ତି କରିବାରୁ ଚାଷୀ ଆଶ୍ୱସ୍ତ ହୋଇଥିଲା । ଚାଷୀ ଭାବିଥିଲା, ଏଣିକି ଧାନ ଉଠିବ । କିନ୍ତୁ ଶନିବାର ଧାନକିଣା ଟାର୍ଗେଟ୍ ବଣ୍ଟନରେ ଅନିୟମିତତା ଅଭିଯୋଗ କରି ଧାନ ଉଠାଇବାକୁ ମନା କରିଦେବାରୁ ଧାନ ସଂଗ୍ରହ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି । ଗୋଟିଏପଟେ ଧାନକିଣା କେଁ ଛିଣ୍ଡୁନଥିବା ବେଳେ ଅନ୍ୟପଟେ ପାଣିପାଗ ବିଭାଗ ସତର୍କତାକୁ ନେଇ ଚାଷୀ ମନରେ ଛନକା ପଶିଛି ।

ଗତବର୍ଷ ଭଳି ଏବର୍ଷ ମଧ୍ୟ ଜିଲ୍ଲାକୁ ୩୪ଲକ୍ଷ କ୍ୱିଣ୍ଟାଲ ଧାନକିଣା ଟାର୍ଗେଟ୍ ମିଳିଛି । ଏହି ଟାର୍ଗେଟ୍‌କୁ ପ୍ରଶାସନ ସହ ଚୁକ୍ତି କରିଥିବା ସମସ୍ତ ମିଲରଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । କିନ୍ତୁ ଟାର୍ଗେଟ୍ ବଣ୍ଟନରେ ଅନିୟମିତତା କରାଯାଇଥିବା ଅଭିଯୋଗ କରିଛି ମିଲର୍ସ ସଂଘ । ସଂଘର କହିବା କଥା, କିଛି ନିର୍ଦ୍ଦିଷ୍ଟ ମିଲର୍‌ଙ୍କୁ ଅଧିକ ଟାର୍ଗେଟ୍ ଦିଆଯାଇଥିବା ବେଳେ ଆକ୍ରୋଶମୂଳକ ଭାବେ କିଛି ମିଲର୍‌ଙ୍କୁ କମ୍ ଟାର୍ଗେଟ୍ ଦିଆଯାଇଛି । ଏହା ଆଗକୁ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ତେଣୁ ଧାର୍ଯ୍ୟ ଟାର୍ଗେଟରେ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଧାନକିଣା ଯିବନାହିଁ ବୋଲି ସଂଘ ଚେତାଇ ଦେଇଛି ।

- ପୁଣି ଟାର୍ଗେଟ୍‌କୁ ନେଇ ମିଲର୍‌ଙ୍କ କେଁ
- ଉଠୁନି ଧାନ, ବୈଠକରେ ଗଡ଼ୁଛି ସମୟ
- ମିଲରଙ୍କ ସହ ବୈଠକ ବେଳେ ସିସିଏସଓଙ୍କୁ ଦୁର୍ବ୍ୟବହାର!

ଏହି ସମସ୍ୟାର ସମାଧାନ ପାଇଁ ଆଜି ଜିଲ୍ଲା ଯୋଗାଣ କାର୍ଯ୍ୟାଳୟରେ ପ୍ରଶାସନ ଓ ମିଲର୍ସଙ୍କ ମଧ୍ୟରେ ବୈଠକ ବସିଥିଲା । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ମିଲର୍‌ମାନଙ୍କ ସହ ଏକ ବନ୍ଦ କୋଠରିରେ ଆଲୋଚନା କରିଥିଲେ । ପରେ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ମିଳିଛି ବୋଲି ସଂଘ ସଭାପତି ସମର୍ଥ ରଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଆଲୋଚନା ବେଳେ ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ପାଣିଗ୍ରାହୀଙ୍କୁ ମିଲର୍‌ମାନେ ବୈଠକରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି । କିନ୍ତୁ ଶ୍ରୀ ପାଣିଗ୍ରାହୀ ଏହାକୁ ଖଣ୍ଡନ କରିଛନ୍ତି ।

# ଦୁର୍ଦ୍ଧାନ୍ତ ସଞ୍ଜୀବକୁ ଏନ୍‌କାଉଣ୍ଟର୍

**ସମ୍ବଲପୁର, ୭ ।୧୨(ସମିସ):** ଡକାୟତି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ତଥା କୁଖ୍ୟାତ ଅପରାଧୀ ସଂଜୀବ କରାଲିକୁ ଆଜି ସମ୍ବଲପୁର ପୁଲିସ୍ ଏନ୍‌କାଉଣ୍ଟର୍ କରି ଧରିଛି । ଆଜି ଦିନ ପ୍ରାୟ ୩ଟା ବେଳେ ସଞ୍ଜୀବ ସମ୍ବଲପୁର ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ୍‌ର ଏକ ଟିମ୍ ରେଙ୍ଗାଲି ଅଞ୍ଚଳରେ ଛକି ରହିଥିଲା । ରେଙ୍ଗାଲି ପୁଲିସ୍ ପ୍ରଥମେ ତାକୁ ରମ୍ଭେଲା ହେବାରୁ ବୁର୍ଲା ଭିମସାର୍‌କୁ ସ୍ଥାନାନ୍ତର କରାଯାଇଛି । ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ପୁଲିସ୍ ସୂଚନାନୁସାରେ, ସଂଜୀବ ନାମରେ ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁରର ବିଭିନ୍ନ ଥାନାରେ ମୋଟ ୨୩ଟି ମାମଲା ରହିଛି । ବିଭିନ୍ନ ଡକାୟତି ତଥା ଅପରାଧିକ ମାମଲରେ ତାର



- ଆଣ୍ଠୁରେ ବାଜିଛି ଗୁଳି, ଭିମସାର୍‌ରେ ଭର୍ତ୍ତି
- ଖସିବା ପାଇଁ ପୁଲିସ୍ ଉପରକୁ ୩ ରାଉଣ୍ଡ ଗୁଳି

ବ୍ରିଜ୍ ଉପରେ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ ସେ ଖସିବାକୁ ଚେଷ୍ଟା କରିଥିଲା । ରାସ୍ତା ଉପରେ ଗାଡ଼ି ରଖି ପୁଲିସ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇଥିଲା । ପୁଲିସ୍ ମଧ୍ୟ ପାଲଟା ଜବାବରେ ତା' ଉପରକୁ ୨ ରାଉଣ୍ଡ ଗୁଳି କରିଥିଲା । ସଂଜୀବର ଡାହାଣ ଗୋଡ଼ ଆଣ୍ଠୁ ପାଖରେ ଗୋଟିଏ ଗୁଳି ବାଜିବାରୁ ସେ ସେହିଠାରେ ହିଁ ପଡ଼ି ଯାଇଥିଲା । ପରେ ପୁଲିସ୍ ଟିମ୍ ତାକୁ କାବୁ କରିନେଇଥିଲା । ଚିକିତ୍ସା ଲାଗି ତାକୁ ପ୍ରଥମେ ରେଙ୍ଗାଲି ପିଏଚ୍‌ସିରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ତା'ର ଅବସ୍ଥା ଗୁରୁତର ସମ୍ପୃକ୍ତ ରହିଛି । ଗତ ମାସ ୨୨ ତାରିଖରେ ଚାରମାଲ ଥାନା ଅଞ୍ଚଳରେ ହୋଇଥିବା ଏକ ବଡ଼ଧରଣର ଡକାୟତିର ସେ ମାଷ୍ଟରମାଇଣ୍ଡ ଥିଲା । ଦୁଇଟି ଗାଡ଼ିରେ ମାଷ୍ଟରମାଇଣ୍ଡ ସହ ୧୦ରୁ ୧୨ଜଣ ପିଲା ଗ୍ରୀଡ ସାଇଟ୍‌ରୁ ଡକାୟତି କରିଥିଲେ । ସିକ୍ୟୁରିଟି ଗାର୍ଡକୁ ସେମାନେ ଭୟଭୀତ କରାଇ ଲୁଟ୍ କରିଥିଲେ । ପୁଲିସ୍ ୪ ଜଣ ଡକାୟତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀର ୮୦% କୋଲକାତା ସମେତ ବିଭିନ୍ନ ସ୍ଥାନରୁ ଉଦ୍ଧାର କରିଥିଲା । କିନ୍ତୁ ମାଷ୍ଟର୍‌ମାଇଣ୍ଡ ସଂଜୀବ ଫେରାର୍ ରହିଥିଲା ।

### କଟ୍‌ନି-ଛଟ୍‌ନିକୁ ନେଇ ମିଲ୍‌ର-ଚାଷୀ ମୁହାଁମୁହିଁ

# ମଣ୍ଡିରୁ ଉଠିପାରିଲାନି ଧାନ

**ସିନାପାଲି, ୭।୧୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ସ୍ଥିତ କେନ୍ଦୁମୁଣ୍ଡା ଧାନମଣ୍ଡିରେ କଟନି-ଛଟନିକୁ ନେଇ ଚାଷୀ ଓ ମିଲର୍ ମଧ୍ୟରେ ବିବାଦ ଯୋଗୁଁ ମଣ୍ଡିରୁ ଧାନ ଉଠିପାରିନାହିଁ । ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ମଣ୍ଡିରେ ସ୍ଥାନୀୟ ସେବା ସମବାୟ ସମିତିକୁ ଧାନ କିଣିବା ଦାୟିତ୍ୱ ଦିଆଯାଇ ଶୁକ୍ରବାରଠାରୁ ଧାନକିଣା ଆରମ୍ଭ ହୋଇଛି । ଏଠାରୁ ଗାୟତ୍ରୀ ନାମକ ରାଇସ୍ ମିଲ୍ ଧାନ ଉଠାଇବା ପାଇଁ ଚୁକ୍ତି କରିଛି । ହେଲେ ସରକାରଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ ନକରି ମିଲର୍ କ୍ୱିଣ୍ଟାଲ ପିଛା ୮କେଜି କଟନି-ଛଟନି କରିବାରୁ ବିବାଦର ସୂତ୍ରପାତ ହୋଇଥିଲା । ଫଳରେ ଧାନ ସଂଗ୍ରହର ଦ୍ୱିତୀୟ ଦିନ, ଶନିବାର ଧାନ ସଂଗ୍ରହ ହୋଇପାରିନଥିଲା । ୩୨ଜଣ ଚାଷୀଙ୍କ ୨୪୬୦ ବ୍ୟାଗ୍ ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି ।



ସୂଚନାଯୋଗ୍ୟ, କେନ୍ଦୁମୁଣ୍ଡା ସେବା ସମବାୟ ସମିତି ଜରିଆରେ ବ୍ଲକର ସୀମାନ୍ତ ଅଞ୍ଚଳରେ ରହିଥିବା ବେଳେ କେନ୍ଦୁମୁଣ୍ଡା, ନଙ୍ଗଲବୋର୍ଡ, ଝାରବନ୍ଧ, ଘୁଚାଗୁଡ଼ା, କରଣବାହାଲି, ନୁଆମାଳପଡ଼ା ସମେତ ଅନେକ ପଞ୍ଚାୟତର ୧୧୬୮ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି । କିନ୍ତୁ ଧାନକିଣାର ଦ୍ୱିତୀୟ ଦିନରେ ଏହି ବିବାଦ ଉପୁଜିବାରୁ ଚାଷୀମହଲ ଆଶା ଆଶଙ୍କା ମଧ୍ୟରେ ରହିଛି । ଏ ସମ୍ପର୍କରେ କେନ୍ଦୁମୁଣ୍ଡା ସେବା ସମବାୟ ସମିତି (ପ୍ୟାକ୍ସ) ବଳମତ ସା କହିଛନ୍ତି ଯେ ଚାଷୀମାନଙ୍କୁ ନେଇ ଆଲୋଚନା ହୋଇଥିଲା ଓ ୪ରୁ ୫କେଜି କଟନି-ଛଟନି ହେବା ନେଇ ଚାଷୀ ରାଜି ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ କିଛି ଚାଷୀ ବିରୋଧ କରିବାରୁ ଧାନକିଣା ହୋଇପାରିନି । ଏ ସମ୍ପର୍କରେ ସିନାପାଲି ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆ କହିଛନ୍ତି, ମିଲର୍‌ଙ୍କ ସହ ଆମର ସମ୍ପର୍କ ନାହିଁ । ସିଧାସଳଖ ସମିତି ଚାଷୀଙ୍କ ଧାନ ସରକାରୀ ଧାର୍ଯ୍ୟ ମୂଲ୍ୟରେ କିଣିବ । ତେବେ ରବିବାର ପୁଣି ଆଲୋଚନା କରାଯାଇ ଧାନ କିଣାଯିବ ବୋଲି କହିଛନ୍ତି ।

# ମଦରେ ଭାସୁଛି ଓଡ଼ିଶା

### ୬ ମାସରେ ଆଦାୟ ହେଲାଣି ୫ ହଜାର କୋଟିର ରାଜସ୍ୱ

**ଭୁବନେଶ୍ୱର,୭ ।୧୨(ସମିସ):** ଓଡିଶାରେ ନୂଆ ସରକାର ଆସିବା ପରେ ବଜେଟ ଅର୍ଥ ଖର୍ଚ୍ଚ କରିବାରେ ଅବହେଳା ହେଉଛି ସତ, କିନ୍ତୁ ମଦ ରାଜସ୍ୱ ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଚଳିତ ଆର୍ଥିକ ବର୍ଷରେ ଆଜିସୁଦ୍ଧା ମଦ ବିକ୍ରିରୁ ସରକାର ୫ ହଜାର କୋଟି ଟଙ୍କା ଆଦାୟ କରିଛନ୍ତି । ସେହିପରି ପୂର୍ବ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୭୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ହେଲାଣି । ରାଜ୍ୟରେ ବିଦେଶୀ ମଦ ବିକ୍ରି ବେଶ୍ ଭଲ ଥିବା ବେଳେ ବିୟର ବିକ୍ରି ଅଧିକ ରହିଛି । ଆଜି ବିଧାନସଭାରେ ବିଧାୟିକା ଉପାସନା ମହାପାତ୍ରଙ୍କ ତାରକା ପ୍ରଶ୍ନର ଉତ୍ତରରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଉତ୍ତର ଦେଇଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷରେ ସରକାର ମଦରୁ ୮୬୮୦ କୋଟି ଟଙ୍କା ରାଜସ୍ୱ ଆୟ ଲକ୍ଷ୍ୟ ରଖିଛନ୍ତି । ୨୦୨୨-୨୩ରେ ୫ କୋଟି ୮୩ ଲକ୍ଷ ୪୪ ହଜାର ଲିଟର ବିଦେଶୀ ମଦ (ଆଇଏମ୍‌ଏଫ୍‌ଏଲ୍) ବିକ୍ରି ହୋଇଥିଲା ବେଳେ ୨୦୨୩-୨୪ରେ ୫ କୋଟି ୮୮ ଲକ୍ଷ ୮୫ ହଜାର ଲିଟର ମଦ ବିକ୍ରି ହୋଇଛି । ସେହିପରି ୨୦୨୨-୨୩ରେ ୧୨ କୋଟି ୯ ଲକ୍ଷ ୬୭ ହଜାର ବଲ୍‌କ ଲିଟର ବିକ୍ରି ହୋଇଥିବା ବେଳେ ୨୦୨୩-୨୪ରେ ଏହା ବଢ଼ି ୧୫ କୋଟି ୩୫ ଲକ୍ଷ ୭୨ ହଜାର ବଲକ ଲିଟରରେ ପହଞ୍ଚିଛି । ୨୦୨୨-୨୩ରେ ୮୪ ଲକ୍ଷ ୩୭ ହଜାର ଲିଟର ଦେଶୀ ମଦ ବିକ୍ରି ହୋଇଥିବା ବେଳେ ୨୦୨୩-୨୪ ରେ ୯୮ ଲକ୍ଷ ୪୩ ହଜାର ଲିଟର ମଦ ବିକ୍ରି ହୋଇଛି । ଯଦି ବିକ୍ରି କଥା ଦେଖାଯାଏ ତା ହେଲେ ଗତ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ୭୨୧୬ କୋଟି ୯୯ ଲକ୍ଷ ଟଙ୍କା ଥିଲା । ବରଗଡ଼ ଜିଲ୍ଲାରୁ ସର୍ବାଧିକ ୧୨୪ କୋଟି ୯୯ ଲକ୍ଷ ଟଙ୍କା ଆୟ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ଗଞ୍ଜାମ ଜିଲ୍ଲାରୁ ୯୬ କୋଟି ୧୦ ଲକ୍ଷ ଟଙ୍କା ରାଜସ୍ୱ ଆସିଛି ।

- ୧୫ କୋଟି ଲିଟର୍ ବିୟର୍ ଓ ୬ କୋଟି ଲିଟର ମଦ ପିଇଛନ୍ତି
- ରାଜ୍ୟ ଆଞ୍ଚଳିକ ପରୀକ୍ଷାଗାରରେ ରନ୍ଧା ମଦ ପରୀକ୍ଷା କରାଯାଉଛି

ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଏବେ ରାଜ୍ୟରେ ୧୦୭୩ଟି ଠିପି ବନ୍ଦ ମଦ ଦୋକାନ ଓ ୭୬୨ ଠିପି ଖୋଲା ମଦ କୋଦାନ ଅଛି । ୭୬୧ ଠିପି ଖୋଲା ମଦ ଦୋକାନରୁ ୫୦୯ଟି ବାର୍ ଲାଇସେନ୍ସ ପାଇଛନ୍ତି । ସରକାରୀ ସ୍ତରରେ ୧୭୯ ଦେଶୀ ମଦ ଦୋକାନ ଓ ୪୮୨ ମହୁଲି ଦେଶୀ ମଦ ଦୋକାନ ଖୋଲାଯାଇଛି । ୪୮୨ ମଦଭାଟିରେ ଦୈନିକ ପ୍ରାୟ ୧୬୮୩୬୭ ମଦ ରନ୍ଧା ଯାଉଛି । ଆଞ୍ଚଳିକ ପରୀକ୍ଷାଗାରରେ ରନ୍ଧା ମଦର ଗୁଣବତ୍ତା ଯାଞ୍ଚ କରାଯାଉଛି । ୨୦୧୪-୧୫ରେ ସରକାର ମଦ ବିକ୍ରୟରୁ ୨୦୩୮ କୋଟି ଟଙ୍କା ରାଜସ୍ୱ ପାଇଥିବା ବେଳେ ୨୦୧୮-୧୯ରେ ତାହା ୩୯୨୫ କୋଟିରେ ପହଞ୍ଚିଥିଲା ।

୨୦୨୧-୨୨ରେ ୫୫୨୮ କୋଟି, ୨୦୨୨-୨୩ରେ ୬୪୫୫ କୋଟି ଏବଂ ୨୦୨୩-୨୪ରେ ୭୨୧୬ କୋଟି ଟଙ୍କା ଆଦାୟ ହୋଇଛି । ୨୦୨୨-୨୩ରେ ମଦ ବିକ୍ରି ପରିମାଣ ୫ କୋଟି ଲିଟର ଥିବା ବେଳେ ଚଳିତ ବର୍ଷ ପ୍ରାୟ ୬ କୋଟି ଲିଟର ବିକ୍ରି ହୋଇଛି । ଅପରପକ୍ଷେ ୧୨ କୋଟି ଲିଟର ବିୟର୍ ବିକ୍ରି ହୋଇଥିଲା ବେଳେ ଚଳିତ ଆର୍ଥିକ ବର୍ଷରେ ୧୫ କୋଟି ଲିଟର ବିୟର ବିକ୍ରି ହୋଇଛି ।




## ଉପଖଣ୍ଡବାସୀଙ୍କୁ ଭକୁଆ ବନାଇଲେ ଡବଲ ଇଞ୍ଜିନ ସରକାର

# ବାଦପଡ଼ିଲା ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା

ଉଦଳା, ୭।୧୨ (ସମିସ): ଡବଲ ଇଞ୍ଜିନ ସରକାରଙ୍କ ଆଉ ଏକ ପ୍ରତିଶ୍ରୁତି ମିଛ ବୋଲି ପ୍ରମାଣିତ ହୋଇଛି। କପ୍ତିପଦା ଉପଖଣ୍ଡରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଚାଲିଛି ରାଜନୈତିକ ଖେଳ। ଗତ ୭ ବର୍ଷ ତଳେ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା ଆଜିଯାଏ ପୂରଣ ହୋଇପାରିନାହିଁ। ଚଳିତବର୍ଷ ଡିସେମ୍ବର ୬ ତାରିଖରେ ରାଜ୍ୟରେ ୮ଟି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନିମନ୍ତେ ମଞ୍ଜୁରୀ ମିଳିଛି; ହେଲେ କପ୍ତିପଦା ଉପଖଣ୍ଡ ତଥା ମୟୂରଭଞ୍ଜ ଜିଲ୍ଲାର ବିଜେପି ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ପ୍ରତିଶ୍ରୁତି କେବଳ ଧୂଆଁବାଣ ବୋଲି ପ୍ରମାଣିତ ହୋଇଛି। କେବଳ ନେତାଙ୍କ ବୟାନ ବାଜିରେ ପିଲାଙ୍କ ଭବିଷ୍ୟତ ନେଇ ଚାଲିଥିଲା ମିଛ ରାଜନୈତିକ ଖେଳ। ତାହା ଏବେ ଧରାପଡ଼ିଯାଇଛି। ବଲାଙ୍ଗୀରେ ୨, ଅନୁଗୁଳ ଜିଲ୍ଲାରେ ୨ଟି ସମେତ ଖୋର୍ଦ୍ଧା, ସମ୍ବଲପୁର, ଢେଙ୍କାନାଳ ଏବଂ କୋରାପୁଟ ଜିଲ୍ଲାରେ ଗୋଟିଏ ଲେଖାଏଁ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ କେନ୍ଦ୍ର କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ସମଗ୍ର ଦେଶରେ ୮୫ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଚୂଡାନ୍ତ ହୋଇଛି। ହେଲେ କପ୍ତିପଦା ଉପଖଣ୍ଡ ଏଥିରୁ ବାଦ ପଡ଼ିବା ନେଇ ଡବଲ ଇଞ୍ଜିନ ସରକାରଙ୍କୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨୦୧୭ରେ ଉଦଳା ଗସ୍ତରେ ଆସିଥିଲେ ଏବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଗସ୍ତ ସମୟରେ ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ ଏବଂ ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି କହିଥିଲେ; ହେଲେ ସେହି ପ୍ରତିଶ୍ରୁତି ଆଜି ବାସ୍ତବ ଚିତ୍ର ବଖାଣିଛି। ଲୋକ ପ୍ରତିନିଧି ଓ ପ୍ରଶାସନିକ ଅବହେଳାରୁ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଥିଲା। ଗତ ବର୍ଷ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ପ୍ରେରିତ ଚିଠି ସତ୍ୟତା ଖୋଲିଦେଇଛି। ପତ୍ର ସଂଖ୍ୟା ୧୫୦୭୦/୨୦୨୩/ କେଭି ଏସ (ବିବି ଏସ) ୨୯ ୭ ୨୪ରେ ୬ଟି ଅସୁବିଧା ଥିବା ଉପସ୍ଥାପନ ହୋଇ ନ ଥିବା ଉଲ୍ଲେଖ ହୋଇଥିଲା। ତଥ୍ୟ ଅନୁସାରେ ଆରମ୍ଭ ହେବାକୁ ଥିବା ଉଦଳା ହାଇସ୍କୁଲ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ ଭବନର ଅଗ୍ନି ସୁରକ୍ଷା ପ୍ରମାଣପତ୍ର, ସୁରକ୍ଷା ପ୍ରମାଣପତ୍ର, ପ୍ରସ୍ତାବିତ ବିଦ୍ୟାଳୟ ପରିସରରୁ ଅସ୍ଥାୟୀ ଭବନର ଦୂରତ୍ୱ, କେନ୍ଦ୍ରୀୟ କର୍ମଚାରୀଙ୍କ ସଂଖ୍ୟା ସର୍ବନିମ୍ନ ୫୦୦ ଥିବାବେଳେ ୪୩୫ ବୋଲି ତଥ୍ୟ ପ୍ରଦାନ ଏବଂ ବିଭାଗ ଅନୁଯାୟୀ ଦିଆଯାଇ ନ ଥିବା ଅସମ୍ପୂର୍ଣ୍ଣ ତଥ୍ୟ, ପ୍ରସ୍ତାବିତ ସ୍ଥାନ ଓ ଅସ୍ଥାୟୀ ଭବନର ଫଟୋ ଏବଂ ଶିକ୍ଷକ ଓ କର୍ମଚାରୀଙ୍କ ରହିବା ବ୍ୟବସ୍ଥା ଆଦି ଉଲ୍ଲେଖ ରହିଥିଲା। ଅପରପକ୍ଷରେ ନିର୍ବାଚିତ ପ୍ରତିନିଧିମାନେ କେବଳ ମିଛ ଆଶ୍ୱାସନା ଦେଇ ଉଦଳା ଜନସାଧାରଣଙ୍କୁ ଭୁଆଁ ବୁଲାଉଥିଲେ। ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ପୂର୍ବତନ ନଗରପାଳ ସୌଭାଗ୍ୟ ସାହୁ ଅନୁରୋଧ କରିବା ପରେ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଗତ ୨୦୧୭ ଏପ୍ରିଲରେ ଏହାକୁ ରାଜ୍ୟ ସରକାରକରିଥିଲେ। ଏପରିକି ରାଜ୍ୟ ସରକାର କେନ୍ଦ୍ରୀୟ ବିଦ୍ୟାଳୟ ନିମନ୍ତେ ଉଦଳାରେ ୧୦ ଏକର ଜାଗା ମଧ୍ୟ ଚିହ୍ନଟ କରିଥିଲେ। ଏବେ ସେହି ଜାଗାରେ ଜଙ୍ଗଲ ସୃଷ୍ଟି ହେଲାଣି। ମିଛ ପ୍ରତିଶ୍ରୁତିର ପାହାଡ ତଳେ କେନ୍ଦ୍ରୀୟ ବିଦ୍ୟାଳୟର ସୁନେଲି ସ୍ୱପ୍ନ ଚାପି ହେବା ସହିତ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ମଧ ଫାଇଲ ତଳେ ଚାପି ହୋଇଯାଇଛି। ଏ ସରକାର କେବଳ ଧୂଆଁବାଣ ଓ ମିଛ ପ୍ରତିଶ୍ରୁତିର ସରକାର ବୋଲି ବିରୋଧୀମାନେ ସମାଲୋଚନା କରୁଛନ୍ତି।




- ଧରାପଡ଼ିଲା ଜନପ୍ରତିନିଧିଙ୍କ ମିଛ ପ୍ରତିଶ୍ରୁତି
- ପୂରଣ ହେଲାନି ସହରବାସୀଙ୍କ ସ୍ୱପ୍ନ

## ୪୫ ଟିକିଆ ହାତୀପଲଙ୍କ ଉପଦ୍ରବ



କରଞ୍ଜିଆ, ୭।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡରେ ଥମୁନି ହାତୀ ଉପଦ୍ରବ। ଏହି ବନଖଣ୍ଡର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଗାଁରେ ଲାଗିରହିଛି ହାତୀ ଆତଙ୍କ। ଶନିବାର କରଞ୍ଜିଆ ବନଖଣ୍ଡରେ ପୃଥକ ପୃଥକ ସ୍ଥାନରେ ୪୫ଟି ହାତୀ ରହିଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଫଳରେ ବନ ବିଭାଗ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଚିନ୍ତା ବଢ଼ିଯାଇଛି। ଡୁମୁରିଆ ଗାଁ ନିକଟରେ ଥିବା ୨୬ ଟିକିଆ ହାତୀପଲ ରହିଥିବାବେଳେ ଦିନବେଳେ ଜଙ୍ଗଲ ରହୁଥିବା ବେଳେ ସନ୍ଧ୍ୟା ହେଲେ ଗାଁମୁହାଁ ହେଉଛନ୍ତି। ଏହି ହାତୀପଲ ଧାନ ବିଲରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ତେଣୁ ଏବେ ହାତୀ ଏବଂ ମନୁଷ୍ୟଙ୍କୁ ସୁରକ୍ଷା ଦେବା ବନବିଭାଗ ପାଇଁ ବଡ଼ ଚାଲେଞ୍ଜ ହୋଇଛି। ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଥିବାବେଳେ ହାତୀ ଥିବା ଜଙ୍ଗଲ ନିକଟକୁ ଲୋକେ ନ ଯିବାକୁ ବାରଣ କରିଛି ବନ ବିଭାଗ।

## କ୍ଷେତ୍ର ଦିବସ ଓ ଫସଲକଟା ପରୀକ୍ଷଣ କାର୍ଯ୍ୟକ୍ରମ



ଶୁଳିଆପଦା, ୭।୧୨(ସମିସ): ଶୁଳିଆପଦା ବ୍ଲକ ଅଧୀନ ଝାଲିଆମାରା ଗ୍ରାମରେ ଶକ୍ତି ଶିଖା ସଂସ୍ଥାର ଶ୍ରୀଅନ୍ନ ଅଭିମାନ ତରଫରୁ ବୁଦ୍ଧିରାମ ସୋରେନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିହନ ଉତ୍ପାଦନ କ୍ଷେତ୍ରରେ କ୍ଷେତ୍ର ଦିବସ ଓ ଫସଲ କଟା ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଝାଲିଆମରା ସୁଶାନ୍ତ କୁମାର ଟୁଡୁ, ଭିଏଲଡବ୍ଲୁ ଓ ବିଜୟ କାଳିନ୍ଦୀ, ଏ.ଡ଼ି.ଓ ଝାଲିଆ ମାରା, ଅଭିମନ୍ୟୁ ଦେହୁରୀ, ବି.ଏଫ.ଟି ଝାଲିଆମାରା ସୁନିଲ ହେମ୍ବ୍ରମ ସମତେ ୫୦ ଜଣ କୃଷକ, ୨୦ ଜଣ ଗ୍ରାମବାସୀ ଓ ଶୁଳିଆପଦା ଏସଏ.ଏ ଟିମ୍ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀଙ୍କ ମନରେ ମାଣ୍ଡିଆ ଚାଷ ପାଇଁ ଉତ୍ସାହ ସୃଷ୍ଟି କରିବା, ମାଣ୍ଡିଆ ଅମଳର ପରିମାଣ ଜଣାଇବା ଓ ଶ୍ରୀଅନ୍ନ ଅଭିଯାନରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସମସ୍ତ ସରକାରୀ ସୁବିଧା ସୁଯୋଗ ବିଷୟରେ ସଚେତନ କରିଥିଲେ। ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଆମ ଶରୀର ପାଇଁ କେତେ ଲାଭଦାୟକ ସେ ନେଇ ବକ୍ତବ୍ୟ ରଖିଥିଲେ।

## ରାଷ୍ଟ୍ରପତିଙ୍କ ଦ୍ୱାରା 'ମୁକ୍ତି ବାହନ' ଉଦ୍‌ଘାଟିତ



ରାଇରଙ୍ଗପୁର, ୭।୧୨(ସମିସ): ରାଇରଙ୍ଗପୁର ଡାକ୍ତରଖାନା ପରିସରରେ ଭାରତୀୟ ଜୀବନବୀମା ନିଗମ (ଏଲଆଇସି.)ର ଗୋଲଡେନ ଜୁବୁଲି ଫାଉଣ୍ଡେସନ ତରଫରୁ ଲୋକସେବା ପାଇଁ ପ୍ରଦତ୍ତ ଶବ ବାହକ ଯାନ 'ମୁକ୍ତି ବାହନ'କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଛନ୍ତି। ଆୟୋଜିତ ଏକ ଉଦ୍‌ଘାଟନ ଉତ୍ସବରେ ଏଲଆଇସିର ଅଧିକାରୀ ସିଇଓ ତଥା ମ୍ୟାନେଜିଂ ଡାଇରେକ୍ଟର ସିଦ୍ଧାର୍ଥ ମହାନ୍ତି, ପାଟନା ଜୋନର ଜୋନାଲ ମେନେଜର ଶ୍ରବଣ କୁମାର, କଟକ ଡିଭିଜୋନାଲ ମ୍ୟାନେଜର ଅସୀମ କୁମାର, ରାଇରଙ୍ଗପୁର ଶାଖା ସିନିୟର ବ୍ରାଞ୍ଚ ମେନେଜର ଚିତ୍ତରଞ୍ଜନ ବେହେରା ପ୍ରମୁଖଙ୍କ ଉପସ୍ଥିତ ଥିଲେ। ଉକ୍ତ ମୁକ୍ତି ବାହନ ମାଧ୍ୟମରେ ନିଃଶୁଳ୍କରେ ଲୋକେ ଏହାର ସେବା ପାଇପାରିବେ ବୋଲି ସୂଚନା ମିଳିଛି।

## ପାସେଞ୍ଜର ଟ୍ରେନ୍ ଧକ୍କାରେ ଯୁବକ ମୃତ

ରାଇରଙ୍ଗପୁର/ବହଳଦା, ୭।୧୨(ସମିସ): ତିରିଂ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମ ନିକଟ ଦେଇ ଅତିକ୍ରମ କରିଥିବା ଟାଟା-ବାଦାମପାହାଡ ରେଳ ଧାରଣା ଉପରେ ଜଣେ ଯୁବକଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ଶୁକ୍ରବାର ସକାଳେ ଟାଟାନଗରରୁ ବାଦାମପାହାଡକୁ ଏକ ପାସେଞ୍ଜର ଟ୍ରେନ ଯାଉଥିବାବେଳେ ଜଣେ ଯୁବକ ଚାଲି ଚାଲି ଯିବାବେଳେ ଧକ୍କା ଦେଇଥିଲା। ଫଳରେ ଉକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଟାଟାନଗର ପରଶୁଡିହି ଥାନା ଅନ୍ତର୍ଗତ ସୋପଡେରା ନିକଟ ଡୁପୁଡାଙ୍ଗ ବସ୍ତିର ନରସିଂଙ୍କ ପୁଅ ଦିବି (୪୧)। ସେ ଭଗାବନ୍ଦି ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ରାଇରଙ୍ଗପୁର, ୭।୧୨(ସମିସ): ଶୁକ୍ରବାର ସକାଳେ ରାଇରଙ୍ଗପୁର ବ୍ଲକ ସୁଦର୍ଶନପୁର ଗ୍ରାମପଞ୍ଚାୟତ ଅଧୀନ ଦୁବୁଲାବେଡା ଗାଁ ନିକଟରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ପ୍ରଥମେ ଗ୍ରାମବାସୀ ମୃତଦେହକୁ ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ଗୋରୁମହିଷାଣି ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପୁଲିସ ବାରିପଦା ଶବ ଗୃହକୁ ପଠାଇ ଏକ ମାମଲା ରୁଜୁ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ।

## ମକର ମେଳା ପାଇଁ ସ୍ୱତନ୍ତ୍ର ବୈଠକ

ଖୁଣ୍ଟି, ୭।୧୨(ସମିସ): ମୟୂରଭଞ୍ଜ ଭଞ୍ଜ ରାଜବଂଶର ପ୍ରାଚୀନତମ ରାଜଧାନୀ ଆଦିପୁର ସନ୍ନିକଟ ଦୋମୁହାଣି ପୀଠରେ 'ପୁଣ୍ୟ ତୀର୍ଥ ଦୋମୁହାଣୀ ବିକାଶ ପରିଷଦ'ର ଦ୍ୱିତୀୟ ଅଧିବେଶନ ସ୍ଥାୟୀ ସଭାପତି ବଳଭଦ୍ର ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲ୍ଲା ତଥା ସ୍ଥାନୀୟ ଅଞ୍ଚଳର ଗଣପର୍ବ ମକର ଉପଲକ୍ଷେ ଦୋମୁହାଣୀ ପୀଠରେ ଅନୁଷ୍ଠିତ ହେବାକୁ ଥିବା ତ୍ରିଦିବସୀୟ ମକର ମେଳାକୁ ସରସ ସୁନ୍ଦର ଓ ଆଧ୍ୟାତ୍ମିକ ପରିବେଶରେ ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ମକର ପର୍ବ ଅବସରରେ ଏହି ପୀଠର ଆରାଧ୍ୟ ଦେବତା ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପରିସରକୁ ସୌନ୍ଦର୍ଯ୍ୟକରଣ ପାଇଁ ପରିଷଦର ସଦସ୍ୟମାନେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏଥିସହିତ ସ୍ଥାନୀୟ ଲୋକ ନୃତ୍ୟ, ଲୋକକଳା ସହିତ ବିଭିନ୍ନ ଲୁକ୍କାୟିତ ପ୍ରତିଭାଧରଙ୍କୁ ସାଂସ୍କୃତିକ ଜରିଆରେ ପ୍ରତିଭା ପ୍ରଦର୍ଶନ ନିମନ୍ତେ ସୁଯୋଗ ଦେବାକୁ ବୈଠକରେ ସ୍ଥିରୀକୃତ ହୋଇଛି। ସଭାରେ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ସମେତ ପଡୋଶୀ କେନ୍ଦୁଝର ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଯୁବ ସମ୍ପ୍ରଦାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



## ନୂତନ ଜିଲ୍ଲା ଗଠନ ଦାବିରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର



ରାଇରଙ୍ଗପୁର, ୭।୧୨(ସମିସ): ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ ଅବସରରେ ମହୁଲଡିହା ଡାକବଙ୍ଗଳାରେ ନୂତନ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଇରଙ୍ଗପୁରକୁ ଜିଲ୍ଲା ଗଠନ ଦାବି କରି କମିଟି ପକ୍ଷରୁ ମହାମହିଙ୍କୁ ଏହି ଦାବିପତ୍ର ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ମୟୂରଭଞ୍ଜ ରାଜ୍ୟର ସବୁଠାରୁ ବଡ ଜିଲ୍ଲା। ତେଣୁ ଆଉ ଗୋଟିଏ ଜିଲ୍ଲା ଆବଶ୍ୟକତା ରହିଛି ବୋଲି ସର୍ବସମ୍ମତି ଓ ସର୍ବଦଳୀୟ ପ୍ରତିନିଧିମଣ୍ଡଳ ଦୀର୍ଘବର୍ଷ ହେଲା ଦାବି କରି ଆସୁଛନ୍ତି। ତେବେ ଦାବିପତ୍ର ପାଇବା ପରେ ରାଷ୍ଟ୍ରପତି ଏ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ। କମିଟିର ସଭାପତି ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ରସାନନ୍ଦ ଲେଙ୍କା, ପ୍ରଭାସ କବି, ମନୋରଞ୍ଜନ ମହାନ୍ତି, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହ୍ଲାଦ ପୂର୍ତ୍ତି, ସାଇବା ସୁଶୀଲ ହାଁସଦା, ପୌର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବଡ଼ଡାଲିମା, ୭।୧୨(ସମିସ): ତିରିଙ୍ଗ ବ୍ଲକ ଅନ୍ତର୍ଗତ ବଡ଼ଡାଲିମା ନିକଟ ୨୨୦ନଂ. ଜାତୀୟ ରାଜପଥର କିଛି ରାସ୍ତା ଦୀର୍ଘ ଦିନ ଧରି ମରାମତି ହେଉ ନ ଥିବାରୁ ଲୋକେ ଧୂଳି, ଖାଲଢିପରେ ଅତିଷ୍ଠ ହୋଇପଡ଼ିଲେଣି। ଏହି ରାସ୍ତା ବାସିନ୍ଦା ପାଇଁ ଅଭିଶପ୍ତ ପାଲଟିଛି। ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ଗତ ଏକ ମାସ ହେଲେ ଦୁର୍ଘଟଣାରେ ନିରୀହ ଲୋକଙ୍କ ଜୀବନ ଯାଉଛି। ଏହି କ୍ରମରେ ଶନିବାର ପୁଣି ଏକ ଦୁର୍ଘଟଣା ଘଟିଛି। ମୁଖ୍ୟ ବଜାର ରାଧାକୃଷ୍ଣ ମନ୍ଦିର ନିକଟରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବଡ଼ଡାଲିମା ଗ୍ରାମର ଜୁରା କୋଲ୍‌ହ (୭୦)। ସେ ସକାଳେ ଚା' ପିଇବାକୁ ବଜାରକୁ ଆସୁଥିବା ବେଳେ ଜଣେ ବୁଲା ବିକାଳୀଙ୍କ ବାଇକ ଦୁର୍ଘଟଣାରେ ତାଙ୍କର ଗୋଡ ଭାଙ୍ଗିଯାଇଥିଲା। ପରେ ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ମୁଣ୍ଡାର ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ ପ୍ରସଙ୍ଗରେ ବିଧାୟକଙ୍କ ପ୍ରଶ୍ନ

ବଡସାହି, ୭।୧୨(ସମିସ): ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରିବା ପାଇଁ ବହୁ ଦାବି ଏବଂ ବିଭିନ୍ନ ସମୟରେ ଆନ୍ଦୋଳନ ମଧ୍ୟ ହୋଇଛି; ତଥାପି ଅଦ୍ୟାବଧି ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରାଯାଇନାହିଁ। ଫଳରେ ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବହୁ ସରକାର ଆସିଛି, ଯାଇଛି। ଲୋକଙ୍କ ଦାବିକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ବହୁ ପଦକ୍ଷେପ ଓ ବହୁ ଚିଠି ଲେଖାଯାଇଛି। ମାତ୍ର ଏଥିରେ କେନ୍ଦ୍ର ସରକାରଙ୍କ ଅନୁମୋଦନର ଆବଶ୍ୟକତା ଥିବାରୁ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରୁନାହିଁ। ଏହି ପ୍ରସଙ୍ଗକୁ ନେଇ ବଡସାହି ବିଧାୟକ ସନାତନ ବିଜୁଳି ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ସେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନିକଟରେ ମୁଣ୍ଡାରୀ ଭାଷାକୁ ଓଡ଼ିଶା ସରକାର ଭାରତ ସମ୍ବିଧାନରେ ସାମିଲ କରିବା ପାଇଁ କ'ଣ ବ୍ୟବସ୍ଥା ଅଛି ଓ କେବେ ସୁଦ୍ଧା ଏହା ସାମିଲ ହେବ ବୋଲି ପ୍ରଶ୍ନ ରଖିଛନ୍ତି। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରସ୍ତାବ ଉପରେ ବିଚାର କରିବାକୁ ଗୃହ ବ୍ୟାପାର ମନ୍ତ୍ରଣାଳୟ ଓ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି କହିଛନ୍ତି। ବିଧାୟକ ଶ୍ରୀ ବିଜୁଳିଙ୍କ ଏହି ପ୍ରଶ୍ନକୁ ନେଇ ମୁଣ୍ଡାରୀ ଲାଙ୍ଗୁଏଜ କୋର୍ଡିନେସନ କମିଟି ବଡସାହି ଶାଖାର ସଭାପତି ବୈଦ୍ୟନାଥ ସିଂ, ସମ୍ପାଦକ ବସନ୍ତ କୁମାର ସିଂ, ଶାନ୍ତିଲତା ସିଂହ, ବନମାଳୀ ସିଂହ, ବୁଦ୍ଧଦେବ ସିଂହ ଓ ରାମ ସିଂହ ପ୍ରମୁଖ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସୀତାକୁଣ୍ଡ ଜଳପ୍ରପାତ

# ଝରଣାର କୁଳୁକୁଳୁ ନାଦରେ ପର୍ଯ୍ୟଟକ ବିଭୋର

ବାରିପଦା, ୭।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା ୧୯ଟି ସ୍ଥାନ ମଧ୍ୟରୁ ସୀତାକୁଣ୍ଡ ଜଳପ୍ରପାତ ଅନ୍ୟତମ। ଶିମିଳିପାଳ କୋର ଅଞ୍ଚଳ ବହାରେ ଥିବା ଏହି ଜଳପ୍ରପାତ ବିନା ସରକାରୀ କଟକଣାରେ ପର୍ଯ୍ୟଟକମାନେ ଭ୍ରମଣ କରିବା ସହିତ ବଣଭୋଜିର ମଜା ଉଠାଉଛନ୍ତି। ଏଥିପାଇଁ ଏହି ପର୍ଯ୍ୟଟନସ୍ଥଳ ଶୀତଋତୁ ଆସିଲେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥାଏ। ଏହି ସ୍ଥଳର ବିକାଶ ପାଇଁ ଗତବର୍ଷ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଜରିଆରେ ୨କୋଟି ୫୦ଲକ୍ଷ ୪୬ ହଜାର ଟଙ୍କା ଅନୁଦାନ ଅର୍ଥ ମଞ୍ଜୁର କରିଛନ୍ତି। ତାହା କାର୍ଯ୍ୟକାରୀ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି। ବାରିପଦା-ଲୁଲୁଙ୍ଗ ରାସ୍ତାର ପିଠାବଟା ପ୍ରବେଶ ଫାଟକ ପୂର୍ବରୁ ଡାହାଣକୁ ୨ କିମି ଗଲେ ସୀତାକୁଣ୍ଡ ଜଳପ୍ରପାତ ପଡେ। ଶାମାଖୁଣ୍ଟା ବ୍ଲକ ଲୁଲୁଙ୍ଗ ପଞ୍ଚାୟତରେ ଥିବା ଏହି ଜଳପ୍ରପାତ ପ୍ରାକୃତିକ ସବୁଜିମାରେ ପରିପୂର୍ଣ୍ଣ ତଥା ବଣପାହାଡ ଘେରା ଝରଣାର କୁଳୁକୁଳୁ ନାଦ ପରିବେଶ ସମସ୍ତଙ୍କୁ ବିଭୋର କରିଥାଏ। ୫୦ଫୁଟ ଉଚ୍ଚରୁ ଦୁଇ ଧାରରେ ଝରୁଥିବା ପାଣିରେ ସୂର୍ଯ୍ୟଙ୍କ ସୁନେଲି କିରଣ କୁଣ୍ଡ ଉପରେ ପଡ଼ି ଝଲମଲ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଶୀତର ପ୍ରକୋପ ବୃଦ୍ଧି ପାଇଲେ ବଣଭୋଜି କରିବାକୁ ଲୋକଙ୍କ ଭିଡ ଜମିଥାଏ। ଏଠାକୁ ଆସୁଥିବା ପର୍ଯ୍ୟଟକ ସୀତାକୁଣ୍ଡରେ ଗାଧୋଇବା ସହ ସେଲଫି ଫଟୋ ଉଠାଇଥାନ୍ତି। ଏହି ପାଣି ବୋହିଯାଇ ମୁନିଦର ସ୍ଥିତ ପଲପଲା ନଦୀରେ ମିଶିବା ପରେ ପଲପଲା ନଦୀର ପାଣି ବୁଢାବଳଙ୍ଗ ନଦୀରେ ମିଶୁଛି। ସୀତାକୁଣ୍ଡ ସମ୍ପର୍କରେ ଅନେକ ଜନଶ୍ରୁତି ରହିଛି। ଏହି ଝରଣା ପାଣି ସାତଟି କୁଣ୍ଡଦେଇ ପ୍ରବାହିତ ହେଉଥିବା ତଥା ସୀତା ବନବାସ ସମୟରେ ଏହି କୁଣ୍ଡରେ ଗାଧୋଇବା ଯୋଗୁଁ ଏହି ସ୍ଥାନର ନାମ ସୀତାକୁଣ୍ଡ ହୋଇଥିବା ଲୋକକଥା ରହିଛି। ସେହିପରି ସୀତାକୁଣ୍ଡ ନିକଟ ପଥର କରୋଡରେ ହନୁମାନଙ୍କ ମୂର୍ତ୍ତି ବହୁ ପୁରାତନ କାଳରୁ ପୂଜା ପାଇଆସୁଛି। ବାରିପଦାରୁ ୨୦କିମି ଦୂର ଏହି ସ୍ଥାନକୁ ଯିବା ପାଇଁ ଭଡାଗାଡିର ସୁବିଧା ରହିଛି। ଶିମିଳିପାଳ ପର୍ଯ୍ୟଟକଙ୍କ ନିର୍ଦ୍ଦିଷ୍ଟ ମାସ ପାଇଁ ଖୋଲା ରହିଥାଏ। ମାତ୍ର ସୀତାକୁଣ୍ଡକୁ ପର୍ଯ୍ୟଟକ ବର୍ଷର ଯେକୌଣସି ଦିନ ଆସିପାରିବେ। ଶିମିଳିପାଳ ଭିତରକୁ ଯାଉଥିବା ପର୍ଯ୍ୟଟକ ସୀତାକୁଣ୍ଡ ବୁଲି ଶିମିଳିପାଳକୁ ପ୍ରବେଶ କରିଥାନ୍ତି। ସଞ୍ଜ ନଇଁଲେ ବନ୍ୟଜନ୍ତୁ ପାଣିପିଇବାକୁ ଏହି କୁଣ୍ଡକୁ ଆସିଥାନ୍ତି। ଏମାନଙ୍କୁ ଦେଖିବା ପାଇଁ ବିଭାଗ ପକ୍ଷରୁ ବ୍ୟବସ୍ଥା ଜରୁରୀ। ରାତ୍ର ରହଣୀ ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟା ହେବା ପୂର୍ବରୁ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ପୁଣି ବାରିପଦାକୁ ଫେରିଆସନ୍ତି। ଗ୍ରାମର ଯୁବକଙ୍କୁ ନେଇ ଏକ ସୀତାକୁଣ୍ଡ ଉନ୍ନୟନ କମିଟି ଗଠିତ ହୋଇଛି। କମିଟିର ସଦସ୍ୟ ଗାଡି ପାର୍କିଂଠାରୁ ଆରମ୍ଭ କରି ବଣଭୋଜି ସ୍ଥାନ ସଫେଇ କରିଥାନ୍ତି। ଏହି ପର୍ଯ୍ୟଟନସ୍ଥଳୀର ବିକାଶ କରାଗଲେ ଅଞ୍ଚଳବାସୀଙ୍କ ସମେତ ଜିଲ୍ଲାବାସୀ ବେଶ ଉପକୃତ ହେବେ ବୋଲି ପର୍ଯ୍ୟଟକମାନେ ପ୍ରକାଶ କରିଛନ୍ତି। ସେହିପରି ସୁରକ୍ଷା ଦୃଷ୍ଟିରୁ ଜଳପ୍ରପାତ ତଳ କୁଣ୍ଡକୁ ପର୍ଯ୍ୟଟକଙ୍କୁ ବାରଣ ପାଇଁ ଦାବି ହେଉଛି। କାରଣ ବିଭିନ୍ନ ସମୟରେ ଏଠାରେ ପର୍ଯ୍ୟଟକ ମୃତ୍ୟୁମୁଖରେ ପଡୁଛନ୍ତି। ତେବେ ପର୍ଯ୍ୟଟନ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ଗତବର୍ଷ ୪୨ହଜାର ୬୦୪ଜଣ ପର୍ଯ୍ୟଟକ ସୀତାକୁଣ୍ଡକୁ ଆସିଛନ୍ତି। ଏହି ସ୍ଥାନକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ଲାଷ୍ଟିକ ଫ୍ରି ପିକନିକ ସ୍ପଟଭାବେ ଘୋଷଣା କରାଯାଇଛି। ସ୍ଥାନୀୟ ପ୍ରତିନିଧି, ଏନଜିଓ, ସ୍ୱୟଂ ସହାୟକ ଗୋଷ୍ଠୀ, ଇକୋ କ୍ଲବ, ଗ୍ରାମ ପଞ୍ଚାୟତ ପକ୍ଷରୁ ଏହାର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରାକୃତିକ ପରିବେଶର ସୁରକ୍ଷା ନିମନ୍ତେ ସିଙ୍ଗଲ ଇଉଜ ପ୍ଲାଷ୍ଟିକର ବ୍ୟବହାର କରିବାକୁ ନିଷେଦ ଜାରି କରାଯାଇଛି। ପରିବେଶର ସୁରକ୍ଷା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

**ଆସିଲାଣି ପିକନିକ୍ ଋତୁ**

**ପ୍ରାକୃତିକ ସବୁଜିମାରେ ପରିପୂର୍ଣ୍ଣ**



## ବାଂଲାଦେଶୀ ନାବାଳିକା ଚାଲାଣ ଘଟଣା

# ବାରିପଦାରୁ ମୁଖ୍ୟ ଅଭିଯୁକ୍ତ ଗିରଫ

**ବାରିପଦା, ୭।୧୨(ସମିସ):** ବାଂଲାଦେଶୀ ନାବାଳିକା ଚାଲାଣ ଘଟଣାରେ କମିଶନରେଟ ପୁଲିସ ବାରିପଦାରୁ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଦିଦି ଜଣକ ବାରିପଦାର ସୁନୀତା ଦାସ ବୋଲି ଜଣାପଡ଼ିଛି। ବାଂଲାଦେଶୀ ନାବାଳିକାକୁ ଆଣି ୨୨ ଦିନ ଦେହ ବ୍ୟବସାୟରେ ନିୟୋଜିତ କରିଥିଲେ ବୋଲି ତାଙ୍କ ନାମରେ ଅଭିଯୋଗ ରହିଥିଲା। ଘଟଣାରେ ଅନ୍ୟ ସହଯୋଗୀଙ୍କୁ ପୂର୍ବରୁ ପୁଲିସ ଗିରଫ କରିଥିବା ବେଳେ ସମ୍ପୃକ୍ତ ସୁନୀତାଙ୍କୁ କଟକର ମଧୁପାଟଣା ଥାନା ପୁଲିସ ବାରିପଦା ଆସି ଗିରଫ କରିଛି। ଫଳରେ ଗିରଫ ସଂଖ୍ୟା ମୋଟ ୪କୁ ବୃଦ୍ଧି ପାଇଛି। ନାବାଳିକା ଓ ମହିଳାଙ୍କୁ ପାଠ ପଢ଼ାଇ ଚାକିରି କରିବାର ମିଛ ପ୍ରତିଶ୍ରୁତି ଦେଇ ଓଡ଼ିଶା ଆଣି ଦେହ ବ୍ୟବସାୟରେ ଲିପ୍ତ କରୁଥିଲେ ସୁନିତା; ଯାହାକି କମିଶନରେଟ ପୁଲିସ ନଜରକୁ ଆସିବା ପରେ ତଦନ୍ତ କରି ଗିରଫ ପ୍ରକ୍ରିୟା ଜାରି ରଖିଛନ୍ତି। ତେବେ ବାରିପଦା ସହରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଚୋରି, ମଦ, ଗଞ୍ଜେଇ ଓ ବ୍ରାଉନ ସୁଗାର ଚୋରାଚାଲାଣରେ ସୀମିତ ଥିବା ବେଳେ କଳା ସଂସ୍କୃତିର ସହର ଏବେ ଦେହବ୍ୟବସାୟର କଳାକାରନାମା ମୁଣ୍ଡାଇବା ଆରମ୍ଭ କରିଲାଣି। ଏହା ପୂର୍ବରୁ ରଘୁନାଥପୁର ଅଞ୍ଚଳରୁ ଦମ୍ପତ୍ତି ଗିରଫ ହେବା ସହିତ ୨ଜଣ ଯୁବତୀ ଉଦ୍ଧାର ହୋଇଥିଲେ। ଏବେ କମିଶନରେଟ ପୁଲିସ ସୁନୀତାଙ୍କୁ ଗିରଫ ପରେ ଘଟଣାରେ ସହରର ଆଉ କିଏ କିଏ ଜଡ଼ିତ ତାକୁ ନେଇ ଆଲୋଡନ ଆରମ୍ଭ ହୋଇଛି। ସୁନିତା ବାଂଲାଦେଶୀ ନାବାଳିକାକୁ ଚାଲାଣ କରୁଥିଲେ ନା ଏଠାରେ ବ୍ୟବସାୟ ଚଳାଉଥିଲେ ସେ ନେଇ ଅଧିକ ଖୋଳତାଡ ଚାଲିଛି। ତେବେ ସୁନିତା ଗିରଫ ଦିନ ସହରରେ ଥିବା ସମସ୍ତ ଥାନାକୁ ଗଣମାଧ୍ୟମ ପ୍ରତିନିଧି ସୂଚନା ପାଇଁ ପ୍ରଶ୍ନ ପଚାରିଥିଲେ ହେଁ ସୁନୀତା ଗିରଫ ଅଞ୍ଚଳର ଆଇଆଇସି ଚତୁରତାର ସହିତ ଏଡାଇଯାଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ନିଜ ଅଞ୍ଚଳର ଅଭିଯୁକ୍ତ ଗିରଫଦାରୀ ତଦନ୍ତର ଗୋପନୀୟତା ପାଇଁ ନା ନିଜ କାର୍ଯ୍ୟଦକ୍ଷତାର ପ୍ରମାଣ ମଳିନ ଆଶାରେ ସେ ତଥ୍ୟ ଦେଇନଥିଲେ। ଅପରାଧ ବୃଦ୍ଧି ପାଉଥିଲେ ହେଁ ପୁଲିସ ସେ ଅନୁସାରେ ତତ୍ପରତା ପ୍ରକାଶ ନକରିବା ଚିନ୍ତାଜନକ ସାଜିଛି। ଫଳରେ ବହୁ ଯୁବଗୋଷ୍ଠୀ କୁପଥଗାମୀ ହେଉଛନ୍ତି। ଏସପି ଓ ପୂର୍ବାଞ୍ଚଳ ପୁଲିସ ଆଇଜି ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଶିମିଳିପାଳ ସୁରକ୍ଷାରେ ଏଆଇ କ୍ୟାମେରାର ସଫଳତା

# ବର୍ଷକରେ ଧରାପଡ଼ିଲେଣି ୨୧ ଶିକାରୀ

**ବାରିପଦା, ୭।୧୨(ସମିସ)**






ଶିମିଳିପାଳ ଅଭୟାରଣ୍ୟକୁ ଶିକାରୀ ଓ କାଠ ମାଫିଆ ଦାଉରୁ ସୁରକ୍ଷା ନିମନ୍ତେ ଏଆଇ କ୍ୟାମେରା ଖଞ୍ଜାଯାଇଛି। ଏହି କ୍ୟାମେରା ବର୍ଷକ ମଧ୍ୟରେ ୨୧ ଜଣ ଶିକାରୀଙ୍କୁ ଧରାଇଛି। ବର୍ତ୍ତମାନ ଶିମିଳିପାଳରେ ଶିକାରୀ ପ୍ରାଦୁର୍ଭାବକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବାରେ ଏଆଇ କ୍ୟାମେରା ଅନେକ ମାତ୍ରାରେ ସହାୟକ ହେବାରେ ଲାଗିଛି। ଏହି କ୍ୟାମେରା ସହାୟତାରେ ଅନେକ ଦୁର୍ଦ୍ଧାନ୍ତ ଶିକାରୀଙ୍କୁ ଧରିବା ଦ୍ୱାରା ବନ୍ୟଜନ୍ତୁ ବିନା ଭୟରେ ବିଚରଣ କରୁଛନ୍ତି। ଏହା ସହିତ ବନ୍ୟଜନ୍ତୁଙ୍କ ଗତିବିଧି ମଧ୍ୟ ଅନୁଧ୍ୟାନ କରାଯାଇ ପାରୁଛି। ପ୍ରଦତ୍ତ ରିପୋର୍ଟ ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟରୁ ଗତ ଏକ ବର୍ଷ ମଧ୍ୟରେ ୨୧ଜଣ ଶିକାରୀ ଏଆଇ କ୍ୟାମେରା ସହାୟତାରେ ଧରା ପଡ଼ିଛନ୍ତି; ଯାହାକୁ ନେଇ ବନ ବିଭାଗ ପକ୍ଷରୁ ୭ଟି ମାମଲା ମଧ୍ୟ ରୁଜୁ କରାଯାଇଛି। ଅଭୟାରଣ୍ୟରେ ବାରମ୍ବାର ଶିକାର ସହ ବନ ବିଭାଗ କର୍ମଚାରୀମାନେ ଶିକାରୀ ଗୁଳିରେ ସହିଦ ହୋଇଥିଲେ। ଫଳରେ ଏହାକୁ ରୋକିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ କରି ଏଆଇ କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ୟାମେରା ଆଜି ଶିମିଳିପାଳ ସୁରକ୍ଷା ପାଇଁ ଏକ ବରଦାନ ସଦୃଶ୍ୟ ହୋଇଛି। ନୂତନ କରି ଆରମ୍ଭ ହୋଇଥିବା ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟୱର୍କ (ଏସଡବ୍ଲୁଆଇଏନ) ପରି ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ଶିକାରୀଙ୍କୁ ଧରିବାକୁ ବନ ବିଭାଗ ପ୍ରୟାସ ସଫଳ ହୋଇଛି। ସୁରକ୍ଷା ନିମନ୍ତେ ଶିମିଳିପାଳ ଆଭ୍ୟନ୍ତରଣ କୋର ଅଞ୍ଚଳରେ ୧୦୦୦ରୁ ଊର୍ଦ୍ଧ୍ୱ କ୍ୟାମେରା ଖଞ୍ଜାଯାଇଛି। ସେଥିମଧ୍ୟରୁ ଅତ୍ୟାଧୁନିକ ଟ୍ରାପ ଏଆଇ କ୍ୟାମେରା ୧୦୦ଟି ଲାଗିଥିବା ବେଳେ ଆଗକୁ ଆହୁରି ୫୦ଟି ଲାଗିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ପୂର୍ବର ସାଧାରଣ କ୍ୟାମେରାର ଚିତ୍ରକୁ ଉକ୍ତ ସ୍ଥାନକୁ ଯାଇ ଡାଉନଲୋଡ କରି ଆଣିବା ପରେ ତାହା ଯାଞ୍ଚ କରି ଶିକାରୀ ଧରାଯାଉଥିଲା। ଫଳରେ ମାସ ମାସ ଧରି ସମୟ ଲାଗୁଥିଲା। କିନ୍ତୁ ଉକ୍ତ ଏଆଇ କ୍ୟାମେରା ଜରିଆରେ କ୍ଷଣକ ମଧ୍ୟରେ ଫୋଟ ଚିତ୍ର ବନ ବିଭାଗ କାର୍ଯ୍ୟାଳୟକୁ ଆସି ପହଞ୍ଚି ଯାଉଛି। ଏପରିକି କ୍ୟାମେରାରେ ଶିକାରୀଙ୍କ କଏଦ ଫୋଟକୁ ଆୟୁଧ କରି ବନ ବିଭାଗ ଟିମ ଶିକାରୀଙ୍କୁ ଠାବ କରିବା ସହ ମାରାଣାସ୍ତ୍ର ମଧ୍ୟ ଜବତ କରିପାରୁଛନ୍ତି। ଭୟରେ ବହୁ ଶିକାରୀ ବନ୍ଧୁକ ଧରି ଅଭୟାରଣ୍ୟ ମଧ୍ୟକୁ ପଶିବାକୁ ଭୟଭୀତ ହୋଇ ଆତ୍ମସମର୍ପଣ ମଧ୍ୟ କଲେଣି। ଏହା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ଏକ ସଫଳତା।

# ଏନଡିଆର୍‌ଏଫ୍‌ର ଫାମେକ୍ସ କର୍ମଶାଳା ଉଦ୍‌ଯାପିତ



**ବଡ଼ସାହି, ୭।୧୨(ସମିସ):** ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ପ୍ରଶାସନ ଓ କଟକ ଏନଡିଆର୍‌ଏଫ ଆନୁକୂଲ୍ୟରେ ଚାଲିଥିବା ବିପର୍ଯ୍ୟୟ ପରିଚାଳନା କର୍ମଶାଳା (ଫାମେକ୍ସ) ଉଦଯାପିତ ହୋଇଯାଇଛି। ଫୋର୍ଡର ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ପ୍ରଧାନ ଶିକ୍ଷକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଏନଡିଆର୍‌ଏଫର କମାଣ୍ଡର ବାହାଦୂର ସିଂ, ସ୍ୱତନ୍ତ୍ର ଅତିଥିରୂପେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଜଗବନ୍ଧୁ ମହାନ୍ତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା, ସମ୍ମାନିତ ଅତିଥି ଶାଳଗାଁ ସରପଞ୍ଚ- କାର୍ତ୍ତିକ ଚନ୍ଦ୍ର ସିଂ, ସମାଜସେବୀ ପ୍ରଫୁଲ୍ଲ କୁମାର ମହାଳିକ, ବନ୍ୟା ଆଶ୍ରୟସ୍ଥଳୀ କମିଟିର ସମ୍ପାଦକ କାଳିଚରଣ ସିଂ ଯୋଗଦେଇ ପରିବେଶର ସନ୍ତୁଳନ ପାଇଁ ବର୍ଜ୍ୟବସ୍ତୁକୁ ବିନିଯୋଗ କରିବା ସହିତ ପରିବାରର ବିଭିନ୍ନ କାର୍ଯ୍ୟକ୍ରମରେ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଏନଡିଆରଏଫର ସଦସ୍ୟମାନେ ଆଶୁ ଚିକିତ୍ସା, ବନ୍ୟା, ବାତ୍ୟା, ଭୂମିକମ୍ପ, ସର୍ପାଘାତ, ଅଗ୍ନି, ଘଡ଼ଘଡି ଆଦି ବିଷୟରେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ବେତନଟୀ ବ୍ଲକରେ ଗତ ୨୫ ତାରିଖରେ ଆରମ୍ଭ କରାଯାଇ ୭ ଡିସେମ୍ବରରେ ବଡସାହି ବ୍ଲକରେ ଉଦ୍‌ଯାପିତ ହୋଇଛି। ଶେଷରେ ସଂକଳ୍ପ ସ୍ୱେଚ୍ଛାସେବୀ ଅନଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

# ବାଳକରେ ମୟୂରଭଞ୍ଜ ଓ ବାଳିକାରେ କଟକ ଚାମ୍ପିଅନ

**ବାରିପଦା, ୭।୧୨(ସମିସ):** ରାଜ୍ୟ ବିଦ୍ୟାଳୟ କ୍ରୀଡା ସଂଗଠନ ଓ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଗତ୨ ତାରିଖରୁ ଚାଲିଥିବା ୧୭ ବର୍ଷରୁ କମ ଉଭୟ ବାଳକ/ବାଳିକା ବର୍ଗର ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ ବାଳକ ବିଭାଗରେ ମୟୂରଭଞ୍ଜ ଦଳ ଓ ବାଳିକା ଦଳରେ କଟକ ଦଳ ଚାମ୍ପିଅନ ହୋଇଥିବା ବେଳେ ଗଜପତି ଓ ଭୁବନେଶ୍ୱର ଦଳ ରନର୍ସ ଅପ୍ ହୋଇଛି। ମୟୂରଭଞ୍ଜ ବାଳକ ଦଳ ଗଜପତି ଦଳକୁ ୧୩ ରନରେ ପରାସ୍ତ କରି ଚାମ୍ପିଅନ ହୋଇଛି। ମୟୂରଭଞ୍ଜ ଦଳ ୧୫ ଓଭରରେ ୪ ଉଇକେଟ ହରାଇ ୧୧୩ ରନ କରିଥିବା ବେଳେ ଗଜପତି ୬ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିପାରିଥିଲେ। ସେହିପରି କଟକ ବାଳିକା ଦଳ ଭୁବନେଶ୍ୱରକୁ ୫ ଉଇକେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଭୁବନେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ଉଇକେଟ ହରାଇ ୪୭ ରନ କରିଥିବାବେଳେ କଟକ ୧୦ ଓଭରରେ ୫ ଉଇକେଟ ହରାଇ ୪୮ ରନ କରି ବିଜୟୀ ହୋଇଛି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସହ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତିପ୍ରସାଦ ପରିଡ଼ାଙ୍କ ମାର୍ଗଦର୍ଶନ ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଓ କ୍ରୀଡା ପ୍ରଶିକ୍ଷକ ଡ଼ ପ୍ରଦୀପ କୁମାର ଦୋରା ପ୍ରମୁଖ ଯୋଗଦେଇ ପୁରସ୍କାର ଓ ଟ୍ରଫି ବିତରଣ କରିଥିଲେ। ପ୍ରଧାନଶିକ୍ଷକ ସୋମନାଥ ସିଂହ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଗୌତମ ଦାସ ଓ ଦୀପକ ରାମ ଧାରବିବରଣୀ ଦେଇଥିଲେ।




# ଭେଙ୍କଟେଶ୍ୱର ବିଦ୍ୟାଳୟର ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ



**ବାରିପଦା, ୭।୧୨(ସମିସ):** ଅମ୍ବିକା ମନ୍ଦିର ନିକଟ ଭେଙ୍କଟେଶ୍ୱର ବିଦ୍ୟାଳୟର ଆଥଲେଟିକ ମିଟ ଷ୍ଟାଡିୟମରେ ଉଦଯାପିତ ହେଇଯାଇଛି। ଉଦଯାପନୀ ଉତ୍ସବରେ ବିଭିନ୍ନ ଶ୍ରେଣୀର ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ମାର୍ଚ୍ଚ ଫାଷ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଖେଳ ସମାପ୍ତ ହୋଇଥିଲା। ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱରୂପ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜ ଆଥଲେଟିକ ଆସସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଯୋଗଦେଇ ଜୀବନରେ କ୍ରୀଡାର ଭୂମିକା ଏବଂ ଜୀବନରେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ପରିଚାଳନା ସଦସ୍ୟ ସୌମେନକାନ୍ତି ମହାନ୍ତି, ବିଦ୍ୟାଳୟ କୋର୍ଡିନେଟର ଶାନ୍ତନୁ ସିଂହ ଖେଳ ତଦାରଖ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟ ପରିଚାଳନା ସଦସ୍ୟ ଅମିତ କୁମାର ବେହେରା, ଦୀପାୟନ ସେନ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବାଲି ବୋଝେଇ ୨ଟି ଟ୍ରାକ୍ଟର ଜବତ

**ବାରିପଦା, ୭।୧୨(ସମିସ):** ବାରିପଦା ଟାଉନ ଥାନା ପୁଲିସ ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ଜଣେ ଚାଳକଙ୍କୁ ଗିରଫ କରିଛି। ତେବେ ଅନ୍ୟ ଜଣେ ଚାଳକ ଫେରାର ହୋଇଯାଇଛି। ଗିରଫ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ଶିବ ସିଂ (୩୦)। ପୁଲିସ ପକ୍ଷରୁ ବଡ଼ବଜାର ଓ ନୁରୁଡ଼ିହି ଅଞ୍ଚଳରେ ପାଟ୍ରୋଲିଂ ସମୟରେ ଏକ ଟ୍ରାକ୍ଟର ଦ୍ରୁତଗତିରେ ଯାଉଥିବା ଦେଖି ପୁଲିସ ଅଟକାଇ ପଚରା ଉଚରା କରିଥିଲା। ଜଣେ ଚାଳକ ଟ୍ରାକ୍ଟର ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ବେଆଇନ ବାଲି ଚାଲାଣ କରୁଥିବା ଜାଣିବା ପରେ ଟ୍ରାକ୍ଟର ୨ଟିକୁ ଜବତ କରିଛି ପୁଲିସ।

# ଆଡିବନ୍ଧ ନିର୍ମାଣ ଓ ମା' ହିଙ୍ଗୁଳା ପୀଠକୁ ପର୍ଯ୍ୟଟନସ୍ଥଳର ମାନ୍ୟତା କେବେ

**ବଡସାହି, ୭।୧୨(ସମିସ):** ବିଧାୟକ ସନାତନ ବିଜୁଳି ତାଙ୍କର ଅଣତାରକା ପ୍ରଶ୍ନ ସଂଖ୍ୟା ୬୬୧ ଅନୁସାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବଡସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡସାହି ବ୍ଲକର ଛେଳିଆ-କ ପଞ୍ଚାୟତରେ ତଳ ମାଙ୍କଡକେନ୍ଦାଠାରୁ ବେଢ଼ାପାଳ ପର୍ଯ୍ୟନ୍ତ ଗଙ୍ଗାହାର ନଦୀ କଡରେ ଆଡିବନ୍ଧ ନିର୍ମାଣ କରିବା ନେଇ କୌଣସି ଯୋଜନା ଅଛି କି ବୋଲି ପ୍ରଶ୍ନ କରିଛନ୍ତି। ଏହି ଆଡିବନ୍ଧ ନିର୍ମାଣ ହେଲେ ହଜାର ହଜାର ଚାଷୀ ଉପକୃତ ହେବା ସହିତ ବନ୍ୟା ଦାଉରୁ ଲୋକେ ରକ୍ଷା ପାଇବେ। ତେଣୁ କେବେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବଡସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛେଳିଆ (କ)ପଞ୍ଚାୟତରେ ତଳ ମାଙ୍କଡକେନ୍ଦାଠାରୁ ବେଢ଼ାପାଳ ପର୍ଯ୍ୟନ୍ତ ଗଙ୍ଗାହାର ନଦୀ କଡରେ ଆଡିବନ୍ଧ ନିର୍ମାଣ ନିମନ୍ତେ ବର୍ତ୍ତମାନ କୌଣସି ଯୋଜନା ନାହିଁ; କିନ୍ତୁ ଗ୍ରାମବାସୀଙ୍କ ଦରଖାସ୍ତ ଓ ବିଧାୟକଙ୍କ ସୁପାରି ଗତ ଅକ୍ଟୋବର ମାସରେ ପ୍ରାପ୍ତ ହେଲାପରେ ବିଭାଗ ଦ୍ୱାରା ଆଡିବନ୍ଧ ନିର୍ମାଣର ପ୍ରାରମ୍ଭିକ ତଦନ୍ତ କରାଯାଇଛି। ପ୍ରସ୍ତାବିତ ଏରିୟା ମଧ୍ୟରେ କିଛି ବ୍ୟକ୍ତିଗତ ଜାଗା ଥିବାରୁ ଗ୍ରାମସଭା କରି ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ବିନା ମୂଲ୍ୟରେ ଜାଗାବାଡି ହସ୍ତାନ୍ତର ନିମନ୍ତେ ଲିଖିତ ସ୍ୱୀକାରୋକ୍ତି ନିମନ୍ତେ ଗ୍ରାମବାସୀଙ୍କୁ ନିବେଦନ କରାଯାଇଛି। ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସର୍ଭେ କରି ଆଡିବନ୍ଧ ନିର୍ମାଣର ଅଟକଳ ପ୍ରସ୍ତୁତ କରାଯିବ ଏବଂ ବୈଷୟିକ ପରାମର୍ଶଦାତା କମିଟିର ଅନୁମୋଦନ ନିଆଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଶ୍ରୀ ବିଜୁଳି ବଡସାହି ନିର୍ବାଚନ ମଣ୍ଡଳୀର ମା' ହିଙ୍ଗୁଳା ମନ୍ଦିରରେ ଉତ୍ତର ଓଡ଼ିଶାର ସର୍ବବୃହତ ମେଳା। ପ୍ରତିବର୍ଷ ମେଳାରେ ୧୦ରୁ ୧୨ ଲକ୍ଷ ଲୋକ ସମାବେଶ ହୁଏ। ଯେହେତୁ ହିଙ୍ଗୁଳା ମନ୍ଦିର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇନାହିଁ। ତେଣୁ ମନ୍ଦିରର ଉନ୍ନତି ପାଇଁ ସରକାରୀ ସହାୟତା ମିଳିପାରୁନାହିଁ, କେବେ ସୁଦ୍ଧା ହିଙ୍ଗୁଳା ମନ୍ଦିର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବ ସେ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ପ୍ରଶ୍ନ କରିଛନ୍ତି। ଉତ୍ତରରେ ଶ୍ରୀମତୀ ପରିଡ଼ା ବଡସାହି ନିର୍ବାଚନ ମଣ୍ଡଳୀର ମା' ହିଙ୍ଗୁଳା ମନ୍ଦିରକୁ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିବା ପାଇଁ ପ୍ରଚଳିତ ପରିବର୍ତ୍ତିତ ନିୟମାବଳୀ ସଂଖ୍ୟା ୭୦୧୦ /ପର୍ଯ୍ୟଟନ ତା୧୭.୦୭.୨୦୧୭ ରିଖ ଅନୁଯାୟୀ ଜିଲ୍ଲାସ୍ତରୀୟ କମିଟିର ସୁପାରିସ ଆବଶ୍ୟକ। ଏ ସମ୍ପର୍କରେ ଜିଲ୍ଲାସ୍ତରୀୟ କମିଟିର ବିଧିବଦ୍ଧ ପ୍ରସ୍ତାବ ହସ୍ତଗତ ହେବା ପରେ ସରକାର ବିଚାର କରି ଦେଖିବେ ବୋଲି କହିଛନ୍ତି।

# ମିନିଟ୍ରକ୍ ଧକ୍କାରେ ପଥଚାରୀ ମୃତ

**ବେତନଟୀ, ୭।୧୨(ସମିସ):** ଜାତୀୟ ରାଜପଥ ନିକଟ ବୁଢିଖମାରୀ ଛକରେ ଜଣେ ପଥଚାରୀଙ୍କ ଉପରେ ଟ୍ରକ ମାଡିଯିବାରୁ କଟକ ବଡ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ପାଣ୍ଡି ଅଧୀନ ବୁଢିଖମାରୀ ପଞ୍ଚାୟତ ଆହାରୀ ଗ୍ରାମର ସୁଦର୍ଶନ କାଳନ୍ଦୀଙ୍କ ପୁଅ ବନମାଳୀ କାଳନ୍ଦୀ(୨୦)। ସେ ଜାତୀୟ ରାଜପଥରେ ଚାଲିଚାଲି ଯାଉଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଏକ ମିନିଟ୍ରକ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାରିପଦା ଏବଂ ପରେ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା; ହେଲେ ଶନିବାର ତାଙ୍କର ମୃତ୍ୟୁ ଘଟିଛି।

## ଭେଣ୍ଡିଂ ଜୋନ୍ ଏବେ ହାଣ୍ଡିଆ ହାଟରେ ପରିଣତ

# କଳଙ୍କି ଖାଇ ନଷ୍ଟ ହେଲାଣି କ୍ୟାବିନ

**କରଞ୍ଜିଆ, ୭।୧୨(ସମିସ)**



କରଞ୍ଜିଆ ପୌରପରିଷଦରେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ ଏବେ ପ୍ରହସନ ପାଲଟିଛି। ଉକ୍ତ ସ୍ଥାନ ଭେଣ୍ଡିଂଜୋନ ପରିବର୍ତ୍ତେ ହାଣ୍ଡିଆ ହାଟରେ ପରିଣତ ହୋଇଛି। ସହରର ମୁଖ୍ୟରାସ୍ତାର ଦୁଇ କଡରେ କିଛି ବ୍ୟବସାୟୀ ଉଠା ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ; ହେଲେ ରାସ୍ତା ଜାମ ହେବାରୁ ସେମାନଙ୍କୁ ନୋଟିସ ଦିଆଯାଇ ଉଚ୍ଛେଦ କରାଯାଇଥିଲା। ହେଲେ ଦୋକାନୀମାନେ ଉଚ୍ଛେଦକୁ ବିରୋଧ କରିବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଥଇଥାନ ନିମନ୍ତେ ୨୦୧୯ ମସିହାରେ ପୌର କାର୍ଯ୍ୟାଳୟ ନିକଟରେ ଭେଣ୍ଡିଂ ଜୋନ ନିର୍ମାଣ କରିବାକୁ ତତ୍କାଳୀନ ବିଧାୟିକା ବାସନ୍ତୀ ହେମ୍ବ୍ରମ ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସର ଏକମାସ ପରେ ଭେଣ୍ଡିଂ ଜୋନ ନିର୍ମାଣ ଶେଷ କରି ହିତାଧିକାରୀଙ୍କୁ ହସ୍ତାନ୍ତର କରିବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା; କିନ୍ତୁ ଏଯାଏ ଦୋକାନୀଙ୍କୁ ବଣ୍ଟନ ନ ହୋଇ ପଡ଼ିରହିଛି। ଭେଣ୍ଡିଂ ଜୋନ ନିର୍ମାଣ ହେବାର ଇତିମଧ୍ୟରେ ୫ ବର୍ଷ ପୂରିଯାଇଥିଲେ ମଧ୍ୟ କାମରେ ନ ଲାଗି ଏବେ ଖତ ଖାଇଲାଣି। ନୂଆ କାଉନସିଲ ଗଠନ ହେବା ପରେ କ୍ୟାବିନଗୁଡିକୁ ସ୍ଥାନାନ୍ତର କରି ନୂଆ ବସଷ୍ଟାଣ୍ଡରେ ରଖାଗଲା ଏବଂ କିଛି ଦୋକାନୀଙ୍କୁ ଥଇଥାନ ନିମନ୍ତେ ଆବଣ୍ଟନ ହେଲା; କିନ୍ତୁ କ୍ୟାବିନଗୁଡିକ କଳଙ୍କି ଖାଇ ନଷ୍ଟ ହୋଇଯାଇଥିବାରୁ କେହି ଦୋକାନୀ ନେବାକୁ ରାଜିହେଲେ ନାହିଁ। ଫଳରେ ଏବେ ସେଠରେ ଉଠା ଦୋକାନୀମାନେ ମାଛ ଓ ହାଣ୍ଡିଆ ବିକ୍ରି କରୁଛନ୍ତି। ତେଣୁ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ କାହାସ୍ୱାର୍ଥରେ ଲାଗିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଚ୍ଛେଦ ପୂର୍ବରୁ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ ବଣ୍ଟନ କରିବା ସହିତ ବାଦ ପଡୁଥିବା ଦୋକାନୀଙ୍କ ନିମନ୍ତେ ଭେଣ୍ଡିଂ ଜୋନ ପୁଣି ନିର୍ମାଣ କରି ଥଇଥାନ କରିବାକୁ ଦାବି ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଲାଣି।


## ସମକାଳୀନ ଶିକ୍ଷା ବ୍ୟବସ୍ଥାରେ

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଗ୍ରଣୀ ଭୂମିକା

କଟକ ସହର ଉପକଣ୍ଠ ବିଦ୍ୟାଧରପୁରଠାରେ ଅବସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୨୦୦୯ ମସିହାରେ ପ୍ରତିଷ୍ଠାଲାଭ କରିବା ପରଠାରୁ ରାଜ୍ୟ ତଥା ରାଜ୍ୟ ବାହାରର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆଦୃତ ହୋଇପାରିଛି । ଏକ ଶାନ୍ତ, କମନୀୟ ତଥା ବିସ୍ତୀର୍ଣ୍ଣ ଅଞ୍ଚଳରେ ପରିବ୍ୟାପ୍ତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସବୁ ଋତୁକୁ ସୁହାଇବା ଭଳି ପରିସର ଓ ଶ୍ରେଣୀଗୃହ ସୁବିଧା ରହିଛି ।

ଏଠାରେ କୃଷି ଓ ଉଦ୍ୟାନକୃଷି, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ (ଆର୍କିଟେକଚର), କଳା, ଯୋଗାଯୋଗ ଓ ଭାରତୀୟ ଅଧ୍ୟୟନ; ମନସ୍ତତ୍ତ୍ୱ (ସାଇକୋଲୋଜି), ଯାନ୍ତ୍ରିକ ଓ ବୈଷୟିକ ଶିକ୍ଷା (ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି), ସ୍ୱାସ୍ଥ୍ୟ ଓ ସୁସ୍ଥତା, ପରିଚାଳନା (ମ୍ୟାନେଜମେଣ୍ଟ) ଏବଂ ବିଜ୍ଞାନ ଭଳି ପାଠ୍ୟକ୍ରମ ଉପଲବ୍ଧ ରହିଛି । ଏଥିସହ ବିଶ୍ୱବିଦ୍ୟାଳୟରେ ରହିଛି ଉଚ୍ଚମ ମାନର ଅନୁସନ୍ଧାନ ଓ ବିକାଶ ବିଭାଗ ।'ଶ୍ରୀ ଶ୍ରୀ ନୂତନ ଧାରଣା ଏବଂ ଉଦ୍ଭାବନ ବିଭାଗ' ନାମରେ ଏହା ଆକାଂକ୍ଷୀ ବିଦ୍ୟାର୍ଥୀମାନଙ୍କୁ ଉନ୍ନତ ମାନର ଗବେଷଣା ନିମନ୍ତେ ଆବଶ୍ୟକ ସମସ୍ତ ପ୍ରକାର ସୁବିଧା ଯୋଗାଇ ଆସୁଛି । ମୁକ୍ତ ଏବଂ ଦୂରନ୍ତର ଶିକ୍ଷା (ଓପନ୍ ଆଣ୍ଡ ଡିଷ୍ଟାନ୍ସ ଲର୍ଣ୍ଣିଂ) ବ୍ୟବସ୍ଥା ସାଙ୍ଗକୁ ଅଧ୍ୟାପିକା ବିକାଶ କାର୍ଯ୍ୟକ୍ରମ (ଏଫଡିପି) ଏବଂ ପରିଚାଳନା ବିକାଶ କାର୍ଯ୍ୟକ୍ରମ (ଏମଡିପି) ମଧ୍ୟ ଉପଲବ୍ଧ ରହିଛି ।

ଏତଦ୍ ବ୍ୟତୀତ ଏଠାରେ ଆୟୁର୍ବେଦ ବିଷୟରେ 'ଆୟୁର୍ବେଦ ଚିକିତ୍ସା ଏବଂ ସର୍ଜରୀର ସ୍ନାତକ' (ବିଏଏମଏସ) ପାଠ୍ୟକ୍ରମ ଶିକ୍ଷାଦାନ କରାଯାଉଛି । ବିଶ୍ୱବିଦ୍ୟାଳୟ ପରିସରରେ ଏକ ଚିକିତ୍ସାଳୟ ମଧ୍ୟ ରହିଛି, ଯେଉଁଠାରେ ପ୍ରାଚ୍ୟ ଭୂଖଣ୍ଡର ସର୍ବଶ୍ରେଷ୍ଠ ଆୟୁର୍ବେଦ ଏବଂ ଅଷ୍ଟିଓପ୍ୟାଥି ଚିକିତ୍ସା ଉପଲବ୍ଧ ଅଛି । ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରଦର୍ଶନ କଳାରେ ସ୍ନାତକ (ବିପିଏ) ପାଠ୍ୟକ୍ରମ ଉପଲବ୍ଧ ରହିଛି ।ବିଦ୍ୟାର୍ଥୀମାନେ ଏହି ପାଠ୍ୟକ୍ରମ ଅନ୍ତର୍ଗତ ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଆଦି ଶିକ୍ଷାଲାଭ କରି ପାରୁଛନ୍ତି । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ୟମାନଙ୍କଠାରୁ ଅଗ୍ରଣୀ ବୋଲି କେବଳ କଥାରେ ବିଶ୍ୱାସ କରେନାହିଁ,ବସ୍ତୁତଃ ଏଠାରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ସଫଳତା ହିଁ ସେକଥାକୁ ବ୍ୟାଖ୍ୟା କରିଥାଏ । ଏଠାରେ ଅଧ୍ୟୟନ କରିବା ସମୟରୁ ହିଁ 'ପରିସର ମନୋନୟନ' ଜରିଆରେ ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଯଥା- ଆକ୍ସିସ୍ ବ୍ୟାଙ୍କ, ଡାବର, ଭେରାଇଟି, ଫୋନ୍-ପେ, ବର୍ଜର ପେଣ୍ଟ, ପଲିସୀ ବାଜାର, ଫ୍ଲିପ୍ କାର୍ଟ,କେପିଏମଜି, ଡେଲଏଟ୍, ପିଡିଲାଇଟ୍, ବ୍ୟାଙ୍କ ଅଫ୍ ଆମେରିକା ଏବଂ ଆହୁରି ଅନେକ ପ୍ରମୁଖ କମ୍ପାନୀ ଉଚ୍ଚ ବେତନରେ ନିଯୁକ୍ତି ସୁଯୋଗ ପ୍ରଦାନ କରିଛନ୍ତି, ଯାହା ବିଶ୍ୱବିଦ୍ୟାଳୟର ମାନକୁ ବହୁଗୁଣିତ କରିଛି ।

ଯଥାର୍ଥରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାଲାଭ କରିବା ପରଠାରୁ ଆଜିପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସାଙ୍ଗକୁ ସେମାନଙ୍କ ଭବିଷ୍ୟତ ଜୀବନକୁ ସୁସଂଗଠିତ କରି ଗଢ଼ି ତୋଳିବାରେ ଆଦୌ ହେଳା କରିନାହିଁ । ସେଇଥିପାଇଁ ତ' ଦିନ ବିତିବା ସାଙ୍ଗକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସୁଗନ୍ଧ ରାଜ୍ୟ ଓ ଦେଶର ସୀମା ଡେଇଁ ବିଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇପାରିଛି ।

ଶ୍ରୀ ଶ୍ରୀ ବିଶ୍ୱବିଦାଳୟ ସମ୍ପର୍କରେ ଅଧିକ ଜାଣିବା ପାଇଁ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ ।

ଫୋନ୍- ୭୮୯୪୪୨୪୫୬୨

ADVT

# ଅଟୋରିକ୍ସାର ଗାଁ ରାଇସୁଆଁ

**କେନ୍ଦୁଝର,୭।୧୨(ସମିସ):** ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ରାଜତନ୍ତ୍ର ବିରୋଧରେ କେନ୍ଦୁଝରରେ ଗଢ଼ି ଉଠିଥିବା ପ୍ରଜାମେଳିକୁ ବାଦ୍ ଦେଇ ଓଡ଼ିଶା ଇତିହାସ ରଚନା ଅସଂପୂର୍ଣ୍ଣ। କେନ୍ଦୁଝରର ତତ୍କାଳୀନ ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ ବିପ୍ଳବୀ ଧରଣୀଧରଙ୍କ ନେତୃତ୍ୱରେ ଯେଉଁ ପ୍ରଜାମେଳି ଗଢ଼ି ଉଠିଥିଲା, ତା'ର ନିଅଁ ପଡ଼ିଥିଲା ବର୍ତ୍ତମାନର ସଦର ବ୍ଲକ୍ ଅନ୍ତର୍ଗତ ରାଇସୁଆଁ ଗାଁରୁ। ଏବେ ଏହି ଐତିହାସିକ ଗାଁ ଏକ ଭିନ୍ନ କାରଣରୁ ଚର୍ଚ୍ଚାକୁ ଆସିଛି। ସେତେବେଳର ବିପ୍ଳବୀଙ୍କ ସେହି ଗାଁ ଏବେ ଅଟୋରିକ୍ସାର ଗାଁ ଭାବେ ନୂଆ ଖ୍ୟାତି ପାଇଛି। ଗାଁ ଏ ମୁଣ୍ଡରୁ ସେମୁଣ୍ଡ ଯାଏ ପ୍ରାୟ ସମସ୍ତଙ୍କ ଘର ଆଗରେ ଧାଡ଼ିକି ଧାଡ଼ି ଅଟୋରିକ୍ସା। ଗାଁରେ ରହିଛି ୫ଶହରୁ ଅଧିକ ଅଟୋରିକ୍ସା। ସମ୍ଭବତଃ ଏତେ ଅଟୋ ଥିବା ଗାଁ ଓଡ଼ିଶାରେ ଆଉ କେଉଁଠାରେ ଦେଖିବାକୁ ମିଳିନପାରେ। ଆଉ, ଏହି ଅଟୋ ହିଁ ସେମାନଙ୍କୁ ଦେଇଛି ରୋଜଗାର; କରିଛି ସ୍ୱାବଲମ୍ବୀ।

କେନ୍ଦୁଝର ଜିଲ୍ଲାର ଖଣି ସହର ଯୋଡ଼ା, ବଡ଼ବିଲ ବଲାଣି ପ୍ରଭୃତି ଅଞ୍ଚଳରେ ଅନେକ ବର୍ଷ ପୂର୍ବରୁ କେବଳ ପେଟ୍ରୋଲ ଚଳିତ ଅଟୋ ଚାଲୁଥିଲା। ସେତେବେଳେ ଅନ୍ୟ ସ୍ଥାନରେ କାଁ ଭାଁ ଅଟୋ ଚାଲୁଥିବା ଦେଖିବାକୁ ମିଳୁଥିଲା। ଏବେ ଜିଲ୍ଲାର ସବୁ ଅଞ୍ଚଳରେ ଅଟୋରେ ଆଦର ଓ ଆବଶ୍ୟକତା ବଢ଼ିଛି। କିନ୍ତୁ ରାଇସୁଆଁ ଭଳି ଗାଁରେ ଅଟୋରିକ୍ସା ସଂଖ୍ୟା ସହରଠାରୁ ମଧ୍ୟ ଟପିଯାଇଛି।

ରାଇସୁଆଁ ଗାଁ ଓ ଛକ ସେ ଅଞ୍ଚଳର ୬/୭ ପଞ୍ଚାୟତର ସଂଯୋଗସ୍ଥଳୀ। ତେଣୁ କିଛି ବର୍ଷ ପୂର୍ବରୁ ରାଇସୁଆଁ ଅଞ୍ଚଳରୁ ଲୋକେ ଯିବା ଆସିବା କରିବାରେ ଅସୁବିଧା ଭୋଗୁଥିଲେ। ଲୋକଙ୍କୁ ସଦର ମହାକୁମାକୁ ଯିବା ଆସିବା କରିବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ୁଥିଲା। ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ବସ୍‌ଗୁଡ଼ିକ ଏଠାରୁ ଯାତ୍ରୀମାନଙ୍କୁ ନେବାକୁ ଅମଙ୍ଗ ହେଉଥିଲେ। କାରଣ ରାଇସୁଆଁଠାରୁ କେନ୍ଦୁଝର ସହର ଅଳ୍ପ ବାଟ ଓ କମ ପଇସା ଭଡ଼ା ମିଳିବ। ଫଳରେ ଡାକ୍ତରଖାନା, ହାଟ ବଜାର, ପାଠ ପଢ଼ା, ଅନ୍ୟାନ୍ୟ କାର୍ଯ୍ୟ ପାଇଁ କେନ୍ଦୁଝର ମୁଖ୍ୟାଳୟ ଯିବାକୁ ଲୋକେ ଅସୁବିଧା ଭୋଗୁଥିଲେ।



ତେବେ ଏହି ଅସୁବିଧାକୁ ଦୂର କରିବାରେ ଆଗେଇ ଆସିଥିଲେ ଗାଁର କିଛି ବେକାର ଯୁବକ। ବ୍ୟାଙ୍କ ଋଣ ସହାୟତାରେ ଗୋଟିଏ ପରେ ଗୋଟିଏ ଅଟୋ କିଛି ଗାଁ ଛକରେ ଛିଡ଼ା କଲେ। ଫଳରେ ଆଜି ୫ଶହରୁ ଅଧିକ ଅଟୋ ଏହି ଗାଁରେ। ଗାଁରେ ଏତେଗୁଡ଼ିଏ ଅଟୋ ହେବା ଫଳରେ ଆଉ କେହି ହଇରାଣ ହେଉନାହାନ୍ତି। ସବୁବେଳେ ଅଟୋ ମିଳୁଛି। କେବଳ ସେତିକି ନୁହେଁ; ରାଇସୁଆଁ, ମହାଦେଇଜୋଡା, କୁଶୁମିତା, ବରଦାପାଳ, ନୂଆଗାଁ, ବାଉରୀପଦା, ମୁକୁନା, ସାହାଡ଼ାପୁର, ମନୋହରପୁର ପ୍ରଭୃତି ଆଭ୍ୟନ୍ତରୀଣ ଗ୍ରାମଗୁଡ଼ିକୁ ଯିବା ଆସିବା ନିମନ୍ତେ ଆଗରୁ ବିଶେଷ ଗାଡ଼ିମୋଟର ନଥିଲା। କିନ୍ତୁ ଅଟୋରିକ୍ସାଗୁଡ଼ିକ ଏହି ଆବଶ୍ୟକତା ପୂର୍ଣ୍ଣ କରିବାରେ ସଫଳ ହୋଇଛନ୍ତି। ଏବେ ଗମନାଗମନରେ କୌଣସି ଅସୁବିଧା ନାହିଁ।

ବଡ଼ କଥା ହେଲା, ଅଟୋ ଏବେ ଗାଁ ଲୋକଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିଛି। ବେକାର ଯୁବକମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଗାଁର ହଜାରରୁ ଊର୍ଦ୍ଧ୍ୱ ଯୁବକ ଏଥିଯୋଗୁଁ କର୍ମନିଯୁକ୍ତି ପାଇ ପରିବାର ପ୍ରତିପୋଷଣ କରୁଛନ୍ତି। ଅଟୋରିକ୍ସା ମାଲିକ ଓ ଚାଳକମାନଙ୍କ ନିମନ୍ତେ ସେଭଳି ସରକାରୀ ପ୍ରୋତ୍ସାହନ ନାହିଁ। ରାଇସୁଆଁ ଗାଁ ମୁଖ୍ୟମନ୍ତ୍ରୀଙ୍କର ନିର୍ବାଚନ ମଣ୍ଡଳୀରେ ରହିଛି। କିନ୍ତୁ ଅଟୋରିକ୍ସା ରହଣୀ ପାଇଁ ଷ୍ଟପ୍‌ଟିଏ ନାହିଁ। ସେମାନଙ୍କ ନିମନ୍ତେ ଅନ୍ୟାନ୍ୟ ବ୍ୟବସ୍ଥା ନାହିଁ। ତେଣୁ ଅଟୋଚାଳକମାନେ ବାଧ୍ୟ ହୋଇ ରାସ୍ତା କଡ଼ରେ ଅଟୋ ରଖୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସହଯୋଗର ହାତ ବଢ଼ାଇବାକୁ ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

**ଗୋଟିଏ ଗାଁରେ ୫୦୦ରୁ ଅଧିକ ଅଟୋ**

**ହଜାରରେ ଊର୍ଦ୍ଧ୍ୱ ଯୁବକ ହୋଇଛନ୍ତି ସ୍ୱାବଲମ୍ବୀ**

# ଏଣିକି ସାତକୋଶିଆ ଜଗିବ ଏଆଇ କ୍ୟାମେରା

**ଅନୁଗୋଳ,୭।୧୨(ସମିସ):** ଏଣିକି ସାତକୋଶିଆ ଜଙ୍ଗଲ ଜଗିବ ଏଆଇ କ୍ୟାମେରା। ସାତକୋଶିଆ, ଅନୁଗୋଳ ଓ ଢେଙ୍କାନାଳ ବନଖଣ୍ଡରେ ବଢ଼ିବ ସୁରକ୍ଷା ବ୍ୟବସ୍ଥା। ଏଥିପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହା ଦ୍ୱାରା ଜଙ୍ଗଲରେ ହେଉଥିବା ପ୍ରତିଟି ଗତିବିଧି ଉପରେ ଜିଲ୍ଲା ମୁଖ୍ୟାଳୟରେ ଥାଇ ଅଧିକାରୀମାନେ ନଜର ରଖିପାରିବେ। ସାତକୋଶିଆ ତଥା ଏହାକୁ ଲାଗି ରହିଥିବା ଜଙ୍ଗଲରେ ବଢ଼ୁଥିବା ଅପରାଧିକ ଗତିବିଧି ଉପରେ ଏହା ରୋକ୍ ଲଗାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

କାଠ ମାଫିଆ ଓ ଶିକାରୀଙ୍କ କବଳରୁ ସାତକୋଶିଆ ଅଭୟାରଣ୍ୟକୁ ସୁରକ୍ଷା ଦେବାକୁ ବନ ବିଭାଗ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। କ୍ୟାମେରା ଟ୍ରାପଠାରୁ ଆରମ୍ଭ କରି ପାଦଚଲା ପାଟ୍ରୋଲିଂ ଆଦି ବ୍ୟବସ୍ଥା ମାଧ୍ୟମରେ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ବ୍ୟବସ୍ଥା ଥିଲା। କିନ୍ତୁ କ୍ୟାମେରା ଟ୍ରାପ ପ୍ରତି ୩/୪ ମାସରେ ଖୋଲାଯାଉଥିବା ବେଳେ ଏହାକୁ ଗୋଟିଗୋଟି କରି ତନଖି କରିବାକୁ ବହୁତ ସମୟ ଲାଗିଥାଏ। ଆଗାମୀ ଦିନରେ ସାତକୋଶିଆ ବନଖଣ୍ଡରେ ବାଘବଂଶ ବୃଦ୍ଧି କରିବା ଲାଗି ଅନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ ମାଧ୍ୟମରେ ମହାବଳ ବାଘ ଆସିବା ଯୋଜନା ରହିଛି। ଏଣୁ ଏବେ ଅଭୟାରଣ୍ୟ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହା ମାଧ୍ୟମରେ ମୁଖ୍ୟାଳୟରେ ରହି ମଧ୍ୟ ଅଧିକାରୀ ପୂରା ଜଙ୍ଗଲ ଦେଖିପାରିବେ। କେବଳ ଗୋଟିଏ ଦିଗ ନୁହେଁ, ବରଂ ଏହି କ୍ୟାମେରା ୩୬୦ ଡିଗ୍ରୀରେ ନିଜ ଚାରିପାଖ ବୁଲି ଭିଡିଓ ଉତ୍ତୋଳନ କରିପାରିବ। ଶିକାରୀ ପଶିବା ମାତ୍ରେ ସତର୍କ ଘଣ୍ଟି ବା ଆଲାର୍ମ ବାଜିବ। ସାତକୋଶିଆ ବନଖଣ୍ଡରେ ୩ଟି, ମହାନଦୀ ବନଖଣ୍ଡରେ ଗୋଟିଏ, ଅନୁଗୋଳରେ ଗୋଟିଏ ଓ ଢେଙ୍କାନାଳ ବନଖଣ୍ଡରେ ଗୋଟିଏ କ୍ୟାମେରା ଟାୱାର ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି। ଏନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ସାତକୋଶିଆ ଓ ଏହା ସୀମାନ୍ତରେ ଥିବା ଜଙ୍ଗଲରେ ଏଆଇ କ୍ୟାମେରା ସୁରକ୍ଷା ବ୍ୟବସ୍ଥାରେ ସାମିଲ ହେବ ବୋଲି ସାତକୋଶିଆ ବନଖଣ୍ଡ ପକ୍ଷରୁ ସୂଚନା ମିଳିଛି।

**ଶିକାରୀ ପଶିବା ମାତ୍ରେ ବାଜିବ ସତର୍କ ଘଣ୍ଟି**

■ ବଡ଼ପଡ଼ା ସରପଞ୍ଚ ପଦ ପାଇଁ ଉପନିର୍ବାଚନ ନହେବା ପ୍ରସଙ୍ଗ

# ଉପଜିଲ୍ଲାପାଳ ପଦକ୍ଷେପ ନେବେ: ହାଇକୋର୍ଟ

**କଟକ,୭ ।୧୨(ସମିସ):** ସରପଞ୍ଚଙ୍କ ମୃତ୍ୟୁର ବର୍ଷାଧିକ କାଳ ଅତିକ୍ରାନ୍ତ ହେବା ପରେ ବି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ପଡ଼ା ଗ୍ରାମପଞ୍ଚାୟତ ସରପଞ୍ଚ ପଦ ପାଇଁ ଉପନିର୍ବାଚନ କରାନଯିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଖାଲି ପଡ଼ିଥିବା ଏହି ପଦରେ ଉପନିର୍ବାଚନ ପ୍ରସଙ୍ଗ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦେବାଶିଷ ଦାଶ, ପ୍ରଦୀପ କର ଓ ଅନ୍ୟ ୫ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଚାରି ସପ୍ତାହ ଭିତରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୨୨ରେ ବଡ଼ପଡ଼ା ସରପଞ୍ଚ ଭାବେ ନିର୍ବାଚିତ ସୌଦାମିନୀ ସେଠୀଙ୍କ ୨୦୨୩, ସେପ୍ଟେମ୍ବର ମାସରେ ମୃତ୍ୟୁ ହୋଇଥିଲା। ତେଣୁ ରପଞ୍ଚ ପଦ ପାଇଁ ଉପନିର୍ବାଚନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ। ଉପ ନିର୍ବାଚନ ପ୍ରସଂଗରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କୁ ରାଜ୍ୟ ନିର୍ବାଚନ କମିସନ ୨୦୨୪, ଅଗଷ୍ଟ ୭ରେ ଚିଠି ଲେଖିଥିଲେ। ଏହାପରେ ମଧ୍ୟ ଉପନିର୍ବାଚନ ପାଇଁ ପଦକ୍ଷେପ ଗ୍ରହଣ କରାନଯିବାରୁ ଉନ୍ନୟନ କାର୍ଯ୍ୟ ଠପ ହୋଇଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ମାଓ କ୍ୟାମ୍ପରେ ବନ୍ଧୁକ ତିଆରି ଯନ୍ତ୍ରାଂଶ



**ମାଲକାନଗିରି, ୭।୧୨(ସମିସ):** ସୀମାନ୍ତ ଛତିଶଗଡ଼ରେ ମାଓ ବିରୋଧୀ ଅପରେସନ୍ ସମୟରେ ବିପୁଳ ମାଓ ସାମଗ୍ରୀ ସହ ବନ୍ଧୁକ ତିଆରି ଯନ୍ତ୍ରାଂଶ ଠାବ ହୋଇଛି। ନାରାୟଣପୁରରେ ଡିଆରଜି ଏବଂ ବିଏସଏଫ ଯବାନମାନେ ମିଳିତ ତଲାସୀ ଅଭିଯାନ କରୁଥିଲା ବେଳେ ଏହି ସଫଳତା ମିଳିଛି। ଜିଲ୍ଲାର ୱାଲା ଓ ପାଙ୍ଗୁରର ଜଙ୍ଗଲରେ ଲୁକ୍କାୟିତ ଭାବେ ରହିଥିବା ଏଲପିଜି ସିଲିଣ୍ଡର, ୱେଲଡିଂ ଗ୍ୟାସ ସିଲିଣ୍ଡର, ଫୋଲଡେବଲ୍ ଚେୟାର, ଡିଟୋନେଟର, ବିସ୍ଫୋରକ, ମାଓ ପୋଷାକ, ଅସ୍ତ୍ର ତିଆରି ମେସିନ୍, ତେଲ ଟିଣ, ସାବୁନ୍ ଏବଂ ବହୁ ପରିମାଣର ମାଓ ସାହିତ୍ୟ ପୁସ୍ତିକା ସହ ଅନ୍ୟାନ୍ୟ ଉପଯୋଗୀ ସାମଗ୍ରୀ ଜବତ ହୋଇଛି। ଏହି କ୍ରମରେ ତଲାସୀ ଅଭିଯାନକୁ ଆହୁରି ବଢ଼ାଇ ଦିଆଯାଇଛି।

# ପୁଲିସ୍ ସୂଚନାଦାତା ସନ୍ଦେହରେ ଅଙ୍ଗନବାଡ଼ି କର୍ମୀଙ୍କୁ ହତ୍ୟା

**ମାଲକାନଗିରି,୭ ।୧୨(ସମିସ):** ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀମାନେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ହତ୍ୟା କରିଛନ୍ତି। ମାଓବାଦୀମାନେ ଏନେଇ ଘଟଣାସ୍ଥଳରେ ଲାଲ ରଙ୍ଗ ଲେଖାରେ ଏକ ଚିଠି ଛାଡ଼ି ଦେଇଛନ୍ତି। ମୃତ ଅଙ୍ଗନବାଡ଼ି କର୍ମୀ ହେଲେ, ବିଜାପୁର ଜିଲ୍ଲା ଉସୁର ବ୍ଲକର ତିମାପୁରର ଗ୍ରାମର ବାସିନ୍ଦା ଲକ୍ଷ୍ମୀ ପଦ୍ମା। ସେ ଘରେ ଶୋଇଥିବା ବେଳେ କିଛି ସଶସ୍ତ୍ର ମାଓବାଦୀ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ପଦ୍ମାଙ୍କ ପୁଅ ମାଓବାଦୀଙ୍କୁ ବିରୋଧ କରିଥିଲେ ହେଁ ସେମାନେ ହତ୍ୟାକାଣ୍ଡରୁ ନିବୃତ୍ତ ରହି ନଥିଲେ। ମାଓ ସଙ୍ଗଠନ ବିରୋଧୀ କାର୍ଯ୍ୟ ଓ ପୁଲିସକୁ ସୂଚନା ଦେବା ଅଭିଯୋଗରେ ସେମାନେ ପଦ୍ମାଙ୍କୁ ହତ୍ୟା କରିଥିବା ଉଲ୍ଲେଖ କରିଛନ୍ତି। ସୂଚନା ଥାଉକି, ଗୋଟିଏ ଦିନ ପୂର୍ବରୁ ମାଓବାଦୀମାନେ ବିଜାପୁରରେ ଦୁଇଜଣ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରିଛନ୍ତି। ପୁଲିସ୍ ଘଟଣାର ତଦନ୍ତ ଜାରି ରଖିଛି।

■ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଅବସରପ୍ରାପ୍ତ ଅବକାରୀ ଉପ-ଆୟୁକ୍ତଙ୍କୁ ୨ବର୍ଷ ଜେଲ୍

**କଟକ, ୭ ।୧୨(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସମ୍ବଲପୁର ଉତ୍ତରାଞ୍ଚଳ ଡିଭିଜନ୍‌ର ଅବସରପ୍ରାପ୍ତ ଅବକାରୀ ଉପ-ଆୟୁକ୍ତ ସ୍ୱୟମ୍ଭୁ ପ୍ରସାଦ ମିଶ୍ରଙ୍କୁ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୁର୍ନୀତି ନିବାରଣ ଆଇନ-୧୯୮୮ ଧାରା୧୩(୨)ଆର /୧୩(୧)ଇ ଅନୁସାରେ କୋର୍ଟ ତାଙ୍କୁ ୨ବର୍ଷ ଜେଲ ସହ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ନେଇ ତାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ ମଧ୍ୟ ଦାଖଲ କରାଯାଇଥିଲା। କଟକ ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଇନ୍ସପେକ୍ଟର ଏମ.ଡି. ବରାଳ ଏହି ମାମଲାର ତଦନ୍ତ କରିଥିଲେ। ପ୍ରସିକ୍ୟୁସନ୍ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବୀରେନ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବାରୁ ଶ୍ରୀ ମିଶ୍ରଙ୍କ ପେନସନ୍ ବନ୍ଦ କରିବା ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

# ଶାସନକଳ ଉପରେ ମୁଖ୍ୟମନ୍ତ୍ରୀଙ୍କର ନିୟନ୍ତ୍ରଣ ନାହିଁ: ବିଜେଡି

**ଭୁବନେଶ୍ୱର,୭ ।୧୨(ସମିସ):** ଗତ ସରକାରଙ୍କ ଅମଳରେ ଚାକିରି ବିକ୍ରି ହେଉଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଦେଇଥିବା ମନ୍ତବ୍ୟ ସଂପୂର୍ଣ୍ଣ ନିରାଧାର ଓ ରାଜନୈତିକ ଅଭିସନ୍ଧିମୂଳକ। ଏହା ମୁଖ୍ୟମନ୍ତ୍ରୀଙ୍କ ହତାଶା ଭାବକୁ ପଦାରେ ପକାଉଛି ବୋଲି ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି। ଡଃ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଭାବରେ ମୋହନ ମାଝୀଙ୍କର ସମସ୍ତ କ୍ଷମତା ରହିଛି। ଯଦି ଏପରି କିଛି ଅନିୟମିତତା ହୋଇଥିବା ତାଙ୍କ ପାଖରେ ସୂଚନା ଅଛି, ତା'ହେଲେ ତା'ର ସତ୍ୟାସତ୍ୟ ତଦନ୍ତ ମାଧ୍ୟମରେ ପଦାକୁ ଆଣିବା ସହିତ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବାପାଇଁ ବ୍ୟବସ୍ଥା କରିବା ତାଙ୍କର କର୍ତ୍ତବ୍ୟ। କିନ୍ତୁ, ତାହା ନ କରି, କେବଳ ଏକ ଉଦ୍ଭଟ ଅଭିଯୋଗ ଆଣି ହଟଚମଟ ସୃଷ୍ଟି କରିବା, କେବଳ ତାଙ୍କର ହତାଶାଭାବକୁ ଦର୍ଶାଉଛି। ଏଥିରୁ ରାଜ୍ୟର ଶାସନକଳ ଉପରେ ମୁଖ୍ୟମନ୍ତ୍ରୀଙ୍କର ନିୟନ୍ତ୍ରଣ ନଥିବା ସ୍ପଷ୍ଟ ହେଉଛି ବୋଲି ଡଃ ମହାନ୍ତି କହିଛନ୍ତି।

ଡଃ ମହାନ୍ତି ଆହୁରି କହିଛନ୍ତି, ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବାର ଗତ ଛଅ ମାସ ଭିତରେ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କ ବିଫଳତାର ତାଲିକା ଦିନକୁ ଦିନ ଲମ୍ବି ଚାଲିଛି। ସରକାର ଦାୟିତ୍ୱ ନେବାର ପ୍ରଥମ ଦିନ ହିଁ ଓଡ଼ିଆ ଅସ୍ମିତା ଉପରେ ପ୍ରହାର ସଦୃଶ୍ୟ ରାଜ୍ୟପାଳଙ୍କ ପୁଅ ଦ୍ୱାରା ଜଣେ ଓଡ଼ିଆ ଅଧିକାରୀଙ୍କୁ ମାଡ଼ ମରାଯିବା ସହ ଜୋତା ଚଟାଇବା ଭଳି ଅମାନବୀୟ ଘଟଣା ଘଟିଥିଲା। ଏହି ଘଟଣା ସାରା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ, ସରକାର ଦୋଷୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ରଥଯାତ୍ରା ବେଳେ ପହଣ୍ଡି ସମୟରେ ବଡ଼ ଠାକୁର ପଡ଼ିଗଲେ; ସରକାର ତଦନ୍ତ କରିବେ କହି ଭୁଲିଗଲେ। ଚିକିଟିରେ ବିଷାକ୍ତ ମଦ ପିଇ ଦୁଇ ଜଣଙ୍କ ମୃତ୍ୟୁ ଓ କନ୍ଧମାଳ ଜିଲ୍ଲାର ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆ ଜାଉ ଖାଇ ତିନି ଜଣଙ୍କ ମୃତ୍ୟୁ, ଚାରିଟି ପିଲାବିକ୍ରି ଭଳି ଅଭାବନୀୟ ଘଟଣା ସରକାରଙ୍କ ବିଫଳତାର କାହାଣୀ ବର୍ଣ୍ଣନା କରୁଛି ବୋଲି ଡଃ ମହାନ୍ତି ଦର୍ଶାଇଛନ୍ତି।

ଅପରପକ୍ଷରେ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାର ପାଞ୍ଚ ମାସ ଭିତରେ ୧୨୫୬ ଜଣ ମହିଳାଙ୍କ ଉପରେ ଅତ୍ୟାଚାର ହୋଇଛି ବୋଲି ପୁଲିସ ବିଭାଗର ତଥ୍ୟ କହୁଛି। ଏକାଧିକ ଦୁଷ୍କର୍ମ, ଗଣଦୁଷ୍କର୍ମ ଘଟଣାରେ ବିଜେପି କର୍ମୀ ସମ୍ପୃକ୍ତ ଥିବା ଅଭିଯୋଗ ଆସିଛି ଓ ସେମାନଙ୍କୁ ଖସାଇ ଦେବା ପାଇଁ ସରକାର ଉଦ୍ୟମ କରିଛନ୍ତି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି। ଅପରପକ୍ଷରେ, ଅତ୍ୟାବଶ୍ୟକ ଜିନିଷର ଅହେତୁକ ଦରବୃଦ୍ଧି ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ ସରକାର ଦରଦାମ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ, ରାଜ୍ୟରେ ଶାସନ ବ୍ୟବସ୍ଥା ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ ବୋଲି ରାଜ୍ୟବାସୀ ଅନୁଭବ କଲେଣି। ବିଜେପି ସରକାର ସବୁଆଡ଼ୁ ବିଫଳତାର ସମ୍ମୁଖୀନ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ଏଭଳି ଗୋଟିଏ ଉଦ୍ଭଟ ଅଭିଯୋଗ ଆଣି ତାଙ୍କ ବିଫଳତା ଉପରୁ ରାଜ୍ୟବାସୀଙ୍କ ନଜର ହଟାଇବାର ପ୍ରୟାସ କରିଛନ୍ତି ବୋଲି ଡଃ ମହାନ୍ତି କହିଛନ୍ତି।

ଡଃ ମହାନ୍ତି କହିଛନ୍ତି, ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପୂର୍ବରୁ ଗତ ସରକାରଙ୍କ ବିରୋଧରେ ଅନେକ ଉଦ୍ଭଟ ଅଭିଯୋଗ ଆଣିଥିଲା। କ୍ଷମତାକୁ ଆସିବା ପରେ, ସେମାନେ ଆଣିଥିବା ଗୋଟିଏ ବି ଅଭିଯୋଗର ତଦନ୍ତ ମାଧ୍ୟମରେ ପ୍ରମାଣ ଯୋଗାଡ଼ କରିନାହିଁ କି କରିବାର ପ୍ରଚେଷ୍ଟା ମଧ୍ୟ କରିନାହିଁ। କାରଣ, ବିଜେପିର ନେତୃବୃନ୍ଦ ଭଲଭାବେ ଜାଣନ୍ତି, ସେମାନେ ଆଣୁଥିବା ଅଭିଯୋଗଗୁଡିକ କଞ୍ଚା ମିଛ। ତାହା କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ। ଡଃ ମହାନ୍ତି କହିଛନ୍ତି, ଗତକାଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ଆଣିଥିବା ଅଭିଯୋଗର ଯଦି ପ୍ରମାଣ ଅଛି, ତା'ହେଲେ ତୁରନ୍ତ ସେ ଦୋଷୀକୁ ଦଣ୍ଡ ଦେବା ପାଇଁ ବ୍ୟବସ୍ଥା କରନ୍ତୁ। ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କଠାରୁ ଏଭଳି ମନ୍ତବ୍ୟ ଗ୍ରହଣୀୟ ନୁହେଁ। ତେଣୁ ସେ ଆଣିଥିବା ଅଭିଯୋଗର ପ୍ରମାଣ ଦିଅନ୍ତୁ, ନଚେତ ତାଙ୍କ ମନ୍ତବ୍ୟ ପ୍ରତ୍ୟାହାର କରନ୍ତୁ ବୋଲି ଡଃ ମହାନ୍ତି କହିଛନ୍ତି।

**■ ଅପାରଗତା ଲୁଚାଇବାକୁ ପୂର୍ବ ସରକାର ଉପରେ ଆକ୍ରମଣ କରୁଛନ୍ତି**

**■ ଯଦି ପ୍ରମାଣ ରଖିଛନ୍ତି, ଦୋଷୀଙ୍କୁ ଦଣ୍ଡବିଧାନ କରୁନାହାନ୍ତି କାହିଁକି ?**

# ଗିରଫ ହେଲେ ଏସିଏଫ୍

**ଭୁବନେଶ୍ୱର,୭ ।୧୨(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ(ଏସିଏଫ)ରେବତୀ ରମଣ ଯୋଶୀଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ।



ଗତକାଲି ବିଳମ୍ବିତ ରାତି ଯାଏ ସମ୍ବଲପୁର ଭିଜିଲାନ୍ସ ଏସପିଙ୍କ ଅଫିସରେ ତାଙ୍କୁ ପଚରାଉଚରା ସହ କାଗଜପତ୍ର ଯାଞ୍ଚ ହୋଇଥିଲା। ସେ ଆୟଠାରୁ ଅର୍ଜନ କରିଥିବା ୧୬୪ ପ୍ରତିଶତ ଧନର ହିସାବ ଦେଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ କହିଛି। ତାଙ୍କ ସରକାରୀ କ୍ୱାର୍ଟର୍ସରୁ ଜବତ ୧୪ ଲକ୍ଷ ୭୧ ହଜାର ଟଙ୍କା କେଉଁଠୁ ଆସିଲା, ସେନେଇ ଏସିଏଫ ଶ୍ରୀ ଯୋଶୀ ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାନ୍ତି। ସୂଚନାଯୋଗ୍ୟ, ଗତକାଲି ଭିଜିଲାନ୍ସ ସମ୍ବଲପୁର ଓ ବରଗଡ଼ରେ ଏକକାଳୀନ ୯ଟି ସ୍ଥାନରେ ରେଡ୍ କରି ବହୁ ମୂଲ୍ୟର ସମ୍ପତ୍ତି ଠାବ କରିଥିଲା।

**ଆୟଠାରୁ ୧୬୪ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ ଅଭିଯୋଗ**

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

**ଜଗତସିଂହପୁର,୭।୧୨(ସମିସ):** ଜଗତସିଂହପୁର ଜିଲ୍ଲା ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଅଜୟ କୁମାର ମହାନ୍ତି ଏକ ନାବାଳିକା ଦୁଷ୍କର୍ମ ମାମଲା ବିଚାର କରି ଆସାମୀ ସାଗର ସାହୁକୁ ୨୦ବର୍ଷ ଜେଲ୍ ଓ ୩୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନାନୁସାରେ, ୨୦୨୧ ମସିହାରେ ଏହି ଆପରାଧିକ ଘଟଣା ଘଟିଥିଲା। ୧୪ବର୍ଷୀୟା ଜଣେ ନାବାଳିକା ଘର ପାଖ ଦୋକାନକୁ ଯାଇଥିବା ବେଳେ ସାଗର ତାକୁ ପ୍ରଲୋଭନ ଦେଖାଇ ବାଇକ୍‌ରେ ତା' ଘରକୁ ନେଇ ଯାଇଥିଲା। ସେଠାରେ ତାକୁ ଧମକଚମକ ଦେବା ସହ ଦୁଷ୍କର୍ମ କରିଥିଲା। ଏ ସମ୍ପର୍କରେ ନାବଳିକାର ମା' ରଘୁନାଥପୁର ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ମାମଲା ରୁଜୁ କରି ସାଗରକୁ ଗିରଫ କରିଥିଲା। ସରକାରୀ ଓକିଲ ଦୋଳଗୋବିନ୍ଦ ଦାଶ ଏହି ମାମଲା ପରିଚାଳନା କରୁଥିଲେ।










# 'ଭାରତକୁ ଜାଣିବା' କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ଗଣମାଧ୍ୟମ ପ୍ରତିନିଧି

**ଭୁବନେଶ୍ୱର,୭।୧୨(ସମିସ):** ୭୯ତମ 'ଭାରତକୁ ଜାଣିବା କାର୍ଯ୍ୟକ୍ରମ'(କେଆଇପି)ରେ ୨ଦିନିଆ ଓଡ଼ିଶା ଗସ୍ତ ପରିଭ୍ରମଣରେ ଆସିଥିବା ବିଭିନ୍ନ ଦେଶର ୨୭ଜଣ ଗଣମାଧ୍ୟମ ପ୍ରତିନିଧିଦଳ ଖାରବେଳ ଭବନରେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ସହ ଏକ ବୈଠକରେ ଯୋଗଦେଇଛନ୍ତି। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ଗୃହ(ସ୍ୱରାଷ୍ଟ୍ର) ବିଭାଗ ସଂଯୋଜନାରେ ଆସିଥିବା ଏହି ପ୍ରତିନିଧିଦଳଙ୍କୁ ବୈଠକରେ ଭୁବନେଶ୍ୱରରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ସମ୍ପର୍କରେ ଅବଗତ କରାଯିବା ସହ ବିକଶିତ ଭାରତର ସଂକଳ୍ପନାରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସାମ୍ବାଦିକ ପ୍ରତିନିଧିମାନଙ୍କ ମଧ୍ୟରେ ଫିଜି, ଇଣ୍ଡୋନେସିଆ, ଇସ୍ରାଏଲ୍, କେନିଆ, ମାଲେସିଆ, ମରିସସ୍, ନ୍ୟୁଜିଲାଣ୍ଡ, ସିଙ୍ଗାପୁର ଆଦିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଅବସ୍ଥାପିତ ଏବଂ ନ୍ୟୁଜ୍ ଏଜେନ୍ସି ପାଇଁ କାର୍ଯ୍ୟ କରୁଥିବା ବୈଦ୍ୟୁତିକ ଓ ମୁଦ୍ରଣ ଗଣମାଧ୍ୟମ ପ୍ରତିନିଧିମାନେ ରହିଛନ୍ତି।

**ବିକଶିତ ଭାରତର ସଂକଳ୍ପନାରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନ ସମ୍ପର୍କିତ ଆଲୋଚନା**



ପୂର୍ବାହ୍ନରେ ଏହି ପ୍ରତିନିଧିଦଳ ମୁକ୍ତେଶ୍ୱର ମନ୍ଦିର, କଳାଭୂମି, ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିବା ସହ ଖାରବେଳ ଭବନଠାରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିଲେ। ପରେ ଧଉଳି ଶାନ୍ତିସ୍ତୁପ ଓ ବୟନିକା ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଆସିଥିବା ଅନ୍ୟ ଦେଶର ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ପଦକ୍ଷେପକୁ ପ୍ରଶଂସା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରବାସୀମାନେ କିପରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ପର୍ଯ୍ୟଟନ ସମ୍ପର୍କରେ ଜାଣିବାକୁ ପାଇବେ ଏବଂ ଏହାର ସୁବିଧା ପାଇପାରିବେ, ସେହି ଲକ୍ଷ୍ୟରେ ଆସନ୍ତା ଜାନୁଆରୀ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ଜାନୁଆରୀ ୫ରୁ ୧୫ ତାରିଖ ମଧ୍ୟରେ ରାରାଜାଣୀ ମ୍ୟୁଜିକ୍ ଫେଷ୍ଟିଭାଲ୍, ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ଆଦିବାବସୀ ମେଳା, ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଏବଂ ପୁଷ୍ପ

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୁଖ୍ୟମନ୍ତ୍ରୀଙ୍କ ପାଇଁ...

ଯେଉଁ ମାଧବୀ ଛାତ୍ରଛାତ୍ରୀ ପରିଶ୍ରମ କରି ସରକାରୀ ଚାକିରି ପାଇଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ସେମାନଙ୍କ ପାଇଁ ଅପମାନଜନକ। ଯଦି ମୁଖ୍ୟମନ୍ତ୍ରୀଙ୍କ ପାଖରେ ପ୍ରମାଣ ଅଛି, ତା'ହେଲେ କ'ଣ ପାଇଁ ସେ ଚୁପ୍ ବସିଛନ୍ତି। କ'ଣ ପାଇଁ ତଦନ୍ତ କରୁ ନାହାନ୍ତି। ସିବିଆଇ, ଇଡି ଓ ଭିଜିଲାନ୍ସ ତାଙ୍କ ପାଖରେ ଅଛି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏପରି ନ କରି ମୁଖମନ୍ତ୍ରୀ କେବଳ ଶସ୍ତା ମନ୍ତବ୍ୟ ଦେଇଛନ୍ତି। ତେଣୁ ପୂର୍ବ ସରକାରଙ୍କ ସମୟରେ ଯେଉଁ ତଞ୍ଚକତା ହୋଇଥିବା କଥା ମୁଖ୍ୟମନ୍ତ୍ରୀ କହିଛନ୍ତି, ତାକୁ ଗୃହ ବିବରଣୀରୁ ବାଦ୍ ଦେବାକୁ ପ୍ରମିଳା ଦାବି କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ କେଉଁ ତଦନ୍ତ ସଂସ୍ଥାକୁ ଲଗାଇ ତଦନ୍ତ କରି ସେ ଚାକିରିରେ ଦୁର୍ନୀତି ହୋଇଥିବା ଜାଣିବାକୁ ପାଇଛନ୍ତି, ତାହା ଗୃହରେ ବିବୃତି ରଖି ଜଣାନ୍ତୁ। ଯଦି ପ୍ରମାଣ ଅଛି, ତଦନ୍ତ କରନ୍ତୁ। ପୂର୍ବ ସରକାର ସମୟରେ ନୀତି ନିୟମ ଅନୁସାରେ ନିଯୁକ୍ତି ପରୀକ୍ଷା ପରିଚାଳନା କରାଯାଇଛି। ମୁଖ୍ୟମନ୍ତ୍ରୀ ଏଭଳି ମନ୍ତବ୍ୟ ଦେବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ। ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ରୁଲିଂ ଦାବି କରି ବିଜେଡି ସଦସ୍ୟମାନେ ଗୃହର ମଧ୍ୟ ଭାଗକୁ ଆସି ପ୍ରତିବାଦ କରିଥିଲେ। ବିଜେଡି ସଦସ୍ୟମାନେ ନିଜ ଆସନକୁ ଫେରିଯିବାକୁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେମାନଙ୍କ ପ୍ରତିବାଦ ଜାରି ରଖିଥିଲେ। ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ପରେ ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଅପରପକ୍ଷେ ବିଜେଡିର ପ୍ରତିବାଦକୁ ମଧ୍ୟ ବିରୋଧୀ କଂଗ୍ରେସ ବାହ୍ୟ ସମର୍ଥନ ଜଣାଇଛି। କଂଗ୍ରେସ କହିଛି ଯେ ମୁଖ୍ୟମନ୍ତ୍ରୀ ଯେଉଁ ତଥ୍ୟ ପ୍ରଦାନ କରୁଛନ୍ତି, ତାହା ଗ୍ରହଣଯୋଗ୍ୟ ନୁହେଁ। ଯଦି ଚାକିରି ପାଇଁ ଟଙ୍କା କାରବାର ହୋଇଛି, ମୁଖ୍ୟମନ୍ତ୍ରୀ ଗୃହରେ ତାହାର ପ୍ରମାଣ ରଖନ୍ତୁ ଏବଂ ଦୋଷୀଙ୍କୁ ଗିରଫ କରନ୍ତୁ। ଏପରି ନ କରି ଅଯଥା କଥା ଗୃହରେ ଉପସ୍ଥାପନ କରି ଗୃହର ସମୟ ନଷ୍ଟ କରିବାରେ କୌଣସି ଲାଭ ନାହିଁ ବୋଲି ଗୃହ ବାହାରେ କଂଗ୍ରେସ ଦଳ ଉପନେତା ଅଶୋକ ଦାସ କହିଛନ୍ତି।

## କଂଗ୍ରେସର ହଙ୍ଗୋଳ...

ଛିଡ଼ା ହୋଇ ପୋଷ୍ଟର ଦେଖାଇ ଆଦାନୀ ଓ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଓଡିଶାରୁ କିଏ ଲାଞ୍ଚ ଖାଇଛି, ଓଡିଶାରେ ଜମି କିଣାରେ କିଏ ଅର୍ଥ ଖାଇଛି, କେଉଁ ସରକାରୀ ଅଧିକାରୀ ସାମିଲ ଅଛନ୍ତି ଏପରି ପ୍ରଶ୍ନବାଣ ମାରିଥିଲେ। ଗନ୍ଧମାର୍ଦ୍ଦନ ପର୍ବତକୁ କାହିଁକି ଏକ ଦୁର୍ନୀତିଖୋର କମ୍ପାନୀ ହାତକୁ ଟେକି ଦିଆଯାଉଛି ବୋଲି ପ୍ରଶ୍ନ କରିବା ସହ ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଥିଲେ। ଶାନ୍ତ ରହିବା ପାଇଁ ବାଚସ୍ପତି ଅନୁରୋଧ କରିଥିଲେ ସୁଦ୍ଧା ସୁଫଳ ମିଳି ନ ଥିଲା। ଫଳରେ ବାଚସ୍ପତି ସୋମବାର ପୂର୍ବାହ୍ନ ୧୦.୩୦ ଯାଏ ଗୃହକୁ ମୁଲତବୀ ରଖିଥିଲେ। ଅପରପକ୍ଷେ କୃଷି ମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ଓଡିଶା କୃଷି ଉନ୍ନୟନ ଓ ପୁଞ୍ଜି ଲଗାଣ ନିଗମ ଲିମିଟେଡ୍‌ର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ।

## ଇଣ୍ଡିଆ ମେଣ୍ଟର...

ତାରିକ ଅନୱର, ତନୁଜ ପୁଣିଆଙ୍କ ସମେତ କଂଗ୍ରେସର ଅନ୍ୟ କିଛି ନେତା ମମତାଙ୍କ ସିଧାସଳଖ ବିରୋଧ କରିନଥିଲେ ମଧ୍ୟ ଏହାଉପରେ ଆଲୋଚନା କରି ସହମତି ସପକ୍ଷରେ ମତ ଦେଇଛନ୍ତି। କିନ୍ତୁ ମମତାଙ୍କ ସପକ୍ଷରେ ବହୁ ବାମପନ୍ଥୀ ଦଳଙ୍କ ଠାରୁ ଆରମ୍ଭ କରି ସମାଜବାଦୀ ପାର୍ଟି ଏବଂ ଶିବସେନା(ୟୁବିଟି) ଭଳି ଅନ୍ୟ ବିରୋଧୀ ଦଳ ସମର୍ଥନ ଜଣାଇଛନ୍ତି। ଗତ ଲୋକସଭା ନିର୍ବାଚନ ଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ ଏବଂ ଉପ ନିର୍ବାଚନରେ କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ହେଁ ମେଣ୍ଟକୁ ସେଭଳି କୌଣସି ସଫଳତା ମିଳିପାରି ନାହିଁ। ତେଣୁ ଏହି ପରିପ୍ରେକ୍ଷୀରେ କଂଗ୍ରେସ ନେତୃତ୍ୱକୁ ନେଇ ବିଶ୍ଳେଷଣ କରିବାର ସମୟ ଆସିଛି ବୋଲି ସିପିଆଇର ବରିଷ୍ଠ ନେତା ଡି ରାଜା କହିଛନ୍ତି। ସେହିପରି ଶିବସେନା(ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି ଯେ, ଯଦି ମେଣ୍ଟର ନେତୃତ୍ୱ ପରିବର୍ତ୍ତନ କଥା ଉଠେ ତେବେ ପ୍ରଥମେ ତାଙ୍କ ଦଳ ମମତାଙ୍କୁ ହିଁ ସମର୍ଥନ କରିବ। ଆବଶ୍ୟକ ପଡ଼ିଲେ ତାଙ୍କ ଦଳର ନେତା କୋଲକାତା ଯାଇ ମମତାଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି। ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ କଂଗ୍ରେସ ନେତୃତ୍ୱର ସମାଲୋଚନା କରି ଏହା ଉପରେ ସମୀକ୍ଷା କରିବାକୁ ମତ ଦେଇଛନ୍ତି। କିନ୍ତୁ ଏହି ପ୍ରସଙ୍ଗରେ ଆରଜେଡି ସମ୍ପୂର୍ଣ୍ଣ ଭିନ୍ନ ମତ ଦେଇଛି। ମମତା ନୁହନ୍ତି ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ହିଁ ମେଣ୍ଟ ଗଠନ କରିଛନ୍ତି ଏବଂ ଏହାର ନେତୃତ୍ୱ ଆରଜେଡି ହାତକୁ ଯିବା ଉଚିତ ବୋଲି ଦଳୀୟ ପ୍ରବକ୍ତା ଦାବି କରିଛନ୍ତି।

## ଶ୍ରମିକମାନେ ଗୋଟିଏ...

ନିର୍ମାଣ ଶ୍ରମିକଙ୍କ ଠାରୁ ଆରମ୍ଭ କରି କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀଙ୍କ କଲ୍ୟାଣ କ୍ଷେତ୍ରରେ ଆମ ସରକାର ନୂଆ ଯୁଗ ଆରମ୍ଭ କରିଥିଲେ। ମୁଁ ସବୁବେଳେ ଆପଣମାନଙ୍କ ସହିତ ଅଛି ଓ ରହିବି। ଶେଷ ପର୍ଯ୍ୟନ୍ତ ଆପଣମାନଙ୍କ କଲ୍ୟାଣ ପାଇଁ କାମ କରି ଚାଲିଥିବି। ଆପଣମାନେ ଖୁସିରେ ରହିଲେ, ଭଲରେ ରହିଲେ, ମୁଁ ସବୁଠାରୁ ଅଧିକ ଖୁସି ହେବି ବୋଲି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ଅନ୍ୟପକ୍ଷରେ ସାମ୍ମୁଖ୍ୟର କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କ ଶ୍ରମିକମାରଣ ନୀତିର ତୀବ୍ର ସମାଲୋଚନା କରି କହିଛନ୍ତି। ସେମାନେ କହିଛନ୍ତି, ରାଜ୍ୟର ଲକ୍ଷ ଲକ୍ଷ ଶ୍ରମିକମାନଙ୍କ ପାଇଁ ବିଜେଡି ସରକାର ଅମଳରେ ବହୁତ ଭଲ କାମ ହୋଇଥିଲା। ନବୀନ ପଟ୍ଟନାୟକ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିଥିଲେ, ମୁଣ୍ଡ ଉପରେ ଛାତ ଦେଇଥିଲେ, ପିଲାମାନଙ୍କ ପାଠପଢ଼ା, ବିବାହ ପାଇଁ ସବୁ ବ୍ୟବସ୍ଥା କରିଥିଲେ। କିନ୍ତୁ ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ଶ୍ରମିକମାରଣ ନୀତି ଚାଲିଛି। ଶ୍ରମିକ ଭାଉଭଉଣୀଙ୍କୁ ସେମାନଙ୍କ ଅଧିକାର ଦେଉ ନାହାନ୍ତି।

ସାମୁଖ୍ୟର ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ କହିଥିଲେ, ବିଜୁ ଶ୍ରମିକ ସାମୁଖ୍ୟ କେବଳ ଏକ ସଂଗଠନ ନୁହେଁ ଏହା ଶ୍ରମିକାମନଙ୍କ ସଂଗ୍ରାମର ବାର୍ତ୍ତାବହ। ଶ୍ରମିକମାନଙ୍କୁ ସଂଗଠିତ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଆଗକୁ ନେବା ପାଇଁ ଆମେ ବଦ୍ଧପରିକର। ମାଲିକର ଶୋଷଣ ବିରୋଧରେ ଲଢ଼େଇ ହେବ ଏବଂ ଶ୍ରମିକଙ୍କ ଅଧିକାର ହାସଲ କରାଯିବ ବୋଲି ଶ୍ରୀ ସାମଲ କହିଥିଲେ। ସାମ୍ମୁଖ୍ୟର ମହାସଚିବ ସୁବାସ ସିଂ କହିଥିଲେ, ସମଗ୍ର ଦେଶରେ ନବୀନ ବାବୁଙ୍କ ଶ୍ରମିକ କଲ୍ୟାଣ କାର୍ଯ୍ୟକ୍ରମ ରେକର୍ଡ ସୃଷ୍ଟି କରିଥିଲା। ପ୍ରତ୍ୟେକ ଶ୍ରମିକଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିଥିଲେ ନବୀନ ପଟ୍ଟନାୟକ। ଆଉ ଏଥିରେ ଅଗ୍ରଣୀ ଭୂମିକା ନେଇଛି ବିଜୁ ଶ୍ରମିକ ସାମ୍ମୁଖ୍ୟ। ଦୁର୍ଘଟଣା ବୀମା, ପିଲାଙ୍କ ପାଠ ପଢ଼ା, ପିଲାଙ୍କ ବିବାହ, ଚିକିତ୍ସା ଓ ମୃତ୍ୟୁକାଳୀନ ସହାୟତା ଦେବା, ସବୁ ସହାୟତା ଦେଇଥିଲେ ନବୀନ ପଟ୍ଟନାୟକ। କିନ୍ତୁ ଆମକୁ ଆହୁରି ଆଗକୁ ଯିବାକୁ ହେବ। ନବୀନ ବାବୁଙ୍କ ଦିଗଦର୍ଶନରେ ଶ୍ରମିକମାନଙ୍କ ଅଧିକାର ପାଇଁ ଲଢ଼େଇ ହେବ ବୋଲି ଶ୍ରୀ ସିଂ କହିଥିଲେ। ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଯିଏ ଆମ ରାଷ୍ଟ୍ରର ବିନ୍ଧାଣି ସେମାନଙ୍କ କଲ୍ୟାଣ କଥା ପ୍ରଥମେ ବିଜୁ ବାବୁ ଚିନ୍ତା କରିଥିଲେ ଆଉ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଏହାକୁ ଏକ ଆନ୍ଦୋଳନର ପରିଣତ କରିଛନ୍ତି। ଶ୍ରମିକମାନଙ୍କୁ ସଂଗଠିତ କରିବା, ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ନବୀନ ବାବୁ ଉଦାହରଣ ସୃଷ୍ଟି କରିଛନ୍ତି। କୋଟି କୋଟି ଶ୍ରମିକ ପରିବାରର ଦୁଃଖ ଦୂର ପାଇଁ ନବୀନ ପଟ୍ଟନାୟକ ଉଦ୍ୟମ କରିଥିଲେ। ଶ୍ରମିକ କଲ୍ୟାଣ ପାଇଁ ବିଜେଡି ସରକାର ଅମଳରେ ଅନ୍ତର୍ଜାତୀୟ ଶ୍ରମିକ ସଂଗଠନ (ଆଇଏଲ୍‌ଓ) ସହିତ ଆମେ ହାତ ମିଳାଇଥିଲୁ। ଏବେ ବି ଶ୍ରମିକଙ୍କ ସମସ୍ୟା ଦୂର ହୋଇନାହିଁ। ଆମକୁ ଏକ ହେବାକୁ ପଡ଼ିବ, ଅନ୍ୟାୟ ବିରୋଧରେ ଲଢ଼ିବାକୁ ହେବ ବୋଲି ଶ୍ରୀ ମିଶ୍ର ଆହ୍ୱାନ ଜଣାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଡଃ ଅମର ପଟ୍ଟନାୟକ ଓ ଶର୍ମିଷ୍ଠା ସେଠୀ, ପୂର୍ବତନ ମନ୍ତ୍ରୀ ପ୍ରିତି ରଞ୍ଜନ ଘଡ଼ାଇ, ବିଜେଡି ସଭାପତିଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇ କହିଥିଲେ ଯେ ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ଅଙ୍ଗନବାଡ଼ି, ଆଶା, ପାଚିକା ଓ ମିଶନ ଶକ୍ତିରେ ଥିବା ୬ଟି ବର୍ଗ ଏବେ ସାମାଜିକ ସୁରକ୍ଷାରୁ ବଞ୍ଚିତ ଅଛନ୍ତି। ରାଜ୍ୟ ସରକାର ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ୟମ କରୁନାହାଁନ୍ତି। ଏବେ ରାଜ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ନିଷ୍କ୍ରିୟ ହୋଇଯାଇଛି। ଶ୍ରମିକମାରଣ ନୀତି ଆରମ୍ଭ କରିଛନ୍ତି ବିଜେପି ସରକାର। ମିଶନ ଶକ୍ତିରେ କାର୍ଯ୍ୟ କରୁଥିବା ୬୦ ହଜାର ମହିଳାଙ୍କୁ ଏବେ ଦରମା ମିଳୁନି। ଶ୍ରମଜୀବୀ ଏବେ ସଙ୍କଟରେ। ଦରଦାମ ବୃଦ୍ଧି ବି ଶ୍ରମିକଙ୍କ ଉପରେ ଆର୍ଥିକ ଚାପ ସୃଷ୍ଟି କରିଛି। ତେଣୁ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି ସହ ମାସକୁ ୨୪ ହଜାର ଟଙ୍କା ପ୍ରଦାନ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବ। ଶ୍ରମିକମାନଙ୍କ ସ୍ୱାର୍ଥ, ସାମାଜିକ ସୁରକ୍ଷା ଓ ଅଧିକାରୀ ପାଇଁ ଲଢ଼େଇ ତୀବ୍ରତର ହେବ ବୋଲି କହିବା ସହ ଶ୍ରମିକ ନେତୃତ୍ୱମାନଙ୍କୁ ଆଗକୁ ବଢ଼ିବା ପାଇଁ ଆହ୍ୱାନ ଦେଇଥିଲେ।

## କାଳ ହେଲା...

ଅସୁସ୍ଥ ହୋଇ ପଡ଼ିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ମାଲିସିରା ପଞ୍ଚାୟତର ଡେଙ୍ଗପଦର ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଇ ୬୮ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ଟିଟିଲାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖାଦ୍ୟରେ ଅସରପା, ଝିଟିପିଟି କିମ୍ବା ଅନ୍ୟ କୌଣସି ବିଷାକ୍ତ ଦ୍ରବ୍ୟ ମିଶିଯାଇଥିବାରୁ ଏହି ଅଘଟଣ ଘଟିଥିବା କୁହାଯାଉଛି। ଅପରାହ୍ଣ ପ୍ରାୟ ସାଢ଼େ ୧ଟା ବେଳେ ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ ଖାଇସାରିବା ପରେ ଜଣେ ପରେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯାଇଥିଲା। ସେମାନଙ୍କର ପେଟ କାଟିବା ସହ ଭୀଷଣ ବାନ୍ତି ହୋଇଥିଲା। କିଛି ଛାତ୍ରଛାତ୍ରୀଙ୍କର ମୁଣ୍ଡ ମଧ୍ୟ ବୁଲାଇଥିଲା। ଖବର ପାଇ ଅଭିଭାବକମାନେ ଅଟୋ ଓ ଆମ୍ବୁଲାନ୍ସ ଯୋଗେ ଛାତ୍ରଛାତ୍ରୀମାନଙ୍କୁ ଟିଟିଲାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏହାକୁ ନେଇ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟ ଏକ ଘଟଣାକ୍ରମେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ସମାନ ଘଟଣା ଘଟିଛି। ମଧ୍ୟାହ୍ନଭୋଜନ ଖାଇ ୩୬ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ପ୍ରଥମେ ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଅଭିଭାବକମହଲରେ ଉତ୍ତେଜନା ପ୍ରକାଶ ପାଇଛି। ନିୟମ ଅନୁସାରେ ଛାତ୍ରଛାତ୍ରୀମାନଙ୍କୁ ପରିବେଷଣ ପୂର୍ବରୁ ପ୍ରଧାନଶିକ୍ଷକ ନିଜେ ଖାଦ୍ୟ ଯାଞ୍ଚ କରି ନ ଥିଲେ ବୋଲି ଅଭିଯୋଗ ହୋଇଛି।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁସାରେ, ଆଜି ମଧ୍ୟାହ୍ନଭୋଜନରେ ସେମାନଙ୍କୁ ଭାତ, ଡାଲି ଓ ଅଣ୍ଡା ଖାଇବାକୁ ଦିଆଯାଇଥିଲା। କିନ୍ତୁ ଖାଦ୍ୟ ଖଟାଳିଆ ଲାଗୁଥିବାରୁ ବହୁ ଛାତ୍ରଛାତ୍ରୀ ନ ଖାଇ ଫିଙ୍ଗି ଦେଇଥିଲେ। ଯେଉଁମାନେ ଅଳ୍ପ କିଛି ଖାଇଥିଲେ, ପରେ ସେମାନଙ୍କର ପେଟ କାଟିବା ସହ ବାନ୍ତି ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷ ଏ ସଂପର୍କରେ ଅଭିଭାବକମାନଙ୍କୁ ଖବର ଦେବା ସହ ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକନ୍ଦ୍ରରେ ଭର୍ତ୍ତି କରାଇଥିଲେ।

## ପଶ୍ଚିମବଙ୍ଗରୁ ପୂର୍ବତନ...

ତାରିଖରୁ ୨୦୨୨ ଜୁନ୍ ୪ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଛୋଟ ଛୋଟ ଉଦ୍ୟୋଗୀମାନଙ୍କୁ ଋଣ ଦେବା ଦାୟିତ୍ୱରେ ଥିଲେ। ଯେଉଁମାନେ ଉଦ୍ୟୋଗୀ ପାଇଁ ଆବଦେନ କରିବେ ବିନୟ ତାହାକୁ ଯାଞ୍ଚ କରି ଲୋନ୍ ମଞ୍ଜୁର କରିବେ। ହେଲେ ସେ ଏହାର ଫାଇଦା ଉଠାଇଥିଲେ। ସେ ଏକାଧିକ ହିତାଧିକାରୀଙ୍କ ନାମରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏହି କାଗଜପତ୍ର ମାଧ୍ୟମରେ ସେ ଅନ୍ୟମାନଙ୍କ ନାମରେ ବ୍ୟାଙ୍କ୍‌ରେ ଋଣ ଆବେଦନ କରି ନିଜେ ଏହାକୁ ମଞ୍ଜୁର କରିଥିଲେ। ପରେ ଅଭିଯୁକ୍ତ ଲିଙ୍କ୍ କରିଥିବା ଏକାଧିକ ବ୍ୟାଙ୍କ୍ ଆକାଉଣ୍ଟକୁ ଋଣ ଟଙ୍କା ପଠାଇଥିଲା। ଏହାପରେ ଏକାଧିକ ଆକାଉଣ୍ଟରୁ ଟଙ୍କା ନିଜ ଆକାଉଣ୍ଟକୁ ନେଇଯାଇଥିଲେ। ହେଲେ ବ୍ୟାଙ୍କ୍ ଅଡିଟ୍ ସମୟରେ ଏଭଳି ଜାଲିଆତି ଧରାପଡ଼ିଥିଲା। ଏହାକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ପରେ ଜାଲିଆତି ସମ୍ପର୍କରେ ଜଣାପଡିବା ପରେ ଇଓଡବ୍ଲ୍ୟୁରେ ଅଭିଯୋଗ ହୋଇଥିଲା। ବିନୟ ୨୦୨୨ରେ ସେ ପଶ୍ଚିମବଙ୍ଗ ହୁଗୁଳି ସର୍କଲରେ ଥିବା ବ୍ୟାଙ୍କ୍‌ରେ କାମ କରୁଥିବା ବେଳେ ୮୦ ଲକ୍ଷ ଟଙ୍କା ଜାଲିଆତି କରି ଲୁଟିଥିଲେ। ଏନେଇ ଧରାପଡିବା ପରେ ତାଙ୍କୁ ଚାକିରିରୁ ବିଦା କରାଯାଇଥିଲା। ଏହାପରେ ସେ କାର୍ଯ୍ୟରେ ଯୋଗ ଦେଇ ପୁଣି ଓଡ଼ିଶାରେ ଠକେଇ କରିଥିଲେ।

## ମିଳିନି ୮ ମାସର...

ରଖିବା ପରିବର୍ତ୍ତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଶ୍ନକୁ ଏଡ଼ାଇ ଯିବାକୁ ଚେଷ୍ଟା କରିଛନ୍ତି। ନିଜର ଲିଖିତ ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କେବଳ ସେମାନଙ୍କୁ କିଏ ଦରମା ଦିଏ ତାହା ଉଲ୍ଲେଖ କରିଛନ୍ତି; ମାତ୍ର ଦରମା କାହିଁକି ବନ୍ଦ ରହିଛି ଏବଂ କେବେ ଦିଆଯିବ, ସେନେଇ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ଉପମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ଉତ୍ତରକୁ ନେଇ ତାତିଛନ୍ତି ସାଧାରଣ ମହିଳା।

ଖରା, ବର୍ଷା, ଶୀତକୁ ଖାତିର୍ ନ କରି ଖୁବ୍ କମ୍ ଦରମାରେ ମିଶନ ଶକ୍ତିର ଏହି ସପୋର୍ଟ ଷ୍ଟାଫ୍‌ମାନେ କାମ କରିଥା'ନ୍ତି। ଏମାନଙ୍କର କାମ ପ୍ରତି ନିଷ୍ଠା ଯୋଗୁଁ ରାଜ୍ୟରେ ମିଶନ ଶକ୍ତି ଆନ୍ଦୋଳନ ସଫଳତା ଲାଭ କରିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ମାତ୍ର ନୂଆ ସରକାର ଆସିବା ପରେ କ'ଣ ପାଇଁ ସେମାନଙ୍କ ଦରମା ବନ୍ଦ କରି ରଖିଛି, ତାହା ସାଧାରଣରେ ବେଶ୍ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ବିନା ଦରମାରେ ଆମେ କେତେଦିନ କାମ କରିବୁ ଏବଂ ଆମ ଘର କେମିତି ଚଳିବ ବୋଲି ଏହି ସ୍ୱଳ୍ପ ବେତନଭୋଗୀ ମା'ମାନେ ପ୍ରଶ୍ନ କରୁଛନ୍ତି। ଡବଲ ଇଞ୍ଜିନ ସରକାରରେ ଅର୍ଥ ଅଭାବ, ନା କେନ୍ଦ୍ର ଏନେଇ ସହଯୋଗ କରୁନାହିଁ କିମ୍ବା ମିଶନ ଶକ୍ତି ଚଳାଇବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ; ସେନେଇ ସରକାର ସ୍ପଷ୍ଟ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।


O-801 e-mail : eerw_sunabeda@yahoo.co.in

GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA
e-Procurement Notice for Road works
Identification No Online Tender /05/RWD-SBD/2024-25

Letter No. 4555 / Date: 06.12.2024 /

01. Name of the work :: Road works Semiliguda, Nandapur, Laxmipur Pottangi, Bandhugaon, Narayanpatna, Lamtaput block
02. Total Number of works :: 15 nos works
03. Estimated cost :: 5.00 to 45.00 lakhs
04. Class of Contractor :: "B", "C" & "D" Class
05. Period of Completion :: 02 months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/05/ RWD-SBD /2024-25 | 10.12.2024 at 11.00 a.m | 24.12.2024 upto 17.00 p.m |

Further details can be seen from the website www.tendersorissa.gov.in

Sd/-
Superintending Engineer,
Rural Works Division: Sunabeda.

OIPR-25059/11/0005/2425

GOVERNMENT OF ODISHA A-676
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

SHORT QUOTATION CALL NOTICE No. 02 /2024-25

| | | |
|---|---|---|
| 1 | Name of Work | Procurement of One All in One Computer for Office of the Sub Divisional Officer,Ramial & Dadaraghati Irr.Sub Division,Kamakhyanagar for the year 2024-25. |
| 3 | Estimated Cost (Including GST @18%) | Rs.76,800.00 |
| 4 | Period of Completion | 7 Days |
| 5 | Class of Contractor | Intending Firms / Dealers / Manufacturers. |
| 6 | EMD / Bid Security Amount / Mode of Payment | 1% of the quoted value (i.e.Rs.768.00) must be furnished along quotations in shape of NSC/KVP/ Deposit Receipt from the scheduled bank duly pledged in favour of the Superintending Engineer, RLBC Division, Kamakhyanagar |
| 7 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Quotations shall be received by The O/o.the S.E,RLBC Division, Kamakhyanagar. | From dt.10.12.2024 (at 10.00 Hours) to dt.18.12.2024 (upto 13.00 Hours). |
| | (iii) Date, time & venue of Opening of Quotations. | On dt. 18.12.2024 at 17.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar |
| | (iv) Availability of SQCN | Further Details can be obtained through e-Mail on eerlbcdivision@gmail.com. |

Superintending Engineer
R.L.B. Canal Division
Kamakhyanagar

OIPR-32298/11/0014/2425


# କଟକ ରେଳ ଷ୍ଟେସନ୍‌ର ଦ୍ୱିତୀୟ ପ୍ରବେଶ ଦ୍ୱାର ଉଦ୍‌ଘାଟିତ



**କଟକ,୭ ।୧୨(ସମିସ):** କଟକ ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶଦ୍ୱାର ଓ ପୂର୍ବପାର୍ଶ୍ୱ ଷ୍ଟେସନ ଭବନ ଆଜି ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। କେନ୍ଦ୍ର ରେଳବାଇ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଉଦ୍‌ଘାଟନ କରିଛନ୍ତି। ଶ୍ରୀ ବୈଷ୍ଣବ ଉଦ୍‌ବୋଧନ ଦେଇ କହିଥିଲେ ଯେ ପୂର୍ବପାର୍ଶ୍ୱ ଷ୍ଟେସନ୍ ଭବନ ସହ ଏହି ନୂତନ ପ୍ରବେଶ, ଯାତ୍ରୀ ମାନଙ୍କ ଯାତାୟାତରେ ଆଧୁନିକ ସୁବିଧା, ନିରାପତ୍ତା ପ୍ରଦାନ କରିବାକୁ ସ୍ଥିର ହୋଇଛି। ସେ କହିଥିଲେ ଯେ ଏହି ପ୍ରକଳ୍ପ ବାଣିଜ୍ୟ ବ୍ୟାପାରକୁ ବୃଦ୍ଧି କରି ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ଏବଂ କଟକ ରେଳ ଷ୍ଟେସନକୁ ଏହି ଅଞ୍ଚଳର ଏକ ପ୍ରମୁଖ ହବ୍ ଭାବେ ପରିଣତ କରିବ। ୨ୟ ପ୍ରବେଶ ଦ୍ୱାର ଜାତୀୟ ରାଜପଥ ପାର୍ଶ୍ୱରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଡିଜାଇନ୍ କରାଯାଇଛି। ଯାହା ଷ୍ଟେସନକୁ ଯାତାୟାତ ପାଇଁ ଅଧିକ ସୁଗମ ଏବଂ ସହଜ ପ୍ରବେଶ ସୁନିଶ୍ଚିତ କରିବ। ଷ୍ଟେସନ ପାଇଁ କାର୍ଯ୍ୟକାରୀ ହେଉଥିବା ୩୦୦କୋଟି ଟଙ୍କା ପ୍ରକଳ୍ପର ଏହା ଏକ ଅଂଶ ବିଶେଷ। କଟକ ଷ୍ଟେସନର ଦ୍ୱିତୀୟ ପ୍ରବେଶ ଦ୍ୱାର ୧୪.୬୩ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ କରାଯାଇଅଛି। ଏହି ଅବସରରେ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ସହ ଜିଲ୍ଲାର ବିଧାୟକ ମାନେ ଯୋଗଦାନ କରିଥିଲେ। ପ୍ରବେଶ ଦ୍ୱାର ଷ୍ଟେସନ୍ ଭବନ ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ଏଥିରେ ଖାଦ୍ୟ କୋର୍ଟ, ଆଧୁନିକ ଶୌଚାଳୟ, ଟିକେଟ୍ କାଉଣ୍ଟର, ଅପେକ୍ଷା ସ୍ଥଳୀ, ଏସ୍କାଲେଟର୍, ଲିଫ୍ଟ ଏବଂ ଅନ୍ୟାନ୍ୟ ସୁବିଧା ଅନ୍ତର୍ଭୁକ୍ତ।

■ ରାଜଧାନୀରେ ସିବିଆଇ ଚଢ଼ଉ

## ଦାମୀ ଗାଡ଼ିରୁ ଲକ୍ଷାଧିକ ଟଙ୍କା, ସୁନାଗହଣା ଜବତ

**ଭୁବନେଶ୍ୱର, ୭ ।୧୨ (ସମିସ):** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଆଜି ଭୁବନେଶ୍ୱରସ୍ଥିତ ମେ' ଫେୟାର୍ ହୋଟେଲ ସାମ୍ନାରୁ ଗୋଟିଏ ମର୍ସିଡିଜ୍ କାର୍ ସହ ସେଥିରେ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଜବତ କରିଛି। ଏହାସହ କାର୍‌ରେ ଥିବା ୪ଜଣଙ୍କୁ ମଧ୍ୟ କାବୁ କରି ସାଙ୍ଗରେ ନେଇଯାଇଛି। ଏହି ଘଟଣା ପ୍ରଘଟ ହେବା ପରେ ହଇଚଇ ସୃଷ୍ଟି ହୋଇଛି। କାର୍‌ରେ ବସିଥିବା ୪ଜଣ ଯାକ ବ୍ୟବସାୟୀ ବୋଲି କୁହାଯାଉଛି। ତେବେ କେଉଁ କାରଣରୁ ସିବିଆଇ ସେମାନଙ୍କୁ ଉଠାଇନେଇଛି, ତାହା ଜଣାପଡ଼ିନଥିଲେ ହେଁ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଉକ୍ତ ୪ ବ୍ୟକ୍ତିଙ୍କୁ ସିବିଆଇ ଅଫିସ୍‌ରେ ପଚରାଉଚରା କରାଯାଉଛି। କୌଣସି ବଡ଼ ଡିଲ୍ ପାଇଁ ଏହି ଟଙ୍କା ବ୍ୟବସାୟୀ ଦେଉଥିବା କୁହାଯାଉଛି। ଗାଡ଼ିଟି କଟକର ଜଣେ କଣ୍ଟ୍ରାକ୍ଟର ନାମରେ ରହିଥିବା ଜଣାପଡ଼ିଛି। ସିବିଆଇ ସେମାନଙ୍କୁ ଧରିବା ପାଇଁ ମାସେ ଆଗରୁ ରାଜଧାନୀରେ ଡେରା ପକାଇଥିଲା। ଆଜି ଡିଲ ହେବା ସମୟରେ ଅଟୋରେ ଆସି ମାଡି ବସିଥିଲା ସିବିଆଇ ଟିମ୍।

**୪ଜଣଙ୍କୁ ଉଠାଇ ନେଲା ସିବିଆଇ ଟିମ୍**

● ବିକ୍ରି ହୋଇଥିବା କନିକା ରାଜପରିବାର ଜମିକୁ ସରକାରୀ ଖାତାକୁ ଫେରାଇବା ପ୍ରସଂଗ

## ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ

**କଟକ, ୭ ।୧୨(ସମିସ):** ବିକ୍ରି ହୋଇଥିବା କନିକା ରାଜ ପରିବାରର କେତେକ ଜମିକୁ ସରକାରୀ ଖାତାକୁ ଫେରାଇବା ପାଇଁ ରାଜକନିକା ତହସିଲଦାରଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଏଥିସହ ଏହା ଉପରେ ସ୍ଥିତାବସ୍ଥା ଜାରି ପାଇଁ ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଛନ୍ତି। ଫଳରେ ଜମି କ୍ରୟ କରିଥିବା ବ୍ୟକ୍ତିଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ରାଜ୍ୟ ସରକାର, ରାଜସ୍ୱ ପର୍ଷଦ ସଭ୍ୟ, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ରାଜକନିକା ତହସିଲଦାର ତଥା ରାଜସ୍ୱ ଅଧିକାରୀଙ୍କୁ ମାମଲାରେ ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁଜିତ କୁମାର ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫, ଜାନୁଆରି ୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।


**Walk-in-interview**

| Sl. No | Category | Qualification |
|---|---|---|
| 01. | Audiologist and Speech therapist | BASLP with 2 year experience |
| 02. | Occupational Therapist | Post- Graduate /Graduate in related field with 02 Years experiences |
| 03. | Special Educator ID | B.Ed. SE (ID/CP/MD) with 03 Years Experiences |
| 04. | Staff Nurse | GNM/ANM with 2 years experience |
| 05. | cook | VIII Class Pass. (Exp.& skill in Cooking of residential hostel/ care centre etc.) |

-Good Honorarium Packages for suitable Candidates

- Interested candidates having requisite qualification can attend the Walk-in Interview on **24.12.2024 at 10.00 am**. with complete bio-data and all original academic certificates along with a set of photocopies. For any query contact in 8637273612 / 6370745373.

CENTRE FOR REHABILITATION SERVICES & RESEARCH (CRSR)
Prasanti Bhawan, Dahanigadia, Po- Charampa, Dist.- Bhadrak, Pin-756101
Admn. Officer

**AFFIDAVIT**
By virtue of an affidavit sworn before the Executive Magistrate, Khordha, dated 03.12.2024. I Mr. Sanjay Kumar Sahoo, At- Thakurpada, Po.- Pubusahi, Ps/Dist.- Khordha declare that I have changed my minor son's name from Aditya Kumar Sahoo to Sarbeswar Sahoo. Henceforth, he shall be known as **Sarbeswar Sahoo** for all purposes.

**AFFIDAVIT**
By virtue of an affidavit sworn before the Notary Public, Cuttack dated 07.12.2024 I, Smrutimayee Khuntia, W/o- Late Sheelabhadra Khuntia resident of At-Rajendra Nagar. Po- Madhupatna, Dist- Cuttack, Odisha, Pin- 753010 have changed my minor daughter's name from Sivangi Subhalaxmi to Subhangi Subhalaxmi. Henceforth she shall be known as **SUBHANGI SUBHALAXMI** for all purposes.
Sd/- Smrutimayee Khuntia

**AFFIDAVIT**
I, **Ashis Kumar Sharma**, S/o- Suresh Kumar Sharma, resident of At- Ward No. 4, Near Railway Crossing, Shiv Mandir, Chowkipada, Jharsuguda, PO/PS/Dist: Jharsuguda, Pin-768201, Odisha has changed my name to Ashish Kumar Sharma before the Notary Public, Jharsuguda vide affidavit No. 60AA 933943, dtd. 04/12/2024 now onwards I shall be known as **ASHISH KUMAR SHARMA** for all future purposes.

**AFFIDAVIT**
I, Chandini Guru, age about 34 years, W/o- Naresh Naik, resident of At- Saunthpur, Po- Gudesira, Ps- Sadar, Dist- Baragarh, Pin- 768028, Odisha declared by this affidavit No. 18535, dated- 06/12/2024, that now onwards I shall be known as **CHANDINI NAIK** for all future purposes.

**AFFIDAVIT**
I, Gurjeet Kaur, age about 64 years, W/o- Narinder Pal Singh, resident of Plot No. 111, Budheswari Colony, Cuttack Road, Ps- Laxmi Sagar, Bhubaneswar, Pin-751006, Odisha declared by this affidavit No. 18537 , dated- 06/12/2024, that now onwards I shall be known as **GURJIT KAUR** for all future purposes.

**AFFIDAVIT**
I, Pabitra Kumar Raul, age about 59 years, S/o- Pitambar Roul, resident of At- Gayaspur, Po- Thauri, Ps- Mohakalapada, Dist- Kendrapara, Pin- 754212, Odisha declared by this affidavit No. 2228, dated- 06/12/2024, that now onwards I shall be known as **PABITRA KUMAR ROUL** for all future purposes.

**AFFIDAVIT**
I, Samima Begam, age about 34 years, W/o- Saikh Azizal Haque, resident of At- Fakir Sahi, Po- Suhagpur, Ps- Kakatpur, Dist- Puri, Pin- 752107, Odisha declared by this affidavit No.18538, dated- 06/12/2024, that now onwards I shall be known as **SAMIMA BEGUM** for all future purposes.

**AFFIDAVIT**
I, Sanjay Rout, S/o- Upendra Nath Rout, Resident of AT/PO- Ertal, PS- Basudevpur, Dist-Bhadrak, PIN- 756124, Odisha, declare by this affidavit No. 6818, dated- 08/11/2024, that now onwards I shall be known as **SANJAYA KUMAR ROUT** for all future purposes.

**AFFIDAVIT**
I, Saritha Shah, W/o- Sarwan Shah, resident of Plot No. 15/1568, Old Station Bazar, Bhubaneswar, Dist- Khordha, PIN -751006, Odisha declare by this affidavit No. 107, dated- 06/12/2024, that now onwards I shall be known as **SARITA SHAH** for all future purposes.

**AFFIDAVIT**
I, Saiyyed Ajgar Ali, S/o- Sayyad Safar Ali, resident of At- Samanga, Dist- Jagatsinghpur, Pin- 754132, Odish declared by this affidavit No. 763, dtd- 06/12/2024 that now onwards I shall be known as **SAYYAD ASGAR ALI** for all future purposes.

# ରାତିର ଇଏମ୍‌ଆଇ



ବିରଜା ରାଉତରାୟ

ସେଦିନ ଏହି ଅଘୋଷିତ ପାୱାର କଟ୍‌ର ସ୍ଥାୟିତ୍ୱ ଏତେ ଦୀର୍ଘ ହୋଇପାରେ ବୋଲି କେବେ ଭାବି ନ ଥିଲା ସୁକାନ୍ତି। ଗାଁରେ ସିନା ବତାସର ପ୍ରଥମ ଦଲକାଏ ଆଭାସରେ ଲାଇନ୍ ଅନ୍ତର୍ଦ୍ଧାନ ହୋଇଥାଏ। ଖଇରିଆ ରଙ୍ଗଛଡ଼ା ବତିଖୁଣ୍ଟଗୁଡ଼ାକ ନିରୀହ ମୁଦ୍ରାରେ ହାତ ଟେକି ଦିଅନ୍ତି ଉପରକୁ। ସେମାନଙ୍କ ଜଡ଼ ପ୍ରାଣରୁ ଭାଷା ସିନା ସ୍ଫୁରେ ନାହିଁ, କିନ୍ତୁ ପ୍ରକାଶ୍ୟରେ କହିବା ପରି ଜଣାପଡ଼ନ୍ତି, "କେବେ ଆସିବ ଆମେ କହି ପାରିବୁ ନାହୁଁ!"

ସୁକାନ୍ତି ମନକୁ କିନ୍ତୁ ଚହଲାଉ ଥିଲା ଗୋଟିଏ ପ୍ରଶ୍ନ। ଶୁଣିଥିଲା, ଇଏ ଖୋଦ୍ ରାଜଧାନୀ! ମନ୍ତ୍ରୀ, ହାକିମ ଓ ବାବୁଭାୟାଙ୍କ ସହର! ଏଠି ପୂରାକୁ ପୂରା ଅବିଚ୍ଛିନ୍ନ ଚବିଶ ଘଣ୍ଟା ପ୍ରହରା ଥାଏ ବିଜୁଳିର। ତା' ଭିତରେ ସହସା ଉଙ୍କି ମାରିଥିବା ଏଇ ପ୍ରଶ୍ନ ସହ ଆଉ ଗୋଟେ ଭୀଷଣ କ୍ଷୋଭ ବି ଯୋଡ଼ିହୋଇ ଯାଇଥିଲା। ତାହା ଅଭିପ୍ରେତ ଥିଲା ନିଜ ସ୍ୱାମୀ ଅମିୟଙ୍କ ପ୍ରତି। ମନେ ମନେ ବିରକ୍ତ ହୋଇ ଉଠିବା ପରି ମୁହଁରୁ ଅବ୍ୟକ୍ତ ଧାଡ଼ି ସବୁ ଗୁଣୁଗୁଣାଇ ଉଠି ଅଭିଯୋଗ କରି ବସୁଥାନ୍ତି, "ଧେତ୍...ଆଉ କୋଉଠି ତାଙ୍କୁ ଭଡ଼ାଘର ମିଳିଲା ନାହିଁ ଯେ, ଏଇ ଗେଞ୍ଜା କଲୋନୀର ବଖୁରିକିଆ ଘର ଭିତରେ ଶେଷକୁ ଆଣି ପୂରେଇ ଦେଲେ।"

ବାହାରେ ଏହି ଅଘୋଷିତ ପାୱାର କଟ୍‌ର ରାତି ଗାଢ଼ ପାଲଟୁଥାଏ। ପ୍ରଚଣ୍ଡ ଗୁଳୁଗୁଳି ତା'ର ଆଉଟା କ୍ରୋଧକୁ ନିର୍ଦ୍ଦୟ ଭାବେ ପରଶି ଚାଲିଥାଏ ରାଜଧାନୀର ସଙ୍ଖୁଡ଼ି ପତ୍ର ଉପରେ। ଉତ୍ତପ୍ତ ରାତି ନିଆଁର ଧାସପରି ଅନୁଭୂତ ହେଉଥାଏ ସର୍ବାଙ୍ଗରେ। ଯେପରି ଉପାୟଶୂନ୍ୟ ହୋଇ ସେହି ରାତି ବିଞ୍ଚଣା ନଳି ମୁଠାରେ ଗୋଟିଏ ଅସ୍ପଷ୍ଟ ଆଉ ଶ୍ରୁତିକଟୁ ଘର୍... ଘର୍‌ର... ଶବ୍ଦରେ ତା'ର ଅସନ୍ତୋଷ ଜାହିର କରୁଥାଏ ସୁକାନ୍ତି ମାଧ୍ୟମରେ। ଥକି ପଡ଼ିଲେ କେବେ କେବେ ବାଁ ହାତରୁ ଡାହାଣ ହାତକୁ ଭାରା ହସ୍ତାନ୍ତର କରି ଚାଲିଥାଏ ସେ। ଘର ଭିତରେ ଟେବୁଲ ଉପରେ ଜଳୁଥିବା ମହମବତିଟା ତା'ର ଦିକିଦିକି ଆୟୁଷର ପ୍ରାୟ ନବେ ଭାଗ ପ୍ରାୟ ଶେଷ କରିବାକୁ ବସିଥାଏ। ଖଟ ଉପରେ ଅମିୟ ଏକମାତ୍ର ପଟିକିଆ ଖୋଲା ଝରକାକୁ ମୁହଁକରି ଚେଇଁ ପଡ଼ି ରହିଥାନ୍ତି। ସେହି କ୍ଷୁଦ୍ର ଗବାକ୍ଷ ମଧ୍ୟରୁ ଏହି ଅସହ୍ୟପଣରୁ ହାବୁକାଏ ନିସ୍ତାର ଖୋଜି ହେଉଥାଆନ୍ତି। ସନ୍ତୁଷ୍ଟ ନ ଲାଗିଲେ ମଝିରେ ମଝିରେ ଚିତ୍ ହୋଇ ପଡ଼ି ସେ ମଧ ବିଞ୍ଚଣା ବୁଲେଇ ପକାଉଥାନ୍ତି।

ଏଇ କିଛି ସମୟ ଆଗରୁ ତାଙ୍କ ସହ ବହେ ଝଗଡ଼ା କରି ଅଭିମାନରେ ଆସି ଛିଡ଼ା ହୋଇଥିଲା ବାଟ କବାଟ ମୁହଁ ପାଖରେ ସୁକାନ୍ତି।

ବାହାଘରର ତିନି ମାସ ପରେ ପ୍ରଥମ କରି ଗାଁରୁ ତାକୁ ନେଇ ଆସିଛନ୍ତି ଭୁବନେଶ୍ୱର। ବରଗଡ଼ ବ୍ରିଟ୍ କଲୋନୀରେ ଥିବା ତାଙ୍କର ଏହି ଛୋଟ ଠିକଣାକୁ। ସୁକାନ୍ତି ବାହାଘର ଆଗରୁ ଦୁଇ ଚାରି ଥର କାହା ନା କାହା ସାଙ୍ଗରେ କିଛି ନା କିଛି ଉଦ୍ଦେଶ୍ୟରେ ଆସି ସାରିଥିଲା ଭୁବନେଶ୍ୱର। ଗାଁ ହାଇସ୍କୁଲରେ ପଢ଼ିଲା ବେଳେ ଏକ୍ସକର୍ସନ୍ ପାର୍ଟିରେ ବସ୍‌ରେ ଆସି ନନ୍ଦନକାନନରୁ ଲିଙ୍ଗରାଜ ଯାଏଁ ସବୁ ବୁଲି ସାରିଥିଲା। ଭୁବନେଶ୍ୱର ସହରର ଆକର୍ଷଣର ମାୟା ସେବେଠୁ ଅଞ୍ଜନପ୍ରାୟ ନେସି ହୋଇ ରହି ଯାଇଥିଲା ତା' ଆଖିରେ। ଯେବେ ଯା'ଙ୍କ ସହ ପ୍ରସ୍ତାବ ପଡ଼ିଥିଲା ଆଉ ଶୁଣିଥିଲା ପୁଅ ପ୍ରାଇଭେଟ୍ କମ୍ପାନୀରେ ଭୁବନେଶ୍ୱରରେ କାମ କରେ ଆଉ ରହେ ବି। ଅବିଳମ୍ବେ ସମ୍ମତି ଜଣାଇ ଦେଇଥିଲା ନିଜ ଆଡ୍ରୁ ବାପାବୋଉଙ୍କୁ। ବିବାହ ପରେ ସୁବିଧା କରି ଶେଷକୁ ଅମିୟ ନେଇ ଆସିଥିଲେ ପାଖକୁ। ଏତେ ବଡ଼ ମହାନଗର ଭିତରେ ନୂଆ ନୂଆ ରହିବାଟା ତା' ପାଇଁ ଗୋଟେ ଅଲଗା ପୁଲକ ଥିଲା। ସ୍ୱାମୀଙ୍କ ସହ ସ୍କୁଟି ପଛରେ ବସି କେବେ କେବେ ରାତିରେ ଛୋଟମୋଟ ମାର୍କେଟିଂରେ ଯିବା, ପୁଣି ଛୁଟି ଦିନରେ ପାର୍କ ଆଡ଼େ ସମୟ କାଟିବା, ତା' ଦାମ୍ପତ୍ୟ ସୁଖରେ ବୋଳି ଦେଇଥିଲା ଏକ ପ୍ରକାର ଚମକ। ସିଏ ନଥିଲା ବେଳେ ଅପରାହ୍ଣରେ କଲୋନୀର କଲଭର୍ଟ ପାଖରେ ମେଳି ବାନ୍ଧିଥିବା ମହିଳାମାନଙ୍କ ସହ ମିଶି ଗପର ପସରା ଖୋଲିବା ସବୁ ଏକ ଉନ୍ମୁକ୍ତ ପୃଥିବୀର ମଣିଷ ପରି ତାକୁ ବୋଧ ହେଉଥିଲା।

ମାତ୍ର ଆଜିର ଏହି ପାୱାର୍ କର୍ଟ ତା'ର ଏସବୁ ସହରୀ ସରାଗର ଚିତ୍ର ଉପରେ ପାଣି ଢାଳି ଦେଇଥିଲା ଯେପରି। ପ୍ରଥମେ ସେ ହିଁ ନିଜ ଆଡୁ ଝଗଡ଼ା ଆରମ୍ଭ କରି ଦେଇଥିଲା, "ତମକୁ ଆଉ ଘର କେଉଁଠି ମିଳିଲା ନାହିଁ ଯେ ଏଇ ଅନ୍ଧିସନ୍ଧିରେ ଥାନ ମିଳିଲା। ଘର ଆଗରେ ପୁଣି ଦୁଇ କଡ଼ଯାକ ଲାଗିଲାଗି ଘର। ପବନ ଟିକେ ପଶିବାକୁ ବି ବାଟ ନାହିଁ। ଏଣେ ଦେଖ, ଏତେ ଗୁଡ଼ାଏ ସମୟ ଗଲା ପରେ ବି ଲାଇନ୍ ଆସୁନାହିଁ! ଏ ମଣିଷ ଶୋଇବ ପୁଣି କେତେବେଳେ?"

"ମୁଁ ଜାଣିବାରେ ଏଠି ଏତେ ସମୟ ଧରି ତ ଲାଇନ୍ କେବେ କଟିନାହିଁ! କ'ଣ କୋଉଠି ଅସୁବିଧା ହୋଇଛି ନିଶ୍ଚୟ! ତା' ଛଡ଼ା ମୋର ଏଇ ପ୍ରାଇଭେଟ୍ ଚାକିରିରେ ଦରମା ଏପରି କେତେ ଯେ ଅଧିକ ଘରଭଡ଼ା ଦେଇ ଯା'ଠୁଁ ଭଲ ଖଣ୍ଡେ ନେଇ ପାରିବି? ଏଇଠୁ ମୋ ଅଫିସ୍ ପାଖ ବୋଲି ଘରଟା ରଖିଛି। ଆଖ ପାଖରେ ଏତିକି ବଜେଟ୍‌ରେ ଭଡ଼ାଘର ଖଣ୍ଡେ ମିଳିବା କାଠିକର ପାଠ! ଖାସ୍ ତମ ସୁବିଧା ପାଇଁ ଆଉ ଗୋଟିଏ ଘର ତ ବଦଳେଇ ପାରିବି ନାହିଁ!" ମହମବତିର ସ୍ତମିତ ଆଲୋକରେ ଅମିୟଙ୍କ ଆଖିର ବିରକ୍ତିଭାବଟା ସ୍ପଷ୍ଟ ଜଣାପଡ଼ି ନ ଥିଲେ ବି ଉଚ୍ଚ କଣ୍ଠସ୍ୱର ସୂଚେଇ ଦେଉଥିଲା ତାଙ୍କ ରୁକ୍ଷ ମାନସିକତାକୁ।

ସାମାନ୍ୟ ଉତ୍‌କ୍ଷିପ୍ତ ହୋଇ ଯାଇଥିଲା ସେଥିରେ ସୁକାନ୍ତି। ବସିଥିବା ଖଟରୁ ଉଠି ଦୁଆର ଖୋଲା କବାଟ ପାଖରେ ଆସି ଛିଡ଼ା ହୋଇ ଯାଇଥିଲା। ଗରମ ହାୱା ପରି କିପରି ଗୋଟିଏ ଅଭିମାନ ଅସ୍ତବ୍ୟସ୍ତ କରି ଚାଲିଥାଏ ତା' ମନ ଅଭ୍ୟନ୍ତରରେ, "ଏମିତି ତା' ବୋଲି କହିବ! ତମ ରୋଜଗାର ମୋତେ କ'ଣ ଜଣାନାହିଁ! ମୁଁ ତ କହିନି ଉଆସ ଭଳି ଘର ମୋ ପାଇଁ ଖୋଜ ବୋଲି? ଏ ଆବଦ୍ଧ ଘର ଭିତରେ ରହି ବିନା ପଙ୍ଖାରେ କାଟିବାର କଷ୍ଟଟାକୁ ଟିକେ କହିଦେଲି ବୋଲି ଏମିତି ଶୁଣାଇବ?" ସେମିତି ଛାଁକୁ ଛାଁ ଗାରୁଗାରୁ ହୋଇ ବନ୍ଧକୁ ଆଉଜି ଛଡ଼ା ହୋଇ ରହିଥାଏ ସୁକାନ୍ତି।

ହଠାତ୍ କାନ୍ଥ ଘଣ୍ଟାରେ ଠନ୍ କରି ଶବ୍ଦଟି ବାହାରି କହିଦେଲା ବାରଟା ବାଜିଗଲା ବୋଲି। ଦୁହେଁ ସାମାନ୍ୟ ସତର୍କ ହୋଇ ଚାହିଁଲେ ମହମବତିର ମସିଆ ହଳଦୀ ଆଲୁଅରେ ଅସ୍ପଷ୍ଟ ଦେଖାଯାଉଥିବା ଘଣ୍ଟାର କଣ୍ଟାକୁ। ଗାଢ଼ ରାତିର ରଙ୍ଗରେ ଯେପରି ଆଉ କିଏ ପରସ୍ତେ ଖାଁ... ଖାଁ... ନିର୍ଜନତାର ରଙ୍ଗ ବୋଳିଦେଲା। ଅମିୟ ଖଟର ଗୋଟେ କଡ଼କୁ ଘୁଞ୍ଚି ଆସି କହିଲା, "ଲାଇନ୍ କେତେବେଳେ ଆସିବ ଜଣା ପଡୁନି। ରାତି ଢେର୍ ହୋଇସାରିଲାଣି। ଆଜି ରାତିଟା କଷ୍ଟେମଷ୍ଟେ ଶୋଇପଡ଼। କାଲିକି ତମର ଏ ଅଭିଯୋଗ ନ ଥିବ। ଆସନ୍ତାକାଲି ଯାହା ବି ହେଉ ଛୋଟ ଇନଭର୍ଟରଟିଏ ଆଣିବି। ହେଉ ପଛେ ଇଏମ୍‌ଆଇରେ!

ଟେବୁଲ ଉପର ଷ୍ଟାଣ୍ଡରେ ମହମବତିଟି ତା'ର ଶେଷ ମୁଚୁକୁନ୍ଦ ଦୁଷ୍ଟାମିର ହସ ହସି ନିର୍ବାପିତ ହେବାକୁ ବସୁଥାଏ। ସୁକାନ୍ତି ଓଠରେ ଧାରେ ହସ ଖେଳାଇ ଭିତରୁ ଧଡ୍ କରି କବାଟ ବନ୍ଦ କରି ଉଠି ଆସିଲା ଖଟ ଉପରକୁ। ■

ମାଧପୁର, କେନ୍ଦ୍ରାପଡ଼ା
ମୋ: ୯୭୫୮୮୧୦୨୪

# ଛାଇ ନିଦ



ଶର୍ମିଷ୍ଠା ସାହୁ



ରୁହ, ଟିକେ ଛାଇ ନିଦରେ
ଶୋଇ ପଡ଼େ।
ମିଛ କଥାମାନଙ୍କୁ ସତ ବୋଲି
ଭାବି ସାରେ।
ତା'ପରେ ଫେରି ଆସିବି ଯେ
ତୁମର ସ୍ମିତହସରେ ତିଆରି
ପୃଥିବୀକୁ।

ଆଖିରେ ହସ ଧାରେ ଥିଲେ
ସବୁ ସୁନ୍ଦର।
ଭଙ୍ଗାପାହାଡ଼, ଥୁଣ୍ଟାଗଛ,
ଅଳନ୍ଧୁ ଭର୍ତ୍ତି ଘର,
ବନ୍ଦ ଝରକା ଓ ଉଦାସ ପରଦା
ସବୁ ସୁନ୍ଦର।

ରୁହ, ଟିକେ କଡ଼ ଲେଉଟାଏ
ହୃଦୟର ବିପରୀତ ଦିଗକୁ।
ତା'ପରେ ଖୋଜିବି ଯେ
କେଉଁଠି ସଜ୍ଜା ହେଉଥିବ ମେହେଫିଲ୍
ଆହତ ତାରାମାନଙ୍କର!
ଦୁଃଖର ନିଶାରେ ଝୁମି ଉଠୁଥିବ
କୁହୁଡ଼ିଆ ସଞ୍ଜ।

ରୁହ, ପଚାରି ଆସେ
ଗତ ରାତିରୁ ନିଖୋଜ ସେ ଝିଅଟି
ଘରକୁ ଫେରିଲା କି ନାହିଁ।
ତା'ପରେ ହେଜିବି
ନିରାପଦ ଜାଗାଟେ ଖୋଜି ଖୋଜି
ଇତିହାସରୁ ଯାତ୍ରା ଆରମ୍ଭ କରିଥିବା
ନାରୀଟି
ଏବେ ପହଞ୍ଚିଛି କେଉଁଠି!

ରୁହ, ଟିକେ ପ୍ରଶ୍ୱାସ ନିଏ,
ଭଙ୍ଗା ହୃଦୟମାନଙ୍କ ଦୁର୍ବୋଧ ଭାଷା
ବୁଝି ସାରେ।
ତା'ପରେ କହିବି
କଳି ହେଉ ନଥିବା ଯନ୍ତ୍ରଣାକୁ
ଆତ୍ମସ୍ଥ କରି
କେମିତି ନିର୍ବାକ୍ ହୋଇଯାଏ ସମୟଟେ!

ରୁହ, ଟିକେ ପରଖି ନିଏ
ବିବେକର ନିଦ କେତେ ଗାଢ଼ ହୋଇପାରେ।
ତା›ପରେ ଦେଖାଇବି
ଏତେ ପ୍ରତିବାଦ, ବିଦ୍ରୋହ,
ଏତେ ପ୍ରାର୍ଥନା, ଅନୁନୟ,
ଏତେ ପ୍ରକାର କୋଳାହଳ ଯେବେ
ଭେଦି ପାରୁ ନଥାଏ ଏ ଦୁର୍ଦ୍ଦିନର ଛାତି,
କିଛି ଅକ୍ଷର, କେଇ ବୁନ୍ଦା
ସ୍ୟାହି ଛିଟା ମାରିଦେଇ
ଦୁର୍ଦ୍ଦିନର ମୁହଁ କଳା କରିଦେଲି ଭାବି
ଖୁସି ହେଉଥାଏ କଲମଟିଏ କେମିତି!! ■

କ୍ୱାର୍ଟର -ସି/୪୫
ଏମ୍.ସି.ଏଲ୍. ହିଙ୍ଗୁଳା ଏରିଆ
ବଳରାମ ଟାଉନସିପ୍,ନେହେରୁ ଶତାବ୍ଦୀ ନଗର
ତାଲଚେର, ଅନୁଗୁଳ



# ଦୂତୀର କବିତା

ପିନାକୀ ମିଶ୍ର



କୋଉଠୁ ଆସିବ,
କାହା ହାତରେ ଗଢ଼ାହେବ,
କେତେକାଳ ରହିବ, କହିହେବନି କବିତା କଥା।

ଏତିକି କହିହେବ ଯେ' କବିତା ଆସିବ
ବସିବ ଦରଦୀଛାତିରେ
ରଗରଗ ରୁନ୍ଧିହେବ,
ଶବ୍ଦସବୁ ନବାରୁଣ ଛୁଆଁ କାକର ମୋତି ପରି ।

କବିତା ତୃପ୍ତିର ମହୁଘର
ପୀଡ଼ାଭୋଗର ବି ଆନନ୍ଦ ଆଧାର
ଧୀରେ ଧୀରେ ଗହନ ଭେଦକରେ
କ୍ଷତଝରକୁ ଅଙ୍ଗୁଳି ଟିପ ଦିଏ
ମାନିନୀର ଲାଜ ଓ ଅଳସା ଆଖିର ସ୍ୱପ୍ନ ବଖାଣେ।

ବେଳାକୁ ଢେଉ ଚୁମ୍ବନ
ନେତକୁ ନିଆସିଜଣାଣ,

ଶିଳାସୁନ୍ଦରୀ ବାଜୁବନ୍ଧ
କୀର୍ତ୍ତନଘର ମୃଦଙ୍ଗ ତାଳ
ଭୋକ ଭୁଲେଇ ଦେବାର ମୋହନସ୍ୱର
ଅଭିମାନର ଅଛିଣ୍ଡା ଗଣିତ ଇଏ
ପ୍ରେମର ସରୁହସ ମଦିରା ଇଙ୍ଗିତ ଇଏ,

ସ୍ୱାମୀ-ପୁତ୍ର ହରେଇଥିବା ଅଭାଗିନୀର ନିଦାଘ ଜଳଛତ୍ର
ଗୁମ୍ ସୁମ୍ ବେକାରଯୁବକକୁ ମାଆର ସକାଳ ଶିଶିର ସାନ୍ତ୍ୱନା
ଅଦିନଝଡ଼ର ହଲପ୍ ଆଗରେ ଶାଳଗଛର ଦମ୍ଭ
ପୁଣି ଚମକ ଆଣୁଥିବା ଧାଡ଼ିର ଧାରେ ଅଶ୍ରୁ

କହିପାର ଦିଅଁଭେଟ, ମାଟିମୁକ୍ତି,
ଶ୍ରମଲାଘବ ରାତିର ନିଦ ପାଇଁ ବଖୁରେ ଘର
ଦିଚାରିଟା ବାଡ଼ିଫୁଲର ଶରଧା କବିତା

କବିତା ଦୂତୀର କୁଆଁର ପୂନେଇଁ ପାଦଅଳତା
ମାଧବୀର ରାସ୍ତାଧୂଳି ଚିନ୍ତା
ବୁଢ଼ୀମା'ର ସନ୍ଧ୍ୟା ମଥୁରାବିଜୟ ଗୀତ
ବାଡ଼ିପଟ ଧୂଳିଚଦର ପିନ୍ଧା ଭଙ୍ଗାଶଗଡ଼ ଅତୀତ ।

ଦୂତୀର ଛାତି ଦକଦକ
ନଈପଠା ମୁହଁସଂଜରେ ପଚାରେ ମିତକୁ -
ବାପଘର ଝିଅଟା, ବାପଘରେ ଥାଉ
ଝିଅ ହେଇ ରହିଲେ କ୍ଷତି କ'ଣ ? ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ ରୋଡ୍, କେନ୍ଦୁଝର -୧
ମୋ: ୯୪୩୮୧୧୮୩୯୭

## ପୁସ୍ତକ ପରିଚୟ

### ଓଡ଼ିଆଙ୍କ ଅଭିଧାନ ଉତ୍କଳ ପ୍ରଦୀପ

**ସଂକଳକ: ବୀରେନ୍ଦ୍ର କୁମାର ସାମନ୍ତରାୟ**



ଉତ୍କଳ ପ୍ରଦୀପ
ପାଳସାହି, ରେଞ୍ଚ
ଖୋର୍ଦ୍ଧା-୭୫୨୦୧୪

ଜାତି,ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ପରିଚୟକୁ ନେଇ ପ୍ରକାଶ ପାଇଛି ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କ ସଂକଳିତ 'ଉତ୍କଳ ପ୍ରଦୀପ' ପୁସ୍ତକ। ବର୍ଣ୍ଣାନୁକ୍ରମରେ ସଂକଳିତ 'ଅ'ଠାରୁ 'କ୍ଷ' ପର୍ଯ୍ୟନ୍ତ ନାମାନୁସାରେ ଏହା ୭ ଖଣ୍ଡରେ ପ୍ରକାଶିତ ହୋଇଛି। ରାଜା, ଜମିଦାରଙ୍କଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ,ସାମ୍ବାଦିକ, ସମାଜସେବୀ, ଅଭିନେତା, ଅଭିନେତ୍ରୀ, ଚିକିତ୍ସକ, ଶିଳ୍ପୀ, ସଂଗ୍ରାହକ, ଆଇନଜୀବୀଙ୍କ ପର୍ଯ୍ୟନ୍ତ ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଓଡ଼ିଆଙ୍କ ପରିଚୟ ଏହି ସଂକଳନରେ ସ୍ଥାନ ପାଇଛି। ୫୯ଟି ବିଭାଗରେ ସାତ ଖଣ୍ଡରେ ପ୍ରକାଶିତ ପ୍ରାୟ ୨୦ ହଜାର ଓଡ଼ିଆଙ୍କ ପରିଚୟ ଏଥିରେ ସନ୍ନିବେଶିତ ହୋଇଛି। ଯେଉଁ ସବୁ ଓଡ଼ିଆଙ୍କ ପରିଚୟ ପ୍ରକାଶ ପାଇଛି, ତାହାର ଏକ ନାମ ତାଲିକା ହେଉଛି 'ଓଡ଼ିଆଙ୍କ ଅଭିଧାନ ଉତ୍କଳ ପ୍ରଦୀପ' ପୁସ୍ତକ। ବିଭାଗ ଅନୁଯାୟୀ ସମାଜର ବିଭିନ୍ନ ବର୍ଗର ପ୍ରତିଭାଧାରୀ ବ୍ୟକ୍ତିଙ୍କ ନାମ ତାଲିକା ଏଥିରେ ପ୍ରକାଶ ପାଇଛି। ଓଡ଼ିଶା ଏବଂ ଓଡ଼ିଆଙ୍କୁ ଭଲ ପାଇବାରେ ଶ୍ରୀଯୁକ୍ତ ସାମନ୍ତରାୟଙ୍କ ବର୍ଷ ବର୍ଷର ପରିଶ୍ରମ, ନିଷ୍ଠା ଓ ଆନ୍ତରିକତାର ଏହା ଏକ ଜ୍ୱଳନ୍ତ ନମୁନା। ଓଡ଼ିଆଙ୍କ ପରିଚୟ ପାଇବା ପାଇଁ 'ଉତ୍କଳ ପ୍ରଦୀପ' ଏକ ସଂଗ୍ରହଣୀୟ ସଂକଳନ। ଏହାକୁ ସହାୟକ ପୁସ୍ତକ ଭାବେ ପ୍ରତିଟି ଓଡ଼ିଆ ନିଜ ପାଖରେ ରଖିବା ଆବଶ୍ୟକ। ■

### ନଈ ପାଣି ନଈକି ଯା

**ବିଷ୍ଣୁ ସେଠୀ**



ସାଇ ଯମୁନା ପବ୍ଲିକେଶସନ୍
ଝାଞ୍ଜିରି ମଙ୍ଗଳା, କଟକ- ୯
ପ୍ରକାଶ କାଳ: ୨୦୨୪
ମୂଲ୍ୟ : ୧୫୦ ଟଙ୍କା

କବି ବିଷ୍ଣୁ ସେଠୀଙ୍କ କବିତା ପୁସ୍ତକ 'ନଈ ପାଣି ନଈକି ଯା' ପ୍ରକାଶ ପାଇଛି। କବିଙ୍କ ଅବର୍ତ୍ତମାନରେ ପ୍ରକାଶିତ ଏହି ପୁସ୍ତକରେ ୭୦ଟି କବିତା ସଂକଳିତ ହୋଇଛି। 'ନଈ ଗୀତ', 'ନଈରେ ନଈରେ', 'ନଈ ଜମା ଶୁଣୁନି', 'ନଈଘାଟ' ଆଦି କବିତାରେ ନଈର ପ୍ରାକୃତିକ ରୂପ ବେଶ୍ ଚମତ୍କାର ଭାବେ ପ୍ରତିଫଳିତ ହୋଇଛି। ସେହିପରି 'ବର୍ଷା', 'ବର୍ଷାର ରିୟାଜ','ବର୍ଷା ହେଲେ', 'ବର୍ଷା ନଥିଲେ' ଆଦି କବିତାରେ ବର୍ଷାର ସଙ୍ଗୀତ, ବର୍ଷାର ମନୋରମ ଦୃଶ୍ୟ ପ୍ରସ୍ଫୁଟିତ ହୋଇଛି। ସେଭଳି 'ନାରୀ ନିରଞ୍ଜନା', 'ଲହୁର ଚିତ୍ରପଟ୍ଟ', 'ନିଦ୍ରିତ ଆତ୍ମନ୍', 'ବୈକୁଣ୍ଠେ ବସିବି ନାହିଁ', 'କଣ୍ଟ କବିତା','ରାସ୍ତା ଅସରନ୍ତି', 'ଘାସଫୁଲ', 'ବିଚ୍ଛିନ୍ନତା', 'ଉଡ଼ାଣ ଡେଣା', 'ପରାଜୟ', 'ଏକ୍‌ଲା', 'ପକ୍ଷପାତିତା', 'ମାଟିର କବିତା','ଦୁଃଖ ଖୁବ୍ ମର୍ମଗତ', 'ବାପା' ଆଦି କବିତାଗୁଡ଼ିକ ମନଛୁଆଁ ହୋଇପାରିଛି। ଏହି ପୁସ୍ତକର ଅନେକ କବିତାରେ ପ୍ରକୃତିର ମନୋରମ ଦୃଶ୍ୟ, ମାନବୀୟ ସଂପର୍କ, ଜୀବନର ଦୁଃଖଯନ୍ତ୍ରଣା, ମୋହମାୟା,ଆଶାନିରାଶାର ସ୍ୱର ପ୍ରତିଫଳିତ ହୋଇଛି। ମାଟି, ପାଣି, ପବନ ଓ ଜୀବସତ୍ତାକୁ ନେଇ କବିଙ୍କ କବିତାଗୁଡ଼ିକ ହୋଇଛି ବର୍ଣ୍ଣିଳ। କବିଙ୍କ ନିଜସ୍ୱ ଅନୁଭବ ଓ ଅନୁଭୂତିର ବାସ୍ତବତା ଅନେକ କବିତାରେ ରୂପାୟିତ ହୋଇଛି। 'ନଈ ପାଣି ନଈକି ଯା' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁପାରିବ ବୋଲି ଆଶା କରାଯାଏ। ■

### ସୃଷ୍ଟି ରହସ୍ୟ: ବେଦାନ୍ତରୁ ବିଜ୍ଞାନ ଯାଏଁ

**ସତ୍ୟବ୍ରତ ପାଣିଗ୍ରାହୀ**



ପଶ୍ଚିମା ପବ୍ଲିକେଶନ୍‌ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରକାଶ ପ୍ରକାଶ: ୨୦୨୪
ମୂଲ୍ୟ : ୧୨୯ ଟଙ୍କା

ଯୁବ ଲେଖକ ସତ୍ୟବ୍ରତ ପାଣିଗ୍ରାହୀଙ୍କ ରଚିତ 'ସୃଷ୍ଟି ରହସ୍ୟ: ବେଦାନ୍ତରୁ ବିଜ୍ଞାନ ଯାଏଁ' ଲଳିତ ନିବନ୍ଧ ସଂକଳନ ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୨୩ଟି ପ୍ରବନ୍ଧ ସଂକଳିତ ହୋଇଛି। କଳା, ସାହିତ୍ୟ, ବିଜ୍ଞାନ, ଦର୍ଶନ, ଆଧ୍ୟାତ୍ମିକତା, ପରିବେଶ, ମହାକାଶ ଯାତ୍ରା ଆଦି ବିଷୟକୁ ନେଇ ଏହି ପ୍ରବନ୍ଧଗୁଡ଼ିକ ରଚିତ। ଏହି ପୁସ୍ତକରେ ସଂକଳିତ 'ହେ ସୃଷ୍ଟି! ତୁମେ ଯାଜ୍ଞସେନୀ', 'ଜୀବନ ଜୀବିକା ଜଗତ', 'ଜରିଗୋଟାଳି ଓ ସୃଷ୍ଟି ତତ୍ତ୍ୱ: ଆର୍ବଜନାରୁ ସର୍ଜନା', 'ଜଗତ ଓ ଜଗନ୍ନାଥ: ଏକ ବୈଜ୍ଞାନିକ ସନ୍ଦର୍ଶନ', 'ବିଜ୍ଞାନ ସାହିତ୍ୟରେ ମିଥ୍ ଓ ମେଟାଫର୍', 'ବିଜ୍ଞାନ ଓ ଦର୍ଶନ', 'ସତ୍ୟ ଓ ଅସତ୍ୟର ଦ୍ୱନ୍ଦ୍ୱ', 'ସାପ ଓ ଶିଡ଼ି ଖେଳ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ହୋଇଛି। 'ହେ ସୃଷ୍ଟି! ତୁମେ ଯାଜ୍ଞସେନୀ' ପ୍ରବନ୍ଧରେ ଜଗତର ଉତ୍ପତ୍ତି, ସ୍ଥିତି ଓ ବିଲୟର ଆଧାର ସଂପର୍କରେ ବର୍ଣ୍ଣନା କରାଯାଇଛି। ସେହିପରି 'ଜଗତ ଓ ଜଗନ୍ନାଥ: ଏକ ବୈଜ୍ଞାନିକ ସନ୍ଦର୍ଶନ' ପ୍ରବନ୍ଧରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିର ସହିତ ବିଜ୍ଞାନର କିଭଳି ଗଭୀର ସମ୍ବନ୍ଧ ରହିଛି,ସେ ସଂପର୍କରେ ଯୁକ୍ତଯୁକ୍ତ ଓ ତଥ୍ୟନିଷ୍ଠ ଆଲୋଚନା କରାଯାଇଛି। ପ୍ରତ୍ୟେକଟି ପ୍ରବନ୍ଧ ତଥ୍ୟଭିତ୍ତିକ, ମନନଶୀଳ ଓ ଗବେଷଣାଧର୍ମୀ ହୋଇଛି। ଏହି ପୁସ୍ତକର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ସ୍ନିଗ୍ଧ ବ୍ୟଙ୍ଗ ଓ ନମ୍ର ଶ୍ଳେଷ: ଲକ୍ଷ୍ମୀକାନ୍ତଙ୍କ କାବ୍ୟସ୍ୱର

ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ



ସାଳନ୍ଦୀ ତଟର ମାଟିପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର। ବ୍ୟଥାର ସମୁଦ୍ର ମନ୍ଥି ଅମୃତର ସ୍ୱର ଲଭିଥିବା ଜଣେ ନିର୍ଭୀକ ସଂସ୍କାରବାଦୀ ସ୍ରଷ୍ଟା। ଜୀବନର ପ୍ରତିକୂଳ ସଂଘର୍ଷରୁ ତାଙ୍କ କବିତାର ସୃଷ୍ଟି ଏବଂ ସ୍ୱପ୍ନ, ସଙ୍କଳ୍ପ ଓ ବାସ୍ତବତାର ତ୍ରିକୋଣ ଭୂମିରେ ତା'ର ଜୟଯାତ୍ରା ବ୍ୟାଧି, ଅର୍ଥାଭାବ ଓ ପ୍ରିୟଜନଙ୍କ ଅନାନ୍ତରିକତାର ଧୂସର ଦୁର୍ଭାଗ୍ୟ କବିଙ୍କୁ ବିଷାଦ-ମୂର୍ଚ୍ଛିତ ବୈରାଗ୍ୟ ଆଣିଦେଲା ସତ, କିନ୍ତୁ ସେ ବୈରାଗ୍ୟର ଅର୍ଥ ଥିଲା ଭିନ୍ନ। ଜୀବନଠାରୁ ପଳାୟନ ନୁହେଁ, ବରଂ ତାଙ୍କ ପାଇଁ ବୈରାଗ୍ୟ ଥିଲା ଆତ୍ମୋପଲବ୍ଧି ଓ ଆତ୍ମ ସାକ୍ଷାତକାରର ଏକ ଆହ୍ଲାଦପଣ। କୁହାଯାଏ, ଆଦର୍ଶ ଆଧାରିତ ସର୍ଜନଶୀଳ କଳା ଅଧିକ ସଙ୍ଗୀତପ୍ରବଣ। ତେଣୁ ଛାତ୍ର ଜୀବନରୁ ନାଟକ ଓ ସଂଗୀତ ରଚନା ତଥା ଅଭିନୟ କଳାରେ ଅସାମାନ୍ୟ ପାରଦର୍ଶିତା ଅର୍ଜିଥିବା କାନ୍ତକବିଙ୍କୁ ଆବିଷ୍ଟ କରି ରଖିଥିଲା କୀର୍ତ୍ତନ ସ୍ୱରରେ ଗୀତ ରଚନା ଓ ଗାୟନ ଧାରା । ଶ୍ରୋତା ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିଲା ତାଙ୍କ ନିଖୁଣ ଅଭିନୟ ଓ ମଧୁସ୍ରାବୀ କଣ୍ଠସ୍ୱର। ମହାବ୍ୟାଧି ଜନିତ ଆଙ୍ଗିକ ବିକୃତି ତାଙ୍କୁ ଅଧିକ ଦିନ ପାଇଁ ମଞ୍ଚ ଉପରେ କଳା ପ୍ରଦର୍ଶନ କରିବା ସୁଯୋଗ ଦେଲାନି ସତ, କିନ୍ତୁ କଳା ଓ କବିତା ତାଙ୍କ ହୃଦୟର ସ୍ପନ୍ଦନ ହୋଇ ରହିଥିଲା ଶେଷ ପର୍ଯ୍ୟନ୍ତ। ତାଙ୍କ ବିଷାଦ-ମୂର୍ଚ୍ଛିତ ପ୍ରାଣର ସ୍ୱରଲିପି ହୋଇ ଅହରହ ଝରୁଥିଲା କରୁଣ ରସର ଅବାରିତ ଧାରା।

ବ୍ୟାଧି-ସଇତାନର ଯାବତୀୟ ଦଂଶନ ସତ୍ତ୍ୱେ ସେ ଭାଙ୍ଗି ପଡ଼ିନାହାନ୍ତି,ବରଂ ଯନ୍ତ୍ରଣା ତାଙ୍କ ପାଇଁ ସାବ୍ୟସ୍ତ ହୋଇଛି ବିଶିଷ୍ଟ ବରଦାନ। ଯିଏ ଅନ୍ତର ଭିତରେ ଅନୁଭବ କରେ ଅମୃତର ଆହ୍ଲାଦ, ତାକୁ ପରାସ୍ତ କରିପାରେନି ବ୍ୟାଧିର ଭୟ। ଶୂନ୍ୟତା ମଧ୍ୟରେ ବି ସେ ଅନୁଭବ କରେ ପୂର୍ଣ୍ଣତାର ଆନନ୍ଦ। ତେଣୁ ଶରୀର ପୀଡ଼ାରେ କବି ଯେତିକି ଯେତିକି କ୍ଷତବିକ୍ଷତ ହୋଇଛନ୍ତି, ସେତିକି ସେତିକି ଈଶ୍ୱରଙ୍କ ନିକଟତର ହୋଇଛନ୍ତି ଏବଂ ବୈଷ୍ଣବୀୟ ଶାନ୍ତ ନିରୀହତାରେ ବରି ନେଇଛନ୍ତି ସୁଖ ଓ ଦୁଃଖକୁ ସମାନ ଭାବେ ତଉଲିବାର ଦମ୍ଭିଲାପଣ। ଭଗବାନଙ୍କୁ ଭାବବନ୍ଧନର କାଠଗଡ଼ାକୁ ଟାଣିନେଇ ପଚାରିଛନ୍ତି- ନିଃସ୍ୱକୁ ଲୁଟିବା ଓ ବଞ୍ଚିତକୁ ପ୍ରବଞ୍ଚନାରେ ପୋତି ପକାଇବା କ'ଣ ପ୍ରଭୁପଣ? ବ୍ୟଥାକାତର ମନ ନେଇ ଅଭିମାନ ବ୍ୟଞ୍ଜିତ ସ୍ୱରରେ ଗାଇଛନ୍ତି- "ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ, ଯାହା ଦେଇଥିଲ ସବୁତ ନେଲଣି ଆଉ କିସ ଏବେ ଛଡ଼ାଇବ ହେ।" ଭାକ୍ତିକ ତଲ୍ଲୀନତାରେ ଉଚ୍ଛୁଳି ଉଠିଛି କବିଙ୍କର ଜୀବନ ସଂଗୀତ। ଭଗବତ ପ୍ରେମ ଓ ଭକ୍ତିରେ ଅଧୀର ନ ହେଲେ କେହି କଣ ଗାଇପାରେ- "ଦେ ମୋତେ ବାଇଆ କରି ଆରେ ମୋର ବାଇଆ ରଜା, ନାଚିବି ବି ଲଙ୍ଗଳା ହୋଇ ତାଳି ମାରି ଦେଖିବୁ ମଜା।" ଏହା ତାଙ୍କ ବ୍ୟଥିତ ପ୍ରାଣର ହାହାକାର ନୁହେଁ, ଅତୀନ୍ଦ୍ରିୟ ଅନୁରଣିତ ପ୍ରାଣର ବ୍ୟାକୁଳତା। ଏଠି ଦୁଃଖର ଝଡ଼କୁ ଅତିକ୍ରମ କରିଯାଏ ଝଡ଼ ପରବର୍ତ୍ତୀ କାରୁଣ୍ୟର ନିସ୍ତବ୍ଧତା, ଯେଉଁ ନୀରବ ମୂର୍ଚ୍ଛନା ସୃଷ୍ଟି କରିପାରେ ସାଙ୍ଗୀତିକତାର ସାଳନ୍ଦୀୟ ତରଙ୍ଗ। ଆଶାବାଦୀ ଓ ଆନନ୍ଦଦାୟୀ କବିପଣ ସାଙ୍ଗକୁ ଭକ୍ତି ରସାତ୍ମକ ସଂଗୀତର କାନ୍ତ କୋମଳ ପଦାବଳୀ କବିଙ୍କୁ ଆଣି ଦେଇଛି କାନ୍ତକବିର ଗୌରବ। ଏ ଉପାଧି ସେ ବ୍ରିଟିଶ୍ ସରକାର କିମ୍ବା କୌଣସି ରାଜା ମହାରାଜାଙ୍କ ପାଖରୁ ପାଇନାହାନ୍ତି, ଏହା ତାଙ୍କ ପ୍ରତି ସମଧର୍ମୀମାନଙ୍କର ସସ୍ନେହ ସମ୍ବୋଧନ। ଅଗଣିତ ବିଦଗ୍ଧ ପାଠକ ତଥା ଗୁଣଗ୍ରାହୀମାନଙ୍କ ଦ୍ୱାରା ପ୍ରଦତ୍ତ ଏକ ଶାବ୍ଦିକ ଶିରସ୍ତ୍ରାଣ, ଯାର ସମ୍ଭ୍ରାନ୍ତୀୟ ମର୍ଯ୍ୟାଦା ଫକୀର ମୋହନଙ୍କ 'ବ୍ୟାସକବି' ଉପାଧି ପରି ବହୁ ଊର୍ଦ୍ଧ୍ୱରେ।



ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କାନ୍ତକବି ଥିଲେ ଭାରତୀୟ ମୁକ୍ତି ଆନ୍ଦୋଳନର ଜଣେ ପ୍ରଥିତଯଶା ସଂଗ୍ରାମୀ ଓ ସୈନିକ। ଶାରୀରିକ ଅକ୍ଷମତା କାରଣରୁ ସେ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ରହି ପାରି ନ ଥିଲେ ମଧ ତାଙ୍କ କବିପ୍ରାଣକୁ ସଦା ଆବିଷ୍ଟ କରି ରଖିଥିଲା ଜାତୀୟବାଦୀ ଚେତନା। କାନ୍ତକବି ରଚିତ ଜାତୀୟ ସଙ୍ଗୀତରେ ମହାଭାରତୀୟ ଭାବନାଠାରୁ ଅଧିକ ମର୍ମରିତ ହୋଇଛି ଉତ୍କଳପ୍ରୀତିର ମନ୍ଦ୍ରଧ୍ୱନି, ଯାର ଦୃଷ୍ଟାନ୍ତ ହେଉଛି ଓଡ଼ିଆ ଜାତିର ମର୍ମସ୍ୱର 'ବନ୍ଦେ ଉତ୍କଳ ଜନନୀ' ସଂଗୀତ। ଓଡ଼ିଆ ପ୍ରାଣପ୍ରାଚୁର୍ଯ୍ୟ ତଥା ଭାବସମ୍ଭାରର ଏକ ଅବିସ୍ମରଣୀୟ ଚିତ୍ରପଟ। ଭୂଚିତ୍ରରୁ ଆରମ୍ଭ କରି ଓଡ଼ିଶୀ କଳା କୁଶଳତା ଓ ଅତୀତ ଗୌରବରାଜିକୁ ତୋଳି ଧରିବାକୁ ଯାଇ କବି ଗାଇଛନ୍ତି- "ନୀଳପୟୋଧି ବିଧୌତ ଶରୀରା,ତାଳ ତମାଳ ସୁଶୋଭିତ ତୀରା, ଶୁଭ୍ର ତଟିନୀ କୂଳ-ଶୀକର - ସମୀରା,ଚାରୁ ହାସମୟୀ ଚାରୁ ଭାଷମୟୀ ...।" ଏହାର ପ୍ରତ୍ୟେକଟି ଶବ୍ଦ ଓ ପଦ ଯେତିକି ଗମ୍ଭୀର ଓ ସମ୍ଭ୍ରାନ୍ତ, ସେତିକି ଅନ୍ତରଙ୍ଗ ଓ ମର୍ଯ୍ୟାଦାବନ୍ତ। ତା'ର ଭାବପକ୍ଷ ପ୍ରାଣକୁ ଯେତିକି ଉଦ୍ଦୀପ୍ତ କରେ, ସେତିକି ସ୍ପନ୍ଦିତ କରେ ଏଥିରେ ସମାହିତ ଉତ୍କଳର ସୁଷମା ମଣ୍ଡିତ ଶ୍ୟାମଳ ବନରାଜି ତଥା ତା'ର ନୀଳ ଭୂଧରମାଳା। ଏହି ସଙ୍ଗୀତ କିଛି ତୁଚ୍ଛା ଶବ୍ଦ ସଂଯୋଜନାର ମାୟାଜାଲ ନୁହେଁ, ବରଂ ଆମ ଜାତୀୟ ଜୀବନର ଏକ ବୃହତ୍ତର ଅଧ୍ୟାୟ। ଓଡ଼ିଆ ଜାତିର, ଓଡ଼ିଆ ମାଟିର, ଓଡ଼ିଆ ଭାଷାର ଓ ଓଡ଼ିଆ ଜନଜୀବନର ଗୌରବ ଗାଥା। କୋଟି କୋଟି ଓଡ଼ିଆଙ୍କ ପ୍ରାଣ ଓ ପ୍ରେରଣାର ଅନ୍ତର୍ଭେଦୀ ଉଚ୍ଚାରଣ। ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ଏକ ସାରସ୍ୱତ ମନ୍ତ୍ର। ଉତ୍କଳର ନଦନଦୀ, ଗିରିବନ, କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରଂପରାକୁ କାନ୍ତକବି ଏଥିରେ ଏମିତି ଶବ୍ଦ ଓ ଭାଷାରେ ଗୁନ୍ଥି ଦେଇଛନ୍ତି ଯେ, ତାହା ଶୁଣିବା ମାତ୍ରେ ଦର୍ପଣରେ ମୁହଁ ଦେଖିଲା ପରି ଆଖି ଆଗରେ ଝଲସି ଉଠେ କୀର୍ତ୍ତିମାଳିନୀ ଉତ୍କଳ ଜନନୀର ମୁଖମଣ୍ଡଳ। ତେଣୁ ଏହା ସ୍ୱତଃ ଖୋଦେଇ ହୋଇ ରହିଯାଇଛି ପ୍ରତ୍ୟେକ ଦେଶପ୍ରେମୀ ଓଡ଼ିଆଙ୍କ ହୃଦକନ୍ଦରରେ, ଯାହା ସରକାରୀ ସ୍ୱୀକୃତି ପାଇବାର ଅନେକ ଆଗରୁ ଜନତା ଦରବାରରୁ ପାଇ ସାରିଥିଲା ରାଜ୍ୟ-ସଂଗୀତର ମାନ୍ୟତା।

କାନ୍ତକବି କିଛି ସାଧାରଣ ସାହିତ୍ୟ ସ୍ରଷ୍ଟା ନୁହଁନ୍ତି,ଜଣେ ସିଦ୍ଧସାଧକ। ଏ ମାଟିର ପ୍ରିୟ ଜାତୀୟ କବି। ଜୀବନ ସଂଗ୍ରାମରେ ଜଟିଳତା, ବ୍ୟର୍ଥତା ଓ ନୈରାଶ୍ୟର ହଳାହଳକୁ ଆକଣ୍ଠ ପାନକରି ସେ କବିତାରେ ଝରେଇଛନ୍ତି ହସର ପ୍ଳାବନ। କବିଙ୍କ ଲେଖନୀ ଚାଳନା ପରେ ଓଡ଼ିଆ ସାହିତ୍ୟରେ ନୂଆ ରୂପରେ ପ୍ରତିଭାତ ହେଲା ବାକ୍ୟ ବିନ୍ୟାସର ବ୍ୟଞ୍ଜନା ଓ ହାସ୍ୟର ଆକ୍ରମଣକାରୀ ଶ୍ଳେଷ। ହାସ୍ୟରସ ଜରିଆରେ ଅନ୍ୟମାନଙ୍କୁ ଆନନ୍ଦ ଦେବାକୁ ଚେଷ୍ଟା କରିଥିଲେ ମଧ ନିଜ ଅନ୍ତର ଭିତରେ ହସି ପାରିନାହାନ୍ତି, ଯା'ର ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛି ରାଶି ରାଶି କରୁଣ କବିତା; ଯେଉଁ କବିତାରୁ ଝରିପଡ଼େ ମୁଠା ମୁଠା ଚାନ୍ଦ୍ରୀୟ ଶୀତଳତା। ■

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର,ଭଦ୍ରକ
ମୋ: ୬୩୭୧୬୪୨୪୬୪



## ସପ୍ତମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ମନ ଜିଣିଲା ହୋ', ମୁଣ୍ଡା ଓ କୋହ୍ଲ ସମ୍ପ୍ରଦାୟର ସାଂସ୍କୃତିକ କାର୍ଯ୍ୟକ୍ରମ

## ଆଜି ଆସିବେ ପପୁ ପମପମ୍ ଓ ଇରା ମହାନ୍ତି




**ବାରିପଦା, ୭।୧୨(ସମିସ)**

ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ମୟୂରଭଞ୍ଜ ମହୋତ୍ସବର ସପ୍ତମ ବାର୍ଷିକ କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଧରି ଚାଲିବାକୁ ଥିବା ବେଳେ ଶନିବାର ଷଷ୍ଠ ସନ୍ଧ୍ୟାରେ ହୋ, ମୁଣ୍ଡା ଓ କୋହ୍ଲ ସମ୍ପ୍ରଦାୟର ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଥୁଡି ସମ୍ପ୍ରଦାୟର ଚାଙ୍ଗୁବାଦ୍ୟ ନୃତ୍ୟ ମଧ୍ୟ ପରିବେଷିତ ହୋଇଥିଲା। ରାମ ମୁଣ୍ଡାରୀ, ରଣଜିତ ସିଂ ଓ ବବଲୁ ସିଂଙ୍କ ଟିମ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ମଞ୍ଚରେ ପ୍ରତି ସନ୍ଧ୍ୟା ଭଳି ଆଜି ଅତିଥି, କଳାକାର ଓ ବିଶେଷ ବ୍ୟକ୍ତି ବିଶେଷଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଓ ପୂର୍ବତନ ସାଂସଦ ବାଗୁନ୍ ସିଂ ଅତିଥି ଭାବେ ଯୋଗଦେଇ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ମହୋତ୍ସବର ସଭାପତି ତଥା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ କଳିଙ୍ଗ କେଶରୀ ଜେନା, ରାକେଶ ସିଂ ଓ ତୁଷାର ମହାନ୍ତିଙ୍କ ସହିତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରଣଜିତ ଓ ଖୁସି ମଞ୍ଚ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ମହୋତ୍ସବ ମେଳାରେ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବେଳେ ଭିଡ ଦେଖିବାକୁ ମିଳିଛି। ମହୋତ୍ସବରେ ଘରକରଣା, ଖାଦ୍ୟ ଆଦି ବ୍ୟବସାୟିକ ଷ୍ଟଲ, ସେଲଫି ପଏଣ୍ଟ ଓ ବାରୁଣେଶ୍ୱର ମନ୍ଦିର ଆକୃତିର ଗେଟରେ ପ୍ରତିଦିନ ଭିଡ ଜମୁଛି। ସପ୍ତମ ସନ୍ଧ୍ୟା ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମରେ ପପୁ ପମପମ୍ ଓ ଇରା ମହାନ୍ତିଙ୍କ ଟିମ ଆସିବାକୁ ଥିବାବେଳେ ଓ ୟୁଟ୍ୟୁବର ଲବ ହାଁସଦା ସ୍ୱତନ୍ତ୍ର ଭାବେ ଯୋଗଦେବେ ବୋଲି ମହୋତ୍ସବ କମିଟି ସୂତ୍ରରୁ ପ୍ରକାଶ।

## ନୂତନ ଅଙ୍ଗନବାଡି ଗୃହ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

# ଜାଗା ଚିହ୍ନଟ କରୁନି ତହସିଲ ପ୍ରଶାସନ



**ମୋରଡ଼ା, ୭।୧୨(ସମିସ):** ମୋରଡ଼ା ବ୍ଲକ ଅନ୍ତର୍ଗତ ଧଡାସାହି ପଞ୍ଚାୟତର ନୂତନ ଅଙ୍ଗନବାଡି ଗୃହ ନିର୍ମାଣ ନିମନ୍ତେ ଜାଗା ଚିହ୍ନଟ ପାଇଁ ଧଡାସାହି ସରପଞ୍ଚ ତିଲକା ହାଁସଦା ଏବଂ ଅଭିଭାବକମାନେ ଦୀର୍ଘଦିନ ଧରି ତହସିଲ ପ୍ରଶାସନକୁ ନିବେଦନ କରିଥିଲେ; ହେଲେ ଆଜିଯାଏଁ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ସରପଞ୍ଚ ଶ୍ରୀ ହାଁସଦାଙ୍କ ଅଭିଯୋଗ ମୁତାବକ, ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଅଙ୍ଗନବାଡି କେନ୍ଦ୍ରରେ କୁନି କୁନି ପିଲା ବିପଦସଂକୁଳ ଅବସ୍ଥାରେ ଶିକ୍ଷା ଗ୍ରହଣ କରୁଛନ୍ତି। ଏପରିକି ପାଠପଢ଼ା ସମୟରେ ଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାର ଦେଖି ସରପଞ୍ଚ ଏବଂ ଗ୍ରାମବାସୀ ଏକ ବୈଠକ କରିଥିଲେ। ପରେ ପଞ୍ଚାୟତ ଅଧୀନରେ ଥିବା ଏକ କମ୍ୟୁନିଟି ଗୃହରେ କେନ୍ଦ୍ର ଚଲାଇବାକୁ ନିଷ୍ପତ୍ତି ନେଇଥିଲେ। ତେବେ ବର୍ତ୍ତମାନ ଉକ୍ତ ଗୃହରେ ଅଙ୍ଗନବାଡି କେନ୍ଦ୍ର ଚାଲୁ ରହିଥିବା ବେଳେ କମ୍ୟୁନିଟି ଗୃହକୁ ଲାଗି ଡ୍ରେନ ଥିବାରୁ କୁନି କୁନି ପିଲ ପଡ଼ି ଆହତ ହେଉଛନ୍ତି। ତେଣୁ ନୂତନ ଅଙ୍ଗନବାଡି ଗୃହ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିବା ସହିତ ଉକ୍ତ କେନ୍ଦ୍ର ନିକଟରେ ଥିବା ସରକାରୀ ଜାଗା ଜବର ଦଖଲରେ ଥିବାରୁ ସମ୍ପ୍ରସାରଣ ହୋଇପାରୁନାହିଁ। ଏନେଇ ପୂର୍ବରୁ ତହସିଲ ପ୍ରଶାସନକୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଜାଗା ଚିହ୍ନଟ ସହିତ ଜବରଦଖଲ ଉଚ୍ଛେଦ ପାଇଁ ସରପଞ୍ଚ ତିଲକା ହାଁସଦା, ଗ୍ରାମବାସୀ ନରେନ୍ଦ୍ର ଧୁଙ୍ଗିଆ, ବିଜୟ ଟିପିରିଆ, ଅଜିତ କୁମାର ତୁଙ୍ଗ, ବାସନ୍ତୀ ଟିପିରିଆ, ପାଡାମ୍ବର ଦାସ, ବିଷୟା ଥୟାଲ, ଧରେନ୍ଦ୍ର ଧୁଙ୍ଗିଆ ପ୍ରମୁଖ ବହୁ ଗ୍ରାମବାସୀ ଦାବି କରିଛନ୍ତି।

## ୩ ଦିନିଆ କେନ୍ଦୁଝର ଗସ୍ତରେ ପଶ୍ଚିମାଞ୍ଚଳ ଡିଆଇଜି

# ଜିଲ୍ଲାର ବିଭିନ୍ନ ଥାନାରେ କଲେ ସମୀକ୍ଷା

**କେନ୍ଦୁଝର, ୭।୧୨(ସମିସ):** ପଶ୍ଚିମାଞ୍ଚଳ ଡିଆଇଜି ୩ ଦିନିଆ କେନ୍ଦୁଝର ଗସ୍ତରେ ଆସି ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଜିଲ୍ଲାର ବିଭିନ୍ନ ଥାନାକୁ ଯାଇ ଡିଆଇଜି ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର ସମୀକ୍ଷା କରିବା ସହିତ ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ଆମ ପୁଲିସ ସମିତି ଗଠନ କରିବା ପାଇଁ ବିଭିନ୍ନ ଗ୍ରାମ ଏବଂ ପଞ୍ଚାୟତକୁ ଯାଇ ଲୋକଙ୍କ ସହିତ ମିଶି ସହଯୋଗ ନେବା ସହିତ ଟ୍ରାଫିକ ନିୟମ ଏବଂ ସାଇବର କ୍ରାଇମ ଉପରେ ସଚେତନତା ମୂଳକ ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଥିବା ଗଣମାଧ୍ୟମକୁ କେନ୍ଦୁଝର ଟାଉନ ଥାନା ଠାରେ ସୂଚନା ଦେଇଛନ୍ତି ପଶ୍ଚିମାଞ୍ଚଳ ଡିଆଇଜି। ଆଗକୁ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ ଦୃଷ୍ଟିରୁ ସୁରକ୍ଷାକୁ କିଭଳି କଡାକଡି କରାଯିବା ସହିତ ଜିଲ୍ଲାରେ ଏକ ସ୍ୱତନ୍ତ୍ର ସାଧନ ବ୍ୟବସ୍ଥା କରାଯିବାକୁ ମୁଖ୍ୟାଳୟକୁ କୁହାଯାଇଥିବା ଡିଆଇଜି କହିଛନ୍ତି।

# ମହୁମାଛି ଆକ୍ରମଣରେ ଜଣେ ଗୁରୁତର

**ତୁରୁମୁଙ୍ଗା, ୭।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବଜାର ବେହେରା ହାର୍ଡୱେୟାର ନିକଟରେ ଶନିବାର ସକାଳେ ମହୁମାଛିଙ୍କ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ସଅଁରାପଶି ଗ୍ରାମର ଶିକ୍ଷକ ଘନଶ୍ୟାମ ମହାନ୍ତ। ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଥିଲା। ଘନଶ୍ୟାମ ମର୍ଣ୍ଣିଂ ୱାକସାରି ଘରକୁ ଫେରୁଥିବା ସମୟରେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ସେ ସମୟରେ ହାର୍ଡୱେୟାର୍ ଦୋକାନ ମାଲିକ କାବୁଲି ବେହେରା ଫିନାଇଲ ବାଲଟିରେ ଗୋଳାଇ ଘନଶ୍ୟାମଙ୍କ ଉପରକୁ ବୁଦ୍ଧି ଖଟାଇ ପକାଇଥିଲେ। ଫଳରେ ଫିନାଇଲ ବାସ୍ନାରେ ମହୁମାଛିମାନେ ତାଙ୍କୁ ଛାଡି ଚାଲିଯାଇଥିଲେ। ଉକ୍ତ ରାସ୍ତାକଡରେ ଥିବା ଏକ ପୁରାତନ ବରଗଛରେ ଥିବା ମହୁଫେଣାରେ ବାଜପକ୍ଷୀ ଖୁମ୍ପୀ ଦେବାରୁ ସେଠାରୁ ମହୁମାଛି ଲୋକଙ୍କୁ ଆକ୍ରମଣ କରିଥିଲେ। ମହୁମାଛି ଆତଙ୍କରେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଯାତାୟାତ ଠପ ହୋଇ ଯାଇଥିଲା।

# ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ତାଲିମ ଶିବିର 'ସଂକଳ୍ପ' ଆରମ୍ଭ



**ଉଦଲା, ୭।୧୨(ସମିସ):** ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ତତ୍ତ୍ୱାବଧାନରେ ଉଦଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ସଂକଳ୍ପ'ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅନୁଜା ମାଧୁରୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦଲା ଗୋଷ୍ଠୀ ଶିକ୍ଷାଧିକାରୀ ନୀତିଶ କୁମାର ଘୋଷଙ୍କ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସି.ଆର୍.ସି.ସି ଆଦ୍ୟାଶା ଦାସ୍, ଅଜୟ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଗତ ୪ ତାରିଖରୁ ଆରମ୍ଭ ହୋଇ ୯ ତାରିଖ ଯାଏ ଚାଲି। ଶିବିରରେ ଉଦଲା, କପ୍ତିପଦା, ଗୋପବନ୍ଧୁ ନଗର ଏବଂ ଖୁଣ୍ଟା ବ୍ଲକ ଅନ୍ତର୍ଗତ ୨୦୧୯ରୁ ୨୦୨୪ ମଧ୍ୟରେ ଯୋଗଦାନ କରିଥବା ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ ଦେଇଛନ୍ତି। ପ୍ରଶିକ୍ଷକ ଭାବେ ବିବେକ ନାୟକ, ଭାଗ୍ୟରବି ସାହୁ, ନନି ଗୋପାଲ ଜେନା, ଅବିନାଶ ଦାଶ ଶିକ୍ଷକମାନଙ୍କ ମଧ୍ୟରେ ଏକବିଂଶ ଶତାବ୍ଦୀର ଛାତ୍ରଛାତ୍ରୀଙ୍କୁ ଗଠନ ଦିଗରେ ନିଜକୁ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଗତ ସପ୍ତାହରେ ଏହି କାର୍ଯ୍ୟକ୍ରମରେ ୫୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ବ୍ଲକରୁ ଆସି ଏଠାରେ ତାଲିମ ନେଇ ସାରିଛନ୍ତି। ଉକ୍ତ ତାଲିମ କାର୍ଯ୍ୟକ୍ରମର ଶେଷ ଦିବସରେ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶୈକ୍ଷିକ ସଂଯଜକ ଶୈଳବାଳା ବେହେରା ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଶିକ୍ଷକଙ୍କୁ ନିଜର କାର୍ଯ୍ୟ ବିଷୟରେ ସଚେତନ କରିବା ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରତି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପେନ ଡ୍ରାଇଭ ପ୍ରଦାନ କରିଥିଲେ। ଶିକ୍ଷକ ବୀରେନ୍ଦ୍ର ମଡେଇ, ସୁଧାଂଶୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।

# ପୁତ୍ର ସ୍ମୃତିରେ ରକ୍ତଦାନ ଶିବିର



**ମୋରଡ଼ା/ରାସଗୋବିନ୍ଦପୁର, ୭।୧୨ (ସମିସ):** ରାସଗୋବିନ୍ଦପୁର ବ୍ଲକ ଅଧୀନ କମାରଡିହା ପଞ୍ଚାୟତ ସ୍ଥିତ କମାରଡିହା- ଖୁଣ୍ଟା ଗ୍ରାମର ନିଗମାନନ୍ଦ ମହାନ୍ତି ଓ କନକଲତା ମହାନ୍ତିଙ୍କ ଏକମାତ୍ର ପୁତ୍ର ତୁଷାର ରଞ୍ଜନ ମହାନ୍ତି ଙ୍କ ଗତ ୩ବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ପ୍ରତିବର୍ଷ ତାଙ୍କ ପୁତ୍ରର ୨୫ତମ ଜୟନ୍ତୀ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ କମାରଡ଼ିହା ଖୁଣ୍ଟା ଛକ ରଥ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପିତା ନିଗମାନନ୍ଦ ମହାନ୍ତି ଓ କକା ବିବେକାନନ୍ଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ତହସିଲଦାର ପ୍ରଭାତ କୁମାର ତରେଇ, ଏବିଡିଓ ଜୟକୃଷ୍ଣ ନାୟକ, ଆସିଷ୍ଟାଣ୍ଟ ଇଂଜିନିୟର ଲୋକନାଥ ପାତ୍ର, ବିଜେପି ଜିଲ୍ଲା ଉପ ସଭାପତି ପ୍ରଦୀପ କୁମାର ମହାନ୍ତି, ଯୁବ ସମାଜସେବୀ ମାନବ ମହାନ୍ତି ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ବାରିପଦା ବ୍ଲଡ ବ୍ୟାଙ୍କ ତରଫରୁ ଡାକ୍ତର ନିଲେଶ ଦାସଙ୍କ ତତ୍ତ୍ୱାବଧାନରେ ୧୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସୋସାଇଟିର ସମ୍ମିଳନୀ



**ବାଲେଶ୍ୱର, ୭।୧୨(ସମିସ) :** ଓଡ଼ିଶା କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ର ସୋସାଇଟିର ରାଜ୍ୟ ସମ୍ମିଳନୀ ବାଲେଶ୍ୱରସ୍ଥିତ ଉଦ୍ୟୋଗ ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଅଭିନନ୍ଦନ ସମ୍ବାଦପତ୍ରର ସମ୍ପାଦକ ଇଞ୍ଜିନିୟର ଜଗଦୀଶ ମିଶ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଦୈନିକ ଧ୍ୱନିପ୍ରତିଧ୍ୱନି ସମ୍ବାଦ ପତ୍ରର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଯୋଗଦେଇଥିଲେ। ସଂଘର ରାଜ୍ୟ ସଭାପତି ରବି ରଥ, ସତ୍ୟଖବର ସମ୍ବାଦପତ୍ରର ସମ୍ପାଦକ ଅକ୍ଷୟ ନାୟକ ସଂଘର ସମସ୍ୟା ନେଇ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟରୁ ବିଭିନ୍ନ ଅଞ୍ଚଳରେ ପ୍ରକାଶ ପାଉଥିବା ୫୦ରୁ ଉର୍ଦ୍ଧ୍ୱ ସମ୍ବାଦପତ୍ରର ସମ୍ପାଦକ ଓ ପ୍ରକାଶକ ଯୋଗ ଦେଇଥିଲେ। ଆୟୋଜିତ ଉତ୍ସବରେ କ୍ଷୁଦ୍ର ମାଧ୍ୟମ ସମ୍ବାଦପତ୍ର ପ୍ରକାଶନ କ୍ଷେତ୍ରରେ ଦେଖା ଦେଉଥିବା ସମସ୍ୟା ଉପରେ ଆଲୋଚନା କରାଯିବା ସହିତ କ୍ଷୁଦ୍ର ମାଧ୍ୟମ ସମ୍ବାଦପତ୍ର ଗୁଡିକୁ ରାଜ୍ୟ ସରକାର ଅଣଦେଖା କରିବା ପ୍ରତିବାଦରେ ସଂଘ ପକ୍ଷରୁ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନିଆଯିବ। ଶେଷରେ ରମାକାନ୍ତ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

# ମନରେଗା ଅର୍ଥ ଆତ୍ମସାତ ନେଇ ବିଡିଓଙ୍କୁ ଅଭିଯୋଗ

**ସିଂହପୁର, ୭ ।୧୨(ସମିସ):** ବିଭିନ୍ନ ସମୟରେ ମନରେଗା ଯୋଜନାରେ ଦୁର୍ନୀତିକୁ ନେଇ ଚର୍ଚ୍ଚାରେ ଥିବା ସିଂଝାରପୁର ବ୍ଲକରେ ଆଉଏକ ଦୁର୍ନୀତି ସାମ୍ନାକୁ ଆସିଛି। ଓଲେଇ ଚନ୍ଦନପୁର ପଞ୍ଚାୟତରେ ୨୦୨୩-୨୪ ଆର୍ଥିକ ବର୍ଷରେ ଆବାସ ଯୋଜନାରେ ଗୃହ ପାଇଥିବା ହିତାଧିକାରୀଙ୍କୁ ମନରେଗା ଯୋଜନାରେ ଯୋଗାଇ ଦିଆଯାଉଥିବା ପ୍ରୋତ୍ସାହନ ରାଶିକୁ ଚଞ୍ଚକତା କରାଯାଇ ହଡ଼ପ କରାଯାଇଥିବା ହିତାଧିକାରୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ସରକାରଙ୍କ ତରଫରୁ ନିର୍ଦ୍ଦିଷ୍ଟ ସମୟରେ ଗୃହ କାମ ଶେଷ କଲେ ମନରେଗା ଯୋଜନାରେ ମିଳିଥିବା ୨୨ ହଜାର ୫୦୦ ଟଙ୍କାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ତତ୍କାଳୀନ ଜିଆରଏସ ଚଞ୍ଚକତା କରି ହିତାଧିକାରୀଙ୍କ ଆକାଉଣ୍ଟକୁ ନ ପଠାଇ ଅନ୍ୟ ଆକାଉଣ୍ଟକୁ ପଠାଇ ଆତ୍ମସାତ କରିଛନ୍ତି। ଏହା ଜଣାପଡ଼ିବା ପରେ ପଞ୍ଚାୟତରେ ବହୁ ହିତାଧିକାରୀ ସମ୍ପୃକ୍ତ ଜିଆରଏସ ଓ ପିଇଓକୁ ପଚାରିବାରୁ ସନ୍ତୋଷଜନକ ଉତ୍ତର ନ ପାଇଁ ଆଜି ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରି ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ହିତାଧିକାରୀ ଦାବି କରିଛନ୍ତି।

## ଡୁବୁରୀ-ଚଣ୍ଡିଖୋଲ ରାଜପଥ ନିର୍ମାଣ ବିଳମ୍ବର ପ୍ରତିବାଦ

# ୯ ରୁ ବିଭିନ୍ନ ସଂଗଠନର ଗଣଧାରଣା ଚେତାବନୀ

**ସୁକିନ୍ଦା, ୭।୧୨(ସମିସ):** ୫୩ନଂ ଜାତୀୟ ରାଜପଥର ଡୁବୁରୀ-ଚଣ୍ଡିଖୋଲ ରାସ୍ତା ଓ ବ୍ରାହ୍ମଣୀ ସେତୁ ନିର୍ମାଣ ବିଳମ୍ବ ପ୍ରତିବାଦରେ ବିଭିନ୍ନ ସଂଗଠନ ପକ୍ଷରୁ ଆସନ୍ତା ୯ ତାରିଖରୁ ଡୁବୁରୀ ଓ ବ୍ରାହ୍ମଣୀ ସେତୁ ନିକଟରେ ଗଣଧାରଣା ଦିଆଯିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ୧୦ବର୍ଷ ପୂର୍ବରୁ ଏହି ରାଜପଥ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ତାହା ଶେଷ ହୋଇନାହିଁ। ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ଦୈନିକ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ହେବା ସହ ଅନେକ ପରିବାର ବେସାହାରା ହୋଇପଡ଼ିଛନ୍ତି। ଏହି ରାସ୍ତା କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସୁକିନ୍ଦା କ୍ରୋମଭ୍ୟାଲିର ମୁଖ୍ୟ ପ୍ରବେଶ ପଥ ହୋଇଥିବାବେଳେ ୧୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ କାଳ ଏହି ରାସ୍ତା ମରଣଯନ୍ତା ପାଲଟିଥିବା ଘଟଣା ସାଧାରଣରେ ଅସନ୍ତୋଷର କାରଣ ହୋଇଛି। ଏହି ରାସ୍ତା ନିର୍ମାଣ ବିଳମ୍ବ ପ୍ରତିବାଦରେ ଗତ ୨୦୧୭ ଓ ୨୦୧୯ ନଭେମ୍ବରରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବ୍ରାହ୍ମଣୀ ସେତୁ ନିକଟରେ ଗଣଧାରଣା ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ ଉଚ୍ଚପଦସ୍ଥ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ଯଥାଶୀଘ୍ର କାମ ଶେଷ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତିର ୫ ବର୍ଷ ବିତିଯାଇଥିଲେ ମଧ୍ୟ ତାହା ହୋଇପାରିନାହିଁ। ଏହି ପ୍ରତିବାଦରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆସନ୍ତା ୯ତାରିଖରେ ପୁଣି ଧାରଣା ଦେବାକୁ ନିଷ୍ପତ୍ତି ହୋଇଛି। ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ବହୁ ସଂଗଠନ ସେଥିରେ ସାମିଲ ହେବାକୁ ଏକତ୍ରିତ ହୋଇଛନ୍ତି। ଏହି ଆନ୍ଦୋଳନକୁ ଦୁର୍ବାର କରିବାକୁ ପ୍ରଶାସନକୁ ଚେତାବନୀ ଦିଆଯାଇଛି। ବ୍ରାହ୍ମଣୀ ସେତୁଠାରୁ ଡୁବୁରୀ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଧାରଣା ଦେବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

# ରେଳମନ୍ତ୍ରୀ ଓ ସାଂସଦଙ୍କ ବେତନଟୀ ଷ୍ଟେସନ ପରିଦର୍ଶନ

**ବେତନଟୀ, ୭ ।୧୨(ସମିସ):** ଶନିବାର ଅପରାହ୍ନରେ ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ, ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ, ଦକ୍ଷିଣ-ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ଅନୀଲ କୁମାର ମିଶ୍ରାଙ୍କ ସମେତ ଅନ୍ୟ ପଦସ୍ଥ ପଦାଧିକାରୀ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରୁ ଫେରି ବାଲେଶ୍ୱରରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ବେତନଟୀ ଷ୍ଟେସନ ପରିଦର୍ଶନ କରିଛନ୍ତି। ଷ୍ଟେସନର ପରିଷ୍କାର ପରିଚ୍ଛନ୍ନତା ତଥା ଉତ୍ତମ ପରିମଳ ବ୍ୟବସ୍ଥାକୁ ଦେଖି ସନ୍ତୋଷ ବ୍ୟକ୍ତ କରିବା ସହିତ ଏହାକୁ ବଜାୟ ରଖିବାକୁ ଷ୍ଟେସନ ମାଷ୍ଟରଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ରେଳଷ୍ଟେସନ ପରିସରରେ ନିର୍ମାଣାଧୀନ ଅଣ୍ଡରପାସ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଷ୍ଟେସନରେ ଯାତ୍ରା ପାଇଁ ଅପେକ୍ଷାରେ ଥିବା କିଛି ଯାତ୍ରୀଙ୍କ ସହିତ ମଧ୍ୟ ମନ୍ତ୍ରୀ ଆଲୋଚନା କରିଥିଲେ।

# କଳା ଓ କ୍ରୀଡ଼ା ଶିକ୍ଷକ ସଂଘର ଆନ୍ଦୋଳନ ସ୍ଥଗିତ




**ବାରିପଦା, ୭ ।୧୨(ସମିସ)**

ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତିପ୍ରାପ୍ତ ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ନେଇ ଗଠିତ ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ଚଳିତ ବିଧାନସଭା ଶୀତ ଅଧିବେଶନରେ ଶିକ୍ଷକମାନଙ୍କ ନିୟମିତ ଦାବି ନେଇ ଗତ ୫ ତାରିଖରୁ ଗାନ୍ଧିମାର୍ଗରେ ଚାଲିଥିବା ଆନ୍ଦୋଳନରେ ସ୍ଥଗିତ ରଖାଯାଇଛି। ପ୍ରଥମ ଦିନ ଗଣଶିକ୍ଷା ବିଭାଗ ସଚିବଙ୍କ ସହ ଏକ ୫ଜଣିଆ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିବା ପରେ ବି ଧାରଣା ଚାଲୁ ରଖିଥିଲେ; କିନ୍ତୁ ଶୁକ୍ରବାର ସନ୍ଧ୍ୟାରେ ସରକାରଙ୍କ ହସ୍ତକ୍ଷେପ ପରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଆନ୍ଦୋଳନସ୍ଥଳରେ ପହଞ୍ଚି ନୂତନ ସରକାର କଳା ଓ କ୍ରୀଡ଼ାକୁ ସବୁ ସମୟରେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଏକ ସୁସ୍ଥ ସମାଜ ଗଠନରେ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ମହାସଂଘର ନିୟମିତ ଦାବି ସରକାରଙ୍କ ବିଚାରଧୀନ ଅଛି। ସରକାର ବିଚାର ବିମର୍ଶ କରି କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କ ଦାବି ପୂରଣ କରିବେ ବୋଲି ସେ କହିଥିଲେ। ନୂତନ ସରକାରଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଓ ଭରସା ରଖନ୍ତୁ। ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରି କଳା ଓ କ୍ରୀଡ଼ା ଶିକ୍ଷକମାନେ ଏଭଳି ପ୍ରଚେଷ୍ଟା ଜାରି ରଖିଲେ ନିଶ୍ଚିତ ସଫଳତା ହାସଲ କରିବେ। ତେଣୁ ଆନ୍ଦୋଳନରୁ ଓହରି ନିଜ ନିଜ କାର୍ଯ୍ୟରେ ଯୋଗଦୋବକୁ ପରାମର୍ଶ ଦେଇଥିଲେ। ଶିକ୍ଷକମାନେ ବିଧାୟକଙ୍କୁ ସମ୍ମାନ ଜଣାଇବା ସହ ସରକାରଙ୍କ ଉପରେ ଭରସା ଓ ବିଶ୍ୱାସ ରଖି ମହାହସଂଘର ସମସ୍ତ ସଦସ୍ୟଙ୍କ ସହମତିରେ ଧାରଣାକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଗଲା। ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀମାନେ ଚିକିଟି ବିଧାୟକଙ୍କୁ ଧନ୍ୟବାଦ ଦେବା ସହ ସରକାରଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ ଆଲୋଚନା କରି ନିୟମିତ ଦାବି ନିମନ୍ତେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ମହାସଂଘର ସଭାପତି ପାଣ୍ଡବ ବିଶି, ସମ୍ପାଦକ ସ୍ମିତାଞ୍ଜଳି ମହାପାତ୍ର, କର୍ମକର୍ତ୍ତା ଶଙ୍କର ମହାପାତ୍ର, ରଶ୍ମିରଞ୍ଜନ ସାହାଣି, ଆରତୀ ଆଚାର୍ଯ୍ୟ, ଧର୍ମେନ୍ଦ୍ର ପଣ୍ଡା, ପ୍ରଦୀପ ଦାସ, ମନୋଜ ଚୌଧୁରୀ, ପ୍ରଦୀପ ପଟେଲ, ସୁଚିତ ଖୋରା, ସ୍ୱାତୀମୁକ୍ତା, ସ୍ୱପ୍ନେଶ୍ୱର ପ୍ରଧାନ, ମନୋଜ ପ୍ରଧାନୀ, ଦିଲ୍ଲୀପ ପଣ୍ଡା, ଭୋଳା ବିଶୋଇ, ରଘୁନାଥ ସାମଲ, ସ୍ମୃତିରଞ୍ଜନ ପ୍ରଧାନ, ଗୋବିନ୍ଦ ଶବର, ଚନ୍ଦ୍ରଶେଖର ପାଢ଼ୀ ଓ ରଶ୍ମୀରଞ୍ଜନ ମିଶ୍ର ପ୍ରମୁଖ ନିବେଦନ କରିଛନ୍ତି।

## ଅଙ୍ଗନବାଡି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

# ପରିତ୍ୟକ୍ତ ସ୍କୁଲ ବାରଣ୍ଡାରେ ଚାଲିଛି ପାଠପଢ଼ା



ରାମଚନ୍ଦ୍ରପୁର,୭।୧୨(ସମିସ): କେନ୍ଦ୍ର ତଥା ରାଜ୍ୟ ସରକାର ପ୍ରାକ୍ ଶୈଶବ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଇ କୋଟି କୋଟି ବ୍ୟୟ ବରାଦ କରୁଛନ୍ତି। ଏଥି ନିମନ୍ତେ ଖାଦ୍ୟପେୟ ଠାରୁ ଆରମ୍ଭ କରି ପୋଷାକ, ଖେଳନା, ସ୍ୱାସ୍ଥ୍ୟ କିଟ୍ ଆଦି ମହିଳା ଓ ଶିଶୁ ବିକାଶ ଯୋଜନା ମାଧ୍ୟମରେ ପ୍ରତ୍ୟକ ଅଙ୍ଗନବାଡି କେନ୍ଦ୍ରମାନଙ୍କୁ ଯୋଗ ଯୋଗାଇ ଦେଇ ଆସୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ବେଫିକର ମନୋଭାବ ଯୋଗୁଁ ଶିଶୁଙ୍କ ବସିବା ଉଠିବା ଓ ଖେଳକୁଦ ନିମନ୍ତେ ଉଦ୍ଦିଷ୍ଟ ନିଜସ୍ୱ ଗୃହଟିଏ ନିର୍ମାଣ ହୋଇ ପାରିନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ତିଗିରିଆ ଗ୍ରାମରେ। ଏଠାରେ ୧୯୯୭ ମସିହାରୁ ଅଙ୍ଗନବାଡି କେନ୍ଦ୍ରଟି ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ଅସ୍ଥାୟୀ ଭାବେ ଚାଲି ଆସୁଥିଲା। କିନ୍ତୁ ଶ୍ରେଣୀ ଗୃହଟି ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଯିବା ଯୋଗୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଅସୁରକ୍ଷିତ ଘୋଷଣା କରିଥିଲେ। ଫଳରେ ଗତ ୪ବର୍ଷ ହେଲା କୋମଳମତି ଶିଶୁ ସ୍କୁଲ ବାରଣ୍ଡାରେ ଆଉ କେତେବେଳେ ବିଦ୍ୟାଳୟ ପରିସରରେ ଥିବା ଗଛ ମୂଳରେ ବସୁଥିଲେ। ହେଲେ ଗତ ୨୦୨୩ ମସିହା ମେ' ୧୬ ତାରିଖରେ ଏକ ଅଭାବନୀୟ ଘଟଣାକ୍ରମରେ ବିଦ୍ୟାଳୟ ପରିସରରେ ଥିବା ଏକ ଅଁଳା କୋଳି ଗିଳି ଶ୍ୱାସରୁଦ୍ଧ ହୋଇ ସେହି ଗାଁର ସୌମ୍ୟରଞ୍ଜନ ଯେନାଙ୍କ ନାବାଳକ ଶିଶୁ ପୁତ୍ରର ମୃତ୍ୟୁ ଘଟିଥିଲା। ସେବେଠାରୁ ସ୍ଥାନୀୟ ଅଭିଭାବକ ମାନେ ନିଜର ଶିଶୁକୁ ଅଙ୍ଗନବାଡିକୁ ଛାଡୁ ନାହାଁନ୍ତି। ଫଳରେ ଅଙ୍ଗନବାଡି କର୍ମୀ ପଙ୍କଜିନୀ ବେହେରା ନିଜେ ଘରକୁ ଘର ବୁଲି ଶିଶୁ, କିଶୋରୀ, ବାଳିକା ଏବଂ ଗର୍ଭବତୀ ମହିଳାମାନଙ୍କୁ ସରକାରଙ୍କ

### ଘରଘର ବୁଲି ଅଣ୍ଡା ଛତୁଆ ବାଣ୍ଟୁଛନ୍ତି କର୍ମୀ

ତରଫରୁ ମିଳୁଥିବା ପୁଷ୍ଟିସାର ଖାଦ୍ୟ, ଅଣ୍ଡା, ଛତୁଆ ବଣ୍ଟନ କରିବା ସହ ସମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ସେପଟେ ୨୦୦୯ ମସିହାରୁ ନୂତନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରାଯିବାକୁ ସ୍ଥାନ ଚିହ୍ନଟ କରାଯାଇ ସେଠାରେ ଏକ ନଳକୂପ ଖନନ କାର୍ଯ୍ୟ ସରିଥିଲେ ସୁଦ୍ଧା ଅଙ୍ଗନବାଡି କେନ୍ଦ୍ର ନିର୍ମାଣକୁ ନେଇ ଗାଁର କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବିରୋଧ କରି ଆସୁଛନ୍ତି। ଫଳରେ ପ୍ରସ୍ତାବିତ ସ୍ଥାନରେ କେନ୍ଦ୍ରଟି ନିର୍ମାଣ ହୋଇ ପାରୁନାହିଁ। ସ୍ଥାନୀୟ ପୁଲିସ ପ୍ରଶାସନ ଉପସ୍ଥିତିରେ ଉପଯୁକ୍ତ ସ୍ଥାନ ନିରୂପଣ କରି ଯଥାଶିଘ୍ର ନୂତନ ଗୃହ ନିର୍ମାଣ କରିବାକୁ ଗ୍ରାମର ବୁଦ୍ଧିଜୀବୀ ମାନେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

## ବାରଦୁଆର ବୁଲୁଛନ୍ତି ଛାତ୍ରଛାତ୍ରୀ



ଆନନ୍ଦପୁର,୭।୧୨(ସମିସ): ଦୀର୍ଘ ୧୦ ବର୍ଷ ହେଲା ଏଠି ସେଠି ଚାଲିଛି ଅଙ୍ଗନବାଡି କେନ୍ଦ୍ର। କେତେବେଳେ ଭାଗବତ ଟୁଙ୍ଗି ତ ଏବେ ଦିଦିଙ୍କ ନିଜ ଘରେ ଚାଲୁଛି ଅଙ୍ଗନବାଡି କେନ୍ଦ୍ର। ଏପରି ଦୟନୀୟ ଅବସ୍ଥା ଯୋଗୁଁ ଏହି କେନ୍ଦ୍ରକୁ ନିୟମିତ ଆସୁଥିବା ଶିଶୁ ଛାତ୍ରଛାତ୍ରୀଙ୍କ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକର ଜଳସୁଆଁ ଗ୍ରାମରେ। ରାଜ୍ୟ ସରକାରଙ୍କ ଶିଶୁ ବିକାଶ ବିଭାଗ ଆନନ୍ଦପୁର ପକ୍ଷରୁ ଏହି ପଞ୍ଚାୟତରେ ୩ ଗୋଟି ଅଙ୍ଗନଓାଡି କେନ୍ଦ୍ର ସ୍ଥାପନ କରାଯାଇଅଛି। ହେଲେ ଦଳିତ ସାହି ଅଙ୍ଗନବାଡି କେନ୍ଦ୍ର ପାଇଁ ନିଜସ୍ୱ ଗୃହ ନଥିବାରୁ ଛାତ୍ରଛାତ୍ରୀ ଓ ଗର୍ଭବତୀ ମହିଳାମାନେ ନାହିଁ ନଥିବା ହିନସ୍ତା ଜଣାଯାଇଛି। ଏହି କେନ୍ଦ୍ରକୁ ନିୟମିତ ଆସୁଥିବା ୨୨ ଜଣ ଛାତ୍ରଛାତ୍ରୀ ବାରଦୁଆର ବୁଲୁଥିବା ଭଳି ପରିସ୍ଥିତି ସରକାରଙ୍କ ଶିଶୁ ବିକାଶ ଯୋଜନା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଦଳିତ ସାହି ବାସିନ୍ଦା। ନିଜସ୍ୱ କେନ୍ଦ୍ର ନଥିବାରୁ ସରକାରଙ୍କ ପକ୍ଷରୁ ମିଳୁଥିବା ଛତୁଆ, ଚାଉଳ, ଅଣ୍ଡା ଇତ୍ୟାଦି ସାମଗ୍ରୀ ବାଧ୍ୟ ହୋଇ ଦିଦିଙ୍କ ଘରେ ରହୁଥିବା ଜଣାଯାଇଛି। ସେହିପରି ରୋଷେଇ କରି ପିଲାଙ୍କୁ ରନ୍ଧା ଖାଦ୍ୟ ବ୍ୟବସ୍ଥା ଥିବା ବେଳେ ରୋଷଶାଳା ନଥିବାରୁ ଦିଦିଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରି ଏହି ଅଙ୍ଗନବାଡି କେନ୍ଦ୍ରର ସମସ୍ୟା ସମାଧାନ କରିବାକୁ ଉକ୍ତ ଗ୍ରାମର ମହେନ୍ଦ୍ର ଜେନା, ଶୈ÷ଳ ଜେନା, ନିରଞ୍ଜନ ଜେନା, ରାଜନ ଜେନା, ଶତୃଘ୍ନ ଜେନା, ମହେଶ୍ୱର ଜେନା, ସନ୍ତୋଷ ଜେନା, ମଣିଭଦ୍ର ଜେନା, ରତ୍ନାକର ଜେନା, ଗୟାଧର ଜେନା ପ୍ରମୁଖ ଦାବି କରିଛନ୍ତି। ତେବେ ଘଟଣା ସଂପର୍କରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତି ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ନୂତନ ଗୃହ ନିର୍ମାଣ ପାଇଁ ଦୁଇମାସ ପୂର୍ବେ ଆନନ୍ଦପୁର ବିଡିଓଙ୍କୁ ଲିଖିତ ଭାବେ ଅବଗତ କରାଯିବା ସହ ଡିଏମ୍‌ଏଫ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିବା ପ୍ରକାଶ କରିଛନ୍ତି।

## ଗରିବ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



ହାଟଡିହୀ,୭।୧୨(ସମିସ): ହାଡ଼ଭଙ୍ଗା ଶୀତକୁ ନଜରରେ ରଖି ହାଟଡିହୀ ବ୍ଲକ ହାବଳେଶ୍ୱର ପଞ୍ଚାୟତ ଶାଳବଣି-ଜମ୍ବରା ଗ୍ରାମର ରାଧାଗୋବିନ୍ଦ ଫାଉଣ୍ଡେସନ ତରଫରୁ କୋଳିମାଟି ପଞ୍ଚାୟତର କନ୍ତୋ ଗ୍ରାମରେ ଗରିବ ଅସହାୟ ଆଦିବାସୀ ଲୋକମାନଙ୍କୁ ମାଗଣା କମ୍ବଳ ବିତରଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସଭାପତି ପଞ୍ଚାନନ ମହାନ୍ତି ସଦସ୍ୟ ପୁରୁଷୋତ୍ତମ ମହାନ୍ତି, ରାଜକିଶୋର ସ୍ୱାଇଁ, ସୌରିରଞ୍ଜନ ମହାନ୍ତି, ସୁଶାନ୍ତ ଜେନା, ଅରୁପ ରାଉତ, ମହେଶ୍ୱର ରାଉତ, ଅନିଲ୍ ସେଠୀ, ରାଜକିଶୋର ପରିଡ଼ା , ସତ୍ୟବାନ୍ ମାଝୀ, ପୂର୍ଣ୍ଣଚନ୍ଦ୍ର ସାମଲ, ସନ୍ତୋଷ ମଲ୍ଲିକ, କାର୍ତ୍ତିକ ଦାସ ପ୍ରଭୃତି ଉପସ୍ଥିତ ରହି ଲୋକ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଏଥିପାଇଁ ଫାଉଣ୍ଡେସନ ତରଫରୁ ସମସ୍ତ ଲୋକମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ମଧ ବ୍ୟବସ୍ଥା ମଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଳିମାଟି ଗ୍ରାମ ପଞ୍ଚାୟତର କନ୍ତୋ, କୋଳିମାଟି, ଟିକିରା, କୁମଡ଼, ଅର୍ଜୁନ ବଣିଆ, ନୂଆପଡ଼ା, କରବା ବଣିଆ, ଯାତ୍ରାକୁଶୁମ ପ୍ରଭୃତି ଗ୍ରାମର ୪ଶହରୁ ଅଧିକ ଗରିବ ଲୋକମାନେ ଉପକୃତ ହୋଇଥିଲେ। ଫାଉଣ୍ଡେସନର ଏଭଳି କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମହଲରୁ ସ୍ୱାଗତ କରାଯାଇଛି।

## ଖଣିଜ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଦିବସ

ବଡବିଲ,୭।୧୨(ସମିସ): ଭୁବନେଶ୍ୱର କ୍ଷେତ୍ର- ୨ ଅଧୀନରେ ଥିବା ଲୌହ ଧାତୁ ଖଣି ସମୂହର ସୁରକ୍ଷା ସପ୍ତାହ ପ୍ରାକ୍ ଉଦ୍‌ଯାପନୀ ଦିବସ ବଡ଼ବିଲରେ ପାଳନ ହୋଇଯାଇଛି। ଖଣି ସୁରକ୍ଷା ନିର୍ଦ୍ଦଶାଳୟ ଆନୁକୂଲ୍ୟରେ ରୁଙ୍ଗଟା ସନ୍ସ ପ୍ରା.ଲିମିଟେଡ୍ ଏବଂ ରାଇକେଲା ଲୌହ ଖଣି ସହଯୋଗରେ ପାଳିତ ଏହି ଉତ୍ସବର ଆୟୋଜନ ବଡ଼ବିଲ ସ୍ଥିତ ରୁଙ୍ଗଟା ଟାଉନ ହଲ ଠାରେ ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ଖଣି ସୁରକ୍ଷା ନିର୍ଦ୍ଦେଶକ ତଥା ସୁରକ୍ଷା ସପ୍ତାହ ପାଳନ ସମିତିର ଅଧ୍ୟକ୍ଷ ପ୍ରଫୁଲ ରଞ୍ଜନ ଠାକୁର ଯୋଗଦାନ କରି ଖଣି ଗୁଡ଼ିକରେ କାର୍ଯ୍ୟରତ ସମସ୍ତ ଶ୍ରମିକ ଏବଂ କର୍ମୀ ମାନଙ୍କର ସୁରକ୍ଷାକୁ ପ୍ରାଥମିକତା ଦିଆ ଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ରୁଙ୍ଗଟା ସନ୍ସର ପରିଚାଳନା ନିର୍ଦ୍ଦେଶକ ହୀରକ ମଜୁମଦାର ସ୍ୱାଗତ ଭଷଣ ଦେବା ସହ ଆଜିର କାର୍ଯ୍ୟକ୍ରମ ବିଷୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଖଣି ସୁରକ୍ଷା ନିର୍ଦ୍ଦଶାଳୟର ଉପନିର୍ଦ୍ଦେଶକ ଉଲିମେଲା ଶିବ ଶଙ୍କର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ମେସର୍ସ ଗୀତାରାଣୀ ମହାନ୍ତି ମାଇନ୍ସର ମୁଖ୍ୟନିର୍ବାହୀ ଅଧିକାରୀ ସୁନିତ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାଜ୍ୟର ୧୦ଟି ଜିଲ୍ଲାର ପ୍ରାୟ ୪୬ ଖଣି ଭାଗ ନେଇଥିବା ବେଳେ ସେମାନଙ୍କ ପାଞ୍ଚ ବିଭାଗରେ ଭାଗ କରାଯାଇ ଉତ୍ତମ ଖଣି ସୁରକ୍ଷା ପରିଚାଳନା ପାଇଁ ବିଭିନ୍ନ ଖଣିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ରୁଙ୍ଗଟା ଖଣିକୁ ବିଭିନ୍ନ ବର୍ଗର ୧୬ରୁ ଉର୍ଦ୍ଧ୍ୱ ପୁରସ୍କାର ମିଳିଥିଲା।

## ଅଳତି ଶିଶୁ ମନ୍ଦିରରେ କ୍ରୀଡ଼ା ଉଦ୍‌ଯାପିତ

ରାମଚନ୍ଦ୍ରପୁର,୭।୧୨(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ସରସ୍ୱତି ଶିଶୁ ମନ୍ଦିର ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ପ୍ରମୋଦିନୀ ରାଉତଙ୍କ ସଂଯୋଜନାରେ ଅଳତି ମିନିଷ୍ଟାଡିୟମଠାରେ ଦୁଇ ଦିନ ଅନୁଷ୍ଠିତ କ୍ରୀଡା ଉତ୍ସବକୁ ଖେଳ ଆଚାର୍ଯ୍ୟ ହୃଦାନନ୍ଦ ମହାଳିକ ପରିଚାଳନାକ ରିଥିଲେ। ଏଥିରେ ପ୍ରାକ୍ତନ କ୍ରିଡା ଶିକ୍ଷକ କାର୍ତ୍ତିକ ପ୍ରସାଦ ଶତପଥୀ ଏବଂ ସହ ସମ୍ପାଦକ ଦୁର୍ଯୋଧନ ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କୃତି ପ୍ରତିଯୋଗୀମାନେ ସଙ୍କୁଳ ସ୍ତରୀୟ ଖେଳ କୁଦ୍‌ରେ ଭାଗନେବାକୁ ଯୋଗ୍ୟତା ହାସଲ କରିଥିଲେ। କାର୍ଯ୍ୟକ୍ରମକୁ ଆଦିତ୍ୟ ନାୟକ, ପ୍ରଫୁଲ୍ଲ ବାରିକ, ଟଙ୍କଧର ମାଝୀ, ଅନୁପମା ରାଉତ, ମମତା ଦେଓ, ମଧୁସ୍ମିତା ରଣା, ଅମ୍ବିକା ବେହେରା, ଆରତୀ ଲେଙ୍କା, ଗିରିଜା ସାମଲ, ଚିନ୍ମୟୀ ଶଙ୍ଖୁଆ, ପ୍ରିୟଦର୍ଶିନୀ ସ୍ୱାଇଁ, ସିପ୍ରାବେନ୍ ସାହୁ, ସେଲିନା ସାହୁ, ପ୍ରତ୍ୟାଶା ସାହୁ ଏବଂ ଅନିତା ନାଥ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ସେବିକା କୁନି କାଣ୍ଡି ଓ ନନ୍ଦିନୀ କର ସକ୍ରିୟ ସହଯୋଗ କରିଥିଲେ।

## ୫୫ଜଣ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ଭାବରେ ନିଯୁକ୍ତି



ତୁରୁମୁଙ୍ଗା,୭।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଗୋଷ୍ଠୀ ଶିକ୍ଷାଅଧୀନରେ କାର୍ଯ୍ୟରତ ଥିବା ୫୫ ଜଣ କନିଷ୍ଠ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଶନିବାର ନିୟମିତ ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ସମ୍ମାନିତ ଅତିଥି ଭାବରେ ଏବିଇଓ ପ୍ରକାଶ କୁମାର ରାୟ, ବିଜୟ କୁମାର ଓଝା, ପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳା କାନ୍ତ ପତି, ଓଷ୍ଟା ସଘ ସମ୍ପାଦକ ଭବାନୀଶଙ୍କର ମହାନ୍ତ, ଶିକ୍ଷକ ନେତା ପ୍ରମୋଦ କୁମାର ମହାନ୍ତ, ସିଆରସିସି ଜ୍ୟୋତିର୍ମୟୀ ତ୍ରିପାଠୀ, ସନ୍ତୋଷ କୁମାର ନାଏକ, ଚୈତନ୍ୟ ନାଏକଙ୍କ ସହିତ ଅନ୍ୟମାନେ ଉପସ୍ଥିତରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା।

## ୧୦୦ ଦିନିଆ ଯକ୍ଷ୍ମାମୁକ୍ତ ପ୍ରଚାର ଅଭିଯାନର ଶୁଭାରମ୍ଭ



କେନ୍ଦୁଝର,୭।୧୨(ସମିସ): କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପରିସରରେ ଶନିବାର ୧୦୦ ଦିନିଆ ଯକ୍ଷ୍ମାମୁକ୍ତ ପ୍ରଚାର ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏହି ପ୍ରଚାର ଅଭିଯାନକୁ କେନ୍ଦୁଝରଗଡ ପୌରପାଳିକାର ଅଧକ୍ଷା ନିକୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଯକ୍ଷ୍ମାମୁକ୍ତ କେନ୍ଦୁଝର ଆମର ଲକ୍ଷ୍ୟ ଏବଂ ଏଥିପାଇଁ ସମସ୍ତଙ୍କର ସହଯୋଗ ଜରୁରୀ ବୋଲି ସେ କହିଥିଲେ। ଏହି ଅଭିଯାନ ୧୦୦ ଦିନ ଧରି ସମଗ୍ର ଜିଲ୍ଲାରେ ଚାଲିବ। ଏଥିରେ ଯକ୍ଷ୍ମାର ଲକ୍ଷଣ ଥିବା ଏବଂ ଲକ୍ଷଣ ବିହୀନ ତଥା -୫ବର୍ଷ ମଧ୍ୟରେ ଯଦି ଆପଣଙ୍କୁ ଯକ୍ଷ୍ମା ସଂକ୍ରମଣ ହୋଇଥିବ, ନିଜ ନିକଟ ସଂପର୍କୀୟଙ୍କ ମଧ୍ୟରେ ଯଦି କେହି ଯକ୍ଷ୍ମା ରୋଗୀ ଥାଆନ୍ତି, ଧୂମପାନ କରୁଥିବା ବ୍ୟକ୍ତି (ଏବେ କିମ୍ବା ପୂର୍ବରୁ), ମଧୁମେହରେ ପୀଡିତ ବ୍ୟକ୍ତି, ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ବ୍ୟକ୍ତି, ଅପପୃଷ୍ଟିର ଶିକାର ବ୍ୟକ୍ତିମାନଙ୍କୁ ଅତ୍ୟାଧୁନିକ ଏନ୍‌ଏଏଟି ଏବଂ ଏକ୍ସ-ରେ ମେସିନ ମାଧ୍ୟମରେ ପରୀକ୍ଷା କରାଯାଇ ରୋଗ ଚିହ୍ନଟ କରାଯିବ। ତତ୍‌ସଂଗେ ସଂଗେ ଉକ୍ତ ରୋଗୀଙ୍କୁ ସରକାରୀସ୍ତରରେ ଅଧିସୂଚିତ କରାଯାଇ ଯକ୍ଷ୍ମା ଔଷଧ ସେବନ କରିବାର ବ୍ୟବସ୍ଥା କରାଯିବ। ବର୍ତ୍ତମାନ କେନ୍ଦୁଝର ଜିଲ୍ଲାର ୨୩୭୬ ଟିବି ରୋଗୀ ଔଷଧ ସେବନ କରୁଛନ୍ତି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରପ୍ରସାଦ ମିଶ୍ର, ଡିଡିଏମ୍ସିଏଚ୍ ସୁପରିଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକ, ଡିଏମ୍‌ଓ(ଏମ୍‌ଏସ୍) କମ୍ ସୁପରିଟେଣ୍ଡେଣ୍ଟ ଆଇ/ସି ଡିଡିଏଚ୍, କେନ୍ଦୁଝର ଡା. ବିନୋଦ ବିହାରୀ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ନୀଲମ ମହାନ୍ତି, ସ୍ପେଶାଲିଷ୍ଟ ଚେଷ୍ଟ ଆଣ୍ଡ ଟିବି ମୁଖ୍ୟ ଚିକିତ୍ସାଳୟ ଡା. ପ୍ରଶାନ୍ତ କୁମାର ମିଶ୍ର, ଡିପିଏମ୍ ଏନ୍‌ଏଚ୍‌ଏମ୍ ନିତ୍ୟରଞ୍ଜନ ବରାଳ, ଡିପିସି ତାପସ ରଞ୍ଜନ ଜେନା, ପିପିଏମ୍ କୋର୍ଡିନେଟର ବିଶ୍ୱଜିତ ନନ୍ଦ, ଏସ୍‌ଏ ବୃନ୍ଦାବନ ସାହୁ, ଡିପିଏଚ୍‌ଓ ଧନୁରାମ ମୁର୍ମୁ, ଡିଇଓ ଦୀପକ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କେନ୍ଦୁଝରଗଡ ପୌରପାଳିକାର ସମସ୍ତ ୱାର୍ଡର ଆଶା ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇଥିଲେ।

## ତରୁଆଁ ପଞ୍ଚାୟତ ଚଣ୍ଡାଳିରେ ବୁଥ୍ କମିଟି ଗଠନ

ରାମଚନ୍ଦ୍ରପୁର,୭।୧୨(ସମିସ): ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାମଚନ୍ଦ୍ରପୁର ମଣ୍ଡଳର ତରୁଆଁ ଶକ୍ତୀକେନ୍ଦ୍ର ଅଧୀନ ଚଣ୍ଡାଳି ଠାରେ ବୁଥ କମିଟି ଗଠନ ପର୍ବଶେଷ ହେଇଛି। ପଞ୍ଚାୟତର ନଅଗୋଟି ବୁଥକେନ୍ଦ୍ରର ଶତାଧିକ ପ୍ରାଥମିକ ସଦସ୍ୟ ଏକତ୍ରିତ ହୋଇ ଘସିପୁରାର ବିଜେପି ନେତା ଡ. ଶମ୍ଭୁନାଥ ରାଉତ, ମଣ୍ଡଳ ସଭାପତି ତୀର୍ଥବାସୀ ଜେନା, ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ହିମାଂଶୁ ପୁହାଣଙ୍କ ଉପସ୍ଥିତିରେ ବିଭିନ୍ନ ବୁଥର ସାଂଗଠନିକ ସଚେତନତା କାର୍ଯ୍ୟକ୍ରମ କରାଯାଇ ବୁଥ ସଭାପତି ମାନଙ୍କୁ ନିର୍ବାଚିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଜୟ କୁମାର ବାରିକ୍, ଦିଲୀପ ରାଉତ୍, ନରେନ୍ଦ୍ର ମଲିକ୍, ଆତୁଳ ଭଞ୍ଜ, ଭରତ ଭଞ୍ଜ, ମାୟାଧର ଜେନା, ମଦନ ଭଞ୍ଜ, ରଷିନାଥ ସାହୁ, ବାତୁଳ ରାଉତ ଓ ମହେନ୍ଦ୍ର ରାଉତ୍ ପ୍ରମୁଖ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତାରେ ଚାମ୍ପିଅନ



ତୁରୁମୁଙ୍ଗା,୭।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ଦୌଡ଼ କୁଦ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛନ୍ତି। ବାରିପଦାଠାରେ ଆନ୍ତଃ ମହାବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ୫ ଓ ୬ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୩୫ ଟି ମହାବିଦ୍ୟାଳୟ ଅଂଶଗ୍ରହଣ କରିଥିବା ବେଳେ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ୮ ଜଣ ଛାତ୍ରଛାତ୍ରୀ ବିଭିନ୍ନ ଇଭେଣ୍ଟରେ ଉଚ୍ଚମାନର ପ୍ରଦର୍ଶନ କରି ଚଳିତ ଥର ଦଶମ ଥର ପାଇଁ ଚାମ୍ପିଅନ ହେବାର ଗୌରବ ହାସଲ କରିଛନ୍ତି। ଏହି ପ୍ରତିଯୋଗୀମାନଙ୍କୁ ଶନିବାର ମହାବିଦ୍ୟାଳୟର ଅଧକ୍ଷ ବିରେନ୍ଦ୍ର କୁମାର ସାହୁ, କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଓ ରଜତ କୁମାର ଦାଶ ପ୍ରମୁଖ ମହାବିଦ୍ୟାଳୟ ପରିସରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଯୋଗିତାକୁ ଯିବା ପୂର୍ବରୁ ଏହି ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାଶିକ୍ଷକ ଶ୍ରୀ ସାହୁ ନୂତନ ପ୍ରଶିକ୍ଷକ ତପୋଧନ ଶିଶିର କାନ୍ତ ପଲେଇ ସହଯୋଗୀ ସୁଶାନ୍ତ ଚନ୍ଦ୍ର ପାତ୍ର ଗୋବିନ୍ଦଚନ୍ଦ୍ର ପାତ୍ର, ବ୍ରଜେନ୍ଦ୍ର କୁମାର ପତି, ଓ ପ୍ରାଧ୍ୟାପକ ହଳଧର ସାହୁ ପ୍ରମୁଖ ଉପଯୁକ୍ତ ପ୍ରଶିକ୍ଷଣ ଦେବାରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

## ଆଳୁ କିଣିବା ବେଳେ ମୋବାଇଲ ଲୁଟ୍

ହାଟଡ଼ିହୀ,୭।୧୨(ସମିସ): ନନ୍ଦିପଦା ଥାନା ଅଧୀନସ୍ଥ ଛେନାପଦି ଅଞ୍ଚଳରେ ପୁଣି ମାତିଛନ୍ତି ମୋବାଇଲ ଲୁଟେରା। କିଛିଦିନର ନିରବତା ପରେ ଆଜି ଛେନାପଦି ଛକରେ ଆଳୁ କିଣିବା ବେଳେ ଜଣେ ବ୍ୟକ୍ତିଙ୍କ ଠାରୁ ମୋବାଇଲ ଲୁଟି ନେଇଛନ୍ତି। ବିଶେଷ କରି ସକାଳେ ବଜାରଟି ଲୋକାରଣ୍ୟ ହୋଇ ପଡୁଥିବାରୁ ଲୁଟେରା ମାନେ ଏହାର ସୁଯୋଗରେ ଲୁଟ କରୁଛନ୍ତି। ଆଜି ଶାସଙ୍ଗ ଗ୍ରାମର ପର୍ଶୁରାମ ନାୟକ ନାମକ ଏହି ବ୍ୟକ୍ତି ଜଣକ ଏକ ଆଳୁ ଦୋକାନରେ ନଇଁପଡି ଆଳୁ ବାଛୁଥିବା ସମୟରେ ଜଣେ ଯୁବକ ଚତୁରତାର ସହିତ ଆଗ ସାର୍ଟ ପକେଟରୁ ମୋବାଇଲଟିକୁ କାଢି ନେଇଥିଲେ। କିନ୍ତୁ ପର୍ଶୁରାମ ଏବାବଦରେ ଜାଣିପାରି ନଥିଲେ। ପରେ ସେ ଏ ନେଇ ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଏକ ଦୋକାନର ସିସିଟିଭି କ୍ୟାମେରାରେ ଯୁବକ ଜଣକ ମୋବାଇଲ ଲୁଟ କରୁଥିବା ଦୃଶ୍ୟ କଏଦ ହୋଇଥିବା ଦେଖିବାକୁ ମିଳିଛି। ପୁଲିସ୍ ଏହାକୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



ଯୋଡ଼ା,୭।୧୨(ସମିସ): ଯୋଡ଼ା ଅଞ୍ଚଳର ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ବିଲେଇପଦା ସରସ୍ୱତୀ ଶିଶୁମନ୍ଦିରର ବିଜ୍ଞାନ ତଥା ଗଣିତ ଶିକ୍ଷକ ପଦ୍ମନାଭ ତ୍ରିପାଠୀଙ୍କର ୫୨ ବର୍ଷ ବୟସରେ ଶନିବାର ପରଲୋକ ଘଟିଛି। ଶନିବାର ସକାଳ ସମୟରେ ହଠାତ୍ ଗୁରୁତର ଅବସ୍ଥାରେ ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନାକୁ ନିଆଯାଇଥିଲା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ବୀଣାଗଡ଼ିଆ ଶାସନରେ ଜନ୍ମ ଗ୍ରହଣ କରିଥିବା ପଦ୍ମନାଭ ତ୍ରିପାଠୀ ଯୋଡ଼ାରେ ରହି ଉଚ୍ଚଶିକ୍ଷା ଲାଭ ପରେ ଯୋଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ଓ ଗଣିତ ଶିକ୍ଷକ ଭାବେ ସେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ଲକ୍ଷ୍ମିପଡିଆ ସରସ୍ୱତୀ ଶିଶୁ ମନ୍ଦିର ଓ ଏବେ ବିଲେଇପଦା ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷକତା କାର୍ଯ୍ୟ ଜାରି ରଖିଥିଲେ। ସେ ଜଣେ ଛାତ୍ରବତ୍ସଳ, ସ୍ନେହୀ, ମେଳାପି, ପରୋପକାରୀ ଓ ଜ୍ଞାନୀ ଶିକ୍ଷକ ଭାବେ ବିଦ୍ୟାଳୟର ସହ ଯୋଡ଼ା ଅଞ୍ଚଳରେ ବେଶ୍ ପରିଚିତ। ତାଙ୍କ ପରଲୋକରେ ସମଗ୍ର ଯୋଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଡ଼ା ଶାସ୍ତ୍ରୀନଗର ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କର ଅନ୍ତିମ ସମୟରେ ତାଙ୍କ ସ୍ତ୍ରୀ, ପୁଅ, ଝିଅଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ପରେ ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଛି।

## ସେତୁ ନିର୍ମାଣ ପାଇଁ ବେଆଇନ୍ ବାଲି ଚାଲାଣ

# ରାଜସ୍ୱ ଫାଙ୍କୁଛି ଠିକାସଂସ୍ଥା



ଆନନ୍ଦପୁର,୭।୧୨(ସମିସ): ଆନନ୍ଦପୁର ବୈତରଣୀ ନଦୀରେ ନିର୍ମାଣଧୀନ ଦ୍ୱିତୀୟ ସେତୁ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ନଦୀ ଶଯ୍ୟାରୁ ପ୍ରତିଦିନ ଶହ ଶହ ମାଟ୍ରିକ ଟନ୍ ବାଲି ଉତ୍ତୋଳନ କରୁଥିଲେ ମଧ ସେ ବାବଦକୁ ରୟାଲଟି ଫାଙ୍କୁ ଥିବା ଗୁରୁତର ଅଭିଯୋଗ ହୋଇଛି। ଏନେଇ ଆନନ୍ଦପୁର ତହସିଲଦାର ସଂପୃକ୍ତ ଠିକା ସଂସ୍ଥାକୁ ବାରମ୍ବାର ସତର୍କତା ମୂଳକ ନୋଟିସ୍ ଜାରି କରିବା ସହିତ ଜରିମାନା ଦଣ୍ଡ ବିଧାନ କରିଥିଲେ। ଜରିମାନା ଦେଇଥିବା ଏହି ଠିକା ସଂସ୍ଥା ପୁନର୍ବାର ବାଲି ଉତ୍ତୋଳନରେ ତଞ୍ଚକତା କରୁଥିବାରୁ ପ୍ରଶାସନିକ କଡ଼ା ସତର୍କତା ଦିଆଯାଇଥିବା ଜଣାଯାଇଛି। ବୈତରଣୀ ନଦୀର ବାଲୁକା ଶଯ୍ୟାରେ କ୍ୟାମ୍ପ କରି ଦିନରାତି ନିର୍ମାଣ କାର୍ଯ୍ୟ ଚଳାଇଥିବା ବେଳେ ଏହି ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକୀୟ ବାଲିର ଆକଳନ ପୂର୍ବରୁ କରାଯାଇଥିବା ବେଳେ ସେ ବାବଦକୁ କେତେ ଟଙ୍କାର ରାଜସ୍ୱ ଆକାରରେ ସରକାରୀ ତହବିଲକୁ ଦେଇଛନ୍ତି ସେ ନେଇ କୋ÷÷ଣସି ନିର୍ଦ୍ଦିଷ୍ଟ ସୂଚନା ଓ ତଥ୍ୟ ପ୍ରଶାସନ ନିକଟରେ ନଥିବା ଚିନ୍ତାର କାରଣ ହୋଇଛି। ଗତ ୨୦୨୩ ମସିହା ଅକ୍ଟୋବର ମାସରେ ୱାଲପାଏଲିଂ ଓ ପିଲରପାଏଲିଂ ସାରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ରାଜବୀର କନ୍‌ଷ୍ଟ୍ରକସନ୍ ଠିକା ସଂସ୍ଥା ୨୬ ମାସ ମଧ୍ୟରେ କେତେ ପରିମାଣର ବାଲି ଉତ୍ତୋଳନ କରି ବ୍ୟବହାର କରିଛନ୍ତି ସେ ନେଇ ପ୍ରଶାସନକୁ ସୂଚନା ଦେଇ ନଥିବା ପରିତାପର ବିଷୟ। ପ୍ରାୟ ୮୦କୋଟି ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟର୍ ଆରମ୍ଭ ହୋଇ ଏହା ମନ୍ଥର ଗତିରେ ଚାଲି ଥିବାରୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହି ସେତୁ କାର୍ଯ୍ୟ ସଂପୂର୍ଣ୍ଣ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ଲଘୁ ଖଣିଜ ବ୍ୟାପାର ରାଜସ୍ୱ ବିଭାଗରୁ ଖଣି ବିଭାଗକୁ ଚାଲିଯାଇ ଥିବାରୁ ଏହି ଠିକା ସଂସ୍ଥା ଲଗାମ ଛଡା ହୋଇ ପ୍ରତିଦିନ ଲକ୍ଷାଧିକ ମେଟ୍ରିକ ଟନ୍ ବାଲି ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଛି। ଏଣୁ ଇସ୍ପାତ ଓ ଖଣି ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳିତ




**ଯୋଡ଼ା, ୭।୧୨(ସମିସ):** ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ନେତୃତ୍ୱରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର କାଶିଆ ଆଇରନ ଓ ଡୋଲାମାଇଟ୍ ମାଇନ୍ସ ପକ୍ଷରୁ ୨୬ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମ୍‌ଇଏମଏସ) ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜେଏସଡବ୍ଲୁ ଷ୍ଟିଲର ଡିଜିଏମ୍ ବୋରା ବିଦ୍ୟାସାଗର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଏମସିର ସିନିୟର ମ୍ୟାନେଜର (ଜିଓଲୋଜିଷ୍ଟ) ରାଧେଶ୍ୟାମ ସାହୁ ଓ ଶିବା ସିମେଣ୍ଟର ଡେପୁଟି ମ୍ୟାନେଜର(ମାଇନ୍ସ) ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇଥିଲେ। କାଶିଆ ମାଇନ୍ସର ୟୁନିଟ ମୁଖ୍ୟ ପ୍ରମୋଦ କୁମାର ପାତ୍ର, ଏଚ୍‌ଆର ଆଣ୍ଡ ଇଏସ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି ଓ କାଶିଆ ମାଇନ୍ସ ମ୍ୟାନେଜର ରଞ୍ଜିତ ଚୌଧୁରୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ କାଶିଆ ମାଇନ୍ସ ଓ ସିଏସ୍‌ଆର ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହାକୁ ଅତିଥିମାନେ ବହୁତ ପ୍ରଶଂସା କରିଥିଲେ। ସ୍ଲୋଗାନ ଲିଖନ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ସହଭାଗୀ ଏବଂ କର୍ମଚାରୀ ସାମିଲ ହୋଇଥିଲେ।

**ପିକନିକ୍ ଋତୁରେ ଚଳଚଞ୍ଚଳ**

# ଭୀମଆଣ୍ଠୁଆ ନାଳକୁ ଇକୋ ଟୁରିଜିମ୍ ପାଇଁ ଦାବି

ରାମଚନ୍ଦ୍ରପୁର, ୭।୧୨(ସମିସ)

ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବା ଜିଲ୍ଲାର ଅନେକ ପର୍ଯ୍ୟଟନ କ୍ଷେତ୍ର ଏବେ ପର୍ଯ୍ୟଟକଙ୍କ ଆଗମନରେ ଚଳଚଞ୍ଚଳ ହୋଇ ଉଠିଛି। ଏହାର ବିକାଶ କ୍ଷେତ୍ରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିବା ବେଳେ ଅନେକ ସ୍ଥାନ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ସେହି ଭଳି ଜଙ୍ଗଲି ପରିବେଶ ମଧ୍ୟରେ ରହିଥିବା ଏକ ପାହାଡି ଝରଣା ହେଉଛି 'ଭିମ ଆଣ୍ଠୁଆ ନାଳ'।

ଆନନ୍ଦପୁର ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ପୌରାଣିକ କିମ୍ବଦନ୍ତୀର ସ୍ୱାକ୍ଷର ବହନ କରୁଥିବା ଏହି ସ୍ଥାନଟି ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ଅନେକ ଦିନରୁ ରହିଯାଇଛି। ୨୦ ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ଠାରୁ ପଶ୍ଚିମ ଦିଗକୁ ୫ କିଲୋମିଟର ଗଲେ ପଡ଼ିବ ବରାଙ୍ଗ ସଂରକ୍ଷିତ ଜଙ୍ଗଲ, ୧୩୩୦ ହେକ୍ଟର ପରିସୀମା ମଧ୍ୟରେ ରହିଥିବା ଏହି ଜଙ୍ଗଲରେ ଶାଳ, ପିଆଶାଳ, କେନ୍ଦୁ, ମହୁଲ, ଅସନ ଆଦି ବିଭିନ୍ନ ଜାତିର ବୃକ୍ଷ, ଔଷଧୀୟ ଗୁଳ୍ମ ସହିତ ବୁଦୁବୁଦିଆ ଜଙ୍ଗଲ ରହିଛି। ଏହି ଜଙ୍ଗଲରେ ବିଭିନ୍ନ ପ୍ରଜାତିର ହରିଣ ସହିତ ଠେକୁଆ,



ଝିଙ୍କ, ନେଉଳ, ଭାଲୁ, ବିରଳ ବଜ୍ରକାପ୍ଟା, ପାତି ହନୁ ଓ ସରୀସୃପ ରହିଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଦୂର ଦିଗ୍‌ବଳୟକୁ ମୁଣ୍ଡ ଟେକି ରହିଛି ତିନୋଟି ମଥାଟେକା ପାହାଡ଼- କଜ୍ୱଳାଇ, ଧନେଇ ଓ ଭାଲୁ ହୁଡି ପର୍ବତ ମାଳା। ଏହା ସୁଦୁର ପ୍ରସାରୀ। ପର୍ଯ୍ୟଟକ ତଥା ପରିବେଶ ପ୍ରେମୀଙ୍କୁ ବିଶେଷ ଭାବେ ଆକର୍ଷିତ କରିପାରିଛି। କଜ୍ୱଳେଇ ପାହାଡ ଉପରେ ରଘୁନାଥ ଜୀଉଙ୍କ ମନ୍ଦିର, ଧନେଇ ପାହାଡ଼ ବକ୍ଷରେ ଗଣେଶ ଗୁମ୍ଫା ଏବଂ ପାଦଦେଶରେ ୧୯୭୮ ମସିହା ପୁରୁଣାବାନ୍ଧଗୋଡା ଘୂର୍ଣ୍ଣିବାତ୍ୟାରେ ପ୍ରାଣ ହରାଇଥିବା ୧୮ ବ୍ୟକ୍ତିଙ୍କ ସ୍ମୃତି ପୀଠ, ପର୍ଯ୍ୟଟକ ତଥା ଆଗନ୍ତୁକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି। ବିଶେଷ ଭାବେ କେନ୍ଦୁଝର ଓ ପଡୋଶୀ ଯାଜପୁର ଜିଲ୍ଲାରୁ ଆସୁଥିବା ପର୍ଯ୍ୟଟକଙ୍କ ଭୋଜିଭାତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ମୁଖରିତ ହୋଇଉଠେ। ଛୁଟି ଦିନ ମାନଙ୍କରେ ଏଠାରେ ପ୍ରବଳ ଜନସମାଗମ ହେଉଥାଏ। ବନ୍ୟପ୍ରାଣୀଙ୍କ ସୁରକ୍ଷା ଦୃଷ୍ଟିରୁ ସ୍ଥାନିୟ ବନ ବିଭାଗ ପକ୍ଷରୁ ପିକନିକ୍ ଋତୁରେ ଏହି ସ୍ଥାନ ଉପରେ ତୀକ୍ଷଣ ନଜର ରଖାଯାଇଥିବା ବେଳେ ଅନେକ ପିକନିକ୍ ପାର୍ଟି, ସ୍କୁଲ ପିଲା ଏଠାରେ ଭୋଜିଭାତ କରିଥାନ୍ତି।

ଲୋକକଥା ଅନୁସାରେ, ଧନେଇ ପାହାଡ ପାଦଦେଶରୁ ବହି ଆସିଥିବା ଏହି ପାହାଡି ଝରଣା କେଉଁ କାଳରୁ 'ଭୀମ ଆଣ୍ଠୁଆନାଳ' ଭାବେ ବିଦିତ ହୋଇ ଆସିଛି। ମହାଭାରତ କାଳରେ ପାଣ୍ଡବ ପାଞ୍ଚଭାଇ ଅଜ୍ଞାତ ବାସରେ ରହିଥିବା ସମୟରେ ଏହି ଅରଣ୍ୟରେ କିଛି ଦିନ ପାଇଁ ଆତ୍ମଗୋପନ କରିଥିଲେ। ପାଣ୍ଡବ ମାନେ ଏଠାରେ ଜଳର ଅଭାବ ଅନୁଭବ କରିବାରୁ ମହାବଳୀ ଭୀମ ପାହାଡ ବକ୍ଷରେ ଆଣ୍ଠୁମାଡି ଜଳର ଉତ୍ସ ବାହାର କରିଥିଲେ। ସେହି ଦିନ ଠାରୁ ଏହି ପାହାଡି ଝରଣା ବହି ଚାଲିଥିବା ବେଳେ ସ୍ଥାନୀୟ ଲୋକ ମୁଖରେ 'ଭୀମ ଆଣ୍ଠୁଆ ନାଳ' ଭାବେ ପରିଚିତ ଲାଭ କରିଛି। ଗ୍ରୀଷ୍ମ ଦିନରେ ଏହାର ସ୍ରୋତ କମି ଯାଉଥିବାରୁ ବନ୍ୟପ୍ରାଣୀ ତଥା ବିଶେଷ ଭାବେ ଦେଖାଯାଉଥିବା ହରିଣ ମାନଙ୍କ ତୃଷା ମେଣ୍ଟାଇବାକୁ ସ୍ଥାନୀୟ ବନ ବିଭାଗ ପକ୍ଷରୁ ଝରଣାକୁ ଲାଗି ଏକ ଜଳଶୟ ଖନନ କରାଯାଇଛି। ଏହାକୁ ସ୍ଥାନିୟ ଅଧିବାସୀ ହରିଣ ପୋଖରୀ ଭାବେ ନାମିତ କରିଛନ୍ତି। ଡିସେମ୍ବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପିକନିକ୍ ପାର୍ଟି ଏଠାରେ ଭିଡ଼ ଜମାଇବା ସହ ପ୍ରାକୃତିକ ପରିବେଶରେ ଭୋଜିର ଭରପୁର ମଜା ଉଠାଇଥାନ୍ତି।

## ଟ୍ରାକ୍ଟର ଧକ୍କାରେ ବୁଲେଟ୍ ଆରୋହୀ ଗୁରୁତର

**ତୁରୁମୁଙ୍ଗା, ୭।୧୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ବାଉଁଶୁଳୀ ଛକ ନିକଟ ଧାନବେଣୀ ମଠ ନିକଟରେ ଶୁକ୍ରବାର ରାତିରେ ଟ୍ରାକ୍ଟର ଧକ୍କାରେ ବୁଲେଟ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ପରିଚୟ ମିଳି ନଥିବା ବେଳେ ତାଙ୍କୁ ଏନ୍‌ଏଚ୍‌ଆଇ ଆମ୍ବୁଲାନ୍ସରେ କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୁଲେଟଟି ତୁରୁମୁଙ୍ଗାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ଟ୍ରାକ୍ଟରଟି ବିପରୀତ ଦିଗରୁ ରଙ୍ଗ ରୁଟ୍‌ରେ ଆସି ବୁଲେଟକୁ ଧକ୍କା ଦେବା ଫଳରେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

## ୫୨ ବର୍ଷୀୟ ସଧବା ମହିଳାଙ୍କୁ ମିଳୁଛି ଭତ୍ତା

**ଆନନ୍ଦପୁର, ୭।୧୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ କାଠକଟା ଗ୍ରାମର ଜନୈକ ସଧବା ମହିଳା ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ନେଇ ଆନନ୍ଦପୁର ବ୍ଲକର ସାଂସଦ ପ୍ରତିନିଧି ଟୁକୁନା ମହାନ୍ତ ଉପଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ ସରକାରଙ୍କ ପକ୍ଷରୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ପାଇଁ ନିୟମ ଥିବାବେଳେ ଏହାର ଘୋର ବ୍ୟତିକ୍ରମ କାଠକଟା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର କପିଳା ପଲେଇଙ୍କ ସ୍ତ୍ରୀ ସୁକାନ୍ତି ପଲେଇଙ୍କର ଭୋଟର ତାଲିକା ଅନୁଯାୟୀ ୫୨ ବର୍ଷ ଥିବା ବେଳେ ଭୋଟର ତାଲିକାରେ ଥିବା ବୟସକୁ ବେଆଇନ୍ ଭାବେ ବଢ଼ାଯାଇ ତଞ୍ଚକତା କରି ଏପରି ବାର୍ଦ୍ଧକ୍ୟ ଭତ୍ତା କରାଯାଇଥିବା ଅଭିଯୋଗ ହୋଇଛି। ଏଣୁ ଏହାର ସତ୍ୟତା ତଦାରଖ କରିବା ପାଇଁ ଆନନ୍ଦପୁର ବ୍ଲକ ବିଜେପି ସାଂସଦ ପ୍ରତିନିଧି ଶ୍ରୀ ମହାନ୍ତ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।

## ଛାତ୍ରୀଙ୍କ ବିୟୋଗରେ ଶୋକ



**ଆନନ୍ଦପୁର, ୭।୧୨(ସମିସ):** ସ୍ଥାନୀୟ ରେକୁଟିଆ ସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର +୨ର ବିଜ୍ଞାନ ଛାତ୍ରୀ ସୁପ୍ରିୟା ସାଙ୍କର ଅକାଳ ବିୟୋଗ ହୋଇଯାଇଛି। ସବୁଦିନ ପରି ମହାବିଦ୍ୟାଳୟରୁ ଫେରି ଖାଇ ସାରି ଶୋଇଥିବା ବେଳେ ବିଳମ୍ବିତ ରାତିରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ପରିବାର ଲୋକେ ଆନନ୍ଦପୁର ଡାକ୍ତରଖାନାକୁ ଆଣୁଥିବା ବେଳେ ବାଟରେ ତାଙ୍କର ହୃଦଘାତ ଜନିତ ମୃତ୍ୟୁ ହୋଇଥିଲା। ଏହି ଖବର ଜଣା ପଡ଼ିବା ପରେ ମହାବିଦ୍ୟାଳୟର ତାଙ୍କ ସମ୍ମାନାର୍ଥେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଶ୍ରେଣୀ ବର୍ଜନ କରି ଶୋକ ପ୍ରକାଶ କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଅମରଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ବିୟୋଗରେ ଅଧ୍ୟାପକ ଅଧ୍ୟାପିକା, ସହପାଠୀ ମାନଙ୍କ ସମେତ ଗ୍ରାମବାସୀ ଗଭୀର ଶୋକ ପ୍ରକାଶ କରିଥିଲେ। ସେ ହାଉଡିଡିହା ନିବାସୀ ଦିଲ୍ଲୀପ କୁମାର ସାଙ୍କ ଏକମାତ୍ର କନ୍ୟା ଅଟନ୍ତି।

## ପଞ୍ଚୁପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁଣବତ୍ତା କମିଟିର ପରିଦର୍ଶନ



**ଆନନ୍ଦପୁର, ୭।୧୨(ସମିସ):** ଜାତୀୟ ଗୁଣାତ୍ମକ ମାନ ପରୀକ୍ଷଣ ନିମନ୍ତେ ଏକ ପ୍ରତିନିଧି ଦଳ ଦୁଇଦିନ ଧରି ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିବା ଜଣାଯାଇଛି। ଜାତୀୟ ସ୍ତର ଅଭିଯାନ କମିଟି ର ଡା. ଅନୁପମ ସିଂ ପଂଚୁପଲ୍ଲୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚିବା ପରେ ସ୍ୱାସ୍ଥ୍ୟ ସେବା ସଂପର୍କରେ ଅନୁଧ୍ୟାନ କରି ଜାତୀୟ ସ୍ତରକୁ ରିପୋର୍ଟ ପ୍ରଦାନ କରିଥିବା ଜଣାଯାଇଛି। ପ୍ରକାଶ ଥାଉକି ପଞ୍ଚୁପଲ୍ଲୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜାତୀୟ ସ୍ତରର ଗୁଣାତ୍ମକ ମାନ ଆକଳନ ରେ ଆନନ୍ଦପୁର ଉପଖଣ୍ଡ ସ୍ତରରେ ପ୍ରଥମ ଅଟେ। ଏଥି ନିମନ୍ତେ ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଯାଞ୍ଚ କମିଟି କୁ ସହ ଯୋଗ କରିଥିଲେ। ବିଶେଷ କରି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡା. ଆଶୁତୋଷ ପଣ୍ଡା, ଆୟୁଷ ଡ.ଅଭିମନ୍ୟୁ ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ଶାରଦା ପ୍ରସନ୍ନ ନାୟକ, ଭଗବତୀ ସାହୁ ଯାଞ୍ଚ କମିଟିକୁ ପୂର୍ଣ୍ଣ ସହଯୋଗ କରିଥିଲେ। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସମସ୍ତ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ ଉପସ୍ଥିତ ରହିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ତୁରୁମୁଙ୍ଗା, ୭।୧୨(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅସ୍ଥିଶଲ୍ୟ ବିଭାଗରେ ୧୧୩ ଜଣ, ଚକ୍ଷୁ ବିଭାଗରେ ୩୬ ଜଣ, ମାନସିକ ବିଭାଗରେ ୪୮ ଜଣ, କର୍ଣ୍ଣ ନାସା ବିଭାଗରେ ୪୫ ଜଣ ପଞ୍ଜୀକରଣ କରିବା ସହ ଡାକ୍ତରଙ୍କ ଠାରେ ପରୀକ୍ଷା କରାଇଥିଲେ। ସେହିପରି ବନଶ୍ରୀ ସ୍କଲାରସିପ୍ ୩୬ ଜଣ ଓ ଭତ୍ତା ପାଇଁ ୬୧ ଜଣ ପଞ୍ଜୀକରଣ କରିଥିଲେ। ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ରଞ୍ଜିତ କୁମାର ମହାନ୍ତ ଭିନ୍ନକ୍ଷମମାନଙ୍କୁ ହୁଇଲ ଚେୟାର ଓ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ଧର୍ମରାଜ ନାଗ, ଡାକ୍ତର ଶୁଭମ ସେଠୀ, ଡାକ୍ତର ସୁଶାନ୍ତ କୁମାର ମାଝୀ, ଡାକ୍ତର ଅନିତା ମଞ୍ଜରୀ ଜେନା, ଡାକ୍ତର ମାନସ କୁମାର ମହାନ୍ତ ପ୍ରମୁଖ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା ନିରୀକ୍ଷା କରିଥିଲେ। କାର୍ଯ୍ୟକ୍ରମଟିକୁ ଭାରପ୍ରାପ୍ତ ବିଏସ୍‌ଏସ୍ ଓ ସୌମ୍ୟ ରଞ୍ଜନ ଗିରି ବିଏସଏସ୍‌ଏସ୍ ଓ ଭୁବନେଶ୍ୱରୀ ମହାନ୍ତ ପରିଚାଳନା କରିଥିଲେ।

## ମୁଖ୍ୟ ରାସ୍ତା ପ୍ରଶସ୍ତିକରଣରେ ବିଳମ୍ବ



**ଆନନ୍ଦପୁର, ୭।୧୨(ସମିସ):** ଆନନ୍ଦପୁର, ଭଦ୍ରକ, କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥର ଆନନ୍ଦପୁର ସହରର ଡେଲି ମାର୍କେଟ ନିକଟରେ ରାସ୍ତା ସଂକୁଚିତ ହୋଇପଡ଼ିଥିବାରୁ ଏହା ଏକ ଦୁର୍ଘଟଣା ପ୍ରବଣ ସ୍ଥାନରେ ପରିଣତ ହୋଇଛି। ନୀତି ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ଓ ଦୁଇ ଚକିଆ ବାଇକ ପରସ୍ପରକୁ ଅତିକ୍ରମ କରିବାରେ ବିଶେଷ ଅସୁବିଧା ଭୋଗ କରୁଥିବା ଜଣାଯାଇଛି। ସୂଚନାଯୋଗ୍ୟ ଯେ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପାର୍ଶ୍ୱ ପାଚେରିକୁ ଭଙ୍ଗାଯାଇ ରାସ୍ତା ପ୍ରଶସ୍ତିକରଣ କରିବା ପାଇଁ ଆଇନ୍ ବିଭାଗ ପକ୍ଷରୁ ୨୦୧୮ ମସିହାରେ ମନ୍ଦିରର ୨ ଡେସିମିଲି ଜମି ବାବଦରେ ୧୦ ଲକ୍ଷ ଟଙ୍କା ମନ୍ଦିର ନାମରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଜମି ବାବଦକୁ ୧୦ଲକ୍ଷ ଟଙ୍କା ଜମା କରାଯାଇଥିବା ବେଳେ ଅଦ୍ୟାବଧି ଏହି ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ମନ୍ଦିର ନିକଟରେ ରାସ୍ତା ସଂକୁଚିତ ଥିବାରୁ ଯାନବାହନ ଚଳାଚଳରେ ଘୋର ଅସୁବିଧା ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ପୂର୍ତ୍ତ ବିଭାଗ ଓ ମନ୍ଦିର କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ପ୍ରଶସ୍ତିକରଣ କାର୍ଯ୍ୟ ଦୀର୍ଘ ଦିନ ଧରି ହୋଇ ପାରୁନଥିବା ଆଲୋଚନାରୁ ଜଣାଯାଇଛି। ସାଧାରଣ ଲୋକମାନଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ଏହି ସଂକୁଚିତ ସ୍ଥାନର ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଯଥା ଶୀଘ୍ର ଆରମ୍ଭ କରିବା ଦିଗରେ ଆନନ୍ଦପୁର ଉପ-ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ସିଟିଜିରେ ବାର୍ଷିକ କ୍ରୀଡ଼ା ଉତ୍ସବ




**କେନ୍ଦୁଝର, ୭।୧୨(ସମିସ):** ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ ସିଟିଜି ଗ୍ଲୋବାଲ ସ୍କୁଲ, ସିଟିଜି ବିଦ୍ୟାମନ୍ଦିର, କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ, କେନ୍ଦୁଝର ଡିଗ୍ରୀ କମର୍ସ କଲେଜ ଏବଂ ସିଟିଜି ପ୍ରଫେସନାଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। କଲେଜର ଚେୟାରମ୍ୟାନ୍ ଡ.ରାଜେନ୍ଦ୍ର କୁମାର ପଲେଇ ପତାକା ଦେଖାଇ ଆନୁଷ୍ଠାନିକ ଭାବେ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି କ୍ରୀଡା ଉତ୍ସବରେ ଇନ୍‌ଡୋର ଓ ଆଉଟଡୋର ଖେଳ ଖେଳାଯିବା ସହିତ ଝୋଟି, ରଙ୍ଗୋଲି, ନାଚ, ଗୀତ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। କଳା, ବିଜ୍ଞାନ ଓ ବାଣିଜ୍ୟର ଅଧ୍ୟାପକ, ଅଧ୍ୟାପିକାମାନେ ଶୃଙ୍ଖଳିତ ଭାବେ ସମସ୍ତ ଖେଳକୁ ପରିଚାଳନା କରିଥିଲେ। ସିଟିଜି ଗ୍ଲୋବାଲ ସ୍କୁଲ ଏବଂ ସିଟିଜି ବିଦ୍ୟାମନ୍ଦିରର ଛୋଟ ଛୋଟ ପିଲାମାନେ ଅତି କୌତୁକିଆ ଭାବେ ଖେଳଖେଳି ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ଏହିସବୁ ଖେଳ ଓ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ଆଗାମୀ ବାର୍ଷିକ ଉତ୍ସବରେ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯିବ। କ୍ରୀଡ଼ା ମଣିଷର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୁଏ, ତେଣୁ ପ୍ରତ୍ୟେକ ପିଲାମାନେ ଖେଳକୁଦ ପ୍ରତି ଧ୍ୟାନ ଦେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର ପ୍ରକାଶ କରିଥିଲେ। ଆଉଟଡୋର ଖେଳରେ କ୍ରିକେଟ, ବ୍ୟାଡମିଣ୍ଟନ, ଭଲିବଲ ଉଭୟ ବାଳକ ଓ ବାଳିକା ପୃଥକ୍ ଭାବେ ଖେଳିଥିଲେ। ଇନଡୋର ଖେଳରେ ଚେସ୍, କ୍ୟାରମ ମଧ୍ୟ ଖେଳାଯାଇଥିଲା। ଚଳିତବର୍ଷ ମଧ୍ୟ ଶିକ୍ଷା ନିକେତନର ପଡ଼ିଆରେ ସମସ୍ତ ଖେଳ ଖେଳାଯାଇଥିଲା। ସମସ୍ତ ଖେଳ ଶାନ୍ତିଶୃଙ୍ଖଳାରେ ପରିସମାପ୍ତି ହୋଇଥିବାରୁ କଲେଜର ସଂପାଦିକା ସୁଭଦ୍ରା ପଲେଇ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି।

## ୨୧ ୟୁନିଟ୍ ରକ୍ତ ସଂଗ୍ରହ

**ରାମଚନ୍ଦ୍ରପୁର, ୭।୧୨(ସମିସ):** ଘସିପୁରା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ମୋଟ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରରେ ବ୍ୟାଙ୍କ ଖାତାଧାରୀଙ୍କ ଠାରୁ ଆରମ୍ଭ କରି ବ୍ୟାଙ୍କ କର୍ମଚାରୀମାନେ ରକ୍ତଦାନ କରିଥିବା ବେଳେ ଏଚ୍‌ଡିଏଫ୍‌ସି ଘସିପୁରା ଏବଂ ଆନନ୍ଦପୁର ଶାଖା କର୍ମଚାରୀ ସାମିଲ ହୋଇଥିଲେ। ଘସିପୁରା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ମ୍ୟାନେଞ୍ଜର ଉତ୍ତମ ଧର୍ମ ଏବଂ ସଞ୍ଜୀବ ସାହୁଙ୍କ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହେଇଯାଇଛି। ମୁଖ୍ୟଅତିଥି ଭାବେ ଘସପୁରା ବିଡଓ ବିନିତା ବିଜୟିନୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପରିଚାଳନାରେ ବ୍ୟାଙ୍କ କର୍ମଚାରୀ ପ୍ରଭାତ ପ୍ରଧାନ, ନୀଳମଣି ସିଂ, ଶକ୍ତି ଦାଶ, ଭାରତ ବରାଳ, ଶତ୍ରୁଘନ ବେହେରା, ସତ୍ୟମ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଆନନ୍ଦପୁର ରକ୍ତ ଭଣ୍ଡାରରୁ ଆସିଥିବା ଡାକ୍ତର ଅମର ବେହେରା ଓ ସମସ୍ତ ସହକର୍ମୀମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ।

**ଖଣି ସୁରକ୍ଷା ସପ୍ତାହ ପ୍ରି- ଫାଇନାଲ ଦିବସ**

# ଟାଟା ଷ୍ଟିଲ ଖଣି ସମୂହକୁ ୩୮ ଟି ପୁରସ୍କାର

ଯୋଡା, ୭।୧୨(ସମିସ)




୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ୨୦୨୪ ଉତ୍ସବର ପ୍ରି-ଫାଇନାଲ ଦିବସ ଶନିବାର ସ୍ଥାନୀୟ କେନ୍ଦ୍ରୀୟ ଖେଳପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଖଣିସୁରକ୍ଷା ନିର୍ଦ୍ଦେଶାଳୟ (ଡିଜିଏମ୍‌ଏସ୍) ଭୁବନେଶ୍ୱର ରିଜିଓନ-୧ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଟାଟା ଷ୍ଟିଲ ଖଣି ସମୂହ ବିଭିନ୍ନ ବିଭାଗରେ ସମୁଦାୟ ୩୮ ଗୋଟି ପୁରସ୍କାର ଲାଭ କରିଛି। ଓଟାଟା ଷ୍ଟିଲର ଯୋଡାଇଷ୍ଟ ଲୌହ ଖଣି, କାଟାମାଟି ଲୌହ ଖଣି ଏବଂ ଯୋଡା ୱେଷ୍ଟ ଖଣିକୁ ପ୍ରତ୍ୟେକ ଚାରି ଗୋଟି ଲେଖାଏଁ ପୁରସ୍କାର ମିଳିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଖଣ୍ଡବନ୍ଧ ଖଣି ତିନିଗୋଟି ପୁରସ୍କାର ହାସଲ କରିଛି। ସେହିପରି ଟାଟା ଷ୍ଟିଲର ତିରିଙ୍ଗପାହାଡ଼, କମର୍ଦା ଏବଂ ସାରୁଅବିଲ ଖଣି କୁ ପ୍ରତ୍ୟେକ ଛଅ ଗୋଟି ଲେଖାଏଁ ପୁରସ୍କାର ମିଳିଛି। ଅନୁରୂପ ଭାବେ, ଟାଟା ଷ୍ଟିଲ ର ବାମେବାରି ଖଣି କୁ ଚାରି ଗୋଟି ପୁରସ୍କାର ମିଳିଛି। ଏଠାରେ ସୂଚନାଯୋଗ୍ୟ ଯେ, ଏ-୧ ବିଭାଗ ରେ ଯୋଡା ଇଷ୍ଟ ଖଣି, କାଟାମାଟି ଏବଂ ଖଣ୍ଡବନ୍ଧ ଖଣିକୁ କ୍ରମାନୁସାରେ ଇଲେକ୍ଟ୍ରିକାଲ୍ ମେଣ୍ଟେନେନ୍ସ ପାଇଁ ପ୍ରଥମ ପୁରସ୍କାର, ଜେନେରାଲ ୱାର୍କ୍ ପାଇଁ ପ୍ରଥମ ପୁରସ୍କାର ଏବଂ ଦ୍ୱିତୀୟ ପୁରସ୍କାର ମିଳିଛି। ଏହି ଉତ୍ସବରେ ଭୁବନେଶ୍ୱର ରିଜିଓନ-୧ର ଡିରେକ୍ଟର ଅଫ ମାଇନ୍ସ ସେଫଟି (ଡିଏମ୍‌ଏସ୍) କ୍ରିଷ୍ଣେନ୍ଦୁ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜୟଦେବ ଚଟ୍ଟପୋଧ୍ୟାୟ (ସେଲ), ପ୍ରମୋଦ କୁମାର ପାତ୍ର (ଜେଏସ୍‌ପି), ଡିଏନ୍ ପରିଡ଼ା (କାଶଭି ଇଣ୍ଟରନ୍ୟାସନାଲ), ରାମଶଙ୍କର ଶର୍ମାଓ (ଜେଏସ୍‌ଡବ୍ଲ୍ୟୁ) ଏବଂ ଟାଟା ଷ୍ଟିଲ ପକ୍ଷରୁ ଅତୁଲ କୁମାର ଭଟନଓଗର, ରାଜେଶ କୁମାର, ଜି ଭି ସତ୍ୟନାରାୟଣ, ଡି ବିଜୟାନ୍ଦ୍ର, ଅବନିଶ କୁମାର ଏବଂ, ଇଉନିୟନ୍‌ର ପଦାଧିକାରୀ ଗଣ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଭୁବନେଶ୍ୱର ରିଜିଓନ-୧ରେ ଥିବା ୬୩ଟି ଖଣି ଗୁଡିକ ସମୁଦାୟ ୧୯୨ ଗୋଟି ପୁରସ୍କାର ଲାଭ କରିଥିଲେ। ପୁରସ୍କାର ବିତରଣ ଉତ୍ସବ ପୂର୍ବରୁ ବିଭିନ୍ନ ଖଣି ପକ୍ଷରୁ ସାଧାରଣଜ୍ଞାନ ଏବଂ ଫାଷ୍ଟ ଏଡ୍ ପ୍ରତିଯୋଗିତା ହୋଇଥିଲା। ଏଥିସହିତ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବେଆଇନ ବାଲି ଉଠାଣକୁ ଗ୍ରାମବାସୀଙ୍କ ବିରୋଧ

**ତୁରୁମୁଙ୍ଗା, ୭।୧୨(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ତହସିଲ ଖଡ଼ିକାପଦା ପଞ୍ଚାୟତର ଗୟଳକୁଣ୍ଡ ଗାଁ ବିରଳ ନଦୀରୁ ରାତିରେ ବାଲି ଚୋରାଚାଲାଣକୁ ନେଇ ଉତ୍ତେଜନା ଦେଖାଦେଇଛି। ଶୁକ୍ରବାର ରାତିରେ ଗ୍ରାମବାସୀ ବାଲି ଉଠାଣକୁ ବିରୋଧ କରି ବ୍ୟବହୃତ ମେସିନକୁ ଅଟକ ରଖିଥିଲେ। ରାତି ହେଲେ ବାଲି ମାଫିଆ ମାନେ ସକ୍ରିୟ ହୋଇ ନଦୀ ଗର୍ଭରେ ମେସିନ ଲଗାଇ ଶହଶହ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନନେବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଗ୍ରାମବାସୀଙ୍କ ବିରୋଧ ଦେଖି ମେସିନ ଛାଡି ବାଲି ମାଫିଆ ଫେରାର ହୋଇଯାଇଥିବା ବେଳେ ବାଲି ଉତ୍ତୋଳନକୁ ନେଇ ଉତ୍ତେଜନା ଦେଖାଦେଇଛି। ଘଟଣାସ୍ଥଳରେ ପୁଲିସ କିମ୍ବା ଖଣି ବିଭାଗ ପହଞ୍ଚି ନାହାନ୍ତି।




କେନ୍ଦୁଝର ଜିଲ୍ଲାରେ ଏବେ ବାଲିମାଫିଆ ସକ୍ରିୟ ହୋଇ ପଡ଼ିଥିବା ବେଳେ ସାହାରପଡ଼ା ଓ ପାଟଣା ତହସିଲ ଅଞ୍ଚଳରେ ରାତି ହେଲେ ମାଫିଆ ସକ୍ରିୟ ହୋଇ ନଦୀ ଗର୍ଭରୁ ବାଲି ଉଠାଇ ନେଇ ଚୋରାଚାଲାଣ କରୁଛନ୍ତି। ସାହାରପଡ଼ା ତହସିଲ ପୁରୁଣାପାଣି ସହ ତେଲ ନଦୀରୁ ବାଲି ଚୋରା ଚାଲାଣ ହେଉଥିବା ବେଳେ ପାଟଣା ତହସିଲ ଅଧୀନ ପାଟଣା ବୈତରଣୀ ନଦୀର ଅଙ୍କୁରା, ନୂଆପଡ଼ା, ଦୁର୍ଗା ଦେଇପୁର, ଏରେଣ୍ଡଇ, ଡୁମୁରିଆ ରାଜନଗର ଓ କଇଣ୍ଡା, ଆଦି ବାଲି ଘାଟରୁ ରାତି ଅଧରେ ବାଲି ମାଫିଆମାନେ ବାଲି ଚୋରାଚାଲାଣ କରି ନେଉଛନ୍ତି। ତହସିଲରୁ ଲଘୁ ଖଣିଜ ସମ୍ପଦ ଖଣି ବିଭାଗ ହାତକୁ ଯିବା ପରେ ବେଆଇନ ଲଘୁ ଖଣିଜ ସଂପଦ ଚୋରି ଚାଲାଣ ବୃଦ୍ଧି ପାଇଛି। ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ବେଳେ ମାଫିଆ ମାଲେମାଲ ହେଉଛନ୍ତି। ନେଇ ଖଣି ବିଭାଗ ବାଲି ଚାରା ଚାଲାଣ ଉପରେ ଅଙ୍କୁଶ ଲଗାଇ ପାରୁନଥିବା ଅଭିଯୋଗ ହୋଇଛି। ଏନେଇ କେନ୍ଦୁଝର ଖଣି ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କାରାଯାଇ ଥିଲେ ମଧ୍ୟ ଫୋନ୍ ଉଠାଇ ନଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେଇ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ଉପରେ ରୋକ ଲଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗୁଡ଼ ମର୍ଣ୍ଣିଂ ରିପୋର୍ଟର



# ରହସ୍ୟମୟ ତପସ୍ୱୀ ଗୁମ୍ଫା



ଆଶୁତୋଷ ରାଉତ

ଡିସେମ୍ବର ପହଲାରୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ପ୍ରାକୃତିକ ରହସ୍ୟ ସ୍ଥଳ ଏବଂ ପିକନିକ ସ୍ଥଳମାନଙ୍କରେ ଜନଗହଳି ଦେଖିବାକୁ ମିଳେ। ପ୍ରାକୃତିକ ସୌନ୍ଦର୍ଯ୍ୟର ଅନୁଭୂତି ସାଉଁଟିବାକୁ ଲୋକଙ୍କ ମନରେ ଆବେଗ ଭରି ରୁହେ। ସେଥିମଧ୍ୟରୁ ଋଷି ଝରଣ ଅନ୍ୟତମ। ଏକଦମ ଘଞ୍ଚ ଜଙ୍ଗଲ ସହ ଭିତରେ ଭରି ରହିଛି ପ୍ରାକୃତିକ ଦୃଶ୍ୟମାନ। ସେଥିରେ ପୁଣି ରହସ୍ୟ ଘେରରେ ତପସ୍ୱୀ ଗୁମ୍ଫା। ଋଷି ଝରଣ -ଆଜି ଯାଏ ପର୍ଯ୍ୟଟନର ମାନ୍ୟତା ପାଇ ନ ଥିଲେ ବି ବେଶ ମନୋରମ ସ୍ଥାନ। ଓଡିଶା ସୀମାନ୍ତ ଛତିଶଗଡ ଅଧୀନ ସାହାଜଖୋଲ ଜଙ୍ଗଲ ଭିତରେ ଅବସ୍ଥିତ। ପୂର୍ବରୁ ଏହା ଓଡିଶା ଅଧୀନରେ ରହିଥିଲା। ଏହି ସ୍ଥାନକୁ ଯିବାକୁ ହେଲେ ପ୍ରଥମେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସହରରୁ ପର୍ଲା ଓ ବେହେରାଗୁଡା ରାସ୍ତା ଦେଇ ପାଇକପଡା ଯିବାକୁ ପଡିଥାଏ। ଓଡିଶା ସୀମାନ୍ତ ପାଇକପଡା ଠାରୁ ମାତ୍ର ୪-୫କିଲୋମିଟର। ହେଲେ ସୀମା ନିର୍ଦ୍ଧାରଣ ପରେ ଋଷି ଝରଣ ଛତିଶଗଡ଼ ହାତକୁ ଚାଲିଗଲା। ଋଷି ଝରଣ ଯିବାକୁ ହେଲେ କେବଳ ପାଦଚଲା ରାସ୍ତା। ଏବେ ଏବେ ପାହାଡ଼ କାଟି ରାସ୍ତା ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି। ବର୍ତ୍ତମାନ ଦରକଡ଼ିଆ ରାସ୍ତା ଦେଇ ପର୍ଯ୍ୟଟକମାନେ ଯାଇଥାନ୍ତି। ସାହାଜଖୋଲ ଠାରୁ ଦକ୍ଷିଣ ଦିଗରେ ଏକ କଞ୍ଚା ରାସ୍ତା ଦେଇ ପ୍ରାୟ ୨କିମି ଗଲା ପରେ ପଡେ ଋଷି ଝରଣ। ଲୋକଙ୍କ କହିବା କଥା ବହୁ ପୂର୍ବେ ଜଣେ ଋଷି ଏଠାରେ ତପସ୍ୟା କରିଥିଲେ। ତାର ପ୍ରମାଣ ଆଜି ବି ଋଷିଙ୍କ ଲୀନ ଶରୀର ଚିହ୍ନ ରହିଛି। ଯେଉଁ ଗୁମ୍ଫାରେ ରହି ତପସ୍ୟା କରିଥିଲେ ସେଠାରେ ହିଁ ତାଙ୍କର ଦେହାନ୍ତ ହୋଇଥିବା ବେଳେ ଶରୀରର କଙ୍କାଳ ଏବେ ବି ଦେଖାଯାଏ। ଅନେକ ଲୋକଙ୍କ କହିବା ମତରେ ଋଷି ତପସ୍ୟା କରୁଥିବା ସମୟରେ ପ୍ରବଳ ଶୀତ ପ୍ରକୋପରେ ମୃତ୍ୟୁ ହୋଇଥିବା କୁହାଯାଏ। ତେବେ ଏହି ଋଷିଙ୍କ ତପସ୍ୟାକୁ ଭଗ୍ନ କରିବାକୁ ସ୍ୱର୍ଗରୁ କେତେକ ଉର୍ବଶୀ ଆସିଥିଲେ। ଋଷି ଦିବ୍ୟ ଶକ୍ତିରୁ ଜାଣି ଉର୍ବଶୀମାନଙ୍କୁ ଅଭିଶାପ ଦେଇଥିଲେ। ସେହି ଅଭିଶାପର ପରିଣତି ସେ ଉର୍ବଶୀମାନେ ଋଷିଙ୍କ ତପସ୍ୟା ସ୍ଥାନରୁ ମାତ୍ର ୫ ମିଟର ଦୂରରେ କୁଣ୍ଡ ହୋଇ ପଡି ରହିଥିବା ଅନେକ ଲୋକ ପ୍ରକାଶ କରନ୍ତି। ଅନ୍ୟପଟେ କେତେକ ଲୋକ କୁଣ୍ଡ ପାଣି ଛାଇରେ ଶିବ ଲିଙ୍ଗକୁ ଋଷି ଦେଖୁଥିଲେ ଓ ଆରାଧନା ବା ତପସ୍ୟା କରିଥିବା ବି ମତ ପ୍ରକାଶ ପାଏ। ଯାହାକି ଋଷିଙ୍କ ତପସ୍ୟା ସ୍ଥାନରୁ କିଛି ଦୂରରେ ଥିବା ଶିବ ଲିଙ୍ଗକୁ ଦେଖି ଅନୁମାନ କରାଯାଏ। ଲୋକଙ୍କ ବିଭିନ୍ନ ମତ ପ୍ରକାଶ ପାଉଥିଲେ ହିଁ ଋଷି ଜଣକ ଶିବଙ୍କ ପରମପ୍ରାପ୍ତ ଉଦ୍ଦେଶ୍ୟରେ ତପସ୍ୟା କରିଥିବା ସ୍ପଷ୍ଟ ପାଦିତ ହୁଏ। ଉର୍ବଶୀ କୁଣ୍ଡ ଉପରେ ରହିଛି ଏକ ଝରଣା। ନିରନ୍ତର ଏହି ଝରଣାରୁ ପାଣି ଝରିଥାଏ। ସବୁଠି ବଡ଼ କଥା ଏବେ ବି ସେହି ଋଷିଙ୍କ ଓଃ କାର ଶବ୍ଦ ମଧ୍ୟ ରାତ୍ରରେ ଶୁଣାଯିବା ସ୍ଥାନୀୟ ଲୋକ ଦୃଢୋକ୍ତି ପ୍ରକାଶ କରନ୍ତି। ତେବେ ଏହି ସ୍ଥାନ ପୌରାଣିକ ତଥ୍ୟ ଆଧାରିତ ହୋଇଥିବା ନେଇ ଅନେକ ଲୋକ ଯୁକ୍ତି ବାଢ଼ନ୍ତି। ଏଭଳି ଏକ ରହସ୍ୟପୂର୍ଣ୍ଣ ସ୍ଥାନ ଲୁପ୍ତ ଅବସ୍ଥାରେ ପଡି ରହିଥିବା ବେଳେ ସରକାରୀସ୍ତରରେ ଅଣଦେଖା କରୁଥିବା ଅସ୍ୱୀକାର କରି ହେବ ନାହିଁ। ବିଶେଷ କରି ଧର୍ମଗଡ଼ ଉପଖଣ୍ଡର ଲୋକେ ଓ ପଡୋଶୀ ଛତିଶଗଡ଼ ରାଜ୍ୟର ଲୋକେ ଏହି ସ୍ଥାନକୁ ବଣଭୋଜି ସମୟରେ ଆସିଥାନ୍ତି। ସରକାର ଏହାର ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଲେ ଏହା ଲୋକଲୋଚନକୁ ଆସି ପାରିବ ଓ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସିବେ ଏଥିରେ ଦ୍ୱିମତ ନାହିଁ।

> ଜନଶ୍ରୁତି ରହିଛି, ବହୁ ପୂର୍ବେ ଜଣେ ଋଷି ଏଠାରେ ତପସ୍ୟା କରିଥିଲେ। ତାର ପ୍ରମାଣ ଆଜି ବି ଋଷିଙ୍କ ଲୀନ ଶରୀର ଚିହ୍ନ ରହିଛି। ଯେଉଁ ଗୁମ୍ଫାରେ ରହି ତପସ୍ୟା କରିଥିଲେ ସେଠାରେ ହିଁ ତାଙ୍କର ଦେହାନ୍ତ ହୋଇଥିବା ବେଳେ ଶରୀରର କଙ୍କାଳ ଏବେ ବି ଦେଖାଯାଏ। ଅନେକ ଲୋକଙ୍କ କହିବା ମତରେ ଋଷି ତପସ୍ୟା କରୁଥିବା ସମୟରେ ପ୍ରବଳ ଶୀତ ପ୍ରକୋପରେ ମୃତ୍ୟୁ ହୋଇଥିଲା।

## ବିଲୁପ୍ତପ୍ରାୟ ଲୋକବାଦ୍ୟ

# ଧୂନ୍‌କେଲି

> କୌଣସି ଅଞ୍ଚଳର ସାଧାରଣ ମଣିଷଙ୍କ ଦ୍ୱାରା ସୃଷ୍ଟି ହୋଇ ନିରବଚ୍ଛିନ୍ନ ଭାବେ ଜାରି ରହିଥିବା ପାରମ୍ପରିକ କଳା ଯେଉଁଥିରେ ଲୋକଙ୍କ ଜୀବନଶୈଳୀ ପ୍ରତିଫଳିତ ହୋଇଥାଏ, ତାହା ହିଁ ଲୋକକଳା। ଲୋକକଳା ବିଭିନ୍ନ ଶ୍ରେଣୀଭୁକ୍ତ ହୋଇଥିବା ବେଳେ ଲୋକନୃତ୍ୟ ଏବଂ ଲୋକଗୀତ ତନ୍ମଧ୍ୟରୁ ଅନ୍ୟତମ। ତେବେ ଲୋକବାଦ୍ୟ ବିନା ଲୋକନୃତ୍ୟ ଏବଂ ଲୋକଗୀତର ପରିକଳ୍ପନା ଆଦୌ କରାଯାଇ ପାରିବ ନାହିଁ। ବୌଦ୍ଧ ଅଞ୍ଚଳରେ ପ୍ରଚଳିତ ଏକ ମୌଳିକ ଲୋକବାଦ୍ୟ ହେଉଛି ଧୂନ୍‌କେଲି।



ଦିବ୍ୟ ରଞ୍ଜନ ପଟ୍ଟନାୟକ

ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ନିର୍ମିତ ହେଉଥିବା ଏବଂ ଅତି ସାଧାରଣ ନିର୍ମାଣ ଶୈଳୀ ଥିବା ଲୋକବାଦ୍ୟ ଭାବରେ ଧୂନକେଲି ପ୍ରଖ୍ୟାତି ଅର୍ଜନ କରିଛି। ଧୂନକେଲି ବାଦ୍ୟର ଉତ୍ପତ୍ତି ନେଇ ଅନେକ ପୌରାଣିକ ଗାଥା ଏବଂ



ଲୋକକଥା ପ୍ରଚଳିତ ରହିଛି। ଆଲୌକିକ ଆବାହନୀ ବାଦ୍ୟ ଭାବରେ ଏହାର ମାହାତ୍ମ୍ୟ ରହସ୍ୟମୟ ଏବଂ ବିସ୍ମୟଦୀପକ ହୋଇଥିବା ବେଳେ, ସ୍ୱର ବିହାର ବା କେଳି କରିବା ପାଇଁ ଉପଯୁକ୍ତ ସାଙ୍ଗୀତିକ ଗୁଣ ମଧ୍ୟ ଅପରିହାର୍ଯ୍ୟ ହୋଇଥାଏ। ଧାନ ନଡାରେ ତିଆରି ବୃତ୍ତାକାର ଅହିରା ଉପରେ ମାଟି ହାଣ୍ଡି, ମାଟି ହାଣ୍ଡି ଉପରେ ବାଉଁଶ ତିଆରି କୁଲା ଖଣ୍ଡେ ଢାଙ୍କି ଦିଆଯାଏ। କୁଲା ଉପରେ ବାଉଁଶ ଧନୁ ଆଉଜି ପିଢା ଉପରେ ଗାଉଣି (ଗାୟକ) ବସି ଧନୁର ତଳ ମୁଣ୍ଡକୁ ଚାପି ରଖେ । କୁଲାରେ ଆଉଜା ଧନୁର ଉପର ପାଶ୍ୱର୍ରେ ଫାଙ୍କ କଟାଯାଇଥାଏ। ଫାଙ୍କ ଉପରେ ସରୁ ନିଦା ବାଉଁଶର ଝୁମକା ଲଗା ଶର ଧରି ଘର୍ଷଣ କରାଯାଏ। ଘର୍ଷଣ ଦ୍ୱାରା ଶବ୍ଦ ସୃଷ୍ଟି ହୁଏ। ବାମ ହାତରେ ଧନୁର ଗୁଣକୁ ସିଞ୍ଚନ ଓ ଶର ବାଡ଼ିରେ ଧନୁ ଏବଂ କୁଲାକୁ ଆଘାତ କରି ବିଭିନ୍ନ ସ୍ୱର, ଶବ୍ଦ ସୃଷ୍ଟି କରାଯାଏ। ଧନୁରୁ ସୃଷ୍ଟି ଧ୍ୱନି କୁଲା ମଧ୍ୟ ଦେଇ ହାଣ୍ଡି ଭିତରେ ପ୍ରତିଧ୍ୱନିତ ହୋଇ ସ୍ୱରଗାମ୍ଭୀର୍ଯ୍ୟ ସୃଷ୍ଟି ହୁଏ। ଏହି ବାଦ୍ୟଯନ୍ତ୍ର ଆଘାତ, ଘର୍ଷଣ ଓ ସିଞ୍ଚନ ମାଧ୍ୟମରେ ଶବ୍ଦ ଧ୍ୱନି ସୃଷ୍ଟି କରିଥାଏ। ଅତି ସାଧାରଣ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରୁ ଏହି ଲୋକବାଦ୍ୟ ଧୂନକେଲି ନିର୍ମିତ ହୋଇ ଏକ ଅନନ୍ୟ ସାଙ୍ଗୀତିକ ଧ୍ୱନି ସୃଷ୍ଟି କରି ଧର୍ମୀୟ ଭାବନାର ସ୍ତବ, ସ୍ତୁତି, ଆବାହନ, ପୂଜା ବିଧାନ, ଗାଥା ଆଦିକୁ ସ୍ୱର ସଙ୍ଗୀତରେ ସଜେଇ ପାରିଛି। ଢଣକୁଲୀ, ଢଣକୁଇଲା, ଧୂନକେଲ, ଧୂନକୁଲ ଆଦି ନାମରେ ମଧ୍ୟ ଏହା ପରିଚିତ। ଗାୟନ ସମୟରେ ଗାଉଣୀ (ଗାୟକ) ଏହାକୁ ବୀଣା, ସୁବର୍ଣ୍ୟ(ସୁବର୍ଣ୍ଣ), ରତ୍ନ ହାଣ୍ଡି, ଲକ୍ଷ୍ମୀ ହାଣ୍ଡି ଆଦି ସମ୍ବୋଧନ କରନ୍ତି। କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେଉଥିବା କୈଳାସୀ ଯାତ୍ରାରେ ଧୂନକେଲିର ଧ୍ୱନି ତରଙ୍ଗ ଦ୍ୱାରା ଦେବୀଙ୍କୁ ଆବାହନ କରାଯାଏ। ସେହିପରି କିଛି ସମ୍ପ୍ରଦାୟ ଦ୍ୱାରା ଦଶହରା ଠାରୁ ଅଶ୍ୱିନ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପାଳିତ ହେଉଥିବା ଠାକୁରାଣୀ ଓଷାରେ ଆଉ କିଛି ସମ୍ପ୍ରଦାୟରେ ଝିଅଙ୍କ ଦ୍ୱାରା ପାଳିତ ହେଉଥିବା ରାଇଲ ଓଷାରେ ଧୂନକେଲି ବାଦ୍ୟଯନ୍ତ୍ର ବ୍ୟବହାର ହୁଏ। ଏହି ପାରମ୍ପରିକ ଆବାହନୀ ଲୋକବାଦ୍ୟର ଚାଳନା ଶୈଳୀ ବର୍ତ୍ତମାନ କିଛି ହାତ ଗଣତି ପୁରୁଖା ଲୋକଙ୍କ ପାଖରେ ସୀମିତ ଥିବାବେଳେ ଆଧୁନିକତାର ଚାକଚକ୍ୟ ମଧ୍ୟରେ ଧୂନକେଲି ବିଲୁପ୍ତ ପ୍ରାୟ ଅବସ୍ଥାରେ ରହିଛି। ପ୍ରାଚୀନ କାଳରେ ଖଇରା ସମ୍ପ୍ରଦାୟର ଲୋକେ ରାଜାମାନଙ୍କର ପ୍ରୋତ୍ସାହନରେ ବିଭିନ୍ନ ଗ୍ରାମରେ ଜମିବାଡ଼ି ପାଇ ଏହି ମୌଳିକ ଲୋକବାଦ୍ୟ ଚାଳନା କରୁଥିଲେ। କାଳକ୍ରମେ ଏହି ସମ୍ପ୍ରଦାୟର ଲୋକେ ଅନ୍ୟାନ୍ୟ ବୃତ୍ତିରେ ନିୟୋଜିତ ହୋଇ ଏହି ଲୋକକଳା ଠାରୁ ବିମୁଖ ହେବାରେ ଲାଗିଛନ୍ତି। ବର୍ତ୍ତମାନ ଅନ୍ୟ ସମ୍ପ୍ରଦାୟର କିଛି ହାତଗଣତି ଲୋକ ଏହି କଳାକୁ ଯଥାସମ୍ଭବ ବଞ୍ଚାଇ ରଖିଛନ୍ତି। ଏହି ବିଲୁପ୍ତ ପ୍ରାୟ ଲୋକକଳାକୁ ଉଦଜୀବିତ କରି ରଖିବାକୁ ନୂତନ ପୀଢ଼ି ମଧ୍ୟରେ ସେଭଳି ଆଗ୍ରହ ଦେଖାଯାଉନାହିଁ। ପରବର୍ତ୍ତୀ ପୀଢ଼ି ନିକଟକୁ ଏହି ଲୋକକଳା ସଞ୍ଚରଣ ହୋଇ ନ ପାରି ଆଗାମୀ ଦିନରେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ପୁରୁଖା ଧୂନକେଲି ବାଦକ। ଏହି ପାରମ୍ପରିକ ଲୋକବାଦ୍ୟର ପୁନଃରୁଦ୍ଧାର ପାଇଁ ପ୍ରଚେଷ୍ଟା କରାଯିବାର ଆବଶ୍ୟକତା ରହିଛି।



## ପରିଚୟ ଖୋଜୁଛନ୍ତି

# ନାଳିଆ କାରିଗର

**ଶହ ଶହ ବର୍ଷ ତଳୁ ସେମାନେ ଏହି ନାଳିଆ କାରିଗରି କାମ କରି ଆସିଥିଲେ ବି ସେମାନଙ୍କ ପାଇଁ ସରକାରଙ୍କ ତରଫରୁ କୌଣସି ପ୍ରୋତ୍ସାହନ ମିଳିବା ବ୍ୟବସ୍ଥା କରାଯାଇ ନାହିଁ। ଏହି ସାମାନ୍ୟତମ ଆୟରେ ସେମାନେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ଏଠାରେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରି ପାଇଁ କୌଣସି ବଜାର ସୁବିଧା ନ ଥିବାବେଳେ ସରକାର ଏମାନଙ୍କୁ ଉନ୍ନତମାନର ସାମଗ୍ରୀ ନିର୍ମାଣ ପାଇଁ କୌଣସି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରି ନ ଥିବା ଅଭିଯୋଗ କରିଛନ୍ତି।**





ବିଜୟ କୁମାର ଗୁପ୍ତା

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ଭିତରଗଡ଼ ଓ ରାଜଗଡ଼ ଗ୍ରାମର ନାଳିଆ କାରିଗରମାନେ ନାହିଁ ନ ଥିବା ସମସ୍ୟା ଦେଇ ଗତି କରୁଛନ୍ତି। ଆଜିର ପ୍ଲାଷ୍ଟିକ ଯୁଗରେ ନାଳିଆ ତିଆରି ସାମଗ୍ରୀର ବିକ୍ରି ପାଇଁ କୌଣସି ବଜାର ସୁବିଧା ନ ଥିବାରୁ କାରିଗରମାନେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରି ନ ପାରି ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ରାଜନଗର ବ୍ଲକ୍‌ର ଭିତରଗଡ଼ ଓ ରାଜଗଡ଼ ଗ୍ରାମର ଜେନା ସାହିରେ ବାସ କରନ୍ତି ୨୫୦ରୁ ଊର୍ଦ୍ଧ୍ୱ ପରିବାର। ସମସ୍ତଙ୍କର ମୁଖ୍ୟ ବେଉଷା ହେଲା ନାଳିଆ କାରିଗର। ଛୁଆ ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନାଳିଆ ତିଆରୀ ସାମଗ୍ରୀ ତିଆରି କରନ୍ତି। ନାଳିଆ ତିଆରି କାମ ସେମାନେ ବାପ ଅଜା ଅମଳରୁ କରି ଆସୁଛନ୍ତି। ନାଳିଆ ପାଛିଆ, ଡାଲା, କୁଲା, ନାଳିଆ, ଖଇଚଲା ଭଳି ଅନେକ ଘର କରଣା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସେମାନେ ବଳରାମପୁର, ଭିତରକନିକା, ବାଉଁଶଗଡ଼, ଏକମାଣିଆ ପ୍ରଭୃତି ଦୂରଦୁରାନ୍ତରୁ ନାଳିଆ ସଂଗ୍ରହ କରି ଆଣି ସାମଗ୍ରୀ ତିଆରି କରୁଛନ୍ତି। ପ୍ରଥମେ ନାଳିଆକୁ ଆଣି ଖରାରେ ଶୁଖାଇଥାନ୍ତି। ପରେ ଛୋଟ ଛୋଟ ପାଚିଆରେ ପରିଣତ କରିବା ପରେ ସେଥିରୁ କୁଲା, ନାଳିଆ, ଡାଲା ଆଦି ପ୍ରସ୍ତୁତ କରିଥାନ୍ତି। ଏପରିକି ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ନାଳିଆକୁ ରଙ୍ଗ ବେରଙ୍ଗ କରି ସାମଗ୍ରୀମାନ ପ୍ରସ୍ତୁତ କରିଥାନ୍ତି। ଏହି ମାଣ ସେର, ଚାଙ୍ଗୁଡ଼ି, ବଡ଼ିପରା ଝାମ୍ପ, ଚାହୁଦା ଟୋକେଇ ପ୍ରଭୃତି ସାମଗ୍ରୀ ପ୍ରସ୍ତୁତ କରି ସେମାନେ ଗାଁ ଗାଁ ଧରି ବୁଲି ବୁଲି ବିକ୍ରୀ କରିଥାନ୍ତି। ସେମାନଙ୍କ ମତରେ ଗୋଟିଏ ଗୋଟିଏ କୁଲା କିମ୍ବା ନାଳିଆକୁ ପ୍ରସ୍ତୁତ କରିବାକୁ ଗୋଟିଏ ଗୋଟିଏ ଦିନ ଲାଗି ଯାଉଥିବା ବେଳେ ତାହାକୁ ସେମାନେ ମାତ୍ର ୫୦ଟଙ୍କାରେ ବିକ୍ରି କରିଥାନ୍ତି। ଯାହାକି ସେମାନଙ୍କ ଗୁଜୁରାଣ ମେଣ୍ଟିବା ସମ୍ଭବପର ହେଉ ନାହିଁ। ବିଶେଷକରି କେନ୍ଦ୍ରାପଡ଼ା, ଯାଜପୁର ଓ କଟକ ଜିଲ୍ଲାରେ ଅନୁଷ୍ଠିତ ମେଳା ମହୋତ୍ସବରେ ଏମାନଙ୍କୁ ଡକା ଯାଏଁ ନାହିଁ କି କୌଣସି ସୁଯୋଗ ମିଳେ ନାହିଁ। ସେହିପରି ଏମାନେ ବହୁବର୍ଷ ଧରି ଅବହେଳିତ ହୋଇ ରହି ଆସୁଥିବାବେଳେ ରହିବା ପାଇଁ ଭଲ ଘର ଖଣ୍ଡିଏ ବି ନଥିବା ବେଳେ ଗତ ବର୍ଷ ୪୦ଭାଗ ଲୋକଙ୍କୁ ସରକାରଙ୍କ ବାସଗୃହ ଯୋଜନାରେ ସାମିଲ କରାଯାଇ ଘର ଖଣ୍ଡିଏ ଲେଖାଏଁ ଦିଆଯାଇଛି ଯେ ତାହା ଏବେ ସୁଦ୍ଧା ପୂର୍ଣ୍ଣାଙ୍ଗ ହୋଇପାରିନି। ଜିଲ୍ଲା ପ୍ରଶାସନ ଏହି ନାଳିଆ କାରିଗରଙ୍କୁ ସହଯୋଗର ହାତ ବଢ଼ାଇଲେ ଏମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବଜାରରେ ଉପଯୁକ୍ତ ବିକ୍ରିବଟା ହୋଇପାରନ୍ତା ବୋଲି ସେମାନେ କହିଛନ୍ତି। ଜିଲ୍ଲା ପ୍ରଶାସନ ସେମାନଙ୍କୁ ସହାୟତାର ହାତ ବଢ଼ାଇ ସେମାନଙ୍କୁ ବିଭିନ୍ନ ଗୃହ ଉପକରଣର ସାଜସଜା ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ପ୍ରଶିକ୍ଷଣ ଯୋଗାଇଦେଲେ। ସେମାନଙ୍କ ସାମଗ୍ରୀର ଚାହିଦା ବୃଦ୍ଧି ପାଆନ୍ତା ଓ ସେମାନଙ୍କ ଆର୍ଥିକ ଉନ୍ନତି ସମ୍ଭବ ହୋଇପାରନ୍ତା ବୋଲି ନାଳିଆ କାରିଗରମାନେ କହିଛନ୍ତି।

## ପ୍ରକୃତିର ଅପାର ଦାନ

# ଦେଉଳଝରି



ଧରଣୀଧର ମିଶ୍ର

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତ କୁନ୍ଦପାଲ ଗାଁ ନିକଟରେ ଅଛି ଦେଉଳଝରି ପାହାଡ଼। ପାହାଡ଼ରେ ପୂଜା ପାଉଛନ୍ତି ସିଦ୍ଧେଶ୍ୱର ବାବା ଏବଂ ପୂର୍ଣ୍ଣମାସୀ ଦେବୀ। ପାହାଡ଼ ଉପରେ ଏକ ସୁନ୍ଦର ମଠ ରହିଛି। ଠାକୁରଙ୍କ ପୂଜା ପାଠକରି ଜଙ୍ଗଲ ସୁରକ୍ଷାରେ ଧ୍ୟାନ ଦେଇ ଏହି ମଠରେ ରହୁଥିବା ବାବା ନିରାଡାମ୍ବର ଜୀବନଯାପନ କରୁଛନ୍ତି। ପାହାଡ଼ର ଶୀର୍ଷ ଦେଶରୁ ଏକ ଛୋଟ ଝରଣା ତଳ ପର୍ଯ୍ୟନ୍ତ ବହି ଆସିଛି। ଏହି ସ୍ଥାନକୁ ଯିବା ପାଇଁ ହେଲେ କୁନ୍ଦପାଲ ଗାଁ ଦେଇ ଯିବାକୁ ହୁଏ। ଏଠାରୁ ପ୍ରାୟ ୨ କିଲୋମିଟର ପାଦଚଲା ରାସ୍ତାରେ ଗଲେ ଦେବ କୁଣ୍ଡର ଦର୍ଶନ କରିପାରିବେ। ଦେବକୁଣ୍ଡ ଆଶ୍ରମର ପ୍ରବେଶ ଦ୍ୱାର। ସମୁଦ୍ର ପତ୍ତନଓଠାରୁ ୨ହଜାର ଫୁଟ ଉଚ୍ଚରେ ରହିଛି ପବିତ୍ର ଗୁମ୍ଫା। ଏହି ଗୁମ୍ଫାକୁ ପାଣ୍ଡବ ଗୁମ୍ଫା କୁହାଯାଏ। ଅଜ୍ଞାତବାସ ସମୟରେ ଏହି ଗୁମ୍ଫାରେ ପଞ୍ଚୁ ପାଣ୍ଡବ ବସବାସ କରିଥିବା ଜନଶୃତି ରହିଛି। ସୋନପୁର ରାମେଶ୍ୱର ମନ୍ଦିର ନିକଟସ୍ଥ ମହାନଦୀ ଗର୍ଭର ହନୁମାନ ଟାଙ୍ଗରରେ ମଧ୍ୟ ଏକ ବିରାଟକାୟ ପାଦ ଚିହ୍ନ ରହିଛି। ଏହାକୁ ଭୀମଙ୍କ ପାଦଚିହ୍ନ ବୋଲି ଲୋକେ କୁହନ୍ତି। ତେଣୁ ଅଜ୍ଞାତବାସ ସମୟରେ ପଞ୍ଚୁ ପାଣ୍ଡବ ଏହି ଅଞ୍ଚଳରେ ରହିଥିବା ବିଶ୍ୱାସ କରାଯାଏ। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଜୈବ ବିବିଧତା, ନାନାଦି ଔଷଧୀୟ ଗୁଳ୍ମରାଜି, ପକ୍ଷୀଙ୍କ କାକଳିରେ ଆନମନା ହୁଅନ୍ତି। ଗୋଟିଏ ପଟେ ସୋନପୁର ଜିଲ୍ଲା ଅନ୍ୟପଟେ ସମ୍ବଲପୁର ଜିଲ୍ଲା, ମଝିରେ ଠିକ ଜାଗ୍ରତ ପ୍ରହରୀ ଭଳି ଛିଡା ହୋଇଛି ଦେଉଳ ଝରି ପାହାଡ଼। ତେବେ ଏକ ସୁନ୍ଦର ସ୍ଥାନ ହୋଇଥିଲେ ମଧ୍ୟ ଭଲ ରାସ୍ତା ନାହିଁ। ଦେଉଳଝରିକୁ ପୀଠକୁ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ସହ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହାର ଉନ୍ନତିକରଣ ହୋଇ ପାରିଲେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟଙ୍କ ସୁଅ ଛୁଟନ୍ତା ।

> ସୁବର୍ଣ୍ଣପୁର ଏବଂ ସମ୍ବଲପୁର ଜିଲ୍ଲାର ମଧ୍ୟ ଭାଗରେ ରହିଛି ଏକ ସୁନ୍ଦର ପ୍ରାକୃତିକ ସ୍ଥାନ ଦେଉଳଝରି। ଜଙ୍ଗଲ, ପର୍ବତ, ଝରଣା ସହ ପକ୍ଷୀଙ୍କ କାକଳି ଦେଉଳଝରିକୁ ଆକର୍ଷଣୀୟ କରି ଗଢି ତୋଳିଥିଲେ ମଧ୍ୟ ଏଯାଏଁ ଦେଉଳଝରିରେ ବିକାଶର ସୂର୍ଯ୍ୟ ଉଦୟ ହୋଇନି। ଅଗନା ଅଗନି ଜଙ୍ଗଲ ଭିତରେ ସୁଉଚ୍ଚ ପର୍ବତମାଳା। ଖୁବ୍ ମନୋରମ ପରିବେଶ। ଏହାରି ଭିତରେ ଠିକ ଦେଉଳ ଭଳି ଏକ ପାହାଡ଼ ରହିଛି। ପାହାଡ଼ ପାଦ ଦେଶରେ କୁଳୁ କୁଳୁ ନାଦରେ ବହି ଯାଉଛି ନୀଳ ଝରଣା। ବିଶ୍ୱାସ ଅଛି ବର୍ଷା ଅଭାବରୁ 'ସଲ ମରିବାକୁ ବସିଲେ ଏହି ପାହାଡ଼ ତଳେ ଭକ୍ତି ଭାବରେ ସଂକୀର୍ତ୍ତନ କଲେ ପାହାଡ଼ରୁ ପାଣି ଝରିଥାଏ ଏବଂ ଭଲ ବର୍ଷା ହୋଇଥାଏ। ଏଣୁ ଏହି ପାହାଡ଼କୁ ଦେଉଳଝରି ବୋଲି କୁହାଯାଏ।

■ ରାଜ୍ୟ ସଫ୍ଟବଲ୍ ପ୍ରତିଯୋଗିତା

## କିଟ୍, ପୁରୀ, ନୟାଗଡ଼ ବିଜୟୀ



**କଟକ, ୭।୧୨(ସମିସ):** ଓଡ଼ିଶା ରାଜ୍ୟ ସଫ୍ଟବଲ ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଆରମ୍ଭ ହୋଇଥିବା ୨୩ତମ ରାଜ୍ୟ ବରିଷ୍ଠ ସଫ୍ଟବଲ ପ୍ରତିଯୋଗିତା ଶନିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ପୁରୁଷ ଗ୍ରୁପରେ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ନୟାଗଡ଼ ୧୨-୬ରେ ସୁନ୍ଦରଗଡ଼କୁ ଓ ଭଦ୍ରକକୁ ୧୧-୧ରେ, ଖୋର୍ଦ୍ଧା ୮-୭ରେ ଯାଜପୁରକୁ, ପୁରୀ (ଆର) ୯-୦ରେ କଟକକୁ ଓ ୧୦-୦ରେ ରାଉରକେଲାକୁ, କିଟ୍ ୧୪-୦ରେ ସୁନ୍ଦରଗଡ଼କୁ ଓ ୧୫-୦ରେ ଭଦ୍ରକକୁ, ଢେଙ୍କାନାଳ ୧୫-୫ରେ କେନ୍ଦୁଝରକୁ, ଭୁବନେଶ୍ୱର ୧୧-୦ରେ କଟକ (ଆର)କୁ, ସୁନ୍ଦରଗଡ଼ ୧୧-୦ରେ ଭଦ୍ରକକୁ, ସାଓ ୫-୧ରେ ପୁରୀକୁ ଓ ୧୧-୦ରେ ଢେଙ୍କାନାଳକୁ, ପୁରୀ ୧୫-୦ରେ କେନ୍ଦୁଝରକୁ ଏବଂ କଟକ (ଆର) ୧୨-୦ରେ ରାଉରକେଲାକୁ ପରାସ୍ତ କରିଛି।

### ଯାଜପୁର, କିଟ୍ ମହିଳା ଦଳ ବିଜୟୀ

ମହିଳା ବର୍ଗରେ ଯାଜପୁର ୧୧-୦ରେ ସୁନ୍ଦରଗଡ଼କୁ, କିଟ୍ ୨୧-୨ରେ କଟକ (ଆର)କୁ ଓ କିଟ୍ ୭-୦ରେ ପୁରୀକୁ ପରାସ୍ତ କରିଛି। ତିନି ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ ୧୮ଟି ଏବଂ ମହିଳା ବିଭାଗରେ ୧୦ଟି ଦଳ ଭାଗ ନେଇଛନ୍ତି। ମ୍ୟାଚ୍ ପରିଚାଳନା ନିମନ୍ତେ ୨୦ଜଣ ଅଫିସିଆଲ ନିଯୁକ୍ତ ହୋଇଛନ୍ତି।

## ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିଅନସିପ୍



**ପୁରୀ, ୭।୧୨(ସମିସ):** ସ୍ଥାନୀୟ ଝାଡେଶ୍ୱରୀ କ୍ଲବ ପରିସରରେ ଚାଲିଥିବା ତିନିଦିନିଆ ୩୨ ତମ ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିଅନସିପ୍‌ର ଶନିବାର ଥିଲା ଦ୍ୱିତୀୟ ଦିବସ। ଖେଳ ଆରମ୍ଭ ପୂର୍ବରୁ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ପହଞ୍ଚି ଖେଳାଳୀମାନଙ୍କ ସହ ପରିଚିତ ହୋଇଥିଲେ। ଆଗାମୀ ଦିନରେ ଥ୍ରୋ ବଲ୍ କ୍ୟାଟୋଗୋରୀରେ ଉନ୍ନତି, ଓଡ଼ିଶାର କୋଣ ଅନୁକୋଣରେ କିପରି ଖେଳାଳୀଙ୍କ ପାଖରେ ଆଧୁନିକ ଖେଳ ଉପକରଣ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦେବା ସହ ଜାତୀୟସ୍ତରରେ ଏହି ଖେଳର ବିକାଶ ଉପରେ ଗୁରୁତ୍ୱ ଏବଂ କେନ୍ଦ୍ର କ୍ରୀଡା ମନ୍ତ୍ରୀଙ୍କ ଦୃଷ୍ଟିକୁ ଅଣାଯିବ ସେ ନେଇ ପ୍ରତିଶ୍ରୁତି ଦେଇଥିଲେ। ଏସିଆନ୍ ଗେମ୍‌ରେ କିପରି ଏହା ଅନ୍ତର୍ଭୁକ୍ତ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ଏହାପରେ ସାଂସଦ ଡାକ୍ତର ପାତ୍ର ବହୁସମୟ ଧରି ଖେଳକୁ ଉପଭୋଗ କରିଥିଲେ। ଏଥିରେ ରାଜ୍ୟର ୧୯ ଟି ପୁରୁଷ ଓ ୧୬ଟା ମହିଳା ଦଳ ଅଂଶଗ୍ରହଣ କରିଛନ୍ତି ପ୍ରତିଯୋଗିତାରେ ଭଲ ଓ ଉତ୍ତମ ଖେଳ ପ୍ରଦର୍ଶନ କରୁଥିବା ଖେଳାଳୀମାନେ ଜାତୀୟ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବେ। ପ୍ରଥମକରି ଆଧୁନିକ ଶୈଳୀରେ ପ୍ରସ୍ତୁତ ମ୍ୟାଟରେ ଖେଳାଳୀ ଖେଳୁଛନ୍ତି। ଫଳରେ ଚଳିତ ଜାତୀୟ ଚାମ୍ପିଅନସିପ୍‌ରେ ଭଲ ଖେଳ ପ୍ରଦର୍ଶନ କରିବ ବୋଲି ଆଶା ରଖିଛନ୍ତି ଓଡ଼ିଶା ଥ୍ରୋ ବଲ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ। ସେପଟେ ରାଜ୍ୟ ସିନିୟର ଥ୍ରୋ ବଲର ସମସ୍ତ ମ୍ୟାଚରୁ ଭଲ ଖେଳ ପ୍ରଦର୍ଶନ କରୁଥିବା ପ୍ରତିଯୋଗୀ ଚୟନ ପାଇଁ ୫ ଜଣିଆ ଟିମ ଗଠନ କରାଯାଇଛି। ରବିବାର ଏହି ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ।

୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲ ଆଜି

# ୯ ମ ଟାଇଟଲ ଲକ୍ଷ୍ୟରେ ଭାରତ




**ମ୍ୟାଚ୍ ଆରମ୍ଭ:** ସକାଳ ୧୦.୩୦
**ସିଧା ପ୍ରସାରଣ:** ସୋନି ସ୍ପୋର୍ଟ୍ସ ଟେନ୍ ନେଟ୍‌ୱର୍କ
**ଭେନ୍ୟୁ:** ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମ

**ଦୁବାଇ, ୭।୧୨(ଏଜେନ୍ସି):** ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଚାଲିଥିବା ଏସିଆନ କ୍ରିକେଟ କାଉନସିଲ (ଏସିସି) ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଫାଇନାଲ ମୁକାବିଲାରେ ଭାରତ ଓ ବାଂଲାଦେଶ ମୁହାଁମୁହିଁ ହେବେ। ବାଂଲାଦେଶକୁ ପରାସ୍ତ କରି ଭାରତ ରେକର୍ଡ ୯ମ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟାଇଟଲ ଜିତି ସଫଳତମ ଦଳ ବିବେଚିତ ହେଉଛି। ଭାରତ ୧୯୮୯, ୨୦୦୩, ୨୦୧୨, ୨୦୧୩/୧୪, ୨୦୧୬, ୨୦୧୮, ୨୦୧୯ ଓ ୨୦୨୧ରେ ଚାମ୍ପିଅନ ହୋଇଥିଲା। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଫାଇନାଲ ମୁକାବିଲା ଉପରେ ସମସ୍ତଙ୍କ ନଜର ରହିଛି। ଭାରତ ଫେବରାଇଟ ବିବେଚିତ ହେଉଥିବା ବେଳେ ବାଂଲାଦେଶ ମଧ୍ୟ ଟାଇଟଲ ହାସଲ କରିବାକୁ ପ୍ରାଣପଣେ ଚେଷ୍ଟା କରିବ। ଭାରତ ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନଠାରୁ ପରାସ୍ତ ହେବା ପରେ କ୍ରମାଗତ ଭାବେ ବିଜୟ ହାସଲ କରି ଫାଇନାଲ ଟିକଟ ହାସଲ କରିଛି। ଗ୍ରୁପ୍-ଏ'ରେ ଭାରତ ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ସେମିଫାଇନାଲକୁ ଉଠିଥିଲା। ସେମିରେ ଭାରତ ୭ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଅଗ୍ରଗତି କରିଛି। ଅନ୍ୟପଟେ ବାଂଲାଦେଶ ମଧ୍ୟ ୭ ୱିକେଟରେ ପାକିସ୍ତାନକୁ ହରାଇ ଫାଇନାଲକୁ ଉଠିଛି।




### ଫୋକସ୍‌ରେ ବୈଭବ ସୂର୍ଯ୍ୟବଂଶୀ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ନିଲାମୀରେ ୧ କୋଟି ୧୦ ଲକ୍ଷ ଟଙ୍କା ବିନିମୟରେ ରାଜସ୍ଥାନ ରୟାଲ୍ସ ଦଳରେ ସାମିଲ ହୋଇଥିବା ୧୩ ବର୍ଷରୁ କମ୍ ଭାରତୀୟ ଚର୍ଚ୍ଚିତ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ପାକିସ୍ତାନ ବିପକ୍ଷରେ ସେ ବିଫଳ ହୋଇଥିଲେ ମଧ୍ୟ ସେ ପ୍ରତ୍ୟାବର୍ତ୍ତନ କରି ଭାରତକୁ ଫାଇନାଲ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ୪ଟି ମ୍ୟାଚ୍ ଖେଳି ବୈଭବ ଏପର୍ଯ୍ୟନ୍ତ ୧୬୭ ଓ ଆୟୁଷ ମହାତ୍ରେ ୧୭୫ ରନ ସଂଗ୍ରହ କରିଛନ୍ତି। ଗତ ଦୁଇଟି ମ୍ୟାଚ୍‌ରେ ବୈଭବ ଦ୍ରୁତ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲରେ ସେ ମାତ୍ର ୩୬ଟି ବଲ୍ ଖେଳି ୬ ଚୌକା ଓ ୫ ଛକା ସହ ୬୭ ରନକରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତେଣୁ ଏହି ଦୁଇ ଖେଳାଳି ଫାଇନାଲରେ ପୁଣି ଚମକିବେ ଓ ଭାରତକୁ ଚାମ୍ପିଅନ କରାଇବେ ବୋଲି ଆଶା କରାଯାଉଛି। ଭାରତୀୟ ବୋଲର ଚେତନ ଶର୍ମା, କିରନ ଚୋର୍ମେଲ, ମହାତ୍ରେ ମଧ୍ୟ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ବାଂଲାଦେଶ ଦଳରେ ମଧ୍ୟ ପ୍ରତିଭାସମ୍ପନ୍ନ ଓ ଦକ୍ଷ ଖେଳାଳି ରହିଛନ୍ତି। ତେଣୁ ବାଂଲାଦେଶକୁ ଭାରତ ଆଦୌ ହାଲକା ଭାବେ ନେବନାହିଁ ଓ ଟାଇଟଲ ଜିତିବା ପାଇଁ ପୂରା ଜୋର ଲଗାଇବ ବୋଲି ଆଶା କରାଯାଉଛି।

ଅଷ୍ଟ୍ରେଲିଆନ୍ ଓପନ୍ |

# ମୁଖ୍ୟ ଡ୍ର'ରେ ସୁମିତ ନାଗଲ



**ମେଲବୋର୍ଣ୍ଣ, ୭।୧୨(ଏଜେନ୍ସି):** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ଏଣ୍ଟ୍ରି ତାଲିକା ଶୁକ୍ରବାର ପ୍ରକାଶିତ ହୋଇଛି। ଆସନ୍ତା ବର୍ଷ ଅର୍ଥାତ ୨୦୨୫ରେ ଜାନୁଆରୀ ୧୨ରୁ ୨୬ ତାରିଖ ମଧ୍ୟରେ ଏହି ମେଜର ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଭାରତୀୟ ପୁରୁଷ ତାରକା ତଥା ଶ୍ରେଷ୍ଠ ଏକକ ଖେଳାଳି ସୁମିତ ନାଗଲ ଏହି ଟୁର୍ଣ୍ଣାମେଣ୍ଟର ଏଣ୍ଟ୍ରି ଲିଷ୍ଟରେ ସ୍ଥାନ ପାଇବା ସହ ମୁଖ୍ୟ ଡ୍ର'ରେ ସାମିଲ ହୋଇଛନ୍ତି।

ନାଗଲ ଏବେ ବିଶ୍ୱ ର୍‌ୟାଙ୍କିଂର ୯୮ ତମ ସ୍ଥାନରେ ରହିଛନ୍ତି। ଗତବର୍ଷ କିନ୍ତୁ ନାଗଲ କ୍ୱାଲିଫାଇଂ ରାଉଣ୍ଡ ଖେଳି ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ। ଗତ ସଂସ୍କରଣରେ ସେ ପ୍ରଥମ ରାଉଣ୍ଡରେ କାଜାଖସ୍ତାନର ୩୧ତମ ସିଡ୍ ଖେଳାଳି ଆଲେକଜାଣ୍ଡର ବଲ୍‌ବିକ୍‌ଙ୍କୁ ପରାସ୍ତ କରି ଅଗ୍ରଗତି କରିଥିଲେ। କିନ୍ତୁ ସେ ଦ୍ୱିତୀୟ ରାଉଣ୍ଡରେ ଚୀନ ୱାଇଲ୍ଡ କାର୍ଡ ଜନଚେଙ୍ଗ ସାଙ୍ଗ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ। ହରିୟାଣାର ଯତିପୁରରେ ଜନ୍ମିତ ନାଗଲ ୨୦୧୫ରେ ଜୁନିଅନର ୱିମ୍ବଲଡନ ଟାଇଟଲ ଜିତିଥିଲେ। ସେ ୨୦୧୬ରେ ଡେଭିସ୍ କପ୍‌ରେ ପଦାର୍ପଣ କରିଥିଲେ। ୨୦୧୭ରେ ସେ ପ୍ରଥମଥର ପାଇଁ ଏଟିପି ଚ୍ୟାଲେଞ୍ଜର ଟାଇଟଲ ହାସଲ କରିଥିଲେ। ପୁରୁଷ ଓ ମହିଳା ଏକକରେ ଡିଫେଣ୍ଡିଂ ଚାମ୍ପିଅନ ଇଟାଲୀର ଜାନିକ ସିନ୍ନର ଓ ବେଲାରୁଷର ଅରିନା ସାବାଲେଙ୍କା ଏଣ୍ଟ୍ରି ତାଲିକାର ଶୀର୍ଷରେ ରହିଛନ୍ତି। ମୋଟ୍ ଉପରେ ଅଷ୍ଟ୍ରେଲିଆର ୧୦ ପୁରୁଷ ଓ ଜଣେ ମହିଳା ଖେଳାଳି ମୁଖ୍ୟ ଡ୍ର'ରେ ସାମିଲ ହୋଇଛନ୍ତି।

କିଟ୍ ଚେସ୍ ମହୋତ୍ସବ

# ୮ ମ ରାଉଣ୍ଡ ସୁଦ୍ଧା ସାଭଚେଙ୍କୋ ଅଗ୍ରଣୀ

**ଭୁବନେଶ୍ୱର, ୭।୧୨ (ସମିସ):** କିଟ୍ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଚେସ ମହୋତ୍ସବରେ ୧୦ ରାଉଣ୍ଡ ବିଶିଷ୍ଟ କାଟାଗୋରୀ-ଏ' ଟୁର୍ଣ୍ଣାମେଣ୍ଟର ଶନିବାର ୮ମ ରାଉଣ୍ଡ ଶେଷ ହୋଇଛି। ଏହି ରାଉଣ୍ଡ ଶେଷରେ ରୁଷିଆର ଗ୍ରାଣ୍ଡମାଷ୍ଟର ବୋରିସ୍ ସାଭଚେଙ୍କୋ ସର୍ବାଧିକ ୭ ପଏଣ୍ଟ ସଂଗ୍ରହ କରି ଏକକ ଅଗ୍ରଣୀ ରହିଛନ୍ତି। ଶନିବାର ଖେଳାଯାଇଥିବା ୮ମ ରାଉଣ୍ଡରେ ସେ ଅନ୍ୟତମ ଗ୍ରାଣ୍ଡମାଷ୍ଟର ବେଲାରୁଷର ବେଲାରୁଷର ଏଭଜେନୀ ପୋଦୋଲଚେଙ୍କୋଙ୍କୁ ପରାସ୍ତ କରି ଏକାକୀ ଆଗୁଆ ରହିବାର ଶ୍ରେୟ ନେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଆଉ ୨ ରାଉଣ୍ଡ ଖେଳ ବାକି ରହିଛି। ସାଭଚେଙ୍କୋ ଏପରି ପ୍ରଦର୍ଶନ ବଜାୟ ରଖିଲେ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ରହିବ। ୯ମ ରାଉଣ୍ଡରେ ଭାରତୀୟ ଆଇଏମ୍ କୌସ୍ତୁଭ କୁଣ୍ଡୁଙ୍କ ସହ ତାଙ୍କର ମୁକାବିଲା ହେବ।



ସାଭଚେଙ୍କୋଙ୍କ ପଛକୁ ୭ ଜଣ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବୁକୋଲଜ୍ ଅନୁଯାୟୀ ଏମାନଙ୍କ ମଧ୍ୟରେ ଯଥାକ୍ରମେ କୌସ୍ତୁଭ କୁଣ୍ଡୁ, ବେଲାରୁଷର ଆଲେକ୍ସେଇ ଫେଡେରୋଭ୍, ଭିଏତନାମର ଭାନ ହୁଏ ଏନ୍‌ଗୁଏନ୍ ଓ ଫିଡେମାଷ୍ଟର କ୍ୱକ୍ ହାଏ ଏନ୍‌ଗୁଏନ୍, ଓଡ଼ିଆ ଆଇଏମ୍ ଉତ୍କଳରଞ୍ଜନ ସାହୁ ଓ ଗ୍ରାଣ୍ଡମାଷ୍ଟର ସାୟନ୍ତନ ଦାସ ରହିଛନ୍ତି। ଶନିବାର ଖେଳାଯାଇଥିବା ୮ମ ରାଉଣ୍ଡରେ ରାଉରକେଲାର ଉତ୍କଳ ତାଙ୍କଠାରୁ ଅଧିକ ମାନ୍ୟତାପ୍ରାପ୍ତ ଖେଳାଳି ଶ୍ରୀରାମ ଶ୍ରବଣଙ୍କୁ ପରାସ୍ତ କରିଥିଲେ। ୮ମ ରାଉଣ୍ଡରୁ ଏହା ତାଙ୍କର ୬ଷ୍ଠ ବିଜୟ ଥିଲା। ସେ ଗୋଟିଏ ରାଉଣ୍ଡରେ ହାରିଥିଲାବେଳେ ଚତୁର୍ଥ ରାଉଣ୍ଡରେ ସ୍ଲୋଭାକିଆ ଗ୍ରାଣ୍ଡମାଷ୍ଟର ମିକୁଲାସ ମାନିକଙ୍କୁ ପରାସ୍ତ କରିଥିଲେ। ଆସନ୍ତାକାଲି ୯ମ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର ସାୟନ୍ତନ ଦାସଙ୍କ ସହ ଉତ୍କଳଙ୍କର ମୁକାବିଲା ହେବ। ଏମାନଙ୍କ ପଛକୁ ୩ଜଣ ଗ୍ରାଣ୍ଡ ମାଷ୍ଟରଙ୍କ ସମେତ ୬ଜଣ ଖେଳାଳି ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଓମ୍ ଆଦିତ୍ୟ ଖାଡଙ୍ଗା ୫ ପଏଣ୍ଟ ପାଇ ୫୭ତମ ସ୍ଥାନରେ ରହିଛନ୍ତି।

୯ ରାଉଣ୍ଡ ବିଶିଷ୍ଟ କାଟାଗୋରୀ-ସି'ଟୁର୍ଣ୍ଣାମେଣ୍ଟର ୧୫ ଲକ୍ଷ ପୁରସ୍କାର ବିଶିଷ୍ଟ ଏହି କାଟାଗୋରୀରେ ୪ ରାଉଣ୍ଡ ଶେଷସୁଦ୍ଧା ୧୭ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ସେମାନଙ୍କ ମଧ୍ୟରେ ବୁକୋଲଜ୍ ଅନୁଯାୟୀ ଓଡ଼ିଶାର କୌଶିକ ପାଣିଗ୍ରାହୀ ୫ମ, ସିଦ୍ଧେଶ କାମିଲା ୭ମ, କିସ୍‌ର ଲେଲି ଜାକକା ଏକାଦଶ, ଲୋଚନ କୁମାର ଦାସ ଦ୍ୱାଦଶ, ସନ୍ଦୀପ କୁମାର ମିଶ୍ର ୧୩ତମ, ବିଶ୍ୱପ୍ରୀତ୍ ରାୟ ୧୫ତମ ଓ ବାବୁଲା ଭୋଇ ୧୭ତମ ସ୍ଥାନରେ ରହିଛନ୍ତି।

## ରାଜ୍ୟ ବିଦ୍ୟାଳୟସ୍ତରୀୟ ଚେସ୍ ଆରମ୍ଭ

**ନୟାଗଡ଼, ୭।୧୨(ସମିସ):** ନୟାଗଡ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଡିଶ ରାଜ୍ୟ ୬୮ ତମ ବିଦ୍ୟାଳୟ ସ୍ତରୀୟ ଚେସ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏଥିରେ ରାଜ୍ୟର ନୟାଗଡ ସମେତ ୨୩ ଜିଲା ଓ ଭୁବନେଶ୍ୱର ଖେଳ ଜିଲା ର ୯୨ ଛାତ୍ର, ୬୮ ବାଳିକା ଏପରି ମୋଟରେ ୧୬୦ ଜଣ ଭାଗ ନେଇଛନ୍ତି। ସେହିଭଳି ୪୨ ଜଣ ମ୍ୟାନେଜର, ୨୯ ଜଣ ରାଜ୍ୟ ଲୋକାଲ ଅଫିସର ମଧ୍ୟ ସାମିଲ ହୋଇଥିଲେ। ଉଦ୍‌ଘାଟନ ଦିବସରେ ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ମାଧ୍ୟମିକ ଶିକ୍ଷା ପରିଷଦର ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଜଗତସିଂହପୁରର ପୂର୍ବତନ ଡିପିଓ ବିଦ୍ୟାଧର ପ୍ରଧାନ, ଯାଜପୁରର ପୂର୍ବତନ ଡିପିଓ ଶମ୍ଭୁନାଥ ଦାସ, ନୟାଗଡର ପୂର୍ବତନ ଶାରୀରିକ ଶିକ୍ଷା ନିରିକ୍ଷକ ପ୍ରଫୁଲ ସାହୁ, ତ୍ରିନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ଶରଣକୁଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କଟକ କ୍ରୀଡ଼ା ଛାତ୍ରାବାସ ଚାମ୍ପିଅନ୍

**ଶରଣକୁଳ, ୭।୧୨(ସମିସ):** ଶରଣକୁଳ ଲଡୁକେଶ ଆଥଲେଟିକ ଆସୋସିଏସନ ପକ୍ଷରୁ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ୬୩ ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳ କଟକ କ୍ରୀଡ଼ା ଛାତ୍ରାବାସ ଓ ହାଲ ସୁନାବେଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡ଼ା ଛାତ୍ରାବାସ ଦଳ ହାଲ ସୁନାବେଡା ଦଳକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳର ପ୍ରଥମାର୍ଦ୍ଧ ବେଶ ଚିତାକର୍ଷକ ଓ ସଂଘର୍ଷ ପୂର୍ଣ୍ଣ ଥିବାବେଳେ ଉଭୟ ଦଳ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇପାରି ନଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧ ଖେଳ ଖୁବ ସଂଘର୍ଷ ପୂର୍ଣ୍ଣ ଥିଲା। ଉଭୟ ଦଳର ଖେଳାଳି ପରସ୍ପର ବିପକ୍ଷରେ ଗୋଲ ସ୍କୋର କରିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ବିଫଳ ହୋଇଥିଲେ।



ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ୫ - ୩ ଗୋଲରେ କ୍ରୀଡ଼ା ଛାତ୍ରାବାସ ଦଳ ବିଜୟୀ ହୋଇ ଟାଇଟଲ ଆଖ୍ୟା ଅର୍ଜନ କରିଥିଲେ।

ଫାଇନାଲ ଖେଳକୁ ରେଫରୀ ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ଦେବରାଜ ସ୍ୱାଇଁ, ପ୍ରସନ୍ନ କୁମାର ନାୟକ ଓ ଜଗନ୍ନାଥ ପରିଡ଼ା ଲାଇନରେ ସହାୟତା କରିଥିଲେ। କଟକ ଦଳ ଖେଳାଳି ପ୍ରଶାନ୍ତ ଶ୍ରୀହରି ଫାଇନାଲର ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ ହୋଇଥିଲେ। ଅନୁଷ୍ଠାନର ସଭାପତି ସତ୍ୟନାରାୟଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଥିବାବେଳେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଟି. ପ୍ରସାଦ ରାୟ ଦୋରା, ବିଜେଡି ନେତ୍ରୀ ଇରାନୀ ରାୟ, ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଭାତ ଦଳ ବେହେରା, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଡ଼ିଆରୀ, ଅବସର ପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ସାହୁ, ଡମସାହି ସରପଞ୍ଚ ସୁନୀଲ ଦଳବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜୟୀ କଟକ କ୍ରୀଡ଼ା ଛାତ୍ରାବାସ ଦଳକୁ ନଗଦ ୩୦ ହଜାର ଅର୍ଥ ରାଶି ସହିତ ଟ୍ରଫି ଏବଂ ପରାଜିତ ସୁନାବେଡା ଦଳକୁ ନଗଦ ୨୦ ହଜାର ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଏବଂ ଅନୁଷ୍ଠାନ ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜିଠାରୁ

**ଭାପୁର, ୭।୧୨(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଶ୍ରୀରାମ ମନ୍ଦିର ନିର୍ମାଣ ହୋଇଥିବା ପାହାଡ ପାଦଦେଶରେ ନାଳିସାଗର ଷ୍ଟାଡିୟମରେ ରବିବାରଠାରୁ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଛି। ଏହା ୧୫ ତାରିଖରେ ସମାପ୍ତ ହେବ। ଏହା ରାଜ୍ୟର ନମ୍ବର ୱାନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମାନ୍ୟତା ପାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁରର ଶ୍ରେଷ୍ଠ ଦଳ ସହ ଓଡିଶା ବାହାରୁ ଛତିଶଗଡ଼, ନାଗପୁର, ଭାଇଜାଗ ଓ କୋଲକାତା ଦଳ ଅଂଶଗ୍ରହଣ କରୁଛନ୍ତି। ବିଜୟୀ ଦଳକୁ ଦେଢ ଲକ୍ଷ ଓ ରନର୍ସ ଅପ ଦଳକୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଏହି ମେଗା ଟୁର୍ଣ୍ଣାମେଣ୍ଟରେ ଅନେକ ଜାତୀୟସ୍ତରର ଖେଳାଳି ଭାଗ ନେବେ। ଉଦଘାଟନୀ ଦିବସରେ ଛତିଶଗଡ଼ ସହ ଭୁବନେଶ୍ୱରର ସାଇ ଇଲେଭେନ ସହ ମୁକାବିଲା ହେବ। ହଜାର ହଜାର ଦର୍ଶକଙ୍କ ସମ୍ମୁଖରେ ଚିୟରଗାର୍ଲଙ୍କ ନାଚ, ସିନେ ତାରକାଙ୍କ ସମାଗମ ଓ ଫାଇନାଲରେ ସମସ୍ତ ପଚାଶ ହଜାର ଦର୍ଶକଙ୍କ ପାଇଁ ମାଗଣା ଖାଇବା ଏହି ଟୁର୍ଣ୍ଣାମେଣ୍ଟକୁ ଆକର୍ଷଣୀୟ କରିବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି।

## ଜାତୀୟ ସ୍ଲିଙ୍ଗ୍‌ସଟ୍ ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ

**ଭୁବନେଶ୍ୱର, ୭।୧୨(ସମିସ):** ମହାରାଷ୍ଟ୍ରର ଶିରିଡ଼ିଠାରେ ଜାତୀୟ ସ୍ଲିଙ୍ଗସଟ୍ ପ୍ରତିଯୋଗିତା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଶାର ଏକ ଦଳ ଶନିବାର ଶିରିଡ଼ିରେ ପହଞ୍ଚିଛି। ଏହି ଦଳରେ ସନ୍ତୋଷ କୁମାର ମହାରଣା, ଶୁଭେନ୍ଦୁ କୁମାର ଲେଙ୍କା, ଶକ୍ତି ବେହେରା, ପ୍ରଫୁଲ୍ଲ ଦାସ, ଆଶିଷ ମହାନ୍ତି ଓ ସପନ କୁମାର ମିଶ୍ର ପ୍ରମୁଖ ବରିଷ୍ଠ ବିଭାଗରେ ଭାଗନେଉଛନ୍ତି। ଏହି ଦଳଠାରୁ ପଦକ ଆଶା କରାଯାଉଥିଲାବେଳେ ସମସ୍ତ ପ୍ରତିଯୋଗୀଙ୍କୁ ସ୍ଲିଙ୍ଗ ସଟ୍ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



### ହେଡ୍‌ଙ୍କ ଦ୍ରୁତ ଶତକ, ପେସରଙ୍କ ଘାତକ ବୋଲିଂ

# ଅଷ୍ଟ୍ରେଲିଆ କବ୍‌ଜାରେ ଆଡିଲେଡ୍ ଟେଷ୍ଟ

**ଆଡିଲେଡ୍, ୭।୧୨(ଏଜେନ୍ସି):** ଟ୍ରାଭିସ୍ ହେଡ୍‌ଙ୍କ ଦ୍ରୁତତମ ଶତକ ଓ ପେସ୍ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଆଡିଲେଡ୍ ଓଭାଲରେ ଚାଲିଥିବା ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଘରୋଇ ଅଷ୍ଟ୍ରେଲିଆ କବ୍‌ଜାରେ ରହିଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ ୧୨୮ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ବିଜୟର ନିକଟତର ହୋଇଛି। ଏହି ଟେଷ୍ଟର ଖେଳ ଆଉ ୩ ଦିନ ବାକିଥିଲାବେଳେ ଭାରତ ୫ ୱିକେଟ ବାକିଥାଇ ୨୯ ରନ୍‌ରେ ପଛୁଆ ରହିଛି। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ଯେତେ ଖେଳାଳି ବୀରତ୍ୱ ପ୍ରଦର୍ଶନ କଲେ ମଧ୍ୟ ପରାଜୟ ଏଡ଼ାଇବା କଷ୍ଟକର। ଶନିବାର ଷ୍ଟମ୍ପ୍ ଅପସାରଣ ବେଳକୁ ଋଷଭ ପନ୍ତ୍ ୨୮ ଓ ନୀତୀଶ କୁମାର ରେଡ୍ଡୀ ୧୫ ରନ୍‌ରେ ବ୍ୟାଟିଂ କରିବା ସହ ଭାରତର ଇନିଂସ ପରାଜୟ ଏଡ଼ାଇବାକୁ ସଂଘର୍ଷ କରୁଛନ୍ତି। ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ଚମତ୍କାର ବୋଲିଂ କରି ଦ୍ୱିତୀୟ ଇନିଂସରେ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ପୂର୍ବରୁ ପ୍ରଥମ ଇନିଂସରେ ଭାରତର ୧୮୦ ରନ୍ ଜବାବରେ ଟ୍ରାଭିସ୍ ହେଡ୍‌ଙ୍କ ବିସ୍ଫୋରକ ଶତକ ବା ୧୪୧ ବଲ୍‌ରେ ୧୪୦ ରନ୍ ବଳରେ ଅଷ୍ଟ୍ରେଲିଆ ୩୩୭ ରନ୍ କରିଥିଲା। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ୪ଟି ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ ତାହା ବିଳମ୍ବ ହୋଇଯାଇଥିଲା। ପିଙ୍କ୍ ବଲ୍ ଓ ଫ୍ଲଡ୍ ଲାଇଟ୍‌ରେ ଖେଳାଯାଉଥିବା ଏହି ଟେଷ୍ଟର ପିଚ୍ ଫାଷ୍ଟ ବୋଲରଙ୍କୁ ସହାୟତା ଦେଉଥିଲାବେଳେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୭ ରନ୍‌ରେ ଆଗୁଆ ରହି ଏହି ମ୍ୟାଚ୍ ଭାରତ ହାତରୁ ଛଡ଼ାଇନେଇଥିଲା।



### ହେଡ୍‌ଙ୍କ ଶତକ ଓ ସିରାଜଙ୍କ ନାଟକ

୧ ୱିକେଟରେ ୮୬ ରନ୍‌ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ୧୦୩ ରନ୍‌ରେ ତୃତୀୟ ୱିକେଟ ହରାଇଥିଲା। ଗତକାଲିର ଅପରାଜିତ ବ୍ୟାଟର ନାଥାନ ମ୍ୟାକ୍‌ସ୍ୱିନୀ ଓ ମାର୍ନସ ଲାବୁସେନ ସତର୍କତାର ସହ ଖେଳିଥିଲେ। କିନ୍ତୁ ୩୯ ରନ୍‌ରେ ମ୍ୟାକ୍‌ସ୍ୱିନୀଙ୍କୁ ଓ ୨ ରନ୍‌ରେ ଷ୍ଟିମେନ ସ୍ମିଥ୍‌ଙ୍କୁ ଆଉଟ କରି ଯଶପ୍ରୀତ୍ ବୁମ୍‌ରା ଭାରତକୁ ଭଲ ସ୍ଥିତିକୁ ନେଇ ଆସିଥିଲେ। କିନ୍ତୁ ହେଡ୍ ବ୍ୟାଟିଂ କରିବାକୁ ଆସିବା ପରେ ସବୁକିଛି ବଦଳିଯାଇଥିଲା। ଚତୁର୍ଥ ୱିକେଟ ଯୋଡ଼ିରେ ସେ ମାର୍ନସ ଲାବୁସେନଙ୍କ ସହ ୬୫, ୫ମ ୱିକେଟରେ ମିଚେଲ ମାର୍ଶ (୯)ଙ୍କ ସହ ୪୦, ୬ଷ୍ଠ ୱିକେଟରେ ଆଲେକ୍ସ କାରୀ (୧୫)ଙ୍କ ସହ ୭୪ ରନ୍ ଉଠାଇ ଅଷ୍ଟ୍ରେଲିଆର ଅଗ୍ରଣୀକୁ ଦୁଇ ଶହ ପାଖାପାଖି ନେଇଯାଇଥିଲେ। ସେ ମାତ୍ର ୧୧୧ଟି ବଲ୍‌ରୁ ଶତକ ହାସଲ କରି ଦିବାରାତ୍ର ଟେଷ୍ଟ କ୍ରିକେଟରେ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ କରିଥିଲେ। ମହମ୍ମଦ୍ ସିରାଜଙ୍କ ଦ୍ୱାରା ବୋଲ୍ଡ ହେବ। ବେଳକୁ ସେ ୧୪୧ ବଲ୍ ଖେଳି ୧୭ ଚୌକା ଓ ୪ ଛକା ସହ ୧୪୦ ରନ୍ କରିଥିଲେ। କ୍ରମାଗତ ଲୋ ସ୍କୋର କରି ସମାଲୋଚିତ ହୋଇଥିବା ଲାବୁସେନ ଏଠାରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୬୪ ରନ୍ କରିଥିଲେ। ଏହା ଫଳରେ ସେ ତାଙ୍କ ସମାଲୋଚକଙ୍କୁ ଉଚିତ ଜବାବ ଦେବା ସହ ଅଷ୍ଟ୍ରେଲିଆର ସ୍ଥିତି ମଜଭୁତ କରିଥିଲେ। ଭାରତ ପକ୍ଷରୁ ବୁମ୍‌ରାଙ୍କୁ ପ୍ରାଥମିକ ସଫଳତା ମିଳିଥିଲା। କିନ୍ତୁ ହେଡ୍‌ଙ୍କୁ ଆଉଟ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ଅନ୍ୟତମ ଫାଷ୍ଟ ବୋଲର ମହମ୍ମଦ ସିରାଜ ଏଠାରେ ଚମତ୍କାର ବୋଲିଂ କରିଥିଲେ। ତାଙ୍କର ଚେଷ୍ଟା ଶେଷରେ ଫଳପ୍ରସୁ ହୋଇଥିଲା ଓ ସେ ହେଡ୍‌ଙ୍କୁ ଆଉଟ କରିବାରେ ସମର୍ଥ ହୋଇଥିଲେ। କିନ୍ତୁ ସିରାଜ ଯେପରି ଭାବେ ହେଡ୍‌ଙ୍କୁ ସେଣ୍ଡଅଫ୍ କଲେ ତାହା ଅସୁନ୍ଦର ହୋଇଥିଲା। ଉଭୟଙ୍କ ମଧ୍ୟରେ ମଧ୍ୟ କଥା କଟାକଟି ହୋଇଥିଲା। ଅଷ୍ଟ୍ରେଲିଆ ଇନିଂସରେ ଉଭୟ ବୁମ୍‌ରା ଓ ସିରାଜଙ୍କୁ ୪ଟି ଲେଖାଏଁ ୱିକେଟ ମିଳିଥିଲା।

### ଭାରତର ବ୍ୟାଟିଂ ବିପର୍ଯ୍ୟୟ

ବୋଲରଙ୍କ ସମସ୍ତ ଚେଷ୍ଟାସତ୍ତ୍ୱେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୭ ରନ୍‌ର ବିରାଟ ଅଗ୍ରଣୀ ନେଇଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ମଧ୍ୟ ଭାରତୀୟ ବ୍ୟାଟିଂ ଫେଲ୍ ମାରିଥିଲା। ସମସ୍ତ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ କେହି ବେଶି ସମୟ ତିଷ୍ଠି ନ ଥିଲେ। ବିଶେଷ କରି ଚର୍ଚ୍ଚାରେ ଥିବା ରାହୁଲ ୭, କୋହଲି ୧୧ ଓ ରୋହିତ ଶର୍ମା ୬ ରନ୍‌ରେ ଆଉଟ ହୋଇ ଭାରତକୁ ବିପଦକୁ ଠେଲି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗିଲ ୨୮ ଓ ପନ୍ତ୍ ଅପରାଜିତ ୨୮, ଗିଲ ୨୪ ରନ୍ କରିଛନ୍ତି। ଏମାନଙ୍କ ପ୍ରଚେଷ୍ଟା ଭାରତକୁ ବିପଦରୁ ଉଦ୍ଧାର କରିପାରିବ ନାହିଁ। ଅଷ୍ଟ୍ରେଲିଆ ପକ୍ଷରୁ ୩ ଫାଷ୍ଟ ବୋଲର ୨୪ ଓଭର ବୋଲିଂ କରି ସମସ୍ତ ୫ଟି ଯାକ ୱିକେଟ ନେଇଥିଲେ। ସେମାନଙ୍କ ମଧ୍ୟରେ ଅଧିନାୟକ ପ୍ୟାଟ କମିନ୍ସ ଓ ସ୍କଟ୍ ବୋଲାଣ୍ଡଙ୍କୁ ୨ଟି ଲେଖାଏଁ, ମିଚେଲ ଷ୍ଟାର୍କଙ୍କୁ ଗୋଟିଏ ୱିକେଟ ମିଳିଛି।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ:** ୧୮୦/୧୦, ୪୪.୧ ଓଭର (ନୀତୀଶ-୪୨, ରାହୁଲ-୩୭, ଗିଲ୍-୩୧, ଷ୍ଟାର୍କ-୬/୪୮)।

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୩୩୭/୧୦, ୮୭.୩ ଓଭର (ହେଡ୍-୧୪୦, ଲାବୁସେନ-୬୪, ବୁମ୍‌ରା-୪/୬୧, ସିରାଜ-୪/୯୧)।

**ଭାରତ ଦ୍ୱିତୀୟ ଇନିଂସ:** ୧୨୮/୫, ୨୪ ଓଭର (ପନ୍ତ୍-ବ୍ୟାଟିଂ-୨୮, ଗିଲ-୨୮, ଜୟସ୍ୱାଲ-୨୪, ନୀତୀଶ-ବ୍ୟାଟିଂ-୧୫, କମିନ୍ସ-୨/୩୩, ବୋଲାଣ୍ଡ-୨/୩୯)।

## ଇଂଲଣ୍ଡ ନିୟନ୍ତ୍ରଣରେ ୱେଲିଂଟନ ଟେଷ୍ଟ

**ୱେଲିଂଟନ, ୭।୧୨(ଏଜେନ୍ସି):** ବେସିନ ରିଜର୍ଭ ଗ୍ରାଉଣ୍ଡରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ବୃହତ୍ ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ଼ କରିଛି। ଟସ୍ ହାରି ଇଂଲଣ୍ଡ ପ୍ରଥମ ପାଳିରେ ୫୪.୪ ଓଭରରେ ୨୮୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩୪.୫ ଓଭରରେ ମାତ୍ର ୧୨୫ ରନକରି ଅଲଆଉଟ ହୋଇ ୧୫୫ ରନ ପଛରେ ପଡ଼ିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ଇଂଲଣ୍ଡ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୭୬ ଓଭରରେ ୫ ୱିକେଟ ହରାଇ ୩୭୮ ରନ ସଂଗ୍ରହ କରିଛି। ଇଂଲଣ୍ଡ ୫ ୱିକେଟ ବାକି ରଖି ଏବେ ୫୩୩ ରନର ଅଗ୍ରଣୀ ହାସଲ କରି ମ୍ୟାଚ୍‌କୁ ନିୟନ୍ତ୍ରଣକୁ ନେଇଛି। ଷ୍ଟମ୍ପ ଅପସାରଣ ହେବା ବେଳକୁ ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ୭୩ ଓ ଅଧିନାୟକ ବେନ ଷ୍ଟୋକ୍ସ ୩୫ ରନକରି ଅପରାଜିତ ରହିଛନ୍ତି।

## ଦକ୍ଷିଣ ଆଫ୍ରିକା ୨୨୧ ରନ୍‌ରେ ଆଗୁଆ

**ଜେବେର୍‌ହା (ପୋର୍ଟ ଏଲିଜାବେଥ), ୭।୧୨(ଏଜେନ୍ସି):** ଡେନ୍ ପାଟରସନଙ୍କ ୫ ୱିକେଟ ଓ ଆଇଡେନ୍ ମାର୍କରାମ (୫୫)ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୨୨୧ ରନ୍‌ରେ ଅଗ୍ରଣୀ ରହିଛି। ପ୍ରଥମ ଇନିଂସରେ ଦ. ଆଫ୍ରିକାର ୩୫୮ ରନ୍ ଜବାବରେ ଲଢୁଆ ଖେଳି ଶ୍ରୀଲଙ୍କା ୩୨୮ ରନ୍ କରିଥିଲା। ୩୦ ରନ୍‌ରେ ଆଗୁଆ ଥିବା ଦକ୍ଷିଣ ଆଫ୍ରିକା ତୃତୀୟ ଦିନ ଖେଳ ଶେଷସୁଦ୍ଧା ଦ୍ୱିତୀୟ ଇନିଂସରେ ୩ ୱିକେଟ ହରାଇ ୧୯୧ ରନ୍ ସଂଗ୍ରହ କରିଛି। ଷ୍ଟମ୍ପସ ଅପସାରଣ ବେଳକୁ ଟ୍ରିଷ୍ଟାନ ଷ୍ଟବ୍ସ ୩୬ ଓ ତେମ୍ବା ବଭୂମା ୪୮ ରନ୍‌ରେ ବ୍ୟାଟିଂ କରୁଥିଲେ।

## ଜାତୀୟ ସାଇକେଲ ଚାମ୍ପିଅନସିପ୍ ଉଦ୍‌ଘାଟିତ

**ପୁରୀ, ୭।୧୨(ସମିସ):** ସ୍ଥାନୀୟ ଷ୍ଟର୍ଲିଂ ରୋଡ ନିକଟରେ ଶନିବାର ପାଞ୍ଚଦିନିଆ ୨୯ତମ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟ ଓ ଅନୁଷ୍ଠାନର ୧୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଜାତୀୟ ସାଇକ୍ଲିଂ ଆସୋସିଏଶନ ଓ ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ମିଳିତ ସହଯୋଗରେ ଆୟୋଜିତ ଏହି ଚାମ୍ପିଅନଶିପକୁ ପୁରୀ ସାଂସଦ ଡା. ସମ୍ବିତ ପାତ୍ର ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଏହି ଚାମ୍ପିଅନସିପ୍ ପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛି ବୋଲି କହିଥିଲେ। ଓଡ଼ିଶା ସାଇକେଲ ସଂଘ ସଭାପତି ଅର୍ଜୁନ ପୁରସ୍କାର ବିଜୟିନୀ ମିନତୀ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଜାତୀୟ ସାଇକ୍ଲିଂ ଆସୋସିଏଶନର ସମ୍ପାଦକ ଚାମ୍ପିଅନସିପ୍‌ର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ପ୍ରତିଯୋଗିତାର ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ସମ୍ପାଦକ ପ୍ରସନ୍ନ ରାଉତପ୍ରମୁଖ ଉପସ୍ଥିତଥିଲେ।

**ମହିଳା ଜୁନିଅର ଏସିଆ କପ୍ ହକି**

## ଟାଇଟଲ ବଜାୟ ଲକ୍ଷ୍ୟରେ ଭାରତ

**ମସ୍କଟ, ୭।୧୨(ଏଜେନ୍ସି):** ଓମାନ ରାଜଧାନୀ ମସ୍କଟରେ ଶନିବାରଠାରୁ ମହିଳା ଜୁନିଅର ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟର ଏହି ୯ମ ସଂସ୍କରଣର ପ୍ରଥମ ଦିବସରେ ଚୀନ ଓ ମାଲେସିଆ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ଚୀନ୍ ୧୯-୦ ଗୋଲରେ ବାଂଲାଦେଶକୁ ଓ ମାଲେସିଆ ୩-୦ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଛି। ଗତଥରର ଚାମ୍ପିଅନ ଭାରତ କିନ୍ତୁ ରବିବାର ବାଂଲାଦେଶ ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବା। ସେହିପରି ରବିବାର ଅନ୍ୟଏକ ମ୍ୟାଚ୍‌ରେ ଚୀନ୍ ଓ ଥାଇଲାଣ୍ଡ ପରସ୍ପରକୁ ଭେଟିବେ। ଜ୍ୟୋତି ସିଂଙ୍କ ନେତୃତ୍ୱରେ ଓ କୋଚ୍ ତୁଷାର ଖାଣ୍ଡେକରଙ୍କ ତତ୍ତ୍ୱାବଧାନରେ ଭାରତ ପଡ଼ିଆକୁ ଓହ୍ଲାଇବ। ସାକ୍ଷୀ ରାଣା ଦଳର ଉପ-ଅଧିନାୟିକା ଭାବେ ଦାୟିତ୍ୱ ତୁଲାଇବେ।

## ବିଜୟର ଦ୍ୱାରଦେଶରେ ଓଡ଼ିଶା



ପାନକଳ ମୋକ୍ଷିତ



ସ୍ୱାଗତ ସୌରଭ ମିଶ୍ର



ସୌମ୍ୟରଞ୍ଜନ ସିଂ

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି**

**ଭୁବନେଶ୍ୱର, ୭।୧୨(ସମିସ):** ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଚାଲିଥିବା ଆସାମ ବିପକ୍ଷ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ମୁକାବିଲାରେ ଓଡ଼ିଶା ବିଜୟର ଦ୍ୱାରଦେଶରେ ପହଞ୍ଚିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆସାମ ପ୍ରଥମ ଇନିଂସରେ ୧୦୧ ରନ୍ କରିଥିଲା। ଜବାବରେ ସ୍ୱାଗତ ସୌରଭ ମିଶ୍ରଙ୍କ ୭୯ ଓ ପାନକଳ ମୋକ୍ଷିତଙ୍କ ୭୫ ରନ୍ ସହାୟତାରେ ଓଡ଼ିଶା ପ୍ରଥମ ଇନିଂସରେ ୨୮୪ ରନ୍ କରିଥିଲା। ପ୍ରଥମ ଇନିଂସରେ ୧୮୩ ରନ୍‌ରେ ପଛୁଆ ଥିବା ଆସାମ ଦ୍ୱିତୀୟ ଇନିଂସରେ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ୯ ୱିକେଟରେ ୧୧୪ ରନ୍ ସଂଗ୍ରହ କରିନେଇଛି। ଏହା ଫଳରେ ଦଳ ଇନିଂସ ପରାଜୟ ଏଡ଼ାଇବାକୁ ବାକିଥିବା ଗୋଟିଏ ୱିକେଟ ବିନିମୟରେ ଆଉ ୬୯ ରନ୍ ଆବଶ୍ୟକ କରୁଛି। ଆସାମ ଦ୍ୱୀତୀୟ ଇନିଂସରେ ରାଜା ଯାଦବ ଓ ସୌମ୍ୟରଞ୍ଜନ ସିଂ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଯାହା ଫଳରେ ଆସାମ ପରାଜୟର ଦ୍ୱାରଦେଶରେ ପହଞ୍ଚିଛି। ଆସାମର ପ୍ରଥମ ଇନିଂସରେ ମଧ୍ୟ ସୌମ୍ୟ ୪ଟି ଓ ରାଜା ୩ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ।

**କୁଚ୍ ବିହାର ଟ୍ରଫି**

## ଇନିଂସ ଅଗ୍ରଣୀ ଅଭିମୁଖେ ଓଡ଼ିଶା

**ସୁନ୍ଦରଗଡ଼, ୭।୧୨(ସମିସ):** ଚଣ୍ଡିଗଡ଼ ବିପକ୍ଷ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ଓଡ଼ିଶା ପ୍ରଥମ ଇନିଂସ ଅଗ୍ରଣୀ ନେବାର ସମ୍ଭାବନା ସୃଷ୍ଟି କରିଛି। ପ୍ରଥମ ଇନିଂସରେ ଓଡ଼ିଶାର ୨୫୭ ରନ୍ ଜବାବରେ ଶନିବାର ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଚଣ୍ଡିଗଡ଼ ୬ ୱିକେଟରେ ୧୬୪ ରନ୍ କରିଛି। ଦଳ ପକ୍ଷରୁ ଅଭିମନ୍ୟୁଙ୍କ ୭୦ ରନ୍ ଓ ମାର୍କଣ୍ଡେୟ ପାଞ୍ଚାଲଙ୍କ ଅପରାଜିତ ୨୯ ରନ୍ ଯୋଗୁଁ ଏହା ସମ୍ଭବ ହୋଇଛି। ଏଥିରେ ଓଡ଼ିଶାର ସୟଦ ତୁଫାଏଲ ଅହମ୍ମଦ୍ ସର୍ବାଧିକ ୩ଟି ଓ କରଣ ମହାପାତ୍ର ଗୋଟିଏ ୱିକେଟ ନେଇଛନ୍ତି। ପୂର୍ବରୁ ଓଡ଼ିଶା ତାହାର ଅସମାପ୍ତ ପ୍ରଥମ ଇନିଂସ ୬ ୱିକେଟରେ ୨୦୫ ରନ୍‌ରୁ ଖେଳ ଆରମ୍ଭ କରିବା ପରେ ଆଉ ୫୨ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଆୟୁଷ ସୂତାର ସର୍ବାଧିକ ୭୩ ଓ ଶ୍ରେୟାଂଶ ଭରଦ୍ୱାଜ ୩୯ ରନ୍ କରିଥିଲେ। ଚଣ୍ଡିଗଡ଼ର ଗୀରିଶ କ୍ଷତ୍ରୀଙ୍କୁ ସର୍ବାଧିକ ୫ଟି ଓ ବଶିଷ୍ଠଙ୍କୁ ୨ଟି ୱିକେଟ ମିଳିଥିଲା।



ସୟଦ ତୁଫାଏଲ ଅହମ୍ମଦ୍

# ଜାତୀୟ କନିଷ୍ଠ ଦୌଡ଼କୁଦ ଉଦ୍‌ଘାଟିତ



**ଭୁବନେଶ୍ୱର, ୭।୧୨(ସମିସ):** ସ୍ଥାନୀୟ କଳିଙ୍ଗ ଆଥଲେଟିକ ଷ୍ଟାଡିୟମରେ ଶନିବାରଠାରୁ ୩୯ତମ ଜାତୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ୧୦୦୦, ୫୦୦, ୧୦୦, ୬୦ମିଟର ଦୌଡ଼ରେ ବିଭିନ୍ନ ବୟସ ବର୍ଗର ଖେଳାଳି ଟ୍ରାକ୍‌ରେ ଅବତୀର୍ଣ୍ଣ ହୋଇଥିଲେ। ସେହିପରି ଲଙ୍ଗଜମ୍ପ, ହାଇଜମ୍ପ, ସଟ୍‌ପୁଟ୍‌ରେ ମଧ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଶନିବାର ସନ୍ଧ୍ୟାରେ ଡିସ୍‌କସ ଥ୍ରୋ, ୪ ଗୁଣା ୪୦୦ମିଟର ମିକ୍ସଡ ରିଲେ, ଡେକ୍ୟାଥଲନରେ ମଧ୍ୟ ଇଭେଣ୍ଟ ଆୟୋଜିତ ହୋଇଥିଲା।

୨୦ ବର୍ଷରୁ କମ୍ ପୁରୁଷ ୧୦୦୦ମି ଦୌଡ଼ ଫାଇନାଲରେ ମଧ୍ୟପ୍ରଦେଶର ବିନୋଦ ସିଂ, ୨୦ ବର୍ଷରୁ କମ୍ ମହିଳା ୫୦୦୦ମି ଦୌଡ଼ ଫାଇନାଲରେ ମହାରାଷ୍ଟ୍ରର ପ୍ରାଚୀ ଦେବକର, ୧୮ ବର୍ଷରୁ କମ୍ ମହିଳା ଡିସ୍‌କସ ଥ୍ରୋରେ ପଞ୍ଜାବର ଅମାନତ କାମ୍ବୋଜ, ମହିଳା ୧୮ ବର୍ଷରୁ କମ୍ ସଟ୍‌ପୁଟ୍‌ରେ ହରିୟାଣାର ଅଂଶୁ, ୨୦ ବର୍ଷରୁ କମ୍ ପୁରୁଷ ଡସ୍‌କସ ଥ୍ରୋରେ ରାଜସ୍ଥାନର ନିକିତା କୁମାରୀ, ୨୦ ବର୍ଷରୁ କମ୍ ମହିଳା ୧୫୦୦ମି ଦୌଡ଼ରେ ଉତ୍ତରପ୍ରଦେଶର ବିନୀତା ଗୁର୍ଜର, ୨୦ ବର୍ଷରୁ କମ୍ ପୁରୁଷ ୧୫୦୦ମି ଦୌଡ଼ରେ ହରିୟାଣା ସାକିର, ୨୦ ବର୍ଷରୁ କମ୍ ମିଶ୍ରିତ ୪ ଗୁଣା ୪୦୦ ରିଲେରେ ମହାରାଷ୍ଟ୍ର ଆଥଲେଟ ଶୀର୍ଷରେ ରହିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS